R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୦୮
ତିଥି: ଚତୁର୍ଦ୍ଦଶୀ
୧୨ ଅଗଷ୍ଟ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 308
12 August 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




### ଦିନକ ପରେ ଶେଷ ହେବ ସଂସଦର ମୌସୁମୀ ଅଧିବେଶନ

# ମକରଦ୍ୱାରରେ ଏନ୍‌ଡିଏ-ଇଣ୍ଡିଆ ସାଂସଦ ମୁହାଁମୁହିଁ



- ପରସ୍ପର ଉପରେ ଦୋଷ ଲଦାଲଦି
- ବିନା ବିତର୍କରେ ପାରିତ ହେଲା କେରଲମ୍ ବିଲ୍
- ଦିନକ ପାଇଁ ବି ସ୍ୱାଭାବିକ ହୋଇନି ଗୃହ

ନୂଆଦିଲ୍ଲୀ, ୧୧।୮ : ମୌସୁମୀ ଅଧିବେଶନ ଦିନକ ପରେ ଶେଷ ହେବ । ମାତ୍ର ଏ ପର୍ଯ୍ୟନ୍ତ ଗୃହ ସ୍ୱାଭାବିକ ହୋଇପାରିନାହିଁ। ଯନ୍ତର ମନ୍ତରରେ ଛାତ୍ର ଆନ୍ଦୋଳନ ସମୟରେ ହୋଇଥିବା ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ବିରୋଧୀ ସାଂସଦମାନେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିବୃତ୍ତି ଦାବି କରୁଛନ୍ତି। ଏହି ଦାବିରେ ସଂସଦ ଅଚଳ ହୋଇଛି। ଏହାଛଡା ଅଯୋଧ୍ୟା ରାମ ମନ୍ଦିର ପ୍ରସଙ୍ଗରେ ଆଲୋଚନା ଲାଗି ଦାବି କରାଯାଉଛି। ତେବେ ଆଜି ଲୋକସଭାରେ ବିନା ଆଲୋଚନାରେ କେରଳର ପୁନଃ ନାମକରଣ କେରଳମ୍ ବିଲ୍‌କୁ ପାରିତ କରାଯାଇଛି ।

ଲୋକସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ବିଲ୍‌କୁ ଆଗତ କରିଥିଲେ। ତେବେ ବିରୋଧୀ ସଦସ୍ୟମାନଙ୍କର ସ୍ଲୋଗାନବାଜି ମଧ୍ୟରେ ବାଚନିକ ଭୋଟ୍‌ରେ ଏହା ପାରିତ ହୋଇଛି। ତେବେ ସଂସଦରେ ଆଜି ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ମକରଦ୍ୱାର ନିକଟରେ ଉଭୟେ ଏନ୍‌ଡିଏ ସାଂସଦ ଓ ବିରୋଧୀ (୯ ପୃଷ୍ଠାରେ)

# କଲମ୍ବିଆ ଭୂକମ୍ପ : ମୃତ୍ୟୁ ସଂଖ୍ୟା ୨୨୪



ନୂଆଦିଲ୍ଲୀ,୧୧।୮ : ଦକ୍ଷିଣ ଆମେରିକୀୟ ରାଷ୍ଟ୍ର କଲମ୍ବିଆରେ ସୋମବାର ହୋଇଥିବା ଏକ ଶକ୍ତିଶାଳୀ ଭୂମିକମ୍ପରେ ୨୨୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୭୦୦ରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି। ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୪ ମାଗ୍ନିଚ୍ୟୁଟ୍ ଥିବା ରେକର୍ଡ଼ କରାଯାଇଛି। କାଲି,

### ୨୭୦୦ରୁ ଊର୍ଦ୍ଧ୍ୱ ନିଖୋଜ

ପେରପେରିଆ ସମେତ ବହୁ ସହରରେ ଭୂକମ୍ପରେ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା କେତେ କ୍ଷୟକ୍ଷତି ହୋଇଛି ତା'ର ସଠିକ ଆକଳନ ହୋଇପାରି ନାହିଁ। କର୍ତ୍ତୃପକ୍ଷଙ୍କ ପକ୍ଷରୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ସୂଚନା ଦିଆଯାଇଛି ।

ଭୂକମ୍ପରେ ବହୁ ଅଟ୍ଟାଳିକା ଓ ବଡ଼ବଡ଼ ଘର ଭୂଶୁଡ଼ିପଡ଼ିଛି। ଦେଶର ବଡ଼ବଡ଼ ବିମାନବନ୍ଦର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅନେକ ସହରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଧ୍ୱଂସସ୍ତୁପ ତଳେ ଉଦ୍ଧାରକାରୀ ଦଳ ଜୀବନ ଖୋଜୁଛନ୍ତି। ଲୋକମାନଙ୍କର ଶବ୍ଦ ଶୁଣି ଉଦ୍ଧାରକାରୀ ଦଳ ତାଙ୍କ ନିକଟରେ ପହଞ୍ଚିବା ପାଇଁ ଚେଷ୍ଟା କରୁଛନ୍ତି। ଦେଶର ରାଜଧାନୀ ଗୋଗଟରୁ ପ୍ରାୟ ୪୦୦ କିମି ପଶ୍ଚିମର ପାଲମାର୍ ଅଞ୍ଚଳରେ ଏହା ସୃଷ୍ଟି ହୋଇଥିଲା। ପ୍ରାୟ ୧୦୭ କିମି ଗଭୀରତାରେ ଏହାର କେନ୍ଦ୍ରବିନ୍ଦୁ ରହିଥିଲା। ସ୍ଥାନୀୟ କର୍ତ୍ତୃପକ୍ଷ ଏହାକୁ ନେଇ ଚେତାବନୀ ଦେଇଛନ୍ତି। ପ୍ରାୟ ୧୬୦୦ରୁ ଅଧିକ କୋଠା ଭାଙ୍ଗିଛି କିମ୍ବା ଧ୍ୱଂସ ହୋଇଯାଇଛି। ମାନିଜେଲ୍ସରେ ଏଭଳି ସ୍ଥିତି ରହିଛି। କାଲିଠାରେ ଥିବା ଏକ ହସ୍ପିଟାଲର ଶୀର୍ଷ ମହଲା ଭାଙ୍ଗିଯାଇଛି। ଅଧିକାଂଶ ରୋଗୀ ମଧ୍ୟ ଏହା ମଧ୍ୟରେ ଫଶି ରହିଛନ୍ତି। କାଲି ମେୟର ନାଗରିକମାନଙ୍କୁ ଧୈର୍ଯ୍ୟ ଧରିବାକୁ ଏବଂ କୋଠାରେ ବଡ ଫାଟ ଦେଖାଗଲେ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦେଇଛନ୍ତି। ଆମେରିକା ସୁନାମି ଚେତାବନୀ ପ୍ରଣାଳି ଅନୁଯାୟୀ କଲମ୍ବିଆର ପ୍ରଶାନ୍ତ ମହାସାଗରୀୟ ଉପକୂଳରେ କୌଣସି ସୁନାମିର ଭୟ ନାହିଁ।

## ପିକ୍‌ଅପ୍ ଭ୍ୟାନ ଓଲଟି ଜଣେ ଶ୍ରମିକ ମୃତ, ୮ ଗୁରୁତର

ବାଲେଶ୍ୱର, ୧୧।୮ (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥର ତାଳବଣିଆ ଛକ ନିକଟରେ ଏକ ପିକଅପ ଭ୍ୟାନ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୮ଜଣ ଗୁରୁତର ଆହତ ହୋଇଛନ୍ତି । କରୁଥିବା ୧୫ କୃଷି ଶ୍ରମିକଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ଜଣ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାରଅପରାହ୍ନ ପ୍ରାୟ ୩ ଟା ୪୫ ମିନିଟ ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଶ୍ୟାମାନନ୍ଦିପୁର, ନାକିଚୁଆ, ଚିଞ୍ଚଳଗଡିଆ, ରାଇଶୋଳ ଆଦି ଗାଁର ୧୫ଜଣ କୃଷି ଶ୍ରମିକ କ୍ଷେସନ ଅମର୍ଦ୍ଦା ଧାନବିଲରେ ରୁଆପୋତା କାମ ପାଇଁ ଯାଇଥିଲେ । ସେଠାରୁ ଏକ ଭ୍ୟାନ ନଂ.(ଓଡି୦୧ଜେ-୮୦୬୭) କ୍ଷେସନ ଅମର୍ଦ୍ଦାରୁ ମୟୂରଭଞ୍ଜ ଫେରୁଥିଲା ବେଳେ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥର ତାଳବଣିଆ ଛକ ସାମାନ୍ୟ ଆଗରେ ପିକଅପଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ଭ୍ୟାନ ତଳେ ଶ୍ରମିକମାନେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ (୯ ପୃଷ୍ଠାରେ)

# ଆଜି ଲଘୁଚାପ, ବର୍ଷା ବଢ଼ିବ

ଭୁବନେଶ୍ୱର, ୧୧।୮ (ସବ୍ୟୁ): ରାଜ୍ୟରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଘନୀଭୂତ ହେବାରେ ଲାଗିଛି । ଏହା ଆସନ୍ତାକାଲି(ବୁଧବାର) ସୁଦ୍ଧା ଲଘୁଚାପ ରୂପ ନେବାର ସମ୍ଭାବନା ଅଛି । ଫଳରେ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ଅଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି, ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତ୍ତନ ଠାରୁ ୭.୬ କିମି ଉଚ୍ଚ ପର୍ଯ୍ୟନ୍ତ ବ୍ୟାପିଛି । ଏହା ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ମଙ୍ଗଳବାର ସନ୍ଧ୍ୟା ୭ଟା ସୁଦ୍ଧା ତାଳଚେରରେ ୪୩ ମିମି ବର୍ଷା ହୋଇଥିବା ବେଳେ ଗୋପାଳପୁରରେ ୩୪ ମିମି, ଢେଙ୍କାନାଳରେ ୨୪ ମିମି, ପାରାଦୀପରେ ୨୩ ମିମି, ପୁରୀରେ ୧୯ ମିମି, ମାଲକାନଗିରିରେ ୧୭ ମିମି, ଯାଜପୁରରେ ୧୭ ମିମି, ବଲାଙ୍ଗୀରରେ ୧୫ ମିମି, ଭୁବନେଶ୍ୱରରେ ୧୧ ମିମି ବର୍ଷା ରେକର୍ଡ କରାଯାଇଛି ।

ଆସନ୍ତାକାଲି(ବୁଧବାର) ଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବ । ୧୨ ତାରିଖରେ ଅନୁଗୋଳ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, (୯ ପୃଷ୍ଠାରେ)

# କାର୍ଯ୍ୟକ୍ରମ, ପୁଞ୍ଜି ବ୍ୟୟକୁ ବୃଦ୍ଧି କର : ମୁଖ୍ୟମନ୍ତ୍ରୀ



- ଜୁଲାଇ ସୁଦ୍ଧା ରାଜସ୍ୱ ଆଦାୟ ୭.୩% ବୃଦ୍ଧି
- କାର୍ଯ୍ୟକ୍ରମ ବ୍ୟୟ ୧୯.୧%, ପୁଞ୍ଜି ବ୍ୟୟ ୨୦.୨% ବଢ଼ିଛି

ଭୁବନେଶ୍ୱର, ୧୧।୮ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଅର୍ଥ ବିଭାଗର ସମୀକ୍ଷା କରି ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ପୁଞ୍ଜି ଓ କାର୍ଯ୍ୟକ୍ରମ ବ୍ୟୟକୁ ଆହୁରି ବୃଦ୍ଧି କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକ ଦକ୍ଷ ରାଜସ୍ୱ ଆଦାୟ ବ୍ୟବସ୍ଥାର ଆବଶ୍ୟକତା ଥିବା ବେଳେ ପୁଞ୍ଜି ଓ କାର୍ଯ୍ୟକ୍ରମ ଖର୍ଚ୍ଚକୁ ମଧ୍ୟ ବ୍ୟାପକ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ରାଜ୍ୟର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ।

ଅର୍ଥବିଭାଗ ପକ୍ଷରୁ ରାଜସ୍ୱ ପ୍ରାପ୍ତି ଓ ଖର୍ଚ୍ଚ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖାଯାଇଥିଲା । ବୈଠକରେ ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ବିଭିନ୍ନ ସୂତ୍ରରୁ ମିଳୁଥିବା ରାଜସ୍ୱରେ କେନ୍ଦ୍ର ସରକାରଙ୍କ ଅନୁଦାନ ୧୦%, କେନ୍ଦ୍ରୀୟ ଟିକସରେ ଅଂଶ ୩୧%, ନିଜସ୍ୱ ଟିକସ ରାଜସ୍ୱ ୩୧% ଏବଂ ନିଜସ୍ୱ ଅଣରାଜସ୍ୱ ଟିକସ ୨୮% ।

ଚଳିତ ଆର୍ଥିକ ବର୍ଷ (୯ ପୃଷ୍ଠାରେ)

# ଧାନ ରୋଉଥିବାବେଳେ ବଜ୍ରପାତ, ୪ ମହିଳା ମୃତ

ବଣାଇ/ସୁନ୍ଦରଗଡ଼, ୧୧।୮ (ସବ୍ୟୁ) : ଚାଷୀମାନେ କିଛି ଦିନ ହେଲା ରାଜ୍ୟବ୍ୟାପୀ ଧାନ ବେଉସଣ ଏବଂ ଧାନତଳି ରୁଆ କାମ କରୁଛନ୍ତି। ମଙ୍ଗଳବାର ସୁନ୍ଦରଗଡ଼ ଜିଲ୍ଲା ତଳସରା ଏବଂ ବଣାଇ ଥାନା ଅଞ୍ଚଳରେ ବିଲରେ ଧାନ ତଳି ରୋଉଥିବାବେଳେ ବଜ୍ରାଘାତରେ ୪ ଜଣ ମହିଳା ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଶ୍ରମିକ ଆହତ ହୋଇଛନ୍ତି । ବଜ୍ରପାତରେ ମୃତକ ମାନେ ହେଲେ ଚମ୍ପା ତିର୍କୀ, ସୁଶିଳା ତିର୍କୀ, ସୁନିତା ଓରାମ (୩୩) ଓ ଦ୍ରୌପଦୀ କିଷାନ (୩୫) ପ୍ରମୁଖ ।

ପଡୋଶୀ ଛତିଶଗ ବାରଡିହି ତୁମଲା ବାସିନ୍ଦା ଚମ୍ପା ତିର୍କୀ ଏବଂ ସୁଶିଳା ତିର୍କୀଙ୍କ ସହିତ ଅନ୍ୟ ମହିଳା ଏବଂ ପୁରୁଷ ଶ୍ରମିକମାନେ ବାଲିଶଙ୍କରା ଅଞ୍ଚଳର ବାଟିପଡ଼ା ଏକ ଚାଷଜମିରେ ଧାନ ରୋପଣ କରୁଥିଲେ । ଅପରାହ୍ଣ ସମୟରେ ଘଡ଼ ଘଡ଼ି ବର୍ଷା ସହିତ ବଜ୍ରପାତ ହୋଇଥିଲା । ବିଲ ଉପରେ ବଜ୍ରପାତ ତାଣ୍ଡବ ରଚିଥିଲା । ଚମ୍ପା ତିର୍କୀ ଏବଂ ସୁଶିଳା ତିର୍କୀ ଘଟଣାସ୍ଥଳରେ ହିଁ ଟଳି ପଡ଼ିଥିଲେ । (୯ ପୃଷ୍ଠାରେ)

# ଭୁଲ୍ ଇଞ୍ଜେକସନ ଯୋଗୁଁ ଯୁବତୀଙ୍କ ମୃତ୍ୟୁ !

### ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା, ରାସ୍ତାରୋକ



ଭାପୁର, ୧୧।୮ (ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ଅଞ୍ଚଳରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଯୋଗୁଁ ଜଣେ ୧୮ ବର୍ଷୀୟା ଛାତ୍ରୀଙ୍କ ଜୀବନ ଚାଲିଯାଇଥିବା ନେଇ ପରିବାର ଲୋକେ ଗୁରୁତର ଅଭିଯୋଗ ଆଣିଛନ୍ତି । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସହ ଚାପା ଉତ୍ତେଜନା ଦେଖାଦେଇଛି ।

ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବିରେ ଭାପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଫତେଗଡ଼ -ଖଣ୍ଡପଡ଼ା ରାସ୍ତାକୁ ଅବରୋଧ କରାଯାଇଛି । ମୃତ ଛାତ୍ରୀଜଣକ ହେଉଛନ୍ତି (୯ ପୃଷ୍ଠାରେ)

# ଓଡ଼ିଶା ଡିଜିପି ଚୟନ ମାମଲା ଏବେ ସୁପ୍ରିମ୍‌କୋର୍ଟରେ



### ଆଜି ଜରୁରୀ ଶୁଣାଣି ହେବ

ଭୁବନେଶ୍ୱର, ୧୧।୮ (ସବ୍ୟୁ) : ଓଡ଼ିଶା ପୋଲିସର ପରବର୍ତ୍ତୀ ମୁଖିଆ କିଏ ହେବ ସେ ନେଇ ବିବାଦ ବଢ଼ିବାରେ ଲାଗିଛି। ଓଡ଼ିଶା ଡିଜିପି ଚୟନ ବିଭାଗ ଏବେ ସୁପ୍ରିମ୍‌କୋର୍ଟରେ ପହଞ୍ଚିଛି। ଆସନ୍ତାକାଲି ଏହାର ଶୁଣାଣି ହେବ। ସୁପ୍ରିମ୍‌କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ ଅଣଦେଖା କରି ଓଡ଼ିଶା ସରକାର ଅଯୋଗ୍ୟ ଅଫିସରଙ୍କୁ ସୁପାରିଶ ପ୍ୟାନେଲରେ ସାମିଲ ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ସୁପ୍ରିମ୍‌କୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ଦାଖଲ ହୋଇଛି। ଆସନ୍ତାକାଲି ଏହାର ଜରୁରୀ ଶୁଣାଣି କରିବା ପାଇଁ ସୁପ୍ରିମ୍‌କୋର୍ଟ ରାଜି ହୋଇଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ମାମଲାରେ ୟୁପିଏସ୍‌ସି ଓ ଓଡ଼ିଶା ସରକାରଙ୍କୁ ନୋଟିସ୍ କରିଥିବା ଜଣାପଡ଼ିଛି। ରାଜ୍ୟ ସରକାର ପୋଲିସ ଡିଜି ଚୟନ ନିମନ୍ତେ ମେ' ୧୪ରେ ୟୁପିଏସ୍‌ସିକୁ ୧୧ ଜଣିଆ ବରିଷ୍ଠ ଆଇପିଏସ୍ ତାଲିକା ପ୍ରଦାନ କରିଥିଲେ। ମାତ୍ର ଶେଷ ମୁହୂର୍ତ୍ତ ଅର୍ଥାତ୍ ଅଗଷ୍ଟ ୭ ବୈଠକ ଦିନ ଏହାର ପରିବର୍ତ୍ତନ କରିଥିଲେ। ଅତିରିକ୍ତ ଡିଜି ପାହ୍ୟା ଅଫିସରଙ୍କୁ ପଦୋନ୍ନତି ଦେଇ ଡିଜିପି ପଦବୀକୁ ଆଣିବା ଓ ତାଙ୍କୁ ସୁପାରିଶ ତାଲିକାରେ ପୁରାଇବା ବେଆଇନ୍ ଭାବେ ଉଦ୍ୟମ ହେଉଛି ବୋଲି ଅଭିଯୋଗ କରାଯାଇଛି। ସରକାରଙ୍କ ନୀତିରେ ଅନିୟମିତତା ଅଭିଯୋଗ ଆଣି ସୁପ୍ରିମ୍‌କୋର୍ଟରେ ଜୟନ୍ତ ଦାସଙ୍କ ପକ୍ଷରୁ ପିଆଇଏଲ୍ କରାଯାଇଛି। ତାଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି ଚିଦାମ୍ବରମ୍ ପକ୍ଷ ରଖିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ପୂର୍ବରୁ ଓଡ଼ିଶା ସରକାର ୟୁପିଏସ୍‌ସିକୁ ପଠାଇଥିବା ତାଲିକାକୁ ପ୍ରତ୍ୟାହାର କରିନେଇଛନ୍ତି। (୯ ପୃଷ୍ଠାରେ)

## ଆତଙ୍କୀ ଆକ୍ରମଣ ଧମକ | ଛୁଟିରେ ଯିବାକୁ କାଶ୍ମୀର ପଣ୍ଡିତ କର୍ମଚାରୀଙ୍କୁ ପରାମର୍ଶ

ନୂଆଦିଲ୍ଲୀ,୧୧।୮: ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ନିଯୁକ୍ତି ପ୍ୟାକେଜ୍‌ରେ ନିଯୁକ୍ତି ପାଇଥିବା କାଶ୍ମୀର ପଣ୍ଡିତମାନଙ୍କୁ ପ୍ରଶାସନିକ ଛୁଟିରେ ଯିବା ପାଇଁ କୁହାଯାଇଛି। ଅଗଷ୍ଟ ୨୫ ଯାଏ ଏହି କର୍ମଚାରୀମାନେ ଛୁଟିରେ ରହିବାକୁ ପରାମର୍ଶ ଦିଆଯାଇଛି। ପାକିସ୍ତାନସ୍ଥିତ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବାର ଧମକ ପରେ ଏହି ପଦକ୍ଷେପ ନିଆଯାଇଛି। ଫଳରେ କାଶ୍ମୀର ପଣ୍ଡିତ କର୍ମଚାରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି।

ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ ନିଯୁକ୍ତି ପାଇଥିବା ଏହି କର୍ମଚାରୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ କୁହାଯାଇଛି। ସେମାନେ ଜମ୍ମୁକୁ ସ୍ଥାନାନ୍ତର ହେବାପାଇଁ ପରାମର୍ଶ ଦିଆଯାଇଛି। ଆତଙ୍କୀ ଧମକ ମିଳିବା ପରେ ପୋଲିସ ପକ୍ଷରୁ ମଧ୍ୟ କାର୍ଯ୍ୟ ନ କରିବାକୁ ପରାମର୍ଶ ଦିଆଯାଇଛି। କାଶ୍ମୀର ପଣ୍ଡିତ କର୍ମଚାରୀ (୯ ପୃଷ୍ଠାରେ)

## ଇତିହାସ

୧୭୬୫- ଆହ୍ଲାବାଦ ଚୁକ୍ତି ଅନ୍ତର୍ଗତ ଭାରତରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀର ଶାସନର ଶୁଭାରମ୍ଭ ।

୧୮୩୩- ଆମେରିକାରେ ଚିକାଗୋ ସହରର ସ୍ଥାପନା ।

୧୯୦୮- ହେନରୀ ଫୋର୍ଡର କାର୍ କମ୍ପାନୀ ଏହାର ପ୍ରଥମ କାର୍ ମଡେଲ୍ ବିକଶିତ କଲା ।

୧୯୧୯- ଭାରତୀୟ ଅନ୍ତରୀକ୍ଷ କାର୍ଯ୍ୟକ୍ରମର ଜନକ ବୈଜ୍ଞାନିକ ବିକ୍ରମ ସାରାଭାଇଙ୍କ ଜନ୍ମ ।

୧୯୮୧- ଆଇବିଏମ୍ ଏହାର ପ୍ରଥମ ପର୍ସନାଲ୍ କମ୍ପ୍ୟୁଟର ଜାରି କଲା, ଯାହାର ମୂଲ୍ୟ ୧୬ ହଜାର ଡଲାର ଧାର୍ଯ୍ୟ କରାଯାଇଥିଲା ।

୨୦୦୮- ଅମିର ଖାନ୍‌ଙ୍କୁ ଫିଲ୍ମ ତାରେ ଜମିନ୍ ପର୍ ପାଇଁ ଗୋଲାପୁଡୀ ଶ୍ରୀନିବାସ ମେମୋରିଆଲ୍ ଆୱାର୍ଡ ପ୍ରଦାନ କରାଗଲା ।

୨୦୦୯- ପ୍ରସିଦ୍ଧ ଭାରତୀୟ ଅର୍ଥଶାସ୍ତ୍ରୀ ସି. ରଙ୍ଗରାଜନ୍‌ଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ରୂପେ ନିଯୁକ୍ତି ଦିଆଗଲା ।

## ଅନ୍ତର୍ଜାତୀୟ ଯୁବ ଦିବସ

ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ ଅନ୍ତର୍ଜାତୀୟ ଯୁବ ଦିବସ ରୂପେ ପାଳନ କରାଯାଏ` ମିଳିତ ଜାତିସଂଘ ଆନୁକୂଲ୍ୟରେ ୨୦୦୦ ମସିହାରେ ପ୍ରଥମକରି ଏହି ଦିବସ ପାଳିତ ହୋଇଥିଲା । ଯୁବମାନଙ୍କ କ୍ଷେତ୍ରରେ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରାଇବା ଉଦ୍ଦେଶ୍ୟ ନେଇ ଏହି ଦିବସ ଆରମ୍ଭ କରାଯାଇଥିଲା । ଏହି ଦିନ ବିଭିନ୍ନ ଦେଶର ସରକାରଙ୍କ ତରଫରୁ କୃତି ଯୁବମାନଙ୍କୁ ଭିନ୍ନ ଭିନ୍ନ ସମ୍ମାନ ପ୍ରଦାନ କରାଯାଇଥାଏ` ତେବେ ସରକାର ଓ ଅନ୍ୟମାନଙ୍କୁ ଯୁବପିଢିର ସମସ୍ୟା ଓ ସଂଘର୍ଷ ବାବଦରେ ଏହି ଦିବସ ଏକ ସାମାଜିକ ଜାଗରଣ ସୃଷ୍ଟି କରିବାର ସୁଯୋଗ ପ୍ରଦାନ କରିଥାଏ । ଏହି ଦିନ ବିଶ୍ୱବ୍ୟାପୀ ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ଉତ୍ସବ, କର୍ମଶାଳା ଓ ସମ୍ମାନ ଆଦିର ଆୟୋଜନ କରାଯାଇଥାଏ । ହେଲେ ଭାରତରେ ଜାନୁଆରୀ ୧୨ ତାରିଖକୁ ଜାତୀୟ ଯୁବ ଦିବସ ରୂପେ ପାଳନ କରାଯାଏ ।





## ପୁନମଙ୍କ ଚେତାବନୀ

ସିନେ ଆଣ୍ଡ ଟିଭି ଆର୍ଟିଷ୍ଟସ ଆସୋସିଏସନର କାର୍ଯ୍ୟକାରୀ କମିଟିରୁ ୮ ଜଣ ନିର୍ବାଚିତ ସଦସ୍ୟଙ୍କ ସମେତ ମୋଟ ୧୧ ଜଣ ସଦସ୍ୟ ଏକାସାଙ୍ଗରେ ଇସ୍ତଫା ଦେବା ଏବଂ ବର୍ତ୍ତମାନର ନେତୃତ୍ୱ ଉପରେ ଗମ୍ଭୀର ଅଭିଯୋଗ ଆଣିବା ଘଟଣା ବଲିଉଡରେ ଏକ ବଡ଼ ବିବାଦ ସୃଷ୍ଟି କରିଛି । ଇସ୍ତଫା ଦେଇଥିବା ସଦସ୍ୟ ହେମନ୍ତ ପାଣ୍ଡେ, ମୁକେଶ ଋଷି, ସାହିଲା ଚଡ୍ଡା, ହେତଲ ପରମାର, ପୁନୀତ ଇସର, ବିନ୍ଦୁ ଦାରା ସିଂ, ବିକାଶ ବର୍ମା ଓ ଦୀପକ ପାରାଶର ଅଭିଯୋଗ କରିଛନ୍ତି ଯେ ଅଧ୍ୟକ୍ଷା ପୁନମ୍ ଢିଲୋନ୍ ଏବଂ ବରିଷ୍ଠ ଉପାଧ୍ୟକ୍ଷା ପଦ୍ମିନୀ କୋଲ୍ହାପୁରେ କମିଟିର ଆଲୋଚନା କିମ୍ବା ମଞ୍ଜୁରୀ ବିନା ଏକଚାଟିଆ ଭାବେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଛନ୍ତି । ନିଜର ବ୍ୟକ୍ତିଗତ ଆଇଡିରୁ ସରକାରୀ ଅଧିକାରୀଙ୍କ ସହ ଯୋଗାଯୋଗ କରୁଛନ୍ତି ଏବଂ ସଂଗଠନର ନିୟମାବଳୀକୁ ଉଲ୍ଲଂଘନ କରୁଛନ୍ତି । ଯାହା ଫଳରେ ସେମାନେ ନୂତନ ନିର୍ବାଚନ ଦାବି କରିଛନ୍ତି । ସାଧାରଣ ସମ୍ପାଦିକା ଉପାସନା ସିଂହ ମଧ୍ୟ କ୍ଷମତାର ଅପବ୍ୟବହାର ଓ ସ୍ୱଚ୍ଛତାର ଅଭାବ ନେଇ ଏହି ଅଭିଯୋଗକୁ ନିଶ୍ଚିତ କରିଛନ୍ତି । ଅପରପକ୍ଷରେ, ଏହି ସମସ୍ତ ଅଭିଯୋଗକୁ ସମ୍ପୂର୍ଣ୍ଣ ଆପତ୍ତିଜନକ ଓ ଭିତ୍ତିହୀନ ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି ପୁନମ୍ ଢିଲୋନ୍ । ସେ ସ୍ପଷ୍ଟ କରିଛନ୍ତି ଯେ ୪୨ ବର୍ଷର କ୍ୟାରିୟର ପରେ ସଂଗଠନ ସହ ବିଶ୍ୱାସଘାତକତା କରିବାର ପ୍ରଶ୍ନ ହିଁ ଉଠୁନାହିଁ । ନିକଟରେ ଚାରୋଟି କାର୍ଯ୍ୟକ୍ରମ ମାଧ୍ୟମରେ ସଂଗଠନ ପାଇଁ ୧ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରାଯାଇଛି । ତେବେ ବିନା ଫି'ରେ ପ୍ରଦର୍ଶନ କରିଥିବା କବିତା କୃଷ୍ଣମୂର୍ତ୍ତି, ମଧୁଶ୍ରୀ ଓ ନିତିନ ମୁକେଶଙ୍କ ଭଳି କଳାକାରଙ୍କୁ ସମ୍ମାନାର୍ଥ ସାଡ଼ୀ ଓ କୁର୍ତ୍ତା ଉପହାର ଦେବାକୁ ନେଇ କିଛି ସଦସ୍ୟ ଅନାବଶ୍ୟକ ବିବାଦ ଛିଡ଼ା କରୁଛନ୍ତି । ସିନେ ଆର୍ଟିଷ୍ଟସ ୱେଲଫେୟାର ଟ୍ରଷ୍ଟ ଉପରେ କବଜା କରିବାରେ ବିଫଳ ହେବାରୁ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ଏହି ଷଡଯନ୍ତ୍ର କରୁଛନ୍ତି ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି । ସେହିଭଳି ନିଜର ଆତ୍ମସମ୍ମାନ ଓ ସୁନାମ ରକ୍ଷା ପାଇଁ ମାନହାନି ମୋକଦ୍ଦମା କରିବାର ଆଇନଗତ ବିକଳ୍ପ ମଧ୍ୟ ରହିଛି ବୋଲି ପୁନମ ଚେତାବନୀ ଦେଇଛନ୍ତି ।

## ଡଷ୍ଟବିନ ପିନ୍ଧି ନିର୍ବାଚନୀ ପ୍ରଚାର

ବ୍ରିଟେନର କ୍ଲାକ୍ଟନ୍ ଆସନରେ ହେବାକୁ ଥିବା ଉପନିର୍ବାଚନରେ 'କାଉଣ୍ଟ ବିନଫେସ୍' ନାମକ ଜଣେ କମେଡିଆନ୍ ମୁଣ୍ଡରେ ଡଷ୍ଟବିନ୍ ପିନ୍ଧି ସଂସଦ ନିର୍ବାଚନ ଲଢୁଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ତାଙ୍କର ଅସଲି ନାମ ଜନ୍ ହାର୍ଭି କିନ୍ତୁ ପ୍ରଚାର ସମୟରେ ନିଜ ଚେହେରାକୁ ଡଷ୍ଟବିନରେ ଢାଙ୍କି ସେ ନିଜକୁ ଜଣେ 'ଇଣ୍ଟରଗାଲାକ୍ଟିକ୍ ସ୍ପେସ୍ ୱାରିୟର୍ ବୋଲି ପରିଚୟ ଦିଅନ୍ତି । ଗତ ୧୦ ବର୍ଷ ହେବ ନିର୍ବାଚନୀ ମଇଦାନରେ ସକ୍ରିୟ ଥିବା ବିନଫେସ୍ ପୂର୍ବରୁ 'ଲର୍ଡ ବକେଟହେଡ୍' ନାମରେ ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍, ଋଷି ସୁନକ ଏବଂ ଲଣ୍ଡନ ମେୟର ସାଦିକ୍ ଖାନ୍‌ଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିସାରିଛନ୍ତି । ନିଜ ନିର୍ବାଚନୀ ଇସ୍ତାହାରରେ ଟିକସ କମାଇବା ଓ ଶସ୍ତା ଘର ଯୋଗାଇବା ସହ ଟ୍ରାଫିକ୍ ନିୟମ ଭାଙ୍ଗୁଥିବା ସାଇକେଲ ଚାଳକଙ୍କୁ ଦଣ୍ଡ ସ୍ୱରୂପ 'ୟୁନିସାଇକେଲ' ଚଳାଇବା ଭଳି ଅନେକ ହାସ୍ୟରସାତ୍ମକ ପ୍ରତିଶ୍ରୁତି ସେ ଦେଇଛନ୍ତି । ନିଜର ଜିତିବା ସମ୍ଭାବନା କମ୍ ବୋଲି ସ୍ୱୀକାର କରିବା ସହ ପାରମ୍ପରିକ ନେତାଙ୍କଠାରୁ କିଛି ନୂଆ ଦେଖାଇବା ପାଇଁ ସେ ଏହି ପ୍ରୟାସ ଜାରି ରଖିଥିବା କହିଛନ୍ତି ।



## ସୋସିଆଲ କୋଟ୍ସ



ବମ୍ବେ ଭେଲଭେଟ ଫିଲ୍ମ ପାଇଁ ପ୍ରଥମରୁ ବଜେଟ ୨୮ କୋଟି ଥିଲା ଯାହା ବଢି ପରେ ୯୦ କୋଟିରେ ପହଞ୍ଚିଥିଲା । ଏହା ଫିଲ୍ମକୁ ଖୁବ ସହାୟତ କରିଥିଲା ।

**ଅନୁରାଗ କଶ୍ୟପ, ଫିଲ୍ମମେକର**



ବିଗ୍ ବସରେ ଦୁଇଟି ଭଏସର ବ୍ୟବହାର ରହିଛି । ସେଥିରୁ ପ୍ରତିଯୋଗୀଙ୍କ ସହିତ ଯେଉଁ ଭଏସଟି କଥା ହୋଇଥାଏ ତାହା ମୋର ନୁହେଁ ।

**ବିଜୟ ବିକ୍ରମ ସିଂ, ଭଏସ୍ ଆର୍ଟିଷ୍ଟ**



ମୁଁ ଯାହାକୁ ଥରେ ଭଲପାଏ ଜୀବନସାରା ତା ପାଖରେ ଠିଆ ହୁଏ । କୌଣସି ଲୋକର ଖରାପ ଚାହିଁବା ମୋର ଅଭ୍ୟାସ ନୁହେଁ । ମୁଁ ସବୁବେଳେ ସେମାନଙ୍କ ସହିତ ସବୁ ପରିସ୍ଥିତିରେ ରହିଥାଏ ।

**ନେହାଲ, ଅଭିନେତ୍ରୀ**

## ହାଃହାଃ



ରୋଗୀ (ଫୋନରେ) : ଡାକ୍ତରବାବୁ, ଆପଣ କହିଥିଲେ ଦିନକୁ ୫ କିଲୋମିଟର ଚାଲିଲେ ଓଜନ କମିଯିବ । ମୁଁ ଗତ ୩୦ ଦିନ ହେବ ରୋଜ୍ ୫ କିଲୋମିଟର ଚାଲୁଛି!

ଡାକ୍ତର : ୱାଓ! ବହୁତ୍ ବଢ଼ିଆ... ତେବେ ଫଳାଫଳ କ'ଣ ହେଲା?

ରୋଗୀ: ଫଳାଫଳ ଆଉ କ'ଣ ହେବ, ମୁଁ ଏବେ ଘରଠାରୁ ୧୫୦ କିଲୋମିଟର ଦୂରରେ ପହଞ୍ଚିଗଲିଣି, ଘରକୁ ଫେରିବି କେମିତି ସେଇଆ ଭାବୁଛି!

## ବିଉଦ୍ ଦେଖିବାକୁ ନିଯୁକ୍ତି

ଚୀନ୍‌ର ହେନାନ୍ ସ୍ଥିତ ଲାଓଜୁନ୍ ପାହାଡ଼ରେ କେବଳ ମେଘ ଦେଖିବା ଏବଂ ନଜର ରଖିବା ପାଇଁ 'କ୍ଲାଉଡ୍ ଅବଜରଭର' ପଦବୀର ସୃଷ୍ଟି ହୋଇଛି । ଏହି ଚାକିରିରେ ମାସିକ ପ୍ରାୟ ୮.୪ ଲକ୍ଷ ଟଙ୍କାର ଦରମାରେ ଜଣଙ୍କୁ ନିଯୁକ୍ତି ଦିଆଯାଇଛି, ଯାହା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଗୋଟିଏ ପଦବୀ ପାଇଁ ପ୍ରାୟ ୩,୬୦୦ ଜଣ ଆବେଦନ କରିଥିବା ବେଳେ ୨୨ ବର୍ଷୀୟ କଣ୍ଟେଣ୍ଟ କ୍ରିଏଟର ଲି ସିଚେନ୍ ଏହି ଚାକିରି ପାଇବାରେ ସଫଳ ହୋଇଛନ୍ତି । ଚୟନ ପ୍ରକ୍ରିୟା ପାଇଁ ଆଶାୟୀମାନଙ୍କୁ ଦୋୟିନ୍ ଆପ୍‌ରେ ଭିଡିଓ ପୋଷ୍ଟ କରିବାକୁ କୁହାଯାଇଥିଲା, ଯେଉଁଥିରେ ଲି ସିଚେନ୍‌ଙ୍କ ଭିଡିଓ ଅଳ୍ପ ଦିନ ମଧ୍ୟରେ ୧.୧୦ ଲକ୍ଷରୁ ଅଧିକ ଲାଇକ୍ସ ପାଇଥିଲା । ଏହି ଚାକିରିରେ ତାଙ୍କର ଦିନ ସକାଳ ୪:୫୦ ରୁ ଆରମ୍ଭ ହୋଇଥାଏ । ଏହି ସମୟରେ ତାଙ୍କୁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କ୍ୟାମେରା ଧରି ପାହାଡ଼ ଉପରେ ଘୋଡ଼େଇ ହୋଇ ରହୁଥିବା ମେଘର ସୁଟିଂ କରିବାକୁ ହୋଇଥାଏ । ଏହାସହ ଦୈନିକ ଗୋଟିଏ ଓରିଜିନାଲ୍ ସର୍ଟ ଭିଡିଓ ପବ୍ଲିଶ୍ କରିବାକୁ ପଡ଼ିଥାଏ । ରିପୋର୍ଟ ଅନୁଯାୟୀ, ଏହି ନିଯୁକ୍ତି ଚୀନ୍ ସରକାରଙ୍କ ଏକ ମାର୍କେଟିଂ ରଣନୀତିର ଅଂଶବିଶେଷ, ଯାହାର ଲକ୍ଷ୍ୟ ହେଉଛି ଘରୋଇ ପର୍ଯ୍ୟଟନ ଓ ସର୍ଭିସ୍ ସେକ୍ଟରକୁ ପ୍ରୋତ୍ସାହିତ କରିବା । ଚୀନ୍‌ର ଷ୍ଟେଟ୍ କାଉନ୍ସିଲ୍ ୧୫ଶ ପଞ୍ଚବାର୍ଷିକ ଯୋଜନା ଅଧୀନରେ ଦେଶକୁ 'ଟୁରିଜମ୍ ସୁପର ପାୱାର' ବନାଇବାକୁ ଲକ୍ଷ୍ୟ ରଖିଥିବା ବେଳେ ସଂସ୍କୃତି ଓ ପର୍ଯ୍ୟଟନକୁ ଯୋଡ଼ି ଉଚ୍ଚମାନର ସେବା ଯୋଗାଇବା ଉପରେ ଗୁରୁତ୍ୱ ଦେଉଛି ।



## ପ୍ରଥମ ଏଆଇ ଅଭିନେତ୍ରୀ

ଚୀନ୍‌ରେ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପ୍ରସ୍ତୁତ ଜଣେ ଭର୍ଚୁଆଲ୍ ଅଭିନେତ୍ରୀ ଅସଲି ଅଭିନେତା ଓ ଅଭିନେତ୍ରୀଙ୍କ ଚିନ୍ତା ବଢ଼ାଇ ଦେଇଛନ୍ତି । ୨୦ ବର୍ଷୀୟା ବୋଲି ଦର୍ଶାଯାଇଥିବା 'ଫାଙ୍ଗ୍ ତାଓଜୀ' ନାମକ ଏହି ଏଆଇ ଚରିତ୍ରର ମାତ୍ର ୨ ମାସ ମଧ୍ୟରେ ୪ ଲକ୍ଷରୁ ଅଧିକ ଫଲୋଅର୍ସ ହୋଇସାରିଛନ୍ତି । ଯାହାକୁ ନେଇ ଆଗାମୀ ଦିନରେ ଏଆଇ ଅସଲି ଅଭିନେତାଙ୍କ ସ୍ଥାନ ନେବ କି ନାହିଁ ସେ ନେଇ ଚୀନ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଫାଙ୍ଗ୍ ବର୍ତ୍ତମାନ 'ଦି ଲେଡ୍-ଅଫ୍ ଗର୍ଲ' ନାମକ ଏକ ମିନି ଡ୍ରାମାରେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି । ଯେଉଁଥିରେ ସେ ମଡେଲ୍ ହେବାର ସ୍ୱପ୍ନ ନେଇ ଏକ ଛୋଟ ସହରରୁ ଶାଂଗନାନ୍ ସହରକୁ ଆସିଥିବା ଜଣେ ଝିଅର କ୍ୟାରିୟର ଓ ସଂଘର୍ଷର କାହାଣୀକୁ ଜୀବନ୍ତ ଭାବେ ଉପସ୍ଥାପନ କରୁଛନ୍ତି । ଏହି ଡ୍ରାମାରେ ତାଙ୍କୁ ସାଧାରଣ ମଣିଷ ଭଳି ଅତି ବାସ୍ତବବାଦୀ ଢଙ୍ଗରେ ଡିଜାଇନ୍ କରାଯାଇଛି । ଯେଉଁଥିରେ ଦିନସାରା କାମ କରିବା ପରେ ତାଙ୍କ ମେକଅପ୍ ଛାଡ଼ିଯିବା, ମୁହଁରେ ଝାଳ ବୋହିବା ଏବଂ ପୋଷାକରେ ଝାଳ ଦାଗ ଦିଶିବା ଭଳି ସୂକ୍ଷ୍ମ ଅଭିବ୍ୟକ୍ତି ଦେଖିବାକୁ ମିଳୁଛି । ଫାଙ୍ଗ୍‌ଙ୍କ ଲୋକପ୍ରିୟତା ଏତେ ପରିମାଣରେ ବୃଦ୍ଧି ପାଇଛି ଯେ ଚୀନ୍‌ର ଯୁବତୀମାନେ ତାଙ୍କର ମେକଅପ୍ ଓ ହେୟାରଷ୍ଟାଇଲ୍ କପି କରୁଥିବା ବେଳେ ତାଙ୍କର ବ୍ରାଣ୍ଡ ପ୍ରମୋସନ୍ ଫି' ୧୦ ଲକ୍ଷ (୧ ମିଲିୟନ୍) ଫଲୋଅର୍ସ ଥିବା ଅନେକ ପ୍ରସିଦ୍ଧ ଇନ୍‌ଫ୍ଲୁଏନ୍ସରଙ୍କଠାରୁ ମଧ୍ୟ ଅଧିକ ରହିଛି ।





**ମେଷ:** କାର୍ଯ୍ୟରେ ଅଶାନ୍ତି, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ହେବାକାର୍ଯ୍ୟ ବିଳମ୍ବ, ବନ୍ଧୁକଳହ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ସ୍ୱଜନ ବିରୋଧ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୪, ଆରାଧନା-ମା' ମଙ୍ଗଳା ।

**ବୃଷ:** ଆକସ୍ମିକ ଧନଲାଭ, ମାନସିକ ଶାନ୍ତି, କାର୍ଯ୍ୟରେ ପରିଶ୍ରମ, ଦେବଦର୍ଶନ, ଉତ୍ସବକୁ ନେଇ ଶୁଭ ଆଲୋଚନା, ଶରୀର ସୁସ୍ଥ, ସୁମିଷ୍ଟ ଭୋଜନ, ପାରିବାରିକ ଶାନ୍ତି, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ମିଥୁନ:** ନୂତନଖବର, ଶୁଭ ଆଲୋଚନା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁବିରୋଧ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ଦ୍ରବ୍ୟଲାଭ, ଯାତ୍ରାରେ ସତର୍କ, ଆର୍ଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ ।

**କର୍କଟ:** ଦ୍ରବ୍ୟଲାଭ, ଶୁଭଖବର, ଦାମ୍ପତ୍ୟଖୁସି, ବିଦ୍ୟାରେ ସଫଳତା, ମାନସିକଶାନ୍ତି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଶରୀର ସୁସ୍ଥ, ନୂତନ ବାଣିଜ୍ୟ ଆରମ୍ଭ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ସିଂହ:** ସନ୍ତାନଚିନ୍ତା, ନୂତନ କର୍ମନିଯୁକ୍ତି, ମାନସିକ ଅଶାନ୍ତି, ନୂତନ ବନ୍ଧୁଲାଭ, ଶରୀର ସୁସ୍ଥ, ଦୂରଯାତ୍ରା, ସମ୍ପତ୍ତିବିବାଦ, କିଛି କାର୍ଯ୍ୟରେ ବିରୋଧ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମାଟିଆ, ସଂଖ୍ୟା-୮, ଆରାଧନା-ସୂର୍ଯ୍ୟନାରାୟଣ ।

**କନ୍ୟା:** ଅପବାଦ, ହେବାକାର୍ଯ୍ୟରେ ବିରୋଧ, ବ୍ୟବସାୟିକକଷ୍ଟ, ବନ୍ଧୁସାହାଯ୍ୟ, ସୁମିଷ୍ଟ ଭୋଜନ, ସମ୍ମାନହାନି, ଶରୀର ସୁସ୍ଥ, ବିଦ୍ୟାରେ ସଫଳ, ଯାତ୍ରାଶୁଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ମା' କାଳୀ ।

**ତୁଳା:** ନୂତନ ବନ୍ଧୁଲାଭ, ଶୁଭଖବର, ବିବାଦ ସମାଧାନ, ଦାମ୍ପତ୍ୟକଳହ, ଦୂରଯାତ୍ରା ସଫଳ, ପାରିବାରିକ ଶାନ୍ତି, ମନଅଥୟ, ଶରୀର ସୁସ୍ଥ, ଅର୍ଥଲାଭ, ସମ୍ପତ୍ତିଖୁସି, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବିଛା:** ଆୟ ଉତ୍ତମ, ଶୁଭକାର୍ଯ୍ୟ ପ୍ରତି ଆଗ୍ରହ, ଦ୍ରବ୍ୟଲାଭ, ଭୂସମ୍ପତ୍ତିଲାଭ, ସନ୍ତାନଖୁସି, ନୂତନଖବର, ମାନସିକ ଶାନ୍ତି, ଭ୍ରମଣବାଧା, ଆଶାସଫଳ, ବନ୍ଧୁସାହାଯ୍ୟ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ବିଷ୍ଣୁ ଭଗବାନ ।

**ଧନୁ:** ଯାତ୍ରା ଶୁଭ, ଶୁଭ ଆଲୋଚନା, ବିଶିଷ୍ଟ କାର୍ଯ୍ୟରେ ଲାଭ, ବନ୍ଧୁ ସହଯୋଗ, ବିବାଦ ସମାଧାନ, ଦ୍ରବ୍ୟଲାଭ, ଅର୍ଥଲାଭ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟକ୍ରୟ, ଆଶିର୍ବାଦ ପ୍ରାପ୍ତି, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ମହାଲକ୍ଷ୍ମୀ ।

**ମକର:** କିଛି କାର୍ଯ୍ୟରେ ବିଳମ୍ବ, ବ୍ୟବସାୟରେ ଶୁଭ, ଦେବଦର୍ଶନ, ଦୂରଯାତ୍ରା କଷ୍ଟ, ଦ୍ରବ୍ୟନଷ୍ଟ, ବନ୍ଧୁସାହାଯ୍ୟ, ବିଦ୍ୟାରେ ସଫଳତା, ନୂତନ ଆଶା ସଫଳ, ଧନଲାଭ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୫, ଆରାଧନା-ପ୍ରଭୁ ଜଗନ୍ନାଥ ।

**କୁମ୍ଭ:** ଅର୍ଥଲାଭ, ଦୂରଯାତ୍ରା ସଫଳ, ସମ୍ମାନପ୍ରାପ୍ତି, ଗୃହେ ଉତ୍ସବ, ପାରିବାରିକ ଶାନ୍ତି, ଲୋକସମ୍ପର୍କରେ ଉନ୍ନତି, ଗୁରୁଜନେ ଆଶିର୍ବାଦ, ବନ୍ଧୁକଳହ, ଶରୀର ସୁସ୍ଥ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୩, ଆରାଧନା-ପ୍ରଭୁ ଶଙ୍କର ।

**ମୀନ:** ମାନସିକ ଶାନ୍ତି, ଦୂରଯାତ୍ରା, ସ୍ୱାଦିଷ୍ଟ ଭୋଜନ, ନୂତନ କର୍ମଲାଭ, ଶୁଭଖବର, ସ୍ୱଜନ କଳହ, ଶରୀର ସୁସ୍ଥ, ଗୃହେ ସାହାଯ୍ୟ, ଦ୍ରବ୍ୟଲାଭ, ଆଶା ସଫଳ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ଗୌରୀ ।

**ଶ୍ରାବଣ କୃଷ୍ଣପକ୍ଷ ଅମାବାସ୍ୟା**
**୧୨.୮.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ

# ଧାନ ସଂଗ୍ରହ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଦୁଇ ଦିନିଆ ନୂଆଦିଲ୍ଲୀ କରିଛନ୍ତି । ଏହି ଅବସରରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ, ନୂଆ ଓ ଅକ୍ଷୟ ଶକ୍ତି, ଶିକ୍ଷା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ସାକ୍ଷାତ କରି ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । କେନ୍ଦ୍ରୀୟ ପ୍ରତିପକ୍ଷ ଶ୍ରୀ ଯୋଶୀଙ୍କ ସହ ସାକ୍ଷାତ ଆଲୋଚନା ସମୟରେ ଶ୍ରୀ ପାତ୍ର ରାଜ୍ୟରେ ଖରିଫ ଋତୁ ଧାନ ସଂଗ୍ରହ ନିମନ୍ତେ ପ୍ରକ୍ରିୟା ଜାରି ରହିଥିବା ସମ୍ପର୍କରେ ଅବଗତ କରିଛନ୍ତି । ଉଭୟ ମନ୍ତ୍ରୀ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ସୁଦୃଢ଼ୀକାରଣ, ଖାଦ୍ୟ ଶସ୍ୟ ସୁପରିଚାଳନା, ଗୋଦାମ ଗୃହ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଚାଉଳର ଉପଯୁକ୍ତ ବଣ୍ଟନ ଉପରେ



ଆଲୋଚନା କରିଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାଭାଗିତାରେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ସହ ହିତାଧିକାରୀ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିବାକୁ ପାରସ୍ପରିକ ପ୍ରତିଶ୍ରୁତି ବଦ୍ଧତାକୁ ଏହି ଦୁଇ ମନ୍ତ୍ରୀ ଆଲୋଚନା ସମୟରେ ଦୋହରାଇଥିଲେ । ଓଡିଶାକୁ ସମସ୍ତ ସହଯୋଗ ଜାରି ରହିବା ନେଇ ଶ୍ରୀ ଯୋଶୀ ପ୍ରତିଶୃତି ଦେଇଥିଲେ । ଏହି ସମୟରେ କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ସଚିବ ସଂଜୀବ ଚୋପ୍ରା, ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ସରପଞ୍ଚ ଚାମେଲୀଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ ମାମଲା

# ଭୋଟ୍ ହେବ, ଅଦାଲତଙ୍କ ଅନୁମତି ବିନା ପ୍ରକାଶ ପାଇବନି ଫଳ

କଟକ,(ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବହୁ ଚର୍ଚ୍ଚିତ ତିଖିରି ଗ୍ରାମପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲାବେଳେ ଏହାକୁ ବିରୋଧ କରି ସେ ହାଇକୋର୍ଟକୁ ଆସିଥିଲେ । ଗତକାଲି ଏବଂ ଆଜି ହାଇକୋର୍ଟ ଶୁଣାଣି କରିବା ପରେ ମଧ୍ୟବର୍ତ୍ତୀ ଆଦେଶରେ ଏହି ଅନାସ୍ଥା ପାଇଁ ଭୋଟ୍ ହେବ ବୋଲି ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି । କିନ୍ତୁ ଅଦାଲତଙ୍କ ଅନୁମତି ବିନା ଏହି ଫଳ ପ୍ରକାଶ ପାଇପାରିବ ନାହିଁ ବୋଲି ହାଇକୋର୍ଟ ରୋକ୍ ଲଗାଇଛନ୍ତି । ଆବେଦନକାରିଣୀ ଚାମେଲି ଓଝାଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୀୟ କୁମାର ମିଶ୍ର ଏହି ଆଦେଶ ଦେଇଛନ୍ତି ।

ଚାମେଲି ଓଝା ତାଙ୍କ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ତାଙ୍କ ଅନାସ୍ଥା ପୂର୍ବରୁ ରିଜୋଲ୍ୟୁସନ, ରିକ୍ୟୁଜିସନ ଓ ନୋଟିସର ନକଲ ଯୋଗାଇ ଦିଆଯାଇ ନାହିଁ । ତେଣୁ ତାଙ୍କ ବିରୋଧରେ ଆଗତ ଅନାସ୍ଥାକୁ ରଦ୍ଦ ପାଇଁ ସେ ପ୍ରାର୍ଥନା କରିଥିଲେ । ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷଙ୍କ ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଥିଲା । ଏଥିସହ ତଥ୍ୟଗତ ବିବାଦ ଉପରେ ରିଟ୍ କୋର୍ଟରେ ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି ଆଇନଗତ ମତ ଉପସ୍ଥାପିତ ହୋଇଥିଲା । ଶୁଣାଣି ସମୟରେ ଆବେଦନକାରିଣୀଙ୍କ ପକ୍ଷରୁ ତାଙ୍କ ପ୍ରାର୍ଥନାର ସମର୍ଥନରେ ହାଇକୋର୍ଟର ପୂର୍ବରୁ ଦିଆଯାଇଥିବା କେତେକ ରାୟର ନଜିର ଦିଆଯାଇଥିଲା । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କଠାରୁ ମିଳିଥିବା ନିର୍ଦ୍ଦେଶାବଳୀ ଓ ପୂର୍ବ ରାୟର କପି ଅଦାଲତରେ ଦାଖଲ କରାଯାଇଥିଲା । ଆଜି ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ଅନ୍ତରୀଣ ଆଦେଶରେ ଭୋଟ୍ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଚାମେଲି ଓଝାଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ମାମଲା ପରିଚାଳନା କରୁଥିଲେ ।

# ନିଳାଦ୍ରୀବିହାର ଟ୍ରାଞ୍ଜିଟ୍ ହାଉସ୍ ଉଚ୍ଛେଦ ବେଳେ ତୀବ୍ର ଉତ୍ତେଜନା

ଭୁବନେଶ୍ୱର, (ସବ୍ୟୁ) : ନିଳାଦ୍ରିବିହାରରେ ଥିବା ଟ୍ରାଞ୍ଜିଟ୍ ହାଉସ୍ ଉଚ୍ଛେଦ ବେଳେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଲା ।

ନିଳାଦ୍ରିବିହାରରେ ଥିବା ୮୯୦ ଟ୍ରାଞ୍ଜିଟ୍ ହାଉସ୍ ମଧ୍ୟରୁ ୩୩୦ ଟ୍ରାଞ୍ଜିଟ୍ ହାଉସ୍ ଉଚ୍ଛେଦ କରାଯାଇଛି । ମଙ୍ଗଳବାର ମିଳିତ ଉଚ୍ଛେଦକାରୀ ଟିମ୍ ପହଞ୍ଚି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ସମୟରେ ଟ୍ରାଞ୍ଜିଟ୍ ହାଉସ୍‌ରେ ରହୁଥିବା ଅନ୍ତେବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ସେମାନେ ଉଚ୍ଛେଦକୁ ବିରୋଧ କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଲା । ଟ୍ରାଞ୍ଜିଟ୍ ହାଉସ୍ ଭଙ୍ଗାଯିବାର କାରଣ ସେଠାରେ ରହୁଥିବା ଅନ୍ତେବାସୀ ପ୍ରଧାନମନ୍ତ୍ରୀ ଆବାସ ଘର ପାଇବା ପରେ ମଧ୍ୟ ସେଠାରେ ଦଖଲରେ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ କାଗଜପତ୍ର ଯୋଗାଇ ନପାରିବାରୁ ପ୍ରଧାନମନ୍ତ୍ରୀ ଆବାସ ପାଇବାରୁ



ବଞ୍ଚିତ ହୋଇଛନ୍ତି । ତାଙ୍କ କହିବା କଥା ଉଚ୍ଛେଦ ହେଲେ ଆମେ ରହିବୁ କେଉଁଠି । ଆଉ କେତେକ ଅଭିଯୋଗ କରିଛନ୍ତି, ଆମର ବଡ ପରିବାର ହୋଇଥିବାରୁ ସେ ଘରେ ସମସ୍ତେ ରହିବା ସମ୍ଭବ ହେଉନାହିଁ । ୨୦୦ଫୁଟିଆ ରାସ୍ତା ନିର୍ମାଣ ପାଇଁ ତାହା ଉଚ୍ଛେଦ କରାଯାଉଛି ।

ଉତ୍ତେଜିତ ଲୋକଙ୍କୁ ବହୁ ବୁଝାସୁଝା କରିବା ପରେ ଉଚ୍ଛେଦ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା । ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ପାଇନାହାନ୍ତି, ସେମାନଙ୍କୁ ସାମୟିକ ଭାବେ ରହିବା ପାଇଁ ବାସଗୃହ ଯୋଗାଇ ଦିଆଯିବ । ଉତ୍ତେଜନାକୁ ଲକ୍ଷ୍ୟ କରି ୨୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ । ଦୁଇ ଜଣ ଅତିରିକ୍ତ ଡିସିପି ସେମାନଙ୍କ ମନିଟରିଂ ଦାୟିତ୍ୱରେ ଥିଲେ ।

### ୩ୟ ରାଜ୍ୟସ୍ତରୀୟ ମାନକୀକରଣ କମିଟି ବୈଠକ

# ସରକାର-ବିଆଇଏସ୍‌ଙ୍କ ପ୍ରୟାସରେ ଗୁଣବତ୍ତା ସୁନିଶ୍ଚିତ

ଭୁବନେଶ୍ୱର(ସବ୍ୟୁ): ମାନକୀକରଣ ଉପରେ ଓଡ଼ିଶା ରାଜ୍ୟସ୍ତରୀୟ କମିଟି (ଏସଏସସି)ର ୩ୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାର ଏବଂ ଭାରତୀୟ ମାନକ ବ୍ୟୁରୋ(ବିଆଇଏସ)ଙ୍କ ସମ୍ମିଳିତ ପ୍ରୟାସରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ମାନକୀକରଣ, ଗୁଣବତ୍ତା ସୁନିଶ୍ଚିତ କରିବା ଏବଂ ଉପଭୋକ୍ତା ସୁରକ୍ଷାକୁ ସୁଦୃଢ଼ କରିବା ନିମନ୍ତେ ଗ୍ରହଣ କରାଯାଉଥିବା ବିଭିନ୍ନ ପ୍ରମୁଖ ପଦକ୍ଷେପ ସଂପର୍କରେ ସମୀକ୍ଷା ଓ ଆଲୋଚନା କରାଯାଇଥିଲା ।

ମଙ୍ଗଳବାର ମୁଖ୍ୟ ଶାସନ ସଚିବ ମୁଖ୍ୟ ଶାସନ ସଚିବ ଅନୁ



ଗର୍ଗଙ୍କ ଅଧ୍ୟକ୍ଷତାରେ ବୈଠକରେ ମାନକୀକରଣର ଗୁରୁତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ, ଉତ୍ପାଦ ଓ ସେବାର ଗୁଣବତ୍ତା, ସୁରକ୍ଷା, ବିଶ୍ୱସନୀୟତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ମାନକୀକରଣ ଏକ ମୌଳିକ ଆଧାର । ବିଶେଷକରି ସରକାରୀ କ୍ରୟ, ଭିତ୍ତିଭୂମି ଏବଂ ଅତ୍ୟାବଶ୍ୟକ ସେବା କ୍ଷେତ୍ରରେ ଏହା ଏକ ସାଧାରଣ ମାନଦଣ୍ଡ ପ୍ରଦାନ କରିଥାଏ । ସେ ଭାରତୀୟ ମାନକ (ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ) ଏବଂ ଏହାର ବ୍ୟବହାରିକ ପ୍ରୟୋଗ ସମ୍ପର୍କରେ ସରକାରୀ ଅଧିକାରୀ, ଶିଳ୍ପ ସଂସ୍ଥା, ସେବା ପ୍ରଦାନକାରୀ ଏବଂ ଉପଭୋକ୍ତାମାନଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

ରାଜ୍ୟରେ ବ୍ୟାପକ ଗୁଣବତ୍ତା-ସଚେତନ ପରିବେଶ ଗଠନ କରିବା ପାଇଁ ମାନକୀକରଣ ସମ୍ପର୍କିତ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକଳାପକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ମଧ୍ୟ ମୁଖ୍ୟ ଶାସନ ସଚିବ ଜୋର ଦେଇଥିଲେ । ବୈଠକରେ ଭୁବନେଶ୍ୱରସ୍ଥିତ ବିଆଇଏସର ବରିଷ୍ଠ ନିର୍ଦ୍ଦେଶକ ଓ ମୁଖ୍ୟ ଏକେ ପୁରୋହିତ ଓଡ଼ିଶାରେ ମାନକୀକରଣ ଓ ଗୁଣବତ୍ତାକୁ ସୁଦୃଢ଼ କରିବା ନିମନ୍ତେ ଗ୍ରହଣ କରାଯାଉଥିବା ପ୍ରମୁଖ ପଦକ୍ଷେପ ଏବଂ ସହଯୋଗର ବିଭିନ୍ନକ୍ଷେତ୍ର ସମ୍ପର୍କରେ ଏକ ଉପସ୍ଥାପନା କରିଥିଲେ । ଏହା ସହିତ କୋଲକାତାସ୍ଥିତ ବିଆଇଏସ ପରୀକ୍ଷାଗାରର ଏ.ଚାଟାର୍ଜୀ ରାଜ୍ୟ ସରକାରଙ୍କ ପରୀକ୍ଷାଗାର ସମ୍ପର୍କରେ ଆଲୋକପାତ କରିଥିଲେ ।

### ବାହାରଣା ଗ୍ରାମର ୨ ମନ୍ଦିରରୁ ଚୋରି

ନିମାପଡା,(ସବ୍ୟୁ): ଚାରିଛକ ଥାନା ଅନ୍ତର୍ଗତ ବାହାରଣା ଗ୍ରାମରେ ଥିବା ଦୁଇଟି ମନ୍ଦିରରେ ଦୁର୍ବୃତ୍ତ ପଶି ବିଭିନ୍ନ ରୂପା ଅଳଙ୍କାର ଓ ଠାକୁରଙ୍କ ପିତଳ ବାସନକୁସନ ଆଦି ଚୋରି ହୋଇଥିବା ନେଇ ମଙ୍ଗଳବାର ଦିନ ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ଗତ ସୋମବାର ବିଳମ୍ବିତ ରାତ୍ରରେ ଉକ୍ତ ଗ୍ରାମରେ ମା' ବୁଢ଼ୀଆଣୀ ଠାକୁରାଣୀ ଓ ଦାରୁବ୍ରହ୍ମଙ୍କ ମନ୍ଦିର ରହିଛି। ରାତ୍ରରେ କେହି ଦୁର୍ବୃତ ଦୁଇଟି ମନ୍ଦିରର ତାଲା ଭାଙ୍ଗି ଠାକୁରାଣୀଙ୍କ ୨୦ ଭରି ଓଜନର ରୂପା ମୁକୁଟ,କଂସା ତାଳ, ଘଣ୍ଟ, ଘଣ୍ଟି, ଆଳତୀ ଦାନ,ପୂଜା ଥାଳି ଆଦି ଠାକୁରଙ୍କ ଆସବବାପତ୍ର ଚୋରୀ କରି ନେଇଯାଇଛନ୍ତି।

# ଦଶରଥପୁରରେ ରିଲିଫ ବାଣ୍ଟିଲେ ପିସିସି ସଭାପତି, ବନ୍ୟାଞ୍ଚଳରେ କଂଗ୍ରେସର ମାରାଥନ ରିଲିଫ ବଣ୍ଟନ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ମଙ୍ଗଳବାର ଯାଜପୁର ଜିଲ୍ଲା ଅନ୍ତର୍ଗତ ଦଶରଥପୁର ବନ୍ୟାଞ୍ଚଳ ଗସ୍ତକରି କଂଗ୍ରେସ ଦାରା ଆୟୋଜିତ ମହା ରିଲିଫ ବଣ୍ଟନ କାର୍ଯ୍ୟରେ ପ୍ରତ୍ୟକ୍ଷରୂପେ ସାମିଲ ହୋଇଥିଲେ । ପ୍ରଭାବିତ ଲୋକଙ୍କ ସମସ୍ୟା ସବୁ ପଚାରି ବୁଝିଥିଲେ ତଥା ବନ୍ୟା ଭାସିଯାଇ ମୃତ୍ୟୁବରଣ କରିଥିବା ବାଳକର ପରିବାରଙ୍କୁ ଭେଟି କଂଗ୍ରେସ ଦଳ ତରଫରୁ ୧୦ ହଜାର ଟଙ୍କା ସହଯୋଗ କରିଥିଲେ । ବନ୍ୟାଞ୍ଚଳ ପରିଦର୍ଶନ ଓ ରିଲିଫ କାର୍ଯ୍ୟ ପରେ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ ସରକାରଙ୍କୁ ଘୋର ସମାଲୋଚନା କରି କହିଥିଲେ ଯେ, ସରକାର ବନ୍ୟା ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଯେଉଁ ସରକାର ବନ୍ୟା ନିୟନ୍ତ୍ରଣ ପାଇଁ ପୂର୍ବ ପ୍ରସ୍ତୁତି ବୈଠକଟିଏ କରିବାକୁ ଅକ୍ଷମ, ସେଇ ସରକାରଙ୍କ ଠାରୁ ଅଧିକ କଣ ଆଶା କରାଯାଇ ପାରିବ । ପାଣିପାଗ ଆଗୁଆ ସୂଚନା ପାଇବା ସତ୍ତ୍ୱେ ଚୁପଚାପ ରହିବା ବଡ଼ ଆଶ୍ଚର୍ଯ୍ୟ ବିଷୟ । ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସରକାରଙ୍କ ମନୋବୃତ୍ତି ନାହିଁ । ନଦୀ ମୁହାଣ ଗୁଡିକ ପୋତି ହୋଇଗଲାଣି । ଚେକଡେମ, ବ୍ୟାରେଜ ନିର୍ମାଣ ଶୂନ । ନଦୀକୂଳ ପଥର ବନ୍ଧ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଯୋଗୁଁ ଧୋଇଯାଇ ଘେରି ସୃଷ୍ଟି ହେଉଛି । ବନ୍ୟାଗ୍ରସ୍ତ ହୋଇ ହଜାର ହଜାର ଲୋକ ବେଘର, ଅଖିଆ ଅପିଆ ରହିବା ସତ୍ତ୍ୱେ ସରକାରଙ୍କ ନିଦ ଭାଙ୍ଗୁନି । ସରକାରୀ ସାହାଯ୍ୟ ସହଯୋଗ ସମୁଦ୍ରକେ ଶଙ୍ଖେ ପାଣି ସଦୃଶ ହେଉଛି । ଏହା ଏଭଳି ଏକ ସରକାର ଯିଏ ପ୍ରତ୍ୟେକ କ୍ଷେତ୍ର ଶିକ୍ଷା, ସ୍ୱାସ୍ଥ୍ୟ, ନିର୍ମାଣ ଆଦି କ୍ଷେତ୍ରରେ ବିଫଳ ପ୍ରମାଣିତ । ବନ୍ୟା ବିଭୀଷିକା ପାଇଁ କଂଗ୍ରେସ ପକ୍ଷରୁ ମହା ରିଲିଫ ଅଭିଯାନ ଆରମ୍ଭ ହୋଇ ୪ ଗୋଟି ବନ୍ୟା ପ୍ରଭାବିତ ଅଞ୍ଚଳକୁ ନିଜ ସାମର୍ଥ୍ୟ ଅନୁସାରେ ଦଳ ରିଲିଫ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛି । କଂଗ୍ରେସ କର୍ମୀ ନିଜ ପରିବାରରୁ ଦୂରରେ ରହି ବନ୍ୟା ବିପନ୍ନଙ୍କ ସହାୟତା ପାଇଁ ୨୪ ଘଣ୍ଟା ନିଜକୁ ସମର୍ପଣ କରିଛନ୍ତି । ଦଶରଥପୁର ପିସିସି ସଭାପତିଙ୍କ ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି, ଜେନା, ସୁଧାଂଶୁ ଦେଓ, ସନ୍ତୋଷ ନନ୍ଦ, ସୁଦୀପ କର, ଚନ୍ଦ୍ର ଦାସ, ଚନ୍ଦ୍ରଶେଖର ସାହୁ, ଏକାଦଶୀ ତ୍ରିପାଠୀ, ବିଦ୍ୟାଧର ଜେନା, ଲିପିକା ମଲ୍ଲିକ, ଅନୁପମ ମଲ୍ଲିକ ଓ ସେବାଦଳର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ୩୦ ଲକ୍ଷର ବ୍ରାଉନସୁଗର ଜବତ, ୩ ଗିରଫ



ଭୁବନେଶ୍ୱର, (ସବ୍ୟୁ) : ବିଜେବି କଲେଜ ପଛପାଖ ପଡିଆରେ ଭଦ୍ରକର ତିନିଜଣ ବ୍ରାଉନସୁଗର ବ୍ୟବସାୟୀ କାର୍‌ରେ ବ୍ରାଉନସୁଗର ଆଣି ସେଠାରେ କାରବାର କରିବା ସହ ଖୋର୍ଦ୍ଧା ଯିବା ପାଇଁ ଯୋଜନା କରୁଥିବା ବେଳେ ଭୁବନେଶ୍ୱର ଅବକାରୀ ଟିମ୍ ଖବର ପାଇ ସେମାନଙ୍କୁ କାବୁ କରିଥିଲେ । ଗିରଫ ୩ଜଣଙ୍କ ନିକଟରୁ ୨୯୦ ଗ୍ରାମ୍ ବ୍ରାଉନସୁଗର ଜବତ କରାଯାଇଛି । ଯାହାର ମୂଲ୍ୟ ପ୍ରାୟ ୩୦ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଗିରଫ ୩ଜଣ ହେଲେ ସବିର ଖାଦିର (୨୧), ଦୀପକ କୁମାର ଜେନା (୨୩), ଦିଲ୍ଲୀପ କୁମାର ଜେନା (୨୩) । ଏହି ତିନିଜଣ ଭଦ୍ରକରୁ ବ୍ରାଉନସୁଗର ଆଣି ଭୁବନେଶ୍ୱରରେ ଖୁଚୁରା ବ୍ୟବସାୟୀଙ୍କୁ ଦେବା ସହ ଖୋର୍ଦ୍ଧା ବ୍ୟବସାୟୀଙ୍କୁ ଦେବା ପାଇଁ ଯିବା ପୂର୍ବରୁ ଅବକାରୀ ଟିମ୍ ଖବର ପାଇ ସେଠାରେ ପହଞ୍ଚି କାର୍ ସହ ସେମାନଙ୍କୁ ମାଡି ବସିଥିଲା । ବ୍ରାଉନସୁଗର ସେମାନେ କେଉଁଠୁ କାହାଠାରୁ ଆଣି କାରବାର କରୁଛନ୍ତି ତାହା ଜାଣିବା ପାଇଁ ଅବକାରୀ ଟିମ୍ ତାଙ୍କୁ ବିସ୍ତୃତ ଜେରା କରୁଛି ।

# କମିସନରଙ୍କ ନିଷ୍ପତ୍ତି ବଦଳାଇବା କ୍ଷମତା ତହସିଲଦାର ଙ୍କ ନାହିଁ :ହାଇକୋର୍ଟ

କଟକ,(ସବ୍ୟୁ): ଜଣେ ରିଭିଜିନାଲ କର୍ତ୍ତୃପକ୍ଷ ତଥା କମିସନର ନିଷ୍ପତ୍ତି ନେବାପରେ ତାହାକୁ କୌଣସି ପରିସ୍ଥିତିରେ ତହସିଲଦାର ବା ଅଧସ୍ତନ ଅଧିକାରୀ ଅମାନ୍ୟ କରିପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଜୟରାମ ଜେନାଙ୍କ ପକ୍ଷରୁ ଆଗତ ରିଟ୍ ଅପିଲ୍‌ର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ପିପିଲି ତହସିଲଦାରଙ୍କ ପୂର୍ବ ଆଦେଶକୁ ରଦ୍ଦ କରି ଦେଇଛନ୍ତି । ଏଥିସହ ଆସନ୍ତା ୧୫ ଦିନ ମଧ୍ୟରେ ଚକବନ୍ଦୀ କମିସନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜମି ରେକର୍ଡ ଓ ମାନଚିତ୍ର (ମ୍ୟାପ) ସଂଶୋଧନ କାର୍ଯ୍ୟ ଶେଷ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଜିଲ୍ଲା ପିପିଲି ତହସିଲ ଅନ୍ତର୍ଗତ ମଧୁପୁର ମୌଜାର ଚକବନ୍ଦୀ ଖାତା ନଂ- ୧୫୭, ପ୍ଲଟ ନଂ- ୩୧୬ର ୦.୩୨ ଏକର ଜମିକୁ ଆବେଦନକାରୀଙ୍କ ନାମରେ ପୃଥକ ଖାତାରେ ରେକର୍ଡ କରିବା ନେଇ ବିବାଦ ଦେଖାଦେଇଥିଲା । ଏହି ମାମଲାରେ ଓଡ଼ିଶା ଚକବନ୍ଦୀ ଆଇନ ଅଧୀନରେ ରୁଜୁ ରିଭିଜନ କେସ୍‌ର ଶୁଣାଣି କରି ଚକବନ୍ଦୀ କମିସନର ଆବେଦନକାରୀଙ୍କ ସପକ୍ଷରେ ରାୟ ଦେଇ ଦୁଇ ମାସ ମଧ୍ୟରେ ଜମିର ରେକର୍ଡ ଓ ମାନଚିତ୍ର ସଂଶୋଧନ କରିବାକୁ ପିପିଲି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । କମିସନରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ପିପିଲି ତହସିଲଦାର ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିନଥିଲେ ।

10001/451/2627




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସତର୍କତା

ଡାଇରିଆରୁ ସୁରକ୍ଷିତ ରହିବା ପାଇଁ

- **ଅଧ ଘଣ୍ଟା ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ
- ଖାଦ୍ୟ ଖାଇବା ଆଗରୁ ଏବଂ ଶୌଚ ପରେ ହାତକୁ ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ
- ବାହାରେ ଝାଡ଼ା ନ ଯାଇ, ପାଇଖାନା ବ୍ୟବହାର କରନ୍ତୁ
- ଅସ୍ୱାସ୍ଥ୍ୟକର ପରିବେଶରେ ବାହାରେ ବିକ୍ରୀ ହେଉଥିବା ଖାଦ୍ୟ ଖାଆନ୍ତୁ ନାହିଁ
- ଡାଇରିଆ ରୋଗୀକୁ ବାରମ୍ବାର ଓ.ଆର୍.ଏସ୍. ଦ୍ରବଣ ପିଇବାକୁ ଦିଅନ୍ତୁ
- ତରଳ ଝାଡ଼ା ହେବା ସମୟରେ ପିଲାକୁ ଖାଦ୍ୟ ଏବଂ କ୍ଷୀର ପିଉଥିବା ଶିଶୁକୁ ସ୍ତନ୍ୟପାନ ଜାରି ରଖନ୍ତୁ

ବନ୍ୟା ପ୍ରଭାବିତ ଅଞ୍ଚଳରେ ବୁଡ଼ିଯାଇଥିବା ନଳକୂଅ କିମ୍ବା ବନ୍ୟା ଜଳ ପଶିଥିବା କୂଅ ବିଶୋଧନ ନହେବା ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ ନାହିଁ, ଏଥିପାଇଁ ନିକଟସ୍ଥ ଜଳଯୋଗାଣ ଯନ୍ତ୍ରୀଙ୍କ ସହ ପରାମର୍ଶ କରନ୍ତୁ

ସାପ କାମୁଡ଼ାରୁ ସୁରକ୍ଷିତ ରହିବା ପାଇଁ

- ବନ୍ୟା ଜଳରେ କାରବାର ସମୟରେ ଯଥେଷ୍ଟ ସତର୍କ ରୁହନ୍ତୁ
- ଘର ଚଟାଣରେ ଶୋଉଥିଲେ ମଶାରି ବ୍ୟବହାର କରନ୍ତୁ, ରାତିରେ ବାହାରକୁ ଯାଉଥିଲେ ସତର୍କ ଓ ସାବଧାନ ରୁହନ୍ତୁ
- ଘର ଭିତର ଓ ବାହାର ପରିଷ୍କାର ରଖନ୍ତୁ
- ସାପ କାମୁଡ଼ିଲେ କୌଣସି ଦେଶୀ ଚିକିତ୍ସା ନକରି ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ
- ସାପ କାମୁଡ଼ା ଇଞ୍ଜେକ୍‌ସନ୍ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ

ମନେରଖନ୍ତୁ, ସାମାନ୍ୟ ବିଳମ୍ବ ପ୍ରାଣଘାତି ହୋଇପାରେ

ଅସୁସ୍ଥ ଅନୁଭବ ହେଲେ ତୁରନ୍ତ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR: 10001/10003/2/26-27/0044

### କୁଟର କାର୍ଯ୍ୟକଳାପ ସମୀକ୍ଷା

# ଯାତ୍ରୀଙ୍କ ସୁରକ୍ଷା, ସେବାର ଗୁଣବତ୍ତା ଉପରେ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): "ଆମ ବସ୍' ସେବାର ଗୁଣବତ୍ତା, ସୁରକ୍ଷା ଓ ବିଶ୍ୱସନୀୟତାକୁ ଆହୁରି ସୁଦୃଢ଼ କରିବା ପାଇଁ ସମନ୍ୱିତ ଓ ସମୟବଦ୍ଧ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି ।

କମ୍ପ୍ରିହେନ୍ସିଭ୍ ରିଜିଓନାଲ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କୁଟ୍)ର କାର୍ଯ୍ୟକଳାପ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ କୁଟର ସାମଗ୍ରିକ ପରିଚାଳନା କାର୍ଯ୍ୟଦକ୍ଷତା, ବସ୍ ଓ ରୁଟ୍ ପରିଚାଳନା, ସଡ଼କ ସୁରକ୍ଷା, ଯାତ୍ରୀ ସେବା, ପରିଚାଳନା, ଡିଜିଟାଲ୍ ବ୍ୟବସ୍ଥା, ଆର୍ଥିକ ସ୍ଥାୟିତ୍ୱ, ଭିତ୍ତିଭୂମି ଏବଂ ଭବିଷ୍ୟତ ସମ୍ପ୍ରସାରଣ ଯୋଜନା ଆଦିର ବିସ୍ତୃତ ସମୀକ୍ଷା କରାଯାଇଥିଲା । ସେବା ପ୍ରଦାନ ବ୍ୟବସ୍ଥାର ନିରନ୍ତର ନିରୀକ୍ଷଣ କରି ଯେଉଁଠାରେ ଅଭାବ ବା ତ୍ରୁଟି ପରିଲକ୍ଷିତ ହେଉଛି ।





ସେଠାରେ ତୁରନ୍ତ ସୁଧାରମୂଳକ ପଦକ୍ଷେପ ନେବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ । ନିରାପଦ, ବିଶ୍ୱସନୀୟ, ଦକ୍ଷ ଓ ଯାତ୍ରୀ-ଅନୁକୂଳ ସାଧାରଣ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସେ ପ୍ରାଥମିକତା ଦେଇଥିଲେ ।

ବୈଠକରେ ସଡ଼କ ସୁରକ୍ଷା ଓ କ୍ରୁଙ୍କ କାର୍ଯ୍ୟଦକ୍ଷତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ପୂର୍ବବର୍ଷର ସମାନ ସମୟ ତୁଳନାରେ କୁଟର ବସ୍ ଦୁର୍ଘଟଣାରେ ୫୨ ପ୍ରତିଶତ ହ୍ରାସ ଘଟିଛି । ଚାଳକମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ, ବାଧ୍ୟତାମୂଳକ ମଦ୍ୟପାନ ପରୀକ୍ଷା, ବେଗ ନିରୀକ୍ଷଣ, ନିୟମିତ ସୁରକ୍ଷା ପ୍ରଶିକ୍ଷଣ ଏବଂ କେପିଆଇ ଆଧାରିତ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ବର୍ତ୍ତମାନ ଚଳାଚଳ କରୁଥିବା ବସଗୁଡ଼ିକରେ ଅତ୍ୟାଧୁନିକ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍ ଏବଂ ଡ୍ରାଇଭର୍ ଫାଟିଗ୍ ମନିଟରିଂ ସିଷ୍ଟମ୍ ପ୍ରଚଳନ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ । ବୈଠକରେ କୁଟର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ଅତିରିକ୍ତ ସଚିବ-ତଥା-ଜିଏମ୍ ସହଦେବ ସମାଧିଆ, ଗୃହ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ମମତାରାଣୀ ନାଏକ, କୁଟର ଆର୍ଥିକ ପରାମର୍ଶଦାତା, ଓଏସ୍‌ଡି, ମ୍ୟାନେଜର (ଅପରେସନ)ଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନ ସମୀକ୍ଷା ବୈଠକ

ପୁରୀ (ସବ୍ୟୁ): ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର ସମ୍ପର୍କରେ ପୁରୀ ଜିଲ୍ଲାର ସମସ୍ତ ଛଅଟି ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱୀକୃତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅପରାହ୍ନ ରେ



ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିବା ସହ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ଛଅ ଗୋଟି ନିର୍ବାଚନ ପଞ୍ଜିକରଣ ଅଧିକାରୀ ୧୦୫ କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ,୧୦୬ ନିମାପଡା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ,୧୦୭ ପୁରୀ ନିର୍ବାଚନ ମଣ୍ଡଳୀ ପାଇଁ ଉପଜିଲ୍ଲାପାଳ,୧୦୮ ବ୍ରହ୍ମଗିରି ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ,୧୦୯ ସତ୍ୟବାଦୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଓ ୧୧୦ ପିପିଲି ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଉପ ଜିଲ୍ଲାପାଳ ଦାୟିତ୍ୱ ରେ ରହିଛନ୍ତି।

ବୈଠକରେ ଦାବି ଓ ଆପତ୍ତି ସମ୍ବନ୍ଧୀୟ ଫର୍ମ ୯, ୧୦, ୧୧, ୧୧ଇ ଓ ୧୧ଇ ରେ ଗ୍ରହଣ କରାଯାଇଥିବା ତାଲିକାଗୁଡ଼ିକ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସୂଚନା ଓ ଆବଶ୍ୟକ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ହସ୍ତାନ୍ତର କରାଯାଇଥିଲା। ପ୍ରତିନିଧିମାନଙ୍କୁ ଚାଲୁଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ବିସ୍ତାରିତ ଏସଆଇଆର ୨୦୨୬ ସମୟସୀମା ଏବଂ ସଂଶୋଧିତ କାର୍ଯ୍ୟସୂଚୀ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ସମୟୋପଯୋଗୀ କାର୍ଯ୍ୟାନୁଷ୍ଠାନ ଏବଂ ସଂଶୋଧନ କାର୍ଯ୍ୟକ୍ରମର ସୁଚାରୁ, ସ୍ୱଚ୍ଛ ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ନିଶ୍ଚିତ କରିବା ପାଇଁ ଦାବି ଓ ଆପତ୍ତିର ନିଷ୍ପତ୍ତି ସମ୍ବନ୍ଧୀୟ ବ୍ୟବସ୍ଥା ଓ ସମୟସୀମା ବିସ୍ତୃତ ଭାବେ ଆଲୋଚିତ ହୋଇଥିଲା।

ଏହି ବୈଠକ ଚାଲୁଥିବା ଏସଆଇଆର ପ୍ରକ୍ରିୟା ସମ୍ପର୍କରେ ସ୍ୱୀକୃତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ସ୍ପଷ୍ଟୀକରଣ ଚାହିବା ଏବଂ ନିଜ ମତାମତ ରଖିବାର ସୁଯୋଗ ପ୍ରଦାନ କରିଥିଲା। ନିର୍ବାଚନ କର୍ତ୍ତୃପକ୍ଷମାନେ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନରେ ସ୍ୱଚ୍ଛତା, ସମାବେଶୀକରଣ ଓ ସଠିକତା ନିଶ୍ଚିତ କରିବା ପ୍ରତି ନିଜର ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ରୁନୀତା ପ୍ରଧାନ,ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ କର୍ମଶାଳା

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଖୋର୍ଦ୍ଧାର ଆୟୋଜନରେ ଆଜି ବିଜେବି ହାଇସ୍କୁଲ, ଖୋର୍ଦ୍ଧାଠାରେ ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ (ଏନ୍‌ସିଏସ୍‌ସି-୨୦୨୬) ଉପଲକ୍ଷେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା ଓ ରଶ୍ମିବାଳା ପରିଡ଼ା, ଏବଂ ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଣ୍ଡା ଉଦଘାଟନ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ସରୋଜ କୁମାର ସିଂହ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେ ଚଳିତ ବର୍ଷର ମୁଖ୍ୟ ବିଷୟ ବସ୍ତୁ "ନିରନ୍ତରତା ନିମନ୍ତେ ବିଜ୍ଞାନ ଓ ନବସୃଜନ' ଓ ୫ ଟି ଉପ ବିଷୟ ବସ୍ତୁକୁ ଆଲୋଚନା କରିଥିଲେ। ଶ୍ରୀ ବେହେରା ନିଜ ବକ୍ତବ୍ୟ ରେ ବିଜ୍ଞାନ ଶିକ୍ଷକ କିପରି ବିଦ୍ୟାଳୟର ମେରୁଦଣ୍ଡ ଏବଂ ସେମାନଙ୍କର ପ୍ରୟାସରେ କିପରି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇପାରେ ସେ ବିଷୟରେ କହିଥିଲେ। ଶ୍ରୀମତୀ ପରିଡା ତାଙ୍କ ବକ୍ତବ୍ୟରେ କିପରି ଉନ୍ନତ ମାନର ପିଲାଙ୍କ ବିଜ୍ଞାନ କଂଗ୍ରେସ ପ୍ରକଳ୍ପ ପ୍ରସ୍ତୁତ କରିପାରିବେ ଓ ତାହା କିପରି ରାଜ୍ୟସ୍ତରୀୟ ତଥା ଜାତୀୟ ସ୍ତରକୁ ଉତୀର୍ଣ୍ଣ ହୋଇପାରିବ ସେ ବିଷୟରେ ମତ ପ୍ରକାଶ କରିଥିଲେ। କର୍ମଶାଳାରେ ସମ୍ବଳ ଶିକ୍ଷକଭାବେ ଚନ୍ଦକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଜିଲ୍ଲା ଏକାଡେମୀକ କୋଡିନେଟର ବିଭୁପ୍ରସାଦ ସେନାପତି ପ୍ରକଳ୍ପ ପ୍ରସ୍ତୁତିର ବିଭିନ୍ନ ପଦ୍ଧତି ବିଷୟରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇଥିଲେ। ଅନ୍ୟତମ ସମ୍ବଳ ଶିକ୍ଷକ ଲକ୍ଷ୍ମୀଧର ସରକାରୀ ଉଚ୍ଚ ବିଦ୍ୟାଳୟ, ହରିପୁର ପ୍ରଧାନଶିକ୍ଷକ ଗୋପୀନାଥ ପ୍ରଧାନ ସମସ୍ତ ଉପ ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ।

# ବିଧାନସଭାର ସ୍ଥାୟୀ କମିଟି ସଦସ୍ୟଙ୍କ ତାମିଲନାଡୁ ଗସ୍ତ

ଭୁବନେଶ୍ୱର (ସବ୍ୟୁ): ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟିର ଅଧ୍ୟକ୍ଷ ସୁଧୀର ରଞ୍ଜନ



ପାଟଯୋଶୀଙ୍କ ଅଧ୍ୟକ୍ଷତାରେ ୭ ଜଣିଆ କମିଟିର ସଦସ୍ୟମାନେ ଗତ ୬ ତାରିଖରୁ ତେଲେଙ୍ଗାନା ଓ ତାମିଲନାଡୁ ରାଜ୍ୟ ଗସ୍ତରେ ଯାଇଛନ୍ତି । ଷ୍ଟାଣ୍ଡିଂ କମିଟିର ସଦସ୍ୟ ତୁଷାରକାନ୍ତି ବେହେରା, ଟଙ୍କଧର ତ୍ରିପାଠୀ, ଅଗସ୍ତି ବେହେରା ଓ ଦୁର୍ଗା ଚରଣ ତନ୍ତୀ ପ୍ରମୁଖଙ୍କ ସହ ବିଧାନସଭା ତରଫରୁ କମିଟି ଅଧୀକାରୀ ଈଶ୍ୱର ଚନ୍ଦ୍ର ନାୟକ ଓ ପ୍ରଶାନ୍ତ କୁମାର ଦାସ ମଧ୍ୟ ଏହି ଗସ୍ତରେ ସାମିଲ ଅଛନ୍ତି ।

କମିଟିଙ୍କ ଗସ୍ତ କାଳରେ ୭ ତାରିଖରେ ତେଲେଙ୍ଗାନା ରାଜ୍ୟ ବିଧାନସଭା ପରିଦର୍ଶନ କରିବା ପରେ ୯ ତାରିଖ ଦିନ ତାମିଲନାଡୁ ରାଜ୍ୟରେ ଥିବା ମଦୁରାଇ ଠାରେ ଥିବା ଥିଆଗରାଜର ଇଂଜିନିୟରିଂ କଲେଜ ପରିଦର୍ଶନ କରିଥିଲେ । ସେଠାରେ ଥିବା ଟେକନିକାଲ ଲ୍ୟାବ, ଅଧ୍ୟୟନ କକ୍ଷ ସହିତ ଇଲେକେଟ୍ରୋନିକ ସେଣ୍ଟର ଅଫ ଡିଜାଇନ ଏବଂ ମାନୁଫାକଚରିଙ୍ଗ ମଧ୍ୟ ପରିଦର୍ଶନ କରିଥିଲେ । ଏତଦବ୍ୟତୀତ କଲେଜ ପରିଚାଳନା ସହିତ ବୈଷୟିକ ଜ୍ଞାନକୌଶଳର ଉପଯୋଗିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏଠାରେ ଦିଆଯାଉଥିବା ବୈଷୟିକ ଜ୍ଞାନକୌଶଳର ଶିକ୍ଷାକୁ ଓଡିଶାରେ ଉପଯୋଗ କରାଯାଇ ବୈଷୟିକ ଶିକ୍ଷା କ୍ଷେତ୍ରରେ କିପରି ସଂସ୍କାର ଅଣାଯାଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା ।

# ଓଡ଼ିଶା ଓ କିଟ୍-କିସରୁ ମଧୁର ଅନୁଭୂତି ନେଇ ଫେରିଲେ ଇଣ୍ଡିଆ ଟ୍ରେକ୍ ପ୍ରତିନିଧି ମଣ୍ଡଳ

ଭୁବନେଶ୍ୱର, (ସବ୍ୟୁ): ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ କ୍ୟୁନି କ୍ରେଷ୍ଟ ଇନଷ୍ଟିଚ୍ୟୁଟ' (ଏ ଏ ସ ଆ ଇ ଆ ଇ ସି ସି ଆ ଇ) ମାଧ୍ୟମରେ ଆମେରିକାର ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କ (କ୍ୟୁନି ବିଶ୍ୱବିଦ୍ୟାଳୟ)ରୁ ୩୮ ଜଣିଆ ପ୍ରତିନିଧିମଣ୍ଡଳ ଇତି ମଧ୍ୟରେ କିଟ୍ ଓ କିସ୍ ପରିଦର୍ଶନ ପରେ ମଧୁର ସ୍ମୃତି ନେଇ ଫେରିଯାଇଛନ୍ତି। ସେଥିମଧ୍ୟରୁ ୧୦ଜଣ ବିଶିଷ୍ଟ ପ୍ରଫେସର ହୋଇଥିବା ବେଳେ ୨୮ଜଣ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ପ୍ରତିନିଧିମଣ୍ଡଳରେ ସାମିଲ ହୋଇଥିଲେ। ଦୀର୍ଘ ୧୫ ଦିନ ରହଣି ମଧ୍ୟରେ ସେମାନେ ଏଠାରେ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ସହ ମତ ଓ ଶିକ୍ଷା ବିନିମୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷ ଦିନରେ ସେମାନେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ସହ କିଟ୍ ଓ କିସ୍ ରେ ସେମାନଙ୍କ ଅଭିଜ୍ଞତା ବଖାଣି ଥିଲେ । କିଟ୍ ଓ



କିସ୍‌ର ଶିକ୍ଷା ପରିବେଶ ଓ ଭିତ୍ତିଭୂମି ଦେଖି ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏହା ସହ ସେମାନଙ୍କୁ ମିଳିଥିବା ଆତିଥେୟତା ଓ ଆତ୍ମୀୟତା କେବେ ଭୁଲି ପାରିବେ ନାହିଁ ବୋଲି କହିଥିଲେ। ଏଭଳି ପ୍ରୟାସ ପାଇଁ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। 'ଇଣ୍ଡିଆଟ୍ରେକ୍' ମାଧ୍ୟମରେ ପ୍ରତିବର୍ଷ କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇବାକୁ ଏକ ଭିନ୍ନ ପ୍ରୟାସ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମର ଅଂଶଗ୍ରହଣକାରୀମାନେ ଓଡ଼ିଶାର ସଂସ୍କୃତି, ଐତିହ୍ୟ, ଖାଦ୍ୟ, ପରମ୍ପରା ଓ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସଂପର୍କରେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିବା ସହ ଦିଲ୍ଲୀ ଏବଂ ଆଗ୍ରାର ତାଜମହଲ ମଧ୍ୟ ପରିଦର୍ଶନ କରିଥାନ୍ତି। ନିଜ ଦେଶକୁ ଫେରିବା ସମୟରେ ସେମାନେ କେବଳ କିଟ୍ ଓ କିସ୍‌ର ସ୍ମୃତି ନୁହେଁ, ବରଂ ଓଡ଼ିଶା ଓ ଭାରତରୁ ମଧୁର ଅନୁଭୂତିକୁ ମଧ୍ୟ ସାଙ୍ଗରେ ନେଇ ଫେରନ୍ତି। ସେମାନଙ୍କ ଗସ୍ତର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତ ବିଶେଷ କରି ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଜାଣିବା ଓ ଜ୍ଞାନ ଆହରଣ କରିବା। ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ରୋଙ୍କସ୍ କମ୍ୟୁନିଟି କଲେଜ ରସାୟନ ବିଜ୍ଞାନ, ପୃଥିବୀ ବିଜ୍ଞାନ ଏବଂ ପରିବେଶ ବିଜ୍ଞାନ ବିଭାଗ ପ୍ରଫେସର ତଥା ଅଧ୍ୟକ୍ଷ ଏବଂ ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍, ସିଟି ୟୁନିଭର୍ସିଟି ଅଫ୍ ନ୍ୟୁୟର୍କର ସହ-ନିର୍ଦ୍ଦେଶକ ନୀଲ୍ ହଡସନ୍ ଫିଲିପ୍; ସିଟି ୟୁନିଭର୍ସିଟି ଅଫ୍ ନ୍ୟୁୟର୍କର ବ୍ରୋଙ୍କସ୍ କମ୍ୟୁନିଟି କଲେଜର ରସାୟନ ବିଜ୍ଞାନ, ପୃଥିବୀ ବିଜ୍ଞାନ ଏବଂ ପରିବେଶ ବିଜ୍ଞାନ ବିଭାଗ ପ୍ରଫେସର ପରିମିତା ସେନ୍, ହାଇଦ୍ରାବାଦସ୍ଥିତ ଆମେରିକା କନସୁଲେଟ୍ ପୂର୍ବତନ ପରାମର୍ଶଦାତା ସଲିଲ୍ କାଦର, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ବାଇକ ଧକ୍କା : ୩ ଆହତ

ନିମାପଡା, (ସବ୍ୟୁ): ଚାରିଛକ-ଗୋପ ରାସ୍ତାର ଏକା" ଆଶ୍ରମ ନିକଟରେ ମଙ୍ଗଳବାର ସଂଧ୍ୟାରେ ଦୁଇଟି ବାଇକ ପରସ୍ପର ଧକ୍କା ହେବା ଫଳରେ ଦୁଇ ଚାଳକ ସମେତ ୩ଜଣ ଆହତ ହେବା ସହିତ ଜଣେ ଗୁରୁତର ଥିବା ଜଣାପଡିଛି। ଖବରରୁ ଜଣାଯାଇଛି ଯେ ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ଗ୍ରାମର କାଳିଆ ବେହେରା ,ବଳରାମ ପ୍ରଧାନ ଘରକୁ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏହି ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ସୌମ୍ୟ ରଂଜନ ସ୍ୱାଇଁ (ବାବୁନା)ଙ୍କ ସହିତ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ୩ଜଣ ରାସ୍ତା ଉପରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବାବୁନାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ଜଣାପଡିଛି। ଚାରିଛକ ପୁଲିସ ଘଟଣା ସ୍ଥଳରେ ପହଂଚି ବାଇକ ଦୁଇଟିକୁ ଜବତ କରିବା ସହିତ ତଦନ୍ତ ଚାଲୁରଖିଛି।

## ୧୪ତମ ଓଡ଼ିଶା ରାଜ୍ୟ ଜୁନିୟର ଖୋ ଖୋ ଚାମ୍ପିଅନ ସିପ୍ ୨୦୨୬

# ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ଆଥଲେଟଙ୍କ ଉତ୍ତମ ପ୍ରଦର୍ଶନ

ଭୁବନେଶ୍ୱର (ସବ୍ୟୁ): ପୁରୀ ଜିଲ୍ଲା କ୍ରୀଡ଼ା କମ୍ପ୍ଲେକ୍ସଠାରେ ଅବସ୍ଥିତ ଖୋ ଖୋ ଏକାଡେମୀରେ ଅଗଷ୍ଟ ୧ ରୁ ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୧୪ତମ ଓଡ଼ିଶା ରାଜ୍ୟ ଜୁନିୟର ଖୋ ଖୋ ଚାମ୍ପିଅନସିପ୍‌୨୦୨୬ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟରର ଆଥଲେଟମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ବିଭିନ୍ନ ଜିଲ୍ଲା ଏବଂ କିସ୍ ବିଶ୍ୱବିଦ୍ୟାଳୟଦଳ ପକ୍ଷରୁ ୧୧ ଜଣ ବାଳିକା ଏବଂ ୧୦ ଜଣ ବାଳକଙ୍କୁ ମିଶାଇ ଏଏମ୍/ଏନ୍‌ଏସ୍ କେଏଚପିସିର ମୋଟ ୨୧ ଜଣ ଆଥଲେଟଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।ଏହି ଆଥଲେଟମାନେ ପ୍ରତିଯୋଗିତାରେନିଜର ଅସାଧାରଣ କୌଶଳ, ଦ୍ରୁତ ଗତି ଏବଂ ଦୃଢ଼ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବର ପ୍ରଦର୍ଶନ କରିଥିଲେ, ଯାହା ରାଜ୍ୟ ତଥା ଦେଶରେ ଖୋ ଖୋ କ୍ରୀଡ଼ାର ଭବିଷ୍ୟତ ଗଠନରେ ଏହି କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପୁନଃ ପ୍ରତିପାଦିତ କରିଛି।

ବାଳିକା ବର୍ଗରେ, କିସ୍ ବିଶ୍ୱବିଦ୍ୟାଳୟ ଚାମ୍ପିଅନସିପ୍ ଟାଇଟଲ୍ ହାସଲ କରିଥିବାବେଳେ ଏହି ବିଜୟରେ ଏଏମ୍/ଏନ୍‌ଏସ୍ କେଏଚପିସିର ପାଞ୍ଚଜଣ ଖେଳାଳି ଲିସାରାଣୀ ରାଇତା, ଆଶିକା କୁଜୁର, ରକ୍ତିମା ଭଣ୍ଡା, ସୁଭଶ୍ରୀ ମଲ୍ଲିକ




ଏବଂ ଚିନ୍ମୟୀ ପ୍ରଧାନଙ୍କର ପ୍ରମୁଖ ଅବଦାନ ରହିଥିଲା। ଏଏମ୍/ଏନ୍‌ଏସ୍ କେଏଚପିସିର ଆଥଲେଟ ଲିପିନା ନାଥଙ୍କ ପ୍ରତିନିଧିତ୍ୱରେ ଜଗତସିଂହପୁର ଦଳ ରନର୍ସ-ଅପ୍ ହୋଇଥିବାବେଳେ କେ. ଭବାନୀଙ୍କ ଦମଦାର ପ୍ରଦର୍ଶନରେ ପୁରୀ ଦଳ ଦ୍ୱିତୀୟ ରନର୍ସ-ଅପ୍ ସ୍ଥାନ ହାସଲ କରିଥିଲା। କେନ୍ଦ୍ରର ଆଥଲେଟମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ସହ ବ୍ୟକ୍ତିଗତ ସମ୍ମାନ ମଧ୍ୟ ଏହାର ଦକ୍ଷତାକୁ ଆହୁରି ପ୍ରତିପାଦିତ କରିଛି। ଲିସାରାଣୀ ରାଇତା ଶ୍ରେଷ୍ଠ ଆଟାକର୍ ଓ ସୋମାଲି ପ୍ରଧାନଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ହାସଲ କରିବା ଏହି କେନ୍ଦ୍ରର ଉତ୍କର୍ଷତାକୁ ଦ୍ୱିଗୁଣିତ କରିଛି ।

ବାଳକ ବର୍ଗରେ ମଧ୍ୟ କେନ୍ଦ୍ରର ୧୦ ଜଣ ଖେଳାଳି ସମାନ ଭାବେ ପ୍ରେରଣାଦାୟୀ ପ୍ରଦର୍ଶନ କରିଥିଲେ। ଏଏମ୍/ଏନ୍‌ଏସ୍ କେଏଚପିସିର ଆଥଲେଟ ଆଦିତ୍ୟ ଦାସ, ଶୁଭମ ବିଶ୍ୱାଳ ଏବଂ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ଉଲ୍ଲେଖନୀୟ ଅବଦାନ ବଳରେ ସ୍ପୋର୍ଟସ୍ ହଷ୍ଟେଲ ପୁରୀ ଚାମ୍ପିୟନଶିପ୍ ଟ୍ରଫି ହାସଲ କରିଥିଲା। ଏହି କେନ୍ଦ୍ରର ଆଥଲେଟ ରାମଲାଲ ବିରୁଆଙ୍କ ସହଯୋଗରେ କିସ୍ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ରନର୍ସ-ଅପ୍ ସ୍ଥାନ ହାସଲ କରିଥିଲା। ସେହିପରି କେନ୍ଦ୍ରର ଆଥଲେଟଟି. ନବୀନଙ୍କ ଅବଦାନରେ ଗଞ୍ଜାମ ଦଳ ତୃତୀୟ ସ୍ଥାନରେ ରହିଥିଲା। ଏହି ସଫଳତାରେ ଆଉ ଏକ ଗୌରବମୟ ଫର୍ଦ୍ଦ ଯୋଡ଼ି ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏହି କେନ୍ଦ୍ରର ଆଥଲେଟସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏଏମ୍/ଏନ୍‌ଏସ୍ ଏଚପିସିର ଅଂଶଗ୍ରହଣକାରୀ ଆଥଲେଟମାନଙ୍କୁ ଅଭିନନ୍ଦନ ଜଣାଇ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍‌ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ କହିଛନ୍ତି "ଆମ ଆଥଲେଟମାନଙ୍କ ନିରନ୍ତର ସଫଳତା ସେମାନଙ୍କ ଅତୁଟ ପ୍ରତିବଦ୍ଧତା, ଶୃଙ୍ଖଳା ଏବଂ ଉତ୍କର୍ଷ ହାସଲ କରିବାର ଦୃଢ଼ ସଂକଳ୍ପର ଏକ ଉଦାହରଣ।

## ପୋଷ୍ଟ ଅଫିସ ଛକ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ

ଜଟଣୀ, (ସବ୍ୟୁ): ଗଣେଶ ପୂଜା ପାଇଁ ବର୍ତ୍ତମାନ ଠାରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି ବୈଠକ । ଚଳିତ ବର୍ଷ ଗଣେଶ ପୂଜା ପାଇଁ ସ୍ଥାନୀୟ "ପୋଷ୍ଟ ଅଫିସ ଛକ"ବ୍ୟବସାୟୀ ସଙ୍ଘ ତରଫରୁ ସ୍ଥାନୀୟ "ମୋ ଜଟଣୀ "ପାର୍କ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ପ୍ରଥମେ କର୍ମକର୍ତ୍ତା ରୂପେ ପୂର୍ବ ବର୍ଷ ଭଳି ସଭାପତି ଭାବେ ହେମନ୍ତ କୁମାର ସୁନ୍ଦରାୟ, ସମ୍ପାଦକ ମାନସ ମିଶ୍ର, କୋଷାଧ୍ୟକ୍ଷ ଅକ୍ଷୟ ବଳିୟାରସିଂହଙ୍କୁ ଚୟନ କରାଯାଇଥିଲା । ବୈଠକରେ ଚଳିତ ବର୍ଷ ପୂର୍ବ ବର୍ଷ ଠାରୁ ଆହୁରି ଅଧିକ ସରସ ସୁନ୍ଦର କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଚାରୋଟି ସ୍ୱଚ୍ଛ ଡିଜିଟାଲ ଲାଇଟ ତୋରଣ ସାଙ୍ଗକୁ ପଚିଶ ଫୁଟର ଅର୍ଦ୍ଧନାରେଶ୍ୱରୀଙ୍କ ସହ ପୂଜା ପାଇବେ ପ୍ରଭୁ ଗଣେଶଙ୍କ ସହ ମାତା ସରସ୍ୱତୀ ଏବଂ ଲକ୍ଷ୍ମୀ । ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାରୁ ଆସୁଥିବା "କଳାକୁଙ୍ଗ" ମୁଖ୍ୟ ଆକର୍ଷଣ ସାଜିବ । ଏଥିପାଇଁ ଅଣ୍ଟା ଭିଡିଛନ୍ତି ପୂଜା କମିଟିର ସଦସ୍ୟ ସୁଜିତ କୁମାର ସାହୁ, ନରେଶ ଅଗ୍ରୱାଲ, ମନୋରଞ୍ଜନ ନାୟକ, ନବୀନ ସାହୁ, ରବୀନ୍ଦ୍ର କୁମାର ନାୟକ, ନିର୍ମଳ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ ।

## ୧.୪୪ଲକ୍ଷ ଟଙ୍କା ନେବାର ୧୭ବର୍ଷ ପରେ ଜମି ନଦେବାରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୧.୪୪ ଲକ୍ଷ ଟଙ୍କା ନେବାର ୧୭ବର୍ଷ ବିତିଯାଇଥିଲେ ମଧ୍ୟ ସିଟିକନ ଇଞ୍ଜିନିୟର୍ସ ପ୍ରାଇଭେଟ୍ ଲିମିଟେଡ୍ ଅଭିଯୋଗକାରୀ ସୁବ୍ରତ ସ୍ୱାଇଁଙ୍କୁ ଜମି ଯୋଗାଇ ପାରିଲେ ନାହିଁ । ବାରମ୍ବାର ସେ ଅନୁରୋଧ କରିଥିଲେ ମଧ୍ୟ ଟଙ୍କା ଫେରାଇଲେ ନାହିଁ । ଉପାୟଶୂନ୍ୟ ହୋଇ ସେ ଭରତପୁର ଥାନାରେ ଅଭିଯୋଗ କରିବାରୁ ଅଭିଯୁକ୍ତ ଶ୍ରୀକାନ୍ତ ରଞ୍ଜନ ବଡୁ (୪୮)କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ୨୦୦୯ ମସିହା ମାର୍ଚ୍ଚ ୨୪ ତାରିଖରେ ଜଟଣୀ ତହସିଲ ଅନ୍ତର୍ଗତ ନରସିଂହପୁର ମୌଜାରେ ୨୪୦୦ବର୍ଗଫୁଟ୍ ଜମି କିଣିଥିଲେ ଅଭିଯୋଗକାରୀ । ଦୀର୍ଘବର୍ଷ ଧରି ତାଙ୍କୁ ସେହି ଜମିର ଦଖଲ ଦିଆଯାଇ ପାରିଲା ନାହିଁ । କମ୍ପାନୀର ମାଲିକ ଶ୍ରୀକାନ୍ତ କୁମାର ବଡୁ ଅଭିଯୋଗକାରୀଙ୍କୁ ଠକିବା ଉଦ୍ଦେଶ୍ୟରେ ଟଙ୍କା ନେଇଥିବାରୁ ଜମି ଦଖଲ ଦେଲେନାହିଁ । ଅଭିଯୋଗ ଆଧାରରେ ପୋଲିସ ସିଟିକନ୍ ଇଞ୍ଜିନିୟର୍ସ ଓଡିଶା ପ୍ରାଇଭେଟ୍ ଲିମିଟେଡ୍ ଓ ସିଟି କନ୍‌ସଲଟାନ୍ସ ଆଣ୍ଡ ଇଞ୍ଜିନିୟର୍ସ ପ୍ରାଇଭେଟ୍ ଲିମିଟେଡ୍ ବଡୁ ବ୍ରଦର୍ସ ନାମରେ ପରିଚିତ ଥିଲା । ଅନ୍ତର୍ଯ୍ୟାମୀ ବଡୁ ଓ ଶ୍ରୀକାନ୍ତ ରଞ୍ଜନ ବଡୁ ଏହାର ପରିଚାଳନା କରୁଥିଲେ । ଜମି କାରବାର ସେମାନଙ୍କ ପକ୍ଷରୁ ଉମା ବଲ୍ଲଭ ପରିଡା ଗ୍ରାହକଙ୍କ ସହ ଯୋଗାଯୋଗ କରି ଟଙ୍କା ଗ୍ରହଣ କରୁଥିଲେ । ଟଙ୍କା ନେବା ପରେ କମ୍ପାନୀ ନାଁରେ ରସିଦ ଦେଉଥିଲେ । ୨୦୦୬ ମସିହା ମାର୍ଚ୍ଚ ୨୮ ତାରିଖରେ ରମାବଲ୍ଲଭ ପରିଡା ଅଭିଯୋଗକାରୀ ସୁବ୍ରତ ସ୍ୱାଇଁଙ୍କ ଠାରୁ ନରସିଂହପୁର ମୌଜାରେ ୨୪୦୦ବର୍ଗଫୁଟ୍ ଜମି ବାବଦକୁ ୧.୪୪ଲକ୍ଷ ଟଙ୍କା ନେଇ କମ୍ପାନୀର ରସିଦ ଦେଇଥିଲେ ।

## ବିକଶିତ ଭାରତ ସଂକଳ୍ପ ସଂସ୍ଥା ଜାତୀୟ ସମ୍ମିଳନୀ

# ଡକ୍ଟର. ତିରୁପତି ପାଣିଗ୍ରାହୀଙ୍କ ସମେତ ୧୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଗୌରବ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ବିକଶିତ ଭାରତ ସଂକଳ୍ପ ସଂସ୍ଥାର ଜାତୀୟ ସମ୍ମିଳନୀ ହାଇଟେକ୍ ମେଡିକାଲ୍ କଲେଜ ପରିସରରେ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ବିକଶିତ ଭାରତ ୨୦୪୭ ରୋଡ ମ୍ୟାପ ସଂପର୍କରେ ବିସ୍ତୃତ ଆଲୋଚନା କରାଯିବା ସହ ଏହି ବିଶାଳ ସମ୍ଭାବନାକୁ ବାସ୍ତବତାରେ ପୁରଣ କରିବାକୁ ଓଡିଶା ମାଟି ଏହାର ଲଞ୍ଚପେଡ୍ ହେଉ ବୋଲି ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ରାଜ୍ୟସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ସମ୍ମାନୀତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ଯୋଗଦେଇଥିଲେ। ୨୦୪୭ସୁଦ୍ଧା ଦେଶକୁ ସଂପୁର୍ଣ୍ଣ ବିକଶିତ କରିବାକୁ ହେଲେ ପ୍ରଥମେ ଗ୍ରାମୀଣ କ୍ଷେତ୍ରର ସାମୁହିକ ବିକାଶ କରିବା ସହ ସମସ୍ତଙ୍କ ଶିକ୍ଷା,ରୋଜଗାର ଓ ସ୍ୱାସ୍ଥ୍ୟ ର ଗ୍ୟାରେଣ୍ଟି ସୁନିଶ୍ଚିତ ହେବା ଆବଶ୍ୟକ ବୋଲି ଡକ୍ଟର ପାଣିଗ୍ରାହୀ କହିଥିଲେ, ଏହି ଅବସରରେ ଡକ୍ଟର ପାଣିଗ୍ରାହୀଙ୍କୁ ଗୌରବ ସମ୍ମାନ-୨୦୨୬ରେ ସମ୍ମାନୀତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ନିଜ ଦକ୍ଷତା




ପ୍ରତିପାଦନ କରି,ଦେଶର ବିକାଶରେ ସହଯୋଗ କରିଥିବା ଅନ୍ୟ ୯ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମଧ୍ୟ ଗୌରବ ସମ୍ମାନ-୨୦୨୬ରେ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ନିଜ ବକ୍ତବ୍ୟ ରଖି, ଆରଏସଏସର ବରିଷ୍ଠ ପ୍ରଚାରକ ରବି କୁମାର କହିଥିଲେ ଯେ, ଦେଶ କେବଳ ଜଣେ ବ୍ୟକ୍ତି ବା କିଛି ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ବିକଶିତ ହେବନାହିଁ, ବରଂ ଏହା ସାମୁହିକ ପ୍ରଚେଷ୍ଟା ସହ ତ୍ୟାଗ ଓ ସମର୍ପଣ ଭାବରେ ସମ୍ଭବ ହେବ। ବିକଶିତ ଭାରତ ସଂକଳ୍ପ ସଂସ୍ଥାର ପ୍ରତିଷ୍ଠାତା ମୁଖ୍ୟ ଡକ୍ଟର ମହେଶ ଶର୍ମା କହିଥିଲେ ଯେ, ଦେଶ ୨୦୪୭ସୁଦ୍ଧା ସଂପୂର୍ଣ୍ଣ ବିକଶିତ ହେବା, ଯୁବପିଢୀଙ୍କ କାର୍ଯ୍ୟଦକ୍ଷତା ଓ ସୁରକ୍ଷିତ ରୋଡମ୍ୟାପ୍ ମାଧ୍ୟମରେ ସମ୍ଭବ ହୋଇପାରିବ, ଏହାର ମୂଳ ଆଧାର, ଶିକ୍ଷା,ବୈଷୟିକ ତାଲିମ,ଆତ୍ମନିର୍ଭର,ଶିଳ୍ପପତି ଓ ଶିଳ୍ପର ବିକାଶ ହେବ। ବିକିଶିତ ଭାରତ ସଂକଳ୍ପ ସଂସ୍ଥାର ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ.ଚିଦାତ୍ମିକା ଖଟୁଆ କହିଥିଲେ ଯେ, ଶ୍ରୀଜଗନ୍ନାଥଙ୍କ ମାଟି ଓଡିଶାରୁ ବିକଶିତ ଭାରତର ମୂଳଦୁଆ ସ୍ଥାପନ ହେଉ, ଲୋକଙ୍କ ଶକ୍ତି ସମ୍ମିଳୀତ ହେବା ସହ,ଦେଶପାଇଁ ଏକ ହୋଇ କାର୍ଯ୍ୟ କଲେ ୨୦୪୭ସୁଦ୍ଧା ଆମ ଦେଶ ନିଶ୍ଚିତ ରୁପେ ବିକଶିତ ଭାରତ ହୋଇପାରିବ,. ସେହି ସମ୍ଭାବନା ପ୍ରତ୍ୟକ ଦେଶବାସୀଙ୍କ ଆଖିରେ ଦେଖୁଛି ବୋଲି ସେ କହିଥିଲେ। ସେହିପରି ଆରଏସ୍‌ଏସ୍ ର ବରିଷ୍ଠ ପ୍ରଚାରକ ରବି କୁମାର, ବିକଶିତ ଭାରତ ସଂକଳ୍ପ ସଂସ୍ଥାର ମୁଖ୍ୟ ଡକ୍ଟର ମହେଶ ଶର୍ମା, ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମକାର,କଟକ ସଦର ବିଧାୟକ ପ୍ରକାଶ ସେଠୀ,ତେଲକୋଇ ବିଧାୟକ ଡକ୍ଟର ଫକିରମୋହନ ନାୟକ, ଏକାମ୍ର ବିଧାୟକ ବାବୁ ସିଂ,ନାଲକୋର ପୂର୍ବତନ ଅଧ୍ୟକ୍ଷ ତପନ ଚାନ୍ଦ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ,ଡକ୍ଟର ରଜନୀକାନ୍ତ ମିଶ୍ର,ବିଜେଜେଏମ୍ ର ସାଧାରଣ ସଂପାଦକ ସନ୍ତୋଷ କୁମାର ସାହୁଙ୍କ ସମେତ ୮ଟି ରାଜ୍ୟର ପ୍ରତିନିଧି ଓ ଓଡିଶାର ୨୨ଟି ଜିଲ୍ଲାରୁ ପ୍ରତିନିଧି ମାନେ ଯୋଗଦେଇଥିଲେ।

# ଡ୍ରିମ୍‌ସରେ ପଦ୍ମିନୀ ରଥଙ୍କ ୧୧ତମ ସ୍ମୃତି ସମାରୋହ

କଟକ, (ସ୍ୱପ୍ର): ଡ୍ରିମସ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଧର୍ମପ୍ରାଣା ପଦ୍ମିନୀ ରଥଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକୀ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ ଏହି ସ୍ମୃତି ସମାରୋହରେ ଅତିଥି ଭାବରେ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ପୂଜ୍ୟ ସତ୍ୟାନନ୍ଦ ଦାସ ମହାରାଜ କହିଲେ, ନାରୀ ହିଁ ସକଳ ଶକ୍ତିର ଆଧାର ଏବଂ ସବୁ ଯୁଗରେ ମାତୃଶକ୍ତିର ଉପାସନାକୁ ଗୁରୁତ୍ୱ ଦିଆଯାଇଛି । ଜଣେ ସଫଳ ପୁରୁଷ ପଛରେ ଜଣେ ନାରୀର ପ୍ରେରଣାର ନିହିତ, ଆଉ ଏହାର ସଫଳ ଉଦାହରଣ ହେଉଛନ୍ତି ସ୍ୱର୍ଗୀୟା ପଦ୍ମିନୀ ରଥ । ସନ୍ତାନକୁ ମଣିଷ କରିବାରେ ମା'ର ତ୍ୟାଗ ଅତୁଳନୀୟ । ପିତାମାତାଙ୍କ ଆଶୀର୍ବାଦ ଯାହାଙ୍କ ଉପରେ ନାହିଁ ସିଏ ଜୀବନରେ ବଡ ହୋଇପାରିନାହିଁ । ଆଜି ଅର୍ଥ ସର୍ବସ୍ୱ ସମାଜରେ ଭଲ ମଣିଷଙ୍କର ଘୋର ଅଭାବ । ବ୍ୟକ୍ତି ଯେତେ ଉଚ୍ଚ ଶିକ୍ଷିତ ହେଲେ ବି ଯଦି ତାଙ୍କ ପାଖରେ ଦୟା, କ୍ଷମା, ପ୍ରେମ, ବିନମ୍ରତା ନାହିଁ ତେବେ ସେ ଶିକ୍ଷା ମୂଲ୍ୟହୀନ । ଛାତ୍ରଛାତ୍ରୀମାନେ ଏସବୁ ହୃଦୟଙ୍ଗମ କରି ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ସେ ଦିଗଦର୍ଶନ ଦେଇଥିଲେ । ସମ୍ମାନିତ ଅତିଥି କୁନି ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣ ଶ୍ରଦ୍ଧାବାନ୍ ଲଭ୍ୟତେ ଜ୍ଞାନମ୍ ଶ୍ଳୋକର ବ୍ୟାଖ୍ୟା କରି ଭଗବାନଙ୍କୁ ପାଇବାର ଶ୍ରେଷ୍ଠ ମାଧ୍ୟମ ଶ୍ରଦ୍ଧା ବୋଲି କହିଥିଲେ । ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀ



ଜଗନ୍ନାଥ ଓ ପଦ୍ମିନୀ ରଥଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥିଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଧନେଶ୍ୱର ରଥ ଫାଉଣ୍ଡେସନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଶାନ୍ତ କୁମାର ବେହେରା, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ଉପ କୁଳପତି ଡ. ରମାକାନ୍ତ ପାଣିଗ୍ରାହୀ, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଫେସର ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା, ଡା. ରଂଜନ କୁମାର ଦାସ, ପ୍ରଫେସର ଡା. ଲୁସି ଦାସ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ଧୀରେନ୍ଦ୍ର ନାଥ ମହାରଣା, ଡା. ଅଶୋକ କୁମାର ମଲ୍ଲିକ, ଡ. ଅଶୋକ କୁମାର ବାସା, ଶିଳ୍ପଦ୍ୟୋଗୀ ପଦ୍ମଲୋଚନ ପାତ୍ର, ଭାଲ ଚନ୍ଦ୍ର ମହାନ୍ତି, ଇଂ ପ୍ରଭାକର ସ୍ୱାଇଁ, ସାହିତ୍ୟିକ ଡ. ବିଜୟାନନ୍ଦ ସିଂ, ବିଶିଷ୍ଟ ପ୍ରକାଶକ ଶିବାଶିଷ କର, ପ୍ରଫେସର ସୁଶାନ୍ତ ଦାସ, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ପ୍ରଫୁଲ୍ଲ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ ଲଳିତ ମୋହନ ମିଶ୍ର, ଡ. ରୁଦ୍ରନାରାୟଣ ମିଶ୍ର, ଅଖିଳ ମୋହନ ମହାପାତ୍ର, ଶାନ୍ତନୁ କୁମାର ଶତପଥୀ, ଡା. ଶକ୍ତି ପ୍ରସାଦ ସାହୁ, ପ୍ରଫୁଲ୍ଲ କୁମାର ଷଡଙ୍ଗୀ, ପଦ୍ମିନୀ କେୟାରର ପରିଚାଳନା ନିର୍ଦ୍ଦେଶିକା ନୀଳଞ୍ଜନା ମୁଖାର୍ଜୀ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ଶିବ ପ୍ରସାଦ ରଥଙ୍କ ସମେତ ରଥ ପରିବାରର ସଦସ୍ୟ, ମାନ୍ୟଗଣ୍ୟ ବ୍ୟକ୍ତି ଓ ପଦାଧିକାରୀ, ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା, ଯୋଗଦେଇଥିଲେ । ଏହି ଅବସରରେ ପଦ୍ମିନୀ କେୟାର ହସ୍‌ପିଟାଲ ପକ୍ଷରୁ ମଧ୍ୟ ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ବନ୍ୟାରୁ ବାରିପଦା ସହରକୁ ସୁରକ୍ଷା ପାଇଁ ରିଙ୍ଗରୋଡ୍ ପ୍ରକଳ୍ପ

# ସର୍ଭେ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ, ୫୦ ଘର ଉଚ୍ଛେଦ ଆଶଙ୍କା: ଥଇଥାନ ଦାବି



ବାରିପଦା, (ସବ୍ୟୁ) : ବନ୍ୟା ଦାଉରୁ ବାରିପଦା ସହରକୁ ସୁରକ୍ଷା ଦେବା ନିମନ୍ତେ ବୁଢ଼ାବଳଙ୍ଗ ନଦୀ ପାଖରେ ପ୍ରସ୍ତାବିତ ରିଙ୍ଗରୋଡ୍ ନିର୍ମାଣ ପ୍ରକଳ୍ପର ସର୍ଭେ କାର୍ଯ୍ୟ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ମଙ୍ଗଳବାର ବାରିପଦା ତହସିଲଦାର ସପନ କୁମାର ଦାସ ଓ ବାରିପଦା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ସମେତ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସର୍ଭେ କାର୍ଯ୍ୟ ଆରମ୍ଭ କରିଥିଲେ ।

ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରିଙ୍ଗରୋଡ୍ ନିର୍ମାଣ ପାଇଁ ନଦୀ ଆଡ଼ିଠାରୁ ୬୬ ମିଟର, ଅର୍ଥାତ୍ ପ୍ରାୟ ୨୧୬ ଫୁଟ୍ ଅଞ୍ଚଳରେ ସର୍ଭେ କରାଯାଉଛି । ଏଥିରେ ନଦୀଠାରୁ ୨୦ ମିଟର ଅଞ୍ଚଳ ଖାଲି ରଖାଯିବାକୁ ଥିବାବେଳେ ଅବଶିଷ୍ଟ ୪୬ ମିଟର ଅଞ୍ଚଳରେ ରିଙ୍ଗରୋଡ୍ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ଏହି ସର୍ଭେ ଅନୁଯାୟୀ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଘର ଉଚ୍ଛେଦ ହେବାର ଆଶଙ୍କା ରହିଛି ।

ଅନ୍ୟପକ୍ଷରେ, ପ୍ରସ୍ତାବିତ ରିଙ୍ଗରୋଡ୍କୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦ୍ବେଗ ଆଶଙ୍କା ଦେଖାଦେଇଛି । ସ୍ଥାନୀୟ କାଉନସିଲର ପ୍ରଶାନ୍ତ ବେହେରା କହିଛନ୍ତି ଯେ, ସହରର ସୁରକ୍ଷା ଓ ବନ୍ୟା ନିୟନ୍ତ୍ରଣ ଦୃଷ୍ଟିରୁ ରିଙ୍ଗରୋଡ୍ ନିର୍ମାଣକୁ ସେମାନେ ସମର୍ଥନ କରୁଛନ୍ତି । କିନ୍ତୁ ରିଙ୍ଗରୋଡ୍ ନିର୍ମାଣ ଆଳରେ ଅଯଥା ବସ୍ତି ଉଚ୍ଛେଦକୁ ସେମାନେ ବିରୋଧ କରୁଛନ୍ତି । କାଉନସିଲରଙ୍କ କହିବା ଅନୁଯାୟୀ, ଉକ୍ତ ବସ୍ତିରେ ଦୀର୍ଘ ୪୦ ବର୍ଷ ଧରି ୪୦୦ରୁ ଉର୍ଦ୍ଧ୍ୱ ପରିବାର ସ୍ଥାୟୀ ଭାବେ ବସବାସ କରିଆସୁଛନ୍ତି । ପୂର୍ବ ସରକାରଙ୍କ ସମୟରେ ରିଙ୍ଗରୋଡ୍ ନିର୍ମାଣ ପାଇଁ ଯେଉଁ ମାପ ନିର୍ଦ୍ଧାରଣ କରାଯାଇଥିଲା, ସେହି ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟ କରାଯିବାକୁ ସେ ଦାବି କରିଛନ୍ତି । ଏଥିସହ ରିଙ୍ଗରୋଡ୍ ନିର୍ମାଣ ଯୋଗୁଁ ଯେଉଁ ପରିବାରଗୁଡ଼ିକ ବିସ୍ଥାପିତ ହେବେ, ସେମାନଙ୍କ ତୁରନ୍ତ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରିବାକୁ ମଧ୍ୟ ସେ ଦାବି କରିଛନ୍ତି ।

ବନ୍ୟା ନିୟନ୍ତ୍ରଣ ଓ ସହରର ସୁରକ୍ଷା ପାଇଁ ରିଙ୍ଗରୋଡ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହୋଇଥିବା ବେଳେ, ଏହାର ନିର୍ମାଣ ଯୋଗୁଁ ପ୍ରଭାବିତ ହେବାକୁ ଥିବା ପରିବାରଙ୍କ ପୁନର୍ବାସ ଓ ଥଇଥାନକୁ ନେଇ ମଧ୍ୟ ପ୍ରଶାସନ କି ପଦକ୍ଷେପ ନେଉଛି, ତାହା ଉପରେ ସ୍ଥାନୀୟ ଲୋକଙ୍କ ନଜର ରହିଛି ।

# ପିକଅପ୍-କାର ମୁହାଁମୁହିଁ : ମହିଳା ମୃତ

ଭଞ୍ଜନଗର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜାଗଡ଼ ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ଜଣେ ମହିଳା ମୃତ୍ୟୁବରଣ କରିଥିବାବେଳେ ୩ ଜଣ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଭଞ୍ଜନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି । ମୃତ ମହିଳା ଜଣକ କୋଟଗଡ ଅଞ୍ଚଳର ଅମିତା ସିଂଗଟଶାରୁ ପ୍ରକାଶ ଯେ, ଆନନ୍ଦ ବର୍ଷାରଙ୍କ ସାଥିରେ ଜଣେ ମହିଳା ଅମିତା ଏବଂ ଜଣେ ଶିଶୁ ମିଶି ଏକ କାର ଯୋଗେ ବ୍ରହ୍ମପୁର ଯାଉଥିଲେ ।

ଏହି ସମୟରେ ମୁଜାଗଡ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ ଗାଡ଼ି ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଏହାପରେ ସମ୍ପୃକ୍ତ ଅଞ୍ଚଳବାସୀ ଉଭୟ ଗାଡ଼ିର ୪ ଜଣ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ଆଣିଥିଲେ । ଏଠାରୁ ସମସ୍ତଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ଅଧିକ ଚିକିତ୍ସା ପାଇଁ ନେବାବେଳେ ମହିଳା ଜଣକ ମୃତ୍ୟୁବରଣ କରିଛନ୍ତି ।


**AXIS BANK** | ଆକ୍ସିସ୍ ବ୍ୟାଙ୍କ ଲିଃ., ଲୋନ ସେଣ୍ଟର, ପ୍ଲଟ ନଂ.: ୩, ରାଧା ମାଳତୀ ୩ୟ ମହଲା, ବାପୁଜୀ ନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୯ | **ଦଖଲ ନୋଟିସ** (ସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୧) ଅନୁଯାୟୀ)

ନିମ୍ନ ସ୍ୱାକ୍ଷରକାରୀ ଆକ୍ସିସ୍ ବ୍ୟାଙ୍କ ଲିଃ. ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ବ୍ୟାଙ୍କ ଋଣ ସହିତ ଚୁକ୍ତି ହାରରେ ସୁଧ ସହିତ ଜୋରିମାନା ସୁଧ, ଦେୟ, ଆଇନଗତ ଖର୍ଚ୍ଚ ଇତ୍ୟାଦି ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ନୋଟିସ୍ ଦର୍ଶିତ ଅର୍ଥ ପରିଶୋଧ କରିବାରେ ବିଫଳ ହେଲେ, ତେଣୁ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ ଦଖଲକୁ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନ ଦର୍ଶିତ ବକେୟା ରାଶି ସହିତ ସେବାବଦ ଚୁକ୍ତି ହାରରେ ସୁଧ, ଜୋରିମାନା ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ ଇତ୍ୟାଦି ନିମନ୍ତେ ଆକ୍ସିସ୍ ବ୍ୟାଙ୍କ ଲିଃ. ନିକଟରେ ଉତ୍ତରଦାୟୀ ରହିବେ । **ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରିବାପାଇଁ ଉପଲବ୍ଧ ସମୟସୀମା ପ୍ରତି ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | କ) ନୋଟିସ୍ ତାରିଖ ଅନୁଯାୟୀ ବକେୟା ପରିମାଣ ଖ) ଡିମାଣ୍ଡ ନୋଟିସ୍ ତାରିଖ ଗ) ଦଖଲ ତାରିଖ |
|---|---|---|
| **୧) ଶ୍ରୀ ପୁରୁଷୋତ୍ତମ ଦାସ (ପ୍ରାଇମେରୀ ଆପ୍ଲିକାଣ୍ଟ)**, ପିତା: ଶ୍ରୀ ଶିବପ୍ରସାଦ ଦାସ, ପାନଦା, ନାହାପଡା, ବାମଦେବପୁର, ଯାଜପୁର ଟାଉନ, ଓଡିଶା-୭୫୫୦୧୪ **୨) ଶ୍ରୀ ଶିବ ପ୍ରସାଦ ଦାସ (କୋ-ଆପ୍ଲିକାଣ୍ଟ)**, ପିତା: ଜଗବନ୍ଧୁ ଦାସ, ପାନଦା, ନାହାପଡା, ବାମଦେବପୁର, ଯାଜପୁର ଟାଉନ, ଓଡିଶା-୭୫୫୦୧୪ | **କୋଲାଟେରାଲ ସିକ୍ୟୁରିଟି:** **ଶ୍ରୀ ଶିବ ପ୍ରସାଦ ଦାସ,** ପିତା: ଜଗବନ୍ଧୁ ଦାସଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର ୦.୦୩ ଡିସିମିଲି, ଖାତା ନଂ.: ୭୬୨, ପ୍ଲଟ ନଂ.: ୧୬୫୫, ମୌଜା: ପାନଦା, ତହସିଲ: ଦଶରଥପୁର, ତହସିଲ ନଂ.: ୨୭୩, ଥାନା: ଯାଜପୁର, ଥାନା ନଂ.: ୨୭୩ ଏବଂ ଜିଲ୍ଲା: ଯାଜପୁର, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) ସହିତ ଉକ୍ତ ଜମି ଉପରେ ନିର୍ମିତ ବିଲ୍ଡିଂ | କ) ୨୮.୧୦.୨୦୨୫ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXXX୯୮୬୧ ର ବକେୟା ପରିମାଣ ଟ.୩୨,୭୭୦/- (ବତିଶି ହଜାର ସାତ ଶହ ସତୁରୀ ଟଙ୍କା ମାତ୍ର) (ଏହି ପରିମାଣରେ ୦୫.୦୫.୨୦୨୫ତାରିଖ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଏବଂ ୩୧.୧୦.୨୦୨୫ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXXX୯୮୫୮ ର ବକେୟା ପରିମାଣ ଟ.୧୦,୬୦,୦୫୦.୯୫ (ଦଶ ଲକ୍ଷ ଷାଠିଏ ହଜାର ପଚାଶ ଟଙ୍କା ଏବଂ ପଞ୍ଚାନବେ ପଇସା ମାତ୍ର) (ଏହି ପରିମାଣରେ ୦୫.୦୫.୨୦୨୫ତାରିଖ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୨୪.୧୧.୨୦୨୫ ଗ) ୦୬.୦୮.୨୦୨୬ |
| **୧) ଶ୍ରୀ ଲମ୍ବୋଦର ସାହୁ (ଋଣଗ୍ରହୀତା/ପ୍ରାଇମେରୀ ଆପ୍ଲିକାଣ୍ଟ)**, ପିତା: କ୍ଷମା ସାଗର ସାହୁ, ସା: ବାଗବାହାଲି, ଦେଉଳଗୁଡି, ବଡଙ୍ଗୋମୁଣ୍ଡା, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୩୦ **୨) ଶ୍ରୀମତୀ ବବିତା ସାହୁ (କୋ-ଆପ୍ଲିକାଣ୍ଟ)**, ପିତା: ସୂର୍ଯ୍ୟ ନାରାୟଣ ସାହୁ, ସା: ବାଗବାହାଲି, ଦେଉଳଗୁଡି, ବଡଙ୍ଗୋମୁଣ୍ଡା, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୩୦ **୩) ଶ୍ରୀ କ୍ଷମା ସାଗର ସାହୁ (କୋ-ଆପ୍ଲିକାଣ୍ଟ)**, ପିତା: ଟଙ୍କଧର ସାହୁ, ସା: ବାଗବାହାଲି, ଦେଉଳଗୁଡି, ବଡଙ୍ଗୋମୁଣ୍ଡା, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୩୦ | **କୋଲାଟେରାଲ ସିକ୍ୟୁରିଟି:** **ଶ୍ରୀ କ୍ଷମା ସାଗର ସାହୁ,** ପିତା: ଟଙ୍କଧର ସାହୁଙ୍କ ନାମରେ ଥିବା ଜମିର ପରିମିତ କ୍ଷେତ୍ର: ଏକର ୦.୧୫ ଡିସିମିଲି, ଖାତା ନଂ.: ୭୨/୧୩୯, ପ୍ଲଟ ନଂ.: ୩୭୮, ମୌଜା: ବାଗବାହାଲି, ତହସିଲି: ତୁସରା, ଥାନା: ତୁସରା, ଥାନା ନଂ.: ୨୦୯ ଏବଂ ଜିଲ୍ଲା: ବଲାଙ୍ଗିର, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) ସହିତ ଉକ୍ତ ଜମି ଉପରେ ନିର୍ମିତ ବିଲ୍ଡିଂ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXX୯୩୨୦ର ବକେୟା ପରିମାଣ ଟ.୨୬,୭୩,୯୧୯.୮୦ (ଛବିଶି ଲକ୍ଷ ତେସ୍ତରୀ ହଜାର ନଅ ଶହ ଉନେଇଶି ଟଙ୍କା ଏବଂ ଅଶି ପଇସା ମାତ୍ର) ଏବଂ ଋଣ ଆକାଉଣ୍ଟ ନଂ.: XXXXXXXXXX୯୩୩୭ର ବକେୟା ପରିମାଣ ଟ.୩୨,୧୬୯.୬୦ (ବତିଶି ହଜାର ଏକ ଶହ ଅଣସ୍ତରୀ ଟଙ୍କା ଏବଂ ଷାଠିଏ ପଇସା ମାତ୍ର) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୧୮.୦୨.୨୦୨୬ ଗ) ୦୬.୦୮.୨୦୨୬ |
| **୧) ଶ୍ରୀ କିରଣ କୁମାର ନାୟକ (ଋଣଗ୍ରହୀତା/ପ୍ରାଇମେରୀ ଆପ୍ଲିକାଣ୍ଟ)**, ପିତା: ପ୍ରମୋଦ ନାୟକ, ଠିକଣା: ବଡ ବନସ୍ତ, ତେସିଙ୍ଗା, ମଞ୍ଜୁରୀ ରୋଡ, ଭଦ୍ରକ, ଓଡ଼ିଶା, ପିନ-୭୫୬୧୨୧ **୨) ଶ୍ରୀମତୀ ପ୍ରଭାତ ନଳିନୀ ନାୟକ (କୋ-ଆପ୍ଲିକାଣ୍ଟ)**, ସ୍ୱାମୀ: ପ୍ରମୋଦ ନାୟକ, ଠିକଣା: ବଡ ବନସ୍ତ, ତେସିଙ୍ଗା, ମଞ୍ଜୁରୀ ରୋଡ, ଭଦ୍ରକ, ଓଡ଼ିଶା, ପିନ-୭୫୬୧୨୧ **୩) ଶ୍ରୀମତୀ ସତ୍ୟଭାମା ନାୟକ (କୋ-ଆପ୍ଲିକାଣ୍ଟ)**, ସ୍ୱାମୀ: ବିମ୍ବାଧର ନାୟକ, ଠିକଣା: ବଡ ବନସ୍ତ, ତେସିଙ୍ଗା, ମଞ୍ଜୁରୀ ରୋଡ, ଭଦ୍ରକ, ଓଡ଼ିଶା, ପିନ-୭୫୬୧୨୧ | **କୋଲାଟେରାଲ ସିକ୍ୟୁରିଟି:** **ଶ୍ରୀ କିରଣ କୁମାର ନାୟକ,** ପିତା: ପ୍ରମୋଦ ନାୟକଙ୍କ ନାମରେ ଥିବା ଜମିର ପରିମିତ କ୍ଷେତ୍ର: ଏକର ୦.୦୮୨ ଡିସିମିଲି, ଖାତା ନଂ.: ୭୯/୮୬, ପ୍ଲଟ ନଂ.: ୭୬୭/୮୬୦, ମୌଜା: ବାଦେଶ୍ୱର, ତହସିଲି: ଭଣ୍ଡାରୀପୋଖରୀ, ତହସିଲି ନଂ.: ୬୬, ଥାନା: ଭଣ୍ଡାରୀ ପୋଖରୀ, ଥାନା ନଂ.: ୬୬ ଏବଂ ଜିଲ୍ଲା: ଭଦ୍ରକ, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) ସହିତ ଉକ୍ତ ଜମି ଉପରେ ନିର୍ମିତ ବିଲ୍ଡିଂ | କ) ୦୫.୦୫.୨୦୨୫ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXXX୦୮୨୦ ର ବକେୟା ପରିମାଣ ଟ.୩୮,୨୯,୫୭୦/- (ଅଠତିରିଶ ଲକ୍ଷ ଅଣତିରିଶ ହଜାର ପାଞ୍ଚ ଶହ ସତୁରୀ ଟଙ୍କା ମାତ୍ର) (ଏହି ପରିମାଣରେ ୦୫.୦୫.୨୦୨୫ତାରିଖ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଏବଂ ୨୪.୦୭.୨୦୨୫ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXXX୦୮୩୩ ର ବକେୟା ପରିମାଣ ଟ.୩୩,୨୬୬/- (ତେତିଶି ହଜାର ଦୁଇ ଶହ ଛଅଷଠି ଟଙ୍କା ମାତ୍ର) (ଏହି ପରିମାଣରେ ୦୫.୦୫.୨୦୨୫ତାରିଖ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୧୮.୧୨.୨୦୨୫ ଗ) ୦୬.୦୮.୨୦୨୬ |
| **୧) ଶ୍ରୀ ରାଜକୁମାର ଅଗ୍ରୱାଲ (ଋଣଗ୍ରହୀତା)**, ପିତା: ଭିକାରୀ ଚରଣ ଅଗ୍ରୱାଲ, ସମଲେଶ୍ୱରୀ ମନ୍ଦିର ରୋଡ, ଡାଣ୍ଡି ଗାଁ, ତୁସରା, ବଲାଙ୍ଗିର, ଓଡ଼ିଶା-୭୬୭୦୩୦ **୨) ଶ୍ରୀ ଦୟାସାଗର ଅଗ୍ରୱାଲ (କୋ-ଆପ୍ଲିକାଣ୍ଟ)**, ପିତା: ଭିକାରୀ ଚରଣ ଅଗ୍ରୱାଲ, ୱାର୍ଡ ନଂ.: ୬, ସମଲେଶ୍ୱରୀ ମନ୍ଦିର ରୋଡ, ଡାଣ୍ଡି ଗାଁ, ତୁସରା, ବଲାଙ୍ଗିର, ଓଡ଼ିଶା-୭୬୭୦୩୦ **୩) ଶ୍ରୀମତୀ ମୁନି ଅଗ୍ରୱାଲ (କୋ-ଆପ୍ଲିକାଣ୍ଟ)**, ପିତା: ମୁରାରୀ ଅଗ୍ରୱାଲ, ତୁସରା ବଲାଙ୍ଗିର, ଓଡ଼ିଶା-୭୬୭୦୩୦ | **କୋଲାଟେରାଲ ସିକ୍ୟୁରିଟି:** **ଶ୍ରୀ ରାଜକୁମାର ଅଗ୍ରୱାଲ ଏବଂ ଦୟାସାଗର ଅଗ୍ରୱାଲ,** ପିତା: ଭିକାରୀ ଚରଣ ଅଗ୍ରୱାଲଙ୍କ ନାମରେ ଥିବା ଜମିର ପରିମିତ କ୍ଷେତ୍ର: ଏକର ୦.୦୭ ଡିସିମିଲି, ଖାତା ନଂ.: ୪୨୧/୮୯୨, ପ୍ଲଟ ନଂ.: ୯୯୭, ଏବଂ କ୍ଷେତ୍ର: ଏକର ୦.୦୪ ଡିସିମିଲି, ଖାତା ନଂ.: ୯୯୮,କ୍ଷେତ୍ର: ଏକର ୦.୦୩ ଡିସିମିଲ, ମୌଜା: ତୁସରା, ତହସିଲି: ତୁସରା, ତହସିଲି ନଂ.: ୫୮୭, ଥାନା: ତୁସରା, ଥାନା ନଂ.: ୧୩୩ ଏବଂ ଜିଲ୍ଲା: ବଲାଙ୍ଗିର, ଓଡ଼ିଶା, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) ସହିତ ଉକ୍ତ ଜମି ଉପରେ ନିର୍ମିତ ବିଲ୍ଡିଂ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXX୧୯୭୩ର ବକେୟା ପରିମାଣ ଟ.୨୦,୮୭,୨୭୩.୯୫ (କୋଡିଏ ଲକ୍ଷ ସତାଅଶି ହଜାର ଦୁଇ ଶହ ତେସ୍ତରୀ ଟଙ୍କା ଏବଂ ପଞ୍ଚାନବେ ପଇସା ମାତ୍ର) ଏବଂ ଋଣ ଆକାଉଣ୍ଟ ନଂ.: XXXXXXXXXX୧୯୮୬ର ବକେୟା ପରିମାଣ ଟ.୧୭,୧୯୭ (ସତର ହଜାର ଏକ ଶହ ସତାନବେ ଟଙ୍କା ମାତ୍ର) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୧୪.୦୭.୨୦୨୫ (୧୬-୦୭-୨୦୨୫ ରେ ପୋଷ୍ଟ କରାଯାଇଛି) ଗ) ୦୬.୦୮.୨୦୨୬ |
| **୧) ଶ୍ରୀ ଶୁଭେନ୍ଦୁ କୁମାର ପାଣିଗ୍ରାହୀ (ପ୍ରାଇମେରୀ ଆପ୍ଲିକାଣ୍ଟ)**, ପିତା: ଦେବରାଜ ପାଣିଗ୍ରାହୀ, ଖଣ୍ଡାସ ବୁକ୍ସ ବରଦା ଅଭିମନ୍ୟୁ ବାଲିଆ, ଝାଜପଡା, ଖଣ୍ଡେଇସୁଣୀ ମନ୍ଦିର, ଯାଜପୁର ଟାଉନ, ଓଡ଼ିଶା-୭୫୫୦୦୫ **୨) ଶ୍ରୀ ଦେବରାଜ ପାଣିଗ୍ରାହୀ (ସହ-ଋଣଗ୍ରହୀତା)**, ପିତା: ଶ୍ରୀ ନନ୍ଦ ପାଣିଗ୍ରାହୀ, ଖଣ୍ଡାସ ବୁକ୍ସ ବରଦା ଅଭିମନ୍ୟୁ ବାଲିଆ, ଝାଜପଡା, ଖଣ୍ଡେଇସୁଣୀ ମନ୍ଦିର, ଯାଜପୁର ଟାଉନ, ଓଡ଼ିଶା-୭୫୫୦୦୫ | **କୋଲାଟେରାଲ ସିକ୍ୟୁରିଟି:** **ଶ୍ରୀ ଦେବରାଜ ପାଣିଗ୍ରାହୀ,** ପିତା: ନନ୍ଦ ପାଣିଗ୍ରାହୀଙ୍କ ନାମରେ ଥିବା ଜମିର ପରିମିତ କ୍ଷେତ୍ର: ଏକର ୦.୧୨ ଡିସିମିଲି, ଖାତା ନଂ.: ୧୬୮, ପ୍ଲଟ ନଂ.: ୫୩୩, ମୌଜା: ଖଣ୍ଡାସ, ତହସିଲି: ଦଶରଥପୁର, ତହସିଲି ନଂ.: ୧୩୫, ଥାନା: ଯାଜପୁର, ଥାନା ନଂ.: ୧୩୫, ଜିଲ୍ଲା: ଯାଜପୁର, ଓଡ଼ିଶା, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) ସହିତ ଉକ୍ତ ଜମି ଉପରେ ନିର୍ମିତ ବିଲ୍ଡିଂ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXX୮୦୪୫ର ବକେୟା ପରିମାଣ ଟ.୩୦,୦୫୩.୧୨ (ତିରିଶ ହଜାର ତେପନ ଟଙ୍କା ଏବଂ ବାର ପଇସା ମାତ୍ର) ଏବଂ ଋଣ ଆକାଉଣ୍ଟ ନଂ.: XXXXXXXXXX୮୦୧୬ର ବକେୟା ପରିମାଣ ଟ.୩୩,୩୦,୬୬୩.୨୭ (ତେତିଶି ଲକ୍ଷ ତିରିଶି ହଜାର ଛଅ ଶହ ତେଷଠି ଟଙ୍କା ଏବଂ ସତେଇଶି ପଇସା ମାତ୍ର) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୨୨.୦୪.୨୦୨୬ ଗ) ୦୬.୦୮.୨୦୨୬ |
| **୧) ଶ୍ରୀମତୀ ଅନୁସୟା ମହାପାତ୍ର (ଋଣଗ୍ରହୀତା/ପ୍ରାଇମେରୀ ଆପ୍ଲିକାଣ୍ଟ)**, ସ୍ୱାମୀ: ଅକ୍ଷୟ କୁମାର ମହାପାତ୍ର, ହାଟଡିହି, ଆନନ୍ଦପୁର, ହନୁମାନ ମନ୍ଦିର ପାଖ, କେନ୍ଦୁଝର, ଓଡ଼ିଶା-୭୫୮୦୮୩ | **କୋଲାଟେରାଲ ସିକ୍ୟୁରିଟି:** **ଶ୍ରୀମତୀ ଅନୁସୟା ମହାପାତ୍ର,** ସ୍ୱାମୀ: ଅକ୍ଷୟ କୁମାର ମହାପାତ୍ରଙ୍କ ନାମରେ ଥିବା ଜମିର ପରିମିତ କ୍ଷେତ୍ର: ଏକର ୦.୦୪ ଡିସିମିଲି, ଖାତା ନଂ.: ୩୪୨/୩୧୮, ପ୍ଲଟ ନଂ.: ୪୦୦/୧୨୫୫, ମୌଜା: ହାଟଡିହି, ତହସିଲି: ହାଟଡିହି, ତହସିଲି ନଂ.: ୦୭, ଥାନା: ନନ୍ଦିପଡା, ଥାନା ନଂ.: ୧୬୧, ଜିଲ୍ଲା: କେନ୍ଦୁଝର, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) ସହିତ ଉକ୍ତ ଜମି ଉପରେ ନିର୍ମିତ ବିଲ୍ଡିଂ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXX୫୮୦୫ର ବକେୟା ପରିମାଣ ଟ.୧୧,୨୯,୨୪୦.୫୦ (ଏଗାର ଲକ୍ଷ ଅଣତିରିଶ ହଜାର ଦୁଇ ଶହ ଚାଳିଶି ଟଙ୍କା ଏବଂ ପଚାଶ ପଇସା ମାତ୍ର) ଏବଂ ଋଣ ଆକାଉଣ୍ଟ ନଂ.: XXXXXXXXXX୫୮୨୧ର ବକେୟା ପରିମାଣ ଟ.୩୫,୫୦୬.୬୫ (ପଇଁତିରିଶି ହଜାର ପାଞ୍ଚ ଶହ ଛଅ ଟଙ୍କା ଏବଂ ପଞ୍ଚଷଠି ପଇସା ମାତ୍ର) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୨୩.୧୦.୨୦୨୫ (୦୧-୧୧-୨୦୨୫ ରେ ପୋଷ୍ଟ କରାଯାଇଛି) ଗ) ୦୬.୦୮.୨୦୨୬ |
| **୧) ଶ୍ରୀ ରଞ୍ଜୟ ବିଶ୍ୱାଳ (ପ୍ରାଇମେରୀ ଆପ୍ଲିକାଣ୍ଟ)**, ପିତା: ମହେଶ୍ୱର ବିଶ୍ୱାଳ, ସା: କୋରଙ୍ଗୀ, ବାବଜା, ପୋ: ତରାବୋଇ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୦ **୨) ଶ୍ରୀ ସଞ୍ଜୟ କୁମାର ବିଶ୍ୱାଳ (କୋ-ଆପ୍ଲିକାଣ୍ଟ)**, ପିତା: ମହେଶ୍ୱର ବିଶ୍ୱାଳ, ସା: କୋରଙ୍ଗୀ, ବାବଜା, ପୋ: ତରାବୋଇ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୦ **୩) ଶ୍ରୀ ମହେଶ୍ୱର ବିଶ୍ୱାଳ (କୋ-ଆପ୍ଲିକାଣ୍ଟ)**, ପିତା: ବାଞ୍ଛାନିଧି ବିଶ୍ୱାଳ, ସା: କୋରଙ୍ଗୀ, ବାବଜା, ପୋ: ତରାବୋଇ, ଏମ୍.ଆଇ.ଟି ଇଞ୍ଜିନିୟରିଂ କଲେଜ ନିକଟ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୦ | **କୋଲାଟେରାଲ ସିକ୍ୟୁରିଟି:** **ଶ୍ରୀ ମହେଶ୍ୱର ବିଶ୍ୱାଳ,** ପିତା: ବାଞ୍ଛାନିଧି ବିଶ୍ୱାଳଙ୍କ ନାମରେ ପଞ୍ଜିକୃତ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାରୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର୦.୦୯୭୦ ଡିସିମିଲି, ମୌଜା: ବାବଜା, ତହସିଲି: ଜଟଣୀ, ତହସିଲି ନଂ.: ୧୦୭, ଥାନା: ଜଟଣୀ, ଥାନା ନଂ.: ୨୬, (୧) ଖାତା ନଂ.: ୨୦୦/୨୦୯, ପ୍ଲଟ ନଂ.: ୨୦୭/୫୮୦ (କ୍ଷେତ୍ର ଏକର ୦.୦୧୦୦ ଡିସିମିଲି) (୨) ଖାତା ନଂ.: ୨୦୦/୨୧୦, ପ୍ଲଟ ନଂ.: ୨୦୭/୫୮୧ (କ୍ଷେତ୍ର ଏକର ୦.୦୧୦୦ ଡିସିମିଲି) (୩) ଖାତା ନଂ.: ୨୦୦/୨୧୧, ପ୍ଲଟ ନଂ.: ୨୦୭/୫୮୨ (କ୍ଷେତ୍ର ଏକର ୦.୦୬୯୦ ଡିସିମିଲି) (୪) ଖାତା ନଂ.: ୨୦୦/୨୪୦, ପ୍ଲଟ ନଂ.: ୨୦୭ (କ୍ଷେତ୍ର ଏକର ୦.୦୦୮୦ ଡିସିମିଲି) ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXX୭୩୬୪ର ବକେୟା ପରିମାଣ ଟ.୪୫,୧୫,୯୨୦/- (ପଇଁଚାଳିଶ ଲକ୍ଷ ପନ୍ଦର ହଜାର ନଅ ଶହ କୋଡିଏ ଟଙ୍କା ମାତ୍ର) ଏବଂ ଋଣ ଆକାଉଣ୍ଟ ନଂ.: XXXXXXXXXX୭୩୭୧ର ବକେୟା ପରିମାଣ ଟ.୩୧,୧୨୮.୩୬ (ଏକତିରିଶି ହଜାର ଏକ ଶହ ଅଠସ୍ତରୀ ଟଙ୍କା ଏବଂ ଛତିଶି ପଇସା ମାତ୍ର) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୩୦.୦୩.୨୦୨୬ ଗ) ୦୭.୦୮.୨୦୨୬ |
| **୧) ମେସର୍ସ ତପନ ଟ୍ରେଡର୍ସ (ଋଣଗ୍ରହୀତା/ପ୍ରାଇମେରୀ ଆପ୍ଲିକାଣ୍ଟ)**, ସ୍ୱତ୍ୱାଧିକାରୀ ଶ୍ରୀ ତପନ କୁମାର ପ୍ରଧାନ, ପ୍ଲଟ ନଂ.: ୦୨, ପାଡିନୁଆ ଗାଁ, ଅନ୍ତରାଳିଆରୀ, ବାଣପୁର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୧ **୨) ଶ୍ରୀ ତପନ କୁମାର ପ୍ରଧାନ (କୋ-ଆପ୍ଲିକାଣ୍ଟ/ ସ୍ୱତ୍ୱାଧିକାରୀ)**, ପିତା: ବଳଭଦ୍ର ପ୍ରଧାନ, ପ୍ଲଟ ନଂ.: ୦୨, ପାଡିନୁଆ ଗାଁ, ଅନ୍ତରାଳିଆରୀ, ବାଣପୁର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୧ **୩) ଶ୍ରୀ ବଳଭଦ୍ର ପ୍ରଧାନ (ଗ୍ୟାରେଣ୍ଟର)**, ପିତା: ନାଥ ପ୍ରଧାନ, ପ୍ଲଟ ନଂ.: ୦୨, ପାଡିନୁଆ ଗାଁ, ଅନ୍ତରାଳିଆରୀ, ବାଣପୁର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୧ | **କୋଲାଟେରାଲ ସିକ୍ୟୁରିଟି:** **ଶ୍ରୀ ବଳଭଦ୍ର ପ୍ରଧାନ,** ପିତା: ନାଥ ପ୍ରଧାନଙ୍କ ନାମରେ ଥିବା ଜମି ଓ ବିଲ୍ଡିଂ ଯାହାର ମୌଜା: ଗୋପିକାନ୍ତପୁର, ତହସିଲି ବାଣପୁର, ତହସିଲ ନଂ.: ୨୪୭, ଥାନା: ବାଣପୁର, ଥାନା ନଂ.: ୪୦୨, ଖାତା ନଂ.: ୭୪, ପ୍ଲଟ ନଂ.: ୦୨, ଯାହାର ମୋଟ ସମୁଦାୟ କ୍ଷେତ୍ର: ଏକର ୦.୨୦୨୦ ଡିସିମିଲି, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) | କ) ୨୯.୦୧.୨୦୨୬ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXXX୪୨୬୦ ର ବକେୟା ପରିମାଣ ଟ.୯,୭୬,୩୧୧.୮୪ (ନଅ ଲକ୍ଷ ଛସ୍ତରୀ ହଜାର ତିନି ଶହ ଏଗାର ଏବଂ ଚଉରାଅଶି ପଇସା ମାତ୍ର) (ଏହି ପରିମାଣରେ ୨୩.୧୦.୨୦୨୫ତାରିଖ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) (ମୋଟ ପରିମାଣ ଟ.୯,୭୬,୩୧୧.୮୪ ) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୨୬.୦୩.୨୦୨୬ ଗ) ୦୭.୦୮.୨୦୨୬ |
| **୧) ଶ୍ରୀ ରସାନନ୍ଦ ମହାନ୍ତି (ପ୍ରାଇମେରୀ ଆପ୍ଲିକାଣ୍ଟ)**, ପିତା: ଶ୍ରୀ ସୁବଳ ମହାନ୍ତି, ଗୁଣ୍ଡୁରିଆ, ବଳଭଦ୍ରପୁର, ନୟାଗଡ, ଓଡ଼ିଶା-୭୫୨୦୨୬ **୨) ଶ୍ରୀ ମଳୟ ରଞ୍ଜନ ମହାନ୍ତି (କୋ-ଆପ୍ଲିକାଣ୍ଟ)**, ପିତା: ରସାନନ୍ଦ ମହାନ୍ତି, ଖଇରାପଲ୍ଲି, ଗୁଣ୍ଡୁରିଆ, ରଣପୁର, ନୟାଗଡ, ଓଡ଼ିଶା-୭୫୨୦୨୬ | **କୋଲାଟେରାଲ ସିକ୍ୟୁରିଟି:** **ଶ୍ରୀ ମଳୟ ରଞ୍ଜନ ମହାନ୍ତି,** ପିତା: ରସାନନ୍ଦ ମହାନ୍ତିଙ୍କ ନାମରେ ଥିବା ଜମିର ପରିମିତ କ୍ଷେତ୍ର: ଏକର ୦.୧୫ ଡିସିମିଲି, ଖାତା ନଂ.: ୧୬୯/୯୦, ପ୍ଲଟ ନଂ.: ୩୫୮, ମୌଜା: ଗୁଣ୍ଡୁରିଆ, ତହସିଲି: ରଣପୁର, ତହସିଲି ନଂ.: ୪୭, ଥାନା: ରଣପୁର, ଥାନା ନଂ.: ୪୭, ଜିଲ୍ଲା: ନୟାଗଡ, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) ସହିତ ଉକ୍ତ ଜମି ଉପରେ ନିର୍ମିତ ବିଲ୍ଡିଂ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXX୩୩୭୧ର ବକେୟା ପରିମାଣ ଟ.୧୩,୬୮,୪୮୫/- (ତେର ଲକ୍ଷ ଅଠଷଠି ହଜାର ଚାରି ଶହ ପଞ୍ଚାଅଶି ଟଙ୍କା ମାତ୍ର) ଏବଂ ଋଣ ଆକାଉଣ୍ଟ ନଂ.: XXXXXXXXXX୩୩୯୭ର ବକେୟା ପରିମାଣ ଟ.୩୨,୯୦୦/- (ବତିଶି ହଜାର ନଅ ଶହ ଟଙ୍କା ମାତ୍ର) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୨୫.୦୮.୨୦୨୫ ଗ) ୦୭.୦୮.୨୦୨୬ |
| **୧) ଶ୍ରୀ ଅରୁଣେନ୍ଦ୍ର ଛୋଟରାୟ (ପ୍ରାଇମେରୀ ଆପ୍ଲିକାଣ୍ଟ)**, ପିତା: ଶ୍ରୀ କେଶବ ଛୋଟରାୟ, ସା: ବଡସାହି, ଶଗଡଭଙ୍ଗା, ପୋ: ଶଗଡଭଙ୍ଗା, ବୋଡକମା, ଶିବ ମନ୍ଦିର ପାଖ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୮ **୨) ଶ୍ରୀମତୀ ମମତା ନାୟକ (କୋ-ଆପ୍ଲିକାଣ୍ଟ)**, ସ୍ୱାମୀ ଶ୍ରୀ ଅରୁଣେନ୍ଦ୍ର ଛୋଟରାୟ, ସା: ବଡସାହି, ଶଗଡଭଙ୍ଗା, ପୋ: ଶଗଡଭଙ୍ଗା, ବୋଡକମା, ଶିବ ମନ୍ଦିର ପାଖ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୮ | **କୋଲାଟେରାଲ ସିକ୍ୟୁରିଟି:** **ଶ୍ରୀମତୀ ମମତା ନାୟକ,** ସ୍ୱାମୀ: ଅରୁଣେନ୍ଦ୍ର ଛୋଟରାୟଙ୍କ ନାମରେ ପଞ୍ଜିକୃତ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାରୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୫୭ ଡିସିମିଲି, ମୌଜା: ଶଗଡଭଙ୍ଗା, ତହସିଲି: ବେଗୁନିଆ, ତହସିଲି ନଂ.: ୨୬୬, ଥାନା: ବେଗୁନିଆ, ଥାନା ନଂ.: ୧୦୯, ଖାତା ନଂ.: ୩୫୮/୧୨୯, ପ୍ଲଟ ନଂ.: ୧୫୧୩, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) | କ) ୨୮.୧୦.୨୦୨୫ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXXX୯୧୦୫ ର ବକେୟା ପରିମାଣ ଟ.୧୯,୫୪,୫୫୩/- (ଉଣେଇଶି ଲକ୍ଷ ଚଉବନ ହଜାର ପାଞ୍ଚ ଶହ ତେପନ ଟଙ୍କା ମାତ୍ର) (ଏହି ପରିମାଣରେ ୦୫.୦୫.୨୦୨୫ତାରିଖ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଏବଂ ୨୬.୦୮.୨୦୨୫ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXXX୯୧୧୮ ର ବକେୟା ପରିମାଣ ଟ.୪,୩୪୧/- (ଚାରି ହଜାର ତିନି ଶହ ଏକଚାଳିଶି ଟଙ୍କା ମାତ୍ର) (ଏହି ପରିମାଣରେ ୦୫.୦୫.୨୦୨୫ତାରିଖ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୨୯.୧୨.୨୦୨୫ ଗ) ୦୭.୦୮.୨୦୨୬ |
| **୧) ଶ୍ରୀ ସରାଫତ ହୋସେନ୍ ଖାଁ (ପ୍ରାଇମେରୀ ଆପ୍ଲିକାଣ୍ଟ)**, ପିତା: ମଜହର ଖାଁ, ଠିକଣା: ଯାମୁ ସାହି, ଦେଉଳି, ଖୋର୍ଦ୍ଧା, ଓଡ଼ିଶା-୭୫୨୦୬୪ **୨) ଶ୍ରୀ ମଜହର ଖାଁ (କୋ-ଆପ୍ଲିକାଣ୍ଟ)**, ପିତା: ଶ୍ରୀ ସିକନ୍ଦର ଖାଁ, ଠିକଣା: ଜାମୁ ସାହି, ଦେଉଳି, ଖୋର୍ଦ୍ଧା, ଓଡ଼ିଶା-୭୫୨୦୬୪ | **କୋଲାଟେରାଲ ସିକ୍ୟୁରିଟି:** **ଶ୍ରୀ ମଜହର ଓରଫ ମଜବୁର ଖାଁ (କୋ-ଆପ୍ଲିକାଣ୍ଟ),** ପିତା: ସିକନ୍ଦର ଖାଁଙ୍କ ନାମରେ ଥିବା ଜମିର ପରିମିତ କ୍ଷେତ୍ର: ଏକର ୦.୧୨୮୦ ଡିସିମିଲି, ଖାତା ନଂ.: ୩୦୩, ପ୍ଲଟ ନଂ.: ୧୧୭୩, ମୌଜା: ଯାମୁ ସାହି, ତହସିଲି: ବୋଲଗଡ, ତହସିଲି ନଂ.: ୨୩୭, ଥାନା: ବେଗୁନିଆ, ଥାନା ନଂ.: ୮୪, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) ସହିତ ଉକ୍ତ ଜମି ଉପରେ ନିର୍ମିତ ବିଲ୍ଡିଂ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXXXXXX୪୮୦୯ର ବକେୟା ପରିମାଣ ଟ.୨୬,୪୯,୦୦୦/- (ଛବିଶ ଲକ୍ଷ ଅଣଚାଶ ହଜାର ଟଙ୍କା ମାତ୍ର) ଏବଂ ଋଣ ଆକାଉଣ୍ଟ ନଂ.: XXXXXXXXXX୪୮୨୫ର ବକେୟା ପରିମାଣ ଟ.୨୯,୭୨୩/- (ଅଣତିରିଶି ହଜାର ସାତ ଶହ ତେଇଶି ଟଙ୍କା ମାତ୍ର) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୨୭.୦୧.୨୦୨୬ ଗ) ୦୭.୦୮.୨୦୨୬ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୨.୦୮.୨୦୨୬ | କ୍ଷମତାପ୍ରାପ୍ତ ଅଧିକାରୀ, ଆକ୍ସିସ୍ ବ୍ୟାଙ୍କ ଲିଃ.


## ଶହୀଦ ଖୁଦିରାମ ବୋଷଙ୍କ ୧୧୮ ତମ ସହିଦ ଦିବସ

# ଖୁଦିରାମଙ୍କ ତ୍ୟାଗ ଦେଶପ୍ରେମର ପ୍ରେରଣା ଦେଉଛି



ବ୍ରହ୍ମପୁର, (ସବ୍ୟୁ): ଦେଶର ସବୁଠାରୁ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଓ ଅମର ଶହୀଦ ଖୁଦିରାମ ବୋଷଙ୍କ ୧୧୮ ତମ ସହିଦ ଦିବସ ଆଜି ପ୍ରଜ୍ଞା ପ୍ରଜ୍ଞା ସମିତି ତରଫରୁ ବ୍ରହ୍ମପୁର ବିଜିପୁର କମ୍ୟୁନିଟି ହଲରେ ପାଳନ କରାଯାଇଛି । ଶହୀଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ସ୍ମରଣ ସଭାରେ ସମିତି ସମ୍ପାଦକ ଏସ୍. ସାମ୍ବସିବା ରାଓ ଅଧ୍ୟକ୍ଷତା କରିଥିବା ବେଳେ ସମାଜସେବୀ ସୁରେନ୍ଦ୍ର ନାଥ ପଣ୍ଡା ଖୁଦିରାମ ବୋଷଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ମାତ୍ର ୧୮ ବର୍ଷ ବୟସରେ ଦେଶ ପାଇଁ ହସି ହସି ଫାଶି ବରଣ କରିଥିବା ଖୁଦିରାମଙ୍କ ତ୍ୟାଗ ଆଜି ମଧ୍ୟ ଯୁବ ପିଢ଼ିଙ୍କୁ ଦେଶପ୍ରେମର ପ୍ରେରଣା ଦେଉଛି । ୧୯୦୮ ମସିହା ଅଗଷ୍ଟ ୧୧ ତାରିଖରେ ସେ ମୁଜାଫରପୁର ଜେଲରେ 'ବନ୍ଦେ ମାତରମ୍' ଧ୍ୱନି ଦେଇ ଶହୀଦ ହୋଇଥିଲେ ।

ଏହି ଅବସରରେ ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ଅବସରପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ସାହୁ, ଜଗନ୍ନାଥ ପାଢ଼ୀ, ମହମ୍ମଦ ସଫିଉଦ୍ଦିନ ମଲ୍ଲିକ, ମହେଶ୍ୱର ବାଉତ୍ୟା, ଅବନୀ ଗୟା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସମସ୍ତ ବକ୍ତା ଖୁଦିରାମଙ୍କ ଆଦର୍ଶକୁ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଚାର କରିବା ସହ ପାଠ୍ୟ ପୁସ୍ତକରେ ମଧ୍ୟ ସ୍ଥାନ ଦେବାପାଇଁ ଗୁରୁତ୍ୱ ଦେଇଥିଲେ ।

# ଅର୍ଦ୍ଧନିର୍ମିତ ଘରୁ ରକ୍ତାକ୍ତ ମୃତଦେହ ଉଦ୍ଧାର, ବୃଦ୍ଧ ଅଟକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ବାଡୁଣିଆ ଗ୍ରାମର କଲୋନୀସାହିରେ ଜଣେ ଯୁବକଙ୍କୁ ମୁଣ୍ଡରେ ମରଣାନ୍ତକ ଆଘାତ ଦେଇ ହତ୍ୟା କରାଯାଇଥିବା ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ମଙ୍ଗଳବାର ସକାଳେ ଏକ ଅର୍ଦ୍ଧନିର୍ମିତ ଘର ଭିତରୁ ରକ୍ତାକ୍ତ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ କଲୋନୀସାହିର ଶିରିଶ ପଟେଲ (୪୦), ଓରଫ ମାଳି । ଘଟଣାକୁ ନେଇ ବିଶୋଇ ଥାନାରେ ୧୭୮/୨୬ରେ ମାମଲା ରୁଜୁ ହୋଇଛି । ହତ୍ୟା ସନ୍ଦେହରେ ସେହି ଗ୍ରାମର ଜଣେ ବୃଦ୍ଧଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛନ୍ତି ।

ସୂଚନା ଅନୁସାରେ, ଶିରିଶ ବାପା-ମାଆ ଛେଉଣ୍ଡ ଥିବାବେଳେ ଦିନମଜୁରି କରି ଜୀବିକା ନିର୍ବାହ କରୁଥିଲେ । ବିଭିନ୍ନ ଭୋଜିଭାତ କାର୍ଯ୍ୟକ୍ରମରେ କାମ କରିବା ସହ ଖଳିପତ୍ର ଉଠାଇ ମଧ୍ୟ ନିଜ ପେଟ ପୋଷୁଥିଲେ । ତାଙ୍କର ନିଜସ୍ୱ ଘର ନଥିବାରୁ ଗ୍ରାମର ଭୁବ ବାରଣ୍ଡା କିମ୍ବା ଅନ୍ୟମାନଙ୍କ ଘର ପିଣ୍ଡାରେ ରାତି କଟାଉଥିଲେ । ସବୁଦିନ ଭଳି ସୋମବାର ରାତିରେ ଶିରିଶ ଗ୍ରାମରେ ଅନୁଷ୍ଠିତ ଏକ ଦଶାହ କାର୍ଯ୍ୟକ୍ରମରେ କାମ କରିଥିଲେ । ପରେ ସାହି ନିକଟରେ ଥିବା ଏକ ଅର୍ଦ୍ଧନିର୍ମିତ ଘରେ ଯାଇ ଶୋଇଥିଲେ ।

ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ଉକ୍ତ ଘର ଭିତରେ ଶିରିଶଙ୍କ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ । ତାଙ୍କ ମୁଣ୍ଡର ପଛପଟେ ଗଭୀର ଆଘାତ ଚିହ୍ନ ଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ଘର ମାଲିକ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

ଖବର ପାଇ ରାଇରଙ୍ଗପୁର ଏସ୍ପି ସୁରେଶ ପାତ୍ର, ରାଇରଙ୍ଗପୁର ଏସ୍ଡିପିଓ ବିରେନ୍ଦ୍ର ସେନାପତି, ବିଶୋଇ ଥାନା ଆଇଆଇସି ସୁବର୍ଣ୍ଣ ବେହେରା, ଏସ୍ଆଇ ରଶ୍ମିତ ଦାସ ଓ ଏସ୍ଆଇ ବିବେକାନନ୍ଦ ବେହେରାଙ୍କ ସମେତ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ଫରେନସିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରି ତଦନ୍ତରେ ସାମିଲ ହୋଇଛି । ପୋଲିସର ପ୍ରାଥମିକ ତଦନ୍ତରେ ଶିରିଶଙ୍କ ମୁଣ୍ଡରେ ପଛପଟେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି । ଘଟଣାଟି ହତ୍ୟାକାଣ୍ଡ ହୋଇଥିବା ନେଇ ପୋଲିସ ସନ୍ଦେହ କରୁଛି ।

ଏହି ମାମଲାରେ ଜଣେ ବୃଦ୍ଧଙ୍କୁ ଅଟକ ରଖାଯାଇ ଘଟଣାର କାରଣ ଓ ହତ୍ୟାରେ ତାଙ୍କ ସମ୍ପୃକ୍ତି ନେଇ ପଚରାଉଚରା ଜାରି ରହିଛି । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତର ଅଗ୍ରଗତି ପରେ ମୃତ୍ୟୁର ପ୍ରକୃତ କାରଣ ଓ ଘଟଣାର ସମ୍ପୂର୍ଣ୍ଣ ସତ୍ୟ ସାମ୍ନାକୁ ଆସିବ ବୋଲି ରାଇରଙ୍ଗପୁର ଏସ୍ଡିପିଓ ସୂଚନା ଦେଇଛନ୍ତି ।

# ହାତରେ ବନ୍ଧୁକ ଧରି ଗାଁରେ ଆତଙ୍କରାଜ, ଜଣେ ଗିରଫ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ଥାନା ମାଣିତରା ପଞ୍ଚାୟତ ଅନ୍ତର୍ଗତ ତାମ୍ବିରି ଗ୍ରାମରେ ହାତରେ ବନ୍ଧୁକ ଧରି ଆତଙ୍କ ଖେଳାଉଥିବା ବେଳେ ପୋଲିସ ଗ୍ରାମରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ସହ ଚୋରା ବନ୍ଧୁକ ଜବତ କରିଛି ।

ଗିରଫ ବ୍ୟକ୍ତି ଜଣକ ହେଲେ ତାମ୍ବିରି ଗ୍ରାମର ଜଗନ୍ନାଥ ପ୍ରଧାନ (୪୧) । ଗତକାଲି ରାତ୍ରିରେ ଜଗନ୍ନାଥ ନିଶାଗ୍ରସ୍ତ ଅବସ୍ଥାରେ ହାତରେ ବନ୍ଧୁକ ଧରି ନାଚିଦେବି ନାଚିଦେବି ବୋଲି ଗୁରାଳି ଛାଡୁଥିବା ବେଳେ ପେଟ୍ରୋଲିଂରେ ଯାଇଥିବା ପୋଲିସ ଟିମ ତାଙ୍କୁ କାବୁ କରି ନେଇଥିଲେ । ଏନେଇ କେସ ନଂ ୩୧୩/୨୬ରେ ଏକ ମାମଲା ରୁଜୁ କରି ଆଜି ଜଗନ୍ନାଥଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସଆଇ ଅଜୟ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ ପାଇଛି ।




24001/386/2627

रजिस्ट्री सं.डी. एल.- 33004/99 | REGD. No. D.L.- 33004/99

भारत का राजपत्र
The Gazette of India

सी.जी.-डी.एल.-अ.-14072026-274488
CG-DL-E-14072026-274488
असाधारण
EXTRAORDINARY
भाग II—खण्ड 3—उप-खण्ड(ii)
PART II—Section 3—Sub-section(ii)
प्राधिकार से प्रकाशित
PUBLISHED BY AUTHORITY

सं. सं. 367] नई दिल्ली, सोमवार, जुलाई 13, 2026/आषाढ़ 22, 1948
No. No. 3676] NEW DELHI, MONDAY, JULY 13, 2026/ASHADHA 22, 1948

**MINISTRY OF ROAD TRANSPORT AND HIGHWAYS**

**Notification**

**New Delhi, the 10 July 2026**

**S.O. 3838(E) (E).** -Whereas by the notification of the Government of India in the Ministry of Road Transport and Highway, S.O. 5866(E) Dated:17 December 2025 published in Gazette of India. Extraordinary, Part II, Section 3, Sub-section (ii) issued under sub-section (I) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening /four-laning. etc.), maintenance, management and operation of NH55 in the stretch of land from Km. 296.13 to Km. 311.07 in the village(s) namely- Taluk- ERSAMA and in the village(s) namely- Taluk-Tirtol and in the village (s) namely- Abidhianandpur , Anandapur, Banbarara , Chandaganmajurai , Gumutipur , Itapada , Kathiapada . Kheras, Makundpur, Narasinhapur, Palada, Patanigan , Potal, Purusholampur, Singarpur , Sujang Taluk- JAGATSINGHPUR and in the village(s) namely- Taluk- Biridi and in the village(s) namely-Taluk- Balikuda and in the village(s) namely- Taluk- Raghunathpur in the district of Jagatsinghpur in the state of ODISHA

And wehereas the substance of the said notificaiton has been publised in "Pratidini" dated 16/03/2026, "The Pragatibadi" dated 16/03/2026 under sub-section (3) of section 3A of the said Act :

And whereas the Competent Authority has received Objections Filed under Section 3-C, considered and settled the same appropriately;

And whereas, in pursuance of sub-section (I) of section 3D of the said Act, the Competent Authority has submitted its report to the Central Government;

Now, therefore, upon receipt of the said report of the Competent Authority and in exercise of the powers conferred by the sub-section (I) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

**SCHEDULE**

Brief Description of the land to be acquired with or without structures falling NH55 in the stretch of land from Km. 296.13 to Km. 311.07 in the village(s) namely- Taluk-ERSAMA and in the village(s) namely- Taluk-Tirtol and in the village(s) namely- Abidhianandpur , Anandapur , Banbarara , Chandaganmajurai , Gumutipur , Itapada , Kathiapada , Kheras , Makundpur , Narasinhapur , Palada , Patanigan , Potal , Purushotampur, Singarpur , Sujang Taluk-JAGATSINGHPUR and in the villager(s) namely- Taluk-Biridi and in the village(s) namely- Taluk-Balikuda and in the village(s) namely- Taluk-Raghunathpur in the district of Jagatsinghpur in the state of ODISHA
5320 GI/2026

**File Number: F. No. RO/BBSR/11011/NH/IAHE/39/Smbp-Nuagaon/2017/3D3**

**Shaikh Amin khan , Director.**

**District: Jagatsinghpur**
**https://egazette,gov.in**
**Publication Date : 10/07/2026**
**https://egazette.gov.in**
**https://bhoomirashi.gov.in**

OIPR : 24001/24028/3/26-27/0001

# ମରାମତି ଓ ସ୍ଥାୟୀ ନିର୍ମାଣ ଦାବିରେ ବାଲିଭଉଁରୀ-ଶିଖରଘାଟ ରାସ୍ତା ୫ ଘଣ୍ଟା ଅବରୋଧ

ନାଉଗାଁ, (ସବ୍ୟୁ): ଜଗତସିଂହପୁର ଜିଲ୍ଲା ସଦର ମହକୁମାରୁ ନାଉଗାଁ ବ୍ଲକକୁ ସଂଯୋଗ କରିବା ପାଇଁ ବାଲିଭଉଁରୀ-ଶିଖରଘାଟ ରାସ୍ତା ରହିଛି । ଉକ୍ତ ସଂଯୋଗୀକରଣ ରାସ୍ତାଟି ୧୮କି.ମି ହୋଇଥିବା ବେଳେ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି । ବାରମ୍ବାର ରାସ୍ତା ବିପର୍ଯ୍ୟସ୍ତକୁ ନେଇ ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଯାହାକୁ ନେଇ ବ୍ଲକର ଯୁବ ସଚେତନତା ମଂଚ ପକ୍ଷରୁ ମଙ୍ଗଳବାର ବ୍ଲକଛକ ଠାରେ ରାସ୍ତାଟିକୁ ଅବରୋଧ କରାଯାଇଥିଲା । ସକାଳ ୬ଟାରୁ ୧୧ଟା ପର୍ଯ୍ୟନ୍ତ ଦୀର୍ଘ ୫ଘଣ୍ଟା ରାସ୍ତା ଅବରୋଧ ପରେ ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧକୁ ପ୍ରତ୍ୟାହୃତ କରାଯାଇଥିଲା ।



ସାତ ଦିନ ହେବ ରାସ୍ତା ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ବିଭାଗ ତରଫରୁ କୌଣସି ଉତର ରଖାଯାଇ ନଥିବାର ଅବରୋଧକାରୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ପରେ ଘଟଣାସ୍ଥଳକୁ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଇଲୁସା ପାଣିଗ୍ରାହୀ ପହଂଚି ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ । ୪ ଦିନ ମଧ୍ୟରେ ରାସ୍ତାକୁ ଅସ୍ଥାୟୀ ଭାବେ ମରାମତି କାର୍ଯ୍ୟ କରାଯିବା ସହ ଟେଣ୍ଡର ପରେ ସ୍ଥାୟୀ ରାସ୍ତା ନିର୍ମାଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା ।

ଏହି ଅବରୋଧରେ ଅଶୋକ ସ୍ୱାଇଁ, ସୁନିଲ ମାଟିଆ, ଦେବଜ୍ୟୋତି ମହାନ୍ତି, ମାନସ ସ୍ୱାଇଁ, ଗୌରାଙ୍ଗ ଦାସ, ଦିଲିପ ପାତ୍ର, ମନୋଜ ଦାସ, ଘୋଡାଂଶ ସରପଂଚ ନିହାର ବସ୍ତିଆ, ପ୍ରିତମ ପରିଡା, ବଲାରୋ ସମିତି ସଭ୍ୟ ଚନ୍ଦନ ଲେଙ୍କା, ପଦ୍ମଚରଣ ରାଉତ, ସାମାଜିକ କର୍ମୀ ସମୀର ନାୟକ, ଅନିଲ ଲେଙ୍କା, ଜିତେନ୍ଦ୍ର ମହାନ୍ତି, ସୁରେଶ ମହାନ୍ତି, ପ୍ରଭଞ୍ଜନ ନାୟକ, ସୌଭାଗ୍ୟ ରଂଜନ ଜେନା, ଓମ ପ୍ରକାଶ ବେହେରା, ପ୍ରେମ ମହାନ୍ତି, ମନୋଜ ନାୟକ, ଅଭିମନ୍ୟୁ ସାହୁ, ଘୋଡାଂଶ ପଂଚାୟତ ସମିତି ସଭ୍ୟ ତରୁଣକାନ୍ତ ବାରିକ ଆଦି ଶତାଧିକ ଯୁବ ଗୋଷ୍ଠୀ, ସଚେତନ ନାଗରିକ ଯୋଗ ଦେଇଥିଲେ ।

# ଫୋନରେ ଧମକାଇ ଲକ୍ଷେ ବାର ହଜାର ଲୁଟିନେଲେ ସାଇବର୍ ଠକ

କୁଜଙ୍ଗ, (ସବ୍ୟୁ) : ଫୋନରେ ବିଭିନ୍ନ ଧମକ ଚମକ ଦେଇ ସାଇବର୍ ଠକ ଲକ୍ଷେ ବାର ହଜାର ଠକି ନେଇଛନ୍ତି । ଏ ସମ୍ପର୍କରେ କୁଜଙ୍ଗ ଥାନା ଓ ଜଗତସିଂହପୁର ସାଇବର୍ ଥାନାରେ ଏତଲା ଦିଆଯାଇଛି । ଫଳ କଣ ହେବ ସେକଥା ଏବେ କହିହେଉନାହିଁ । କୁଜଙ୍ଗ ବ୍ଲକ ଅରଖିଆ ଗ୍ରାମର ନରହରି ଦଳାଇଙ୍କ ପୁଅ ସତ୍ୟପ୍ରକାଶ ଙ୍କୁ ଏକ ଫୋନ କଲ ଆସିଥିଲା । ଏହି ଫୋନ ସାଇବର୍ ଠକ ମାନେ ସତ୍ୟପ୍ରକାଶ ଙ୍କୁ ବିଭିନ୍ନ ଧମକ ଚମକ ଦେଇଥିଲେ । ଖରାପ ଆପ ବ୍ୟବହାର କରୁଛ ବୋଲି ସେମାନେ ଧମକ ଦେଇ ନିଜକୁ ପୋଲିସ ବୋଲି କହିଥିଲେ । ଆଉପଟ ରୁ ପୋଲିସ ସାଇରନ ଶବ୍ଦ ମଧ୍ୟ ଆସୁଥିଲା । ହିନ୍ଦିରେ ସେମାନେ କଥା ହେଉଥିଲେ । ଏହି ସାଇରନ ଶୁଣି ସତ୍ୟପ୍ରକାଶ ଭୟଭୀତ ହୋଇଯାଇଥିଲା ।

ପ୍ରଥମେ ସାଇବର୍ ଠକ ଦୁଇହଜାର ଟଙ୍କା ପଠାଇବାକୁ କହିଥିଲେ । ସତ୍ୟ ଦୁଇହଜାର ପଠାଇ ଦେଇଥିଲା । ସତ୍ୟପ୍ରକାଶ ଙ୍କୁ ସେମାନେ ନଜର କରି ସେ କେତେ ଭୟଭୀତ ହୋଇଛି ତାହା ମଧ୍ୟ ଫୋନରେ ଜାଣି ପାରିଥିଲେ । ପରେ ପରେ ସାଇବର୍ ଠକ ଅଧିକ ଖେଳ ଆରମ୍ଭ କରିଥିଲେ । ଏହି ଘଟଣା ସମ୍ପର୍କ ରେ ପାଞ୍ଚଟି ଥାନା ରେ ଏତଲା ଦିଆଯାଇଛି ଓ ସେହି ପୋଲିସମାନେ ଯାଇ ତଦନ୍ତ କରି ସତ୍ୟପ୍ରକାଶ ଙ୍କୁ ବାନ୍ଧି ଆଣିବେ ବୋଲି ସେମାନେ ମଧ୍ୟ ଧମକାଇଥିଲେ । ଯଦି ଏକଥା ଲୁଚାଇ ରଖିବାକୁ ଚାହୁଁଛ, ତେବେ ପ୍ରତି ଥାନା ପାଇଁ ପାଞ୍ଚ ହଜାର କରି ପଚିଶି ହଜାର ତୁରନ୍ତ ପଠାଇବାକୁ ସେମାନେ ପୁଣି କହିଥିଲେ । ନିରୀହ ସତ୍ୟପ୍ରକାଶ ନିଜ ଇଜ୍ଜତ ବଞ୍ଚାଇବା ପାଇଁ ପୁଣି ପଚିଶି ହଜାର ପଠାଇ ଦେଇଥିଲା । ଏହି ଟଙ୍କା ସବୁ ସାଇବର୍ ଠକ ମାନଙ୍କ ପାଖକୁ ଫୋନ ପେ ମାଧ୍ୟମ ରେ ଯାଇଥିଲା । ଏହାପରେ ସତ୍ୟପ୍ରକାଶ ନିଜ ନିରୀହ ଓ ବୋକା ଭାବି ସାଇବର୍ ଠକ ପୁଣି ଏକ ଚାଲ ଖେଳିଲେ । ବ୍ୟାଙ୍କ ଜମା ରେ ଥିବା ଅବଶିଷ୍ଟ ଟଙ୍କା କୁ ମଧ୍ୟ ସବୁ ନପଠାଇଲେ ଅସୁବିଧା ହେବ ବୋଲି ସେମାନେ ପୁଣି ଧମକାଇଲେ । ଏଥିରେ ସତ୍ୟପ୍ରକାଶ ଡର ଜମା ଖାତାରେ ଥିବା ଏକ ଲକ୍ଷ ବାର ହଜାର ଟଙ୍କା ସେତେବେଳକୁ ଫୋନ ପେ କରିସାରିଥିଲା । ଏକଥା ଗତ ଗୁରୁବାର ର ଘଟଣା । ଶୁକ୍ରବାର ସନ୍ଧ୍ୟା ରେ ଭୟଭୀତ ହୋଇ ଦିନ ମଜୁରୀ ଲାଗୁଥିବା ନିଜ ବାପା ନରହରି ଙ୍କୁ ପୁଅ ଜଣାଇଥିଲା । ଠକେଇ ର ଶୀକାର ହୋଇଥିବା ନରହରି ର ପୁଅ ଦୁଃଖ ରେ ଭାଙ୍ଗି ପଡ଼ିଥିଲେ ମଧ୍ୟ ଦୁଇଦିନ କାଳ ଏକଥା କୁ ଲୁଚାଇ ରଖିଥିଲା । ନିଜ ବାପା ନରହରି ଚଳିତ ବର୍ଷ ଧାନ ଓ ମୁଗ ବିକି ସବୁ ଟଙ୍କା ପୁଅ ବ୍ୟାଙ୍କ ଜମା ଖାତା ରେ ରଖିଥିଲା । ଅତି ଦୁଃଖ ଯନ୍ତ୍ରଣା ରେ ନରହରି ଛଟପଟ ହେଉଛି ସିନା ଏକଥା କାହାକୁ ଜଣାଇବା ପାଇଁ ଲାଜ ମାଡୁଛି । ଆଜି ଜଗତସିଂହପୁର ସାଇବର୍ ଥାନା ରେ ନରହରି ଓ ତାର ପୁଅ ସତ୍ୟପ୍ରକାଶ ପହଞ୍ଚି ଜଣାଇଥିଲେ ମଧ୍ୟ ସାଇବର ଥାନା ପାଞ୍ଚ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ନହେଲେ ସେମାନେ ତଦନ୍ତ କରିପାରିବେନି ବୋଲି ଜଣାଇଥିଲେ । ତେବେ ଠକେଇ ର ଶିକାର ହୋଇଥିବା ସତ୍ୟପ୍ରକାଶ କିଭଳି ସେହି ଠକେଇ ଟଙ୍କା ଫେରି ପାଇବ କି ନାହିଁ ଏବେ ଶୋଚନାରେ ଦିନ କାଟୁଛି ।

# ପରିତ୍ୟକ୍ତ ଗୃହରେ ଚାଲିଛି ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ

ସାଲେପୁର, (ସବ୍ୟୁ) : ସାଲେପୁର ବ୍ଲକ ଏକ କୃଷିପ୍ରଧାନ ଅଞ୍ଚଳ। ସାଧାରଣ ଭାବରେ ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି। ଧାନ, ମୁଗ, ବିରି, ବାଦାମ, କୋଳଥ ଚାଷ ସହିତ ଅନେକ ପନିପରିବା ଓ ଆଉ କେତେଜଣ ଫଳମୂଳ ଚାଷ କରିବା ଦେଖାଯାଇଥାଏ । ପ୍ରାୟତଃ ଅମୃତଭଣ୍ଡା, ପିଜୁଳି, ଆମ୍ୱ, ଲେମ୍ବୁ, ଗୁଆ, ନଡ଼ିଆ ଏହି ଅଞ୍ଚଳରେ ଅନେକ ଚାଷୀ ରହିଛନ୍ତି । କିନ୍ତୁ କଟକ ଜିଲ୍ଲାର ଏକ ପ୍ରମୁଖ ବ୍ଲକ ଅଞ୍ଚଳ ଭାବେ ପରିଗଣିତ ସାଲେପୁର ବ୍ଲକରେ ଉଦ୍ୟାନ ବିଭାଗର ସ୍ଥାଇ କାର୍ଯ୍ୟାଳୟ ଏପର୍ଯ୍ୟନ୍ତ ହୋଇନାହିଁ ।ଦୀର୍ଘ ବର୍ଷ ଧରି ଠିକଣା ଖୋଜା ଯାଉଥିବା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ୪/୫ ବର୍ଷ ହେବ ସାଲେପୁର କୃଷି ବିଭାଗ କାର୍ଯ୍ୟାଳୟର ଏକ ପରିତ୍ୟକ୍ତ ଗୃହରେ ଚାଲୁଥିବାର ଦେଖାଯାଇଛି ।

ସେହି କାର୍ଯ୍ୟାଳୟର ଭଙ୍ଗା କବାଟ, ଝରକା ଥିବା ବେଳେ ଛାତରୁ ପାଣି ଗଳୁଛି ଓ ସମୟେ ସମୟେ ଛାତରୁ ସିମେଣ୍ଟ ଖଣ୍ଡ ଖସୁ ଥିବାର ଦେଖିବାକୁ ମିଳିଛି । ସେଠାରେ ନାଁ ଟେବୁଲ ଟିଏ ଅଛି ନାଁ ଚେୟାର ଅଛି ? କେବଳ ଭଙ୍ଗା କେତୋଟି ପାଲଷ୍ଟିକ ଚେୟାରରେ ବିପଦ ସଂକୁଳ ଅବସ୍ଥାରେ ଦୁଇ ଜଣ କର୍ମଚାରି ବସିଥିବାର ଦେଖିବାକୁ ମିଳୁଛି। ବର୍ଷାରେ ଗୋଡ ଟେକି ବସିବାକୁ ପଡୁଛି କାରଣ ତଳେ ପାଣି ଓ ବିଷାକ୍ତ ସାପଙ୍କ ଭୟ ରହିଛି । ସାଲେପୁର ବ୍ଲକରେ ଉଦ୍ୟାନ ବିଭାଗରେ ପଦବୀ ସଂଖ୍ୟା ୪ ଜଣ କର୍ମଚାରୀ ରହିବାର ଥିବାବେଳେ ମାତ୍ର ୨ ଜଣ କର୍ମଚାରୀ ରହିଥିବା ଦେଖାଯାଇଛି ।

ଏହି ସମୟରେ ପ୍ରତିବର୍ଷ ଉଦ୍ୟାନ ବିଭାଗରେ ବିଭିନ୍ନ ପ୍ରକାର ଚାରା ଗଛ ମିଳୁଥିବାର ଦେଖାଯାଉଥିବା ବେଳେ ଚଳିତ ବର୍ଷ କେବଳ ଆମ୍ୱ ଓ ଲେମ୍ବୁ ଚାରା ଛଡା ଆଉ କୌଣସି ଚାରା ଆସିନଥିବା ଦେଖାଯାଇଛି । ବହୁ ଚାଷୀ ଚଳିତ ବର୍ଷ ଚାରା ମିଳୁନଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି । ସାଲେପୁର ଭଳି ଏକ କୃଷିପ୍ରଧାନ ଅଞ୍ଚଳରେ ଉଦ୍ୟାନ ବିଭାଗର ଏପରି ସ୍ଥିତିକୁ ସୁଧାରିବାକୁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ବିଦ୍ୟୁତ ତାର ସଂସ୍ପର୍ଶରେ ଭଉଣୀ ମୃତ, ଭାଇ ଗୁରୁତର

ପାଣିକୋଇଲି,(ସବ୍ୟୁ). ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଂଚାୟତର ଶାଳବା ଗ୍ରାମରେ ଆଜି ଅପରାହ୍ନରେ ବିଦ୍ୟୁତ ତାର ଲାଗି ଭଉଣୀର ମୃତ୍ୟୁ ହୋଇଥିବା ବେଳେ ଭାଇ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ପ୍ରକାଶଯେ ପାଣିକୋଇଲି ବିଦ୍ୟୁତ ଉପଖଣ୍ଡ ଅଧିନ ଶଳବା ଗ୍ରାମର ସ୍ୱର୍ଗତ ଚିନ୍ତାମଣି ନାୟକଙ୍କ ପୁଅ ଅନନ୍ତ ନାୟକ ତାଙ୍କ ଘରକୁ ବିଦ୍ୟୁତ ସଂଯୋଗ ନେଇଥିଲେ । ନିକଟସ୍ଥ ଅନ୍ୟ ଏକ ଘରକୁ ଗ୍ରୀଲ ଦେଇ ତାର ଟାଣିଥିଲେ । ମାତ୍ର ତାରରେ ଲିକ ଥିବାରୁ ଗ୍ରୀଲ ଚାର୍ଯ ହୋଇଥିଲା । ଏହା ଜାଣିନପାରି ଅନନ୍ତ ନାୟକ ଓ ତାର ଭଉଣୀ ଦୂତି ନାୟକ ଗ୍ରୀଲ ଧରିବାରୁ କରେଂଟ ଲାଗିଥିଲା । ବିଦ୍ୟୁତ ସଂସ୍ପର୍ଶରେ ଆସି ଭାଇ ଭଉଣୀ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ମାତ୍ର ସେଠାରେ ଦୂତି(୨୦)ର ମୃତ୍ୟୁ ହୋଇଥିବା ବେଳେ ଅନନ୍ତ (୪୨)ଗୁରୁତର ଭାବେ ଚିକିତ୍ସିତ ହେଉଛନ୍ତି । ଘଟଣାଟି ସମଗ୍ର ଅଂଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ବିଦ୍ୟୁତ ବିଭାଗ ପକ୍ଷରୁ ଆଉ କିଛି ଅଘଟଣକୁ ଏଡାଇବା ପାଇଁ ଘରର ବିଦ୍ୟୁତ ସଂଯୋଗ କାଟି ଦିଆଯାଇଛି ।

# ଧର୍ମଶାଳା ବିଜେପି ପକ୍ଷରୁ ଘରେଘରେ ତ୍ରିରଙ୍ଗା ଯାତ୍ରା

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆରୁହା, ଜାରକା ଓ ବାରବାଟୀ ମଣ୍ଡଳରେ ବିଜେପି ପକ୍ଷରୁ ଘର ଘର ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ହିମାଂଶୁ ଶେଖର ସାହୁ ସମସ୍ତ ସ୍ଥାନରେ ଯୋଗଦେଇ ହାତରେ ତ୍ରିରଙ୍ଗା ପତକା ଧରି ତ୍ରିରଙ୍ଗା ଯାତ୍ରାରେ କର୍ମୀମାନଙ୍କ ସହିତ ସାମିଲ ହୋଇଥିଲେ ।

ବିଧାୟକ ଶ୍ରୀ ସାହୁ ବାରବାଟୀ ମଣ୍ଡଳର ନଠୁଆବର ଠାରେ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇ ହାତରେ ତ୍ରିରଙ୍ଗା ପତକା ଧରି ଆଦମପୁର ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ କର୍ମୀମାନଙ୍କ ସହିତ ଚାଲିଚାଲି ଯାଇଥିଲେ । ସେହିପରି ଆରୁହା ମଣ୍ଡଳର ଜାରକାସ୍ଥିତ ମହୋତ୍ସବ ପଡିଆରୁ ଚାଲି ଚାଲି ବଜାର ପରିକ୍ରମା କରିଥିଲେ । ପରେ ବିଧାୟକ ଶ୍ରୀ ସାହୁ ଜାରକା ମଣ୍ଡଳର କାଏମା ହାଇସ୍କୁଲ ପଡିଆରୁ ହାତରେ ତ୍ରିରଙ୍ଗା ପତକା ଧରି କର୍ମୀମାନଙ୍କ ସହିତ ନରସିଂହପୁର ପର୍ଯ୍ୟନ୍ତ ଚାଲିଥିଲେ । ବିଧାୟକଙ୍କ ଏହି ତ୍ରିରଙ୍ଗା ଯାତ୍ରାରେ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ସମାଜସେବୀ ମିନତୀ ସାହୁ, ପୂର୍ବତନ ସାଂସଦ ରୀତା ତରେଇ,ଯୁବ ସଙ୍ଗଠକ ରାଜେଶ ପାଳ, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଯୁବ ସଭାପତି ବିଶ୍ୱଜିତ ପୃଷ୍ଟି, ଜାରକା ମଣ୍ଡଳ ସଭାପତି ଦେବଦତ ପଣ୍ଡା, ବରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, ସାମିଲ ହୋଇଥିଲେ ।

# ଟ୍ରକ ଧକ୍କାରେ ବାଇକ ଆରୋହୀ ମୃତ

ମହାକାଳପଡ଼ା, (ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ବଡକୁଳ ପଞ୍ଚାୟତ ଅନ୍ତର୍ଗତ ବେନୁପାଳ ( ଘନଶ୍ୟାମପୁର) ଗାଁର ଶିବ ପ୍ରସାଦ ସ୍ୱାଇଁଙ୍କ ବଡ଼ପୁଅ ସମରେଶ ସ୍ୱାଇଁ(୩୯)ଙ୍କ ପ୍ରାୟ ଅପରାହ୍ନ ୫.୩୦ ମିନିଟ ରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ସମରେଶ ଜାତୀୟ ରାଜପଥ ୫(କ)ର ଲୁଣା ବ୍ରିଜ ଉପରେ ବାଇକ୍ରେ ଯାଉଥିବା ସମୟରେ ପଛପଟୁ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଯୋଗୁଁ ସେ ଗୁରୁତର ହୋଇପଡ଼ିଥିଲେ। ଖବର ପାଇ ମାର୍ଶାଘାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମରେଶଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ମେଡିକାଲକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଦୁର୍ଘଟଣା ପରେ ଟ୍ରକ୍ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ମାର୍ଶାଘାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିବା ସହ ଫେରାର ଟ୍ରକ୍କୁ ଠାବ କରିବା ପାଇଁ ଉଦ୍ୟମ ଚଳାଇଛି ।

# ସନ୍ଦେହଘେରରେ ନାବାଳିକା ଆତ୍ମହତ୍ୟା ମାମଲା, ସାବତ ବାପା ଅଟକ

କେନ୍ଦ୍ରାପଡା, (ସବ୍ୟୁ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଂଚାୟତରେ ଗରାପୁର ଗ୍ରାମରେ ଜଣେ ନାବାଳିକାର ଆତ୍ମହତ୍ୟା ଜଣାପଡିବା ପରେ ତାଙ୍କର ସାବତ ବାପାଙ୍କୁ ସଦର ପୋଲିସ୍ ଅଟକ ରଖିଥିବା ଜଣାପଡିଛି। ଗରାପୁର ଗ୍ରାମରେ ରହି ଶ୍ରମିକ ଭାବରେ କାମ କରୁଥିବା ମହିଳାଙ୍କର ୧୬ ବର୍ଷିଆ ନାବାଳିକା ଝିଅ ଗାଧୁଆ ଘରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିବା ପରେ ସଦରଥାନା ଅଧିକାରୀ ଘଟଣାସ୍ଥଳରେ ପହଁଚି ଶବ ବ୍ୟବଚ୍ଛେଦ କରାଇବା ସହ ସନ୍ଦେହ ଘେରରେ ଥିବା ତାଙ୍କର ସାବତ ବାପାଙ୍କୁ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡିଛି ।

# ପାରାଦୀପରେ ଭାଇ ଗିରି : ଡାକ୍ତରଙ୍କୁ ରାସ୍ତାରେ ଗୋଡାଇ ଗୋଡାଇ ପିଟିଲେ

ପାରାଦୀପ, (ଜିପ୍ର) : କିଛିଦିନର ନୀରବତା ପରେ ଏବେ ପାରାଦୀପରେ ପୁଣି ଆରମ୍ଭ ହୋଇ ଯାଇଛି ଭାଇ ଗିରି । ବିଚ ରାସ୍ତାରେ ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ଗୋଡାଇ ଗୋଡାଇ ମାଡ ମାରିବା ସହ ତାଙ୍କୁ ଲହୁଲୁହାଣ କରିଥିବା ଥାନାରେ ଅଭିଯୋଗ ହୋଇଛି । ଗତକାଲି ବିଳମ୍ବିତ ରାତ୍ରୀରେ ବନ୍ଦର ନଗରୀ ପାରାଦୀପର ସବ ଷ୍ଟେସନ ଛକରେ ଘଟିଛି ଏହି ଅଭାବନୀୟ ଘଟଣା । ଡାକ୍ତର ପରିଚୟ ପାଇବା ପରେ ମଧ୍ୟ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଉପରକୁ ଚପଲ ଫୋପାଡିବା ସାହସ କରିଛନ୍ତି ଦୁର୍ବୃତ୍ତ । ପ୍ରତିବାଦ କରିବାରୁ ଡାକ୍ତରଙ୍କୁ ମାରି ତାଙ୍କ ନାକଦଣ୍ଡା ଫଟାଇ ଲହୁଲୁହାଣ କରିଛନ୍ତି । ଏତଲା ଅନୁଯାୟୀ ଗତକାଲି ରାତିରେ ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାତ୍ରି ଡିଉଟି କରୁଥିବା ଡ଼ାକ୍ତର ହଠାତ୍ ଅସୁସ୍ଥ ହେବାରୁ ପାରାଦୀପ ନୂଆବଜାର ରେ ରହୁଥିବା ଡାକ୍ତର ରୋନିତ ଅଭିଷେକଙ୍କୁ ଡିୟୁଟିରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ।



ଡାକ୍ତର ରୋନିତ ପାଖାପାଖି ରାତି ୧ ଟାରେ ଅଠରବାଙ୍କି ଆସିବା ବେଳେ ଟର୍ମିନାଲ ଓଭର ବ୍ରିଜରେ ଲୁହାପଥର ବୋଝେଇ ଟ୍ରକ ଓ ଟ୍ରେଲର ଗାଡି ଜାମ ଥିବାରୁ ପୁରୁଣା ଓଭର ବ୍ରିଜ ଦେଇ ଅଠରବାଙ୍କି ଯିବା ସମୟରେ ସେଠାରେ ତାଙ୍କୁ କିଛି ଯୁବକ ଅଟକାଇ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହିତ ମାଡ଼ ମାରିଥିଲେ । ମୁଁ ଜଣେ ଡାକ୍ତର ଏବଂ ମେଡିକାଲ ଡିୟୁଟି ପାଇଁ ଯାଉଛି ବୋଲି ପରିଚୟ ଦେବା ସତ୍ତ୍ୱେ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ । ଡାକ୍ତର ରୋନିତ ଥାନାକୁ ଜଣାଇବା ପରେ ପାରାଦୀପ ଆଦର୍ଶ ଥାନା ପକ୍ଷରୁ ଦୁଇଜଣ ଯୁବକଙ୍କୁ ଥାନାରେ ଅଟକ ରଖାଯାଇଛି ଏବଂ ଉକ୍ତ ପିଲାମାନଙ୍କୁ ଏକ ଠିକା ସଂସ୍ଥା ସେଠାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନିୟୋଜିତ କରିଥିବା ଜଣାପଡିଛି । ଆଦର୍ଶ ଥାନା ପକ୍ଷରୁ ଯୁବକ ଦୁଇଜଣଙ୍କୁ ଅଟକ ରଖାଯାଇ ଯାଞ୍ଚ କରାଯାଉଛି ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଯୁବକମାନଙ୍କୁ ପାରାଦୀପ ଅଠରବାଙ୍କୀ ପୋଲ ଉପରେ କାର୍ଯ୍ୟ ଚାଲୁଥିବା ଯୋଗୁ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟରେ ନିୟୋଜିତ କରାଯାଇଛି । ସମ୍ପୃକ୍ତ ଯୁବକ ମାନେ ଟ୍ରାଫିକ ବିଷୟରେ କିଛି ଜାଣି ନଥିବା ବେଳେ ସେମାନଙ୍କୁ କିଭଳି ଏଠାରେ ନିୟୋଜିତ କରାଯାଇଛି ତାହା ପ୍ରଶ୍ନବାଚୀ ।

ଏହି ଯୁବକ ମାନେସାଧାରଣ ଲୋକଙ୍କୁ ବ୍ୟବହାର ଖରାପ ମଧ୍ୟ କରୁଛନ୍ତି । ଜଣେ ଡାକ୍ତରଙ୍କୁ ଡାକ୍ତର ବୋଲି ଜାଣି ସୁଦ୍ଧା ରାସ୍ତା ଉପରେ ମାଡ ମାରି ଲହୁଲୁହାଣ କରିବା ସାହସ ଓ ଭାଇ ଗିରି ଦେଖାଇବାକୁ ତାଙ୍କୁ ବଳ କିଏ ଦେଲା ବୋଲି ମଧ୍ୟ ପ୍ରଶ୍ନ ଉଠୁଛି । ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଆସନ୍ତାକାଲି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି । ଏମାନଙ୍କୁ ସେଠାରେ ନିୟୋଜିତ କିଏ କରିଥିଲେ , କେଉଁ ଆଧାରରେ କରିଥିଲେ , ତାହାର ତଦନ୍ତ କଲେ ଅନେକ କଥା ସାମ୍ନାକୁ ଆସିବ ବୋଲି ଜଣାପଡ଼ିଛି ।

# ବ୍ଲକ କଂଗ୍ରେସ ପକ୍ଷରୁ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା

କୁଆଁପାଳ,(ସବ୍ୟୁ):ମାହାଙ୍ଗା ବ୍ଲକ କଂଗ୍ରେସ ପକ୍ଷରୁ ଲଳିତଗିରି ଗ୍ରାମର ବର୍ଷିୟାନ କଂଗ୍ରେସ ସଂଗଠକ ପଦ୍ମନାଭ ସିଂହଙ୍କ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା କୁଆଁପାଳ ମଧୁକୋଠୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ କମିଟି ସଭାପତି ଆଇନଜୀବୀ ଦୀପକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା ସେକ ମସୁଦ ଅଲି ଯୋଗଦେଇ ସ୍ୱର୍ଗତ ସିଂହ ପୂର୍ବତନ ମନ୍ତ୍ରୀ ସେକ ମତଲୁବ ଅଲିଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ତଥା ପୁରୁଖା କଂଗ୍ରେସ ସଂଗଠକ ଭାବେ କାର୍ଯ୍ୟ କରିଥିଲା ବେଳେ କଂଗ୍ରେସ ପାଇଁ ତାଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି କହିଥିଲେ।

ଅନ୍ୟତମ ଅତିଥିଭାବେ ଜିଲ୍ଲା କଂଗ୍ରେସ ସାଧାରଣ ସଂପାଦକ ସେକ ସୌକତ ଅଲି,ସଂପାଦକ ମାନସ ରଞ୍ଜନ ଦାସଙ୍କ ସମେତ ରଞ୍ଜନ ପ୍ରଧାନ,ଅରୁଣ ନାଥ ,ପଣ୍ଡିତ ପ୍ରଭାତ କୁମାର କର,କ୍ଷୀରୋଦ ସାହୁ,ଶ୍ୟାମସୁନ୍ଦର ସ୍ୱାଇଁ,ବସନ୍ତ ପଣ୍ଡା,ସଚିନ୍ଦ୍ର ପତି,ରାଜେନ୍ଦ୍ର ବରାଳ,ବିପ୍ଳବୀ ଜବାନ ମହାନ୍ତି,ଭାନୁଚରଣ ପରିଡା,ଦୀପକ ନାୟକ,ରବି ନାରାୟଣ ସାହୁ ,ସେକ କଲ୍ଲିମୁଲ୍ଲା ଆଜାଦ,ଗୟାଧର ରାଉତ,ମିତ୍ରଭାନୁ କେଶରୀ ,ଅମୁଲ୍ୟ ସିଂହ,ଅଭୟ ମହାନ୍ତି,ସୁରେଶ ଲେଙ୍କା,ବିଦ୍ୟାଧର ବେହେରା,ସୁରେନ୍ଦ୍ର ମହାନ୍ତି,ସୁନାକର ଜେନା,ଗୁରୁଚରଣ ଜେନା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସିଂହଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ମାଳିପୁରରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ବନ୍ଦ ଦାବିରେ ଅନଶନ

ପଟ୍ଟାମୁଣ୍ଡାଇ, (ସବ୍ୟୁ) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ଗ୍ରାମ ପଂଚାୟତର ମାଳିପୁର ଗ୍ରାମର ଶନି ମନ୍ଦିର ନିକଟ ଏକ ସରକାରୀ ସର୍ବସାଧାରଣ ରାସ୍ତା ଉପରେ ଚାଲିଥିବା ଗୃହ ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଗତ ୭ ଦିନ ଧରି ମାଳିପୁର ଗ୍ରାମର ପ୍ରଶାନ୍ତ ମହାନ୍ତି ଓ ତାଙ୍କ ସହଯୋଗୀ ରମାକାନ୍ତ ଦାଶ ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଚଳାଇ ଆସୁଛନ୍ତି। ତେବେ ବ୍ଲକ ପକ୍ଷରୁ ଏହା ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଛି ବୋଲି କୁହାଯାଉଛି।

ମାତ୍ର ସରକାରୀ ରାସ୍ତାରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ବନ୍ଦ କରାଯାଉ ବୋଲି ଅଭିଯୋଗ କରି ଏହାକୁ ତୁରନ୍ତ ବନ୍ଦ କରିବା ଦାବିରେ ୭ ଦିନ ଧରି ଅନଶନ ଚାଲିଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗତ ୭ ତାରିଖ ଦିନ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ବିଡ଼ିଓ ଶୀତଲ ଅଗ୍ରୱାଲ ଅତିରିକ୍ତ ତହସିଲଦାର ସାଗରୀକା ସେଠୀ, ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ଅନଶନକାରୀଙ୍କ ସହିତ ବିଶଦ ଆଲୋଚନା କରିଥିଲେ ।କିନ୍ତୁ ତହସିଲଦାର ଅନଶନକାରୀଙ୍କୁ କୌଣସି ଲିଖିତ ପ୍ରତିଶ୍ରୁତି ଦେବାକୁ ମନା କରିଦେବାରୁ ଅନଶନକାରୀମାନେ ସରକାରୀ ସର୍ବସାଧାରଣ ରାସ୍ତାରେ ନିର୍ମାଣାଧୀନ ପ୍ରକଳ୍ପ ବନ୍ଦ କରାନଗଲେ ଅନଶନ ଜାରି ରହିବ ବୋଲି ଅଡ଼ି ବସିବାରୁ କୌଣସି ସମାଧାନର ବାଟ ଫିଟି ନଥିଲା ।ଯାହାଫଳରେ ପୂର୍ବପରି ଅନଶନ ଜାରି ରହିଥିବା ବେଳେ ଯୁବ ସମାଜସେବୀ ଆଶିଷ ମଲିକଙ୍କ ନେତୃତ୍ୱ ରେ ମାଳିପୁର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ଠାରୁ ଶୋଭାଯାତ୍ରାରେ ଆସି ଅନଶନକାରୀଙ୍କୁ ସମର୍ଥନ ଜଣାଇବା ସହିତ ପ୍ରକଳ୍ପ ବନ୍ଦକରିବା ପାଇଁ ତହସିଲଦାରଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ପଟ୍ଟାମୁଣ୍ଡାଇ ଆମ୍ବେଦକର ଦଳିତ ଜାତିସଂଘ ସଭାପତି କଳ୍ପତରୁ ମଲିକ ବିଜେପି ନଗର ସମ୍ପାଦକ ଗୋଲେଖ ମଲିକ, ଆନ୍ତର୍ଜାତିକ ମାନବିକ ଅଧିକାର ବାହିନୀର କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ଦାଶ, ବରିଷ୍ଠ ନାଗରିକ କାହ୍ନୁ ଚରଣ ରାଉତରାୟ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ ।

# ପାରାଦୀପ ବନ୍ଦର ପ୍ରାଧିକରଣରେ ଆଇଏମପିସିସି ବୈଠକ



ପାରାଦୀପ,(ଜିପ୍ର):ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଓଡ଼ିଶା କ୍ଷେତ୍ରର ଆନ୍ତଃଗଣମାଧ୍ୟମ ପ୍ରଚାର ସମନ୍ୱୟ କମିଟି (ଆଇଏମପିସିସି)ର ଏକ ବୈଠକ ପାରାଦୀପ ବନ୍ଦର ପ୍ରାଧିକରଣ ବୋର୍ଡ ରୁମରେ ଅନୁଷ୍ଠିତ ହୋଇଯାଇଛି । ରଣନୀତିକ ଯୋଗାଯୋଗକୁ ସୁଦୃଢ଼ କରିବା, ଆନ୍ତଃବିଭାଗୀୟ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଏବଂ ସମଗ୍ର ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ନୀତି ଏବଂ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା

ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ଅଧ୍ୟକ୍ଷ ଶ୍ରୀ ପି.ଏଲ. ହରନାଧ ଦେଶର ପ୍ରମୁଖ ଶିଳ୍ପ ଏବଂ ସାମୁଦ୍ରିକ କେନ୍ଦ୍ର ଭାବରେ ପାରାଦୀପର ଦ୍ରୁତ ଅଭ୍ୟୁଦୟ ଉପରେ ଆଲୋକପାତ କରିଥିଲେ । ମାଲ ପରିବହନ କ୍ଷମତାରେ ପାରାଦୀପ ବନ୍ଦର ଭାରତର ପ୍ରମୁଖ ବନ୍ଦର ହେବାର ମାଇଲଖୁଣ୍ଟ ହାସଲ କରିଛି ।ସେ ଗଞ୍ଜାମ ଜିଲ୍ଲାର ବାହୁଦାରେ ଏକ ପୂର୍ଣ୍ଣାଙ୍ଗ ସାଟେଲାଇଟ୍ ବନ୍ଦର ବିକାଶ ବିଷୟରେ ବିସ୍ତୃତ ଭାବରେ ସୂଚନା ପ୍ରଦାନ କରିଥିଲେ ।ରୂପାନ୍ତରକାରୀ ଉପକୂଳ ଭିତ୍ତିଭୂମି ଉପରେ ଅଧିକ ଆଲୋକପାତ କରି ଶ୍ରୀ ହରନାଧ କହିଥିଲେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ଜାହାଜ ନିର୍ମାଣ ଏବଂ ମରାମତି କ୍ଲଷ୍ଟର ପାଇଁ ଯୋଜନା ରହିଛି ।ପୁରୀରେ ଏକ ଆଧୁନିକ କ୍ରୁଜ୍ ଟର୍ମିନାଲ ପ୍ରତିଷ୍ଠା ଦିଗରେ ମଧ୍ୟ ପାରାଦୀପ ବନ୍ଦର ପ୍ରାଧିକରଣ ଆଗକୁ ବଢୁଛି ।

ବୈଠକରେ ଅଧ୍ୟକ୍ଷତା କରି, ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି)ର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଆଇଏମପିସିସି ଓଡ଼ିଶାର ଅଧ୍ୟକ୍ଷ ଅଖିଳ କୁମାର ମିଶ୍ର ଗଣଯୋଗାଯୋଗରେ ସହାନୁଭୂତି ଏବଂ ଭାବପ୍ରବଣ ଉପସ୍ଥାପନା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, ପ୍ରକୃତ ସମ୍ପର୍କ ଏବଂ ନାଗରିକଙ୍କ ଆଶାକୁ ଠିକ୍ ଭାବେ ବୁଝି ନ ପାରିଲେ ଗଣଯୋଗାଯୋଗ ପ୍ରଭାବଶୂନ୍ୟ ହୋଇଥାଏ।ରାଷ୍ଟ୍ର ପ୍ରଗତିର ଏକ ମିଳିତ କାହାଣୀ ଉପସ୍ଥାପନ କରିବା ଲାଗି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟରେ ବ୍ୟବସ୍ଥିତ ସମନ୍ୱୟ ରହିବା ଅତି ଆବଶ୍ୟକ ।

ବୈଠକରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ଗଣମାଧ୍ୟମ ୟୁନିଟ୍, ବିଭାଗ ଏବଂ ସ୍ୱାୟତ୍ତ ପ୍ରତିଷ୍ଠାନଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଅଧିକାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ବୈଠକରେ ଦୂରଦର୍ଶନ, ଭୁବନେଶ୍ୱରର ଆଞ୍ଚଳିକ ସମାଚାର ୟୁନିଟର ଉପନିର୍ଦ୍ଦେଶକ ତଥା ମୁଖ୍ୟ ଡକ୍ଟର ଅଭିଷେକ ମିଶ୍ରା ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ସୁଚିତ୍ରା ସାମଲ ମାଇ ଭାରତ ଓଡ଼ିଶା ରାଜ୍ୟ ନିର୍ଦ୍ଦେଶକ ଅଶୋକ କୁମାର ଦାଶ, ମାଇ ଭାରତ ସହକାରୀ ସେକ୍ସନ ଅଫିସର ରୋହିତ ନନ୍ଦେଶ୍ୱର, ସିଏସଆଇଆର-ଆଇଏମଏମଟି ଭୁବନେଶ୍ୱରର ବୈଜ୍ଞାନିକ ଡକ୍ଟର ସତ୍ୟଜିତ ରଥ, ଏନଆଇଟି ରାଉରକେଲାର ଲୋକ ସମ୍ପର୍କ ଅଧିକାରୀ ଅଭିଜିତ ପଟ୍ଟନାୟକ, ଆକାଶବାଣୀ କଟକ ଆଞ୍ଚଳିକ ସମାଚାର ୟୁନିଟର ବାର୍ତ୍ତା ସମ୍ପାଦକ ନିର୍ମାଲ୍ୟ ବେହେରା, ବିଏସଏନଏଲ ଉପଖଣ୍ଡ ଅଧିକାରୀ ଅସିତ ପ୍ରସାଦ ସାମଲ, ଏମପିଇଡିଏ ସହାୟକ ନିର୍ଦ୍ଦେଶକ ବିଜୁ ଭି.ଏନ. ଇଏସଆଇସି ପାରାଦୀପର ଶାଖା ପରିଚାଳକ ରୋଜାଲିନ ସାହୁ, ପିଆଇବି ଭୁବନେଶ୍ୱରର ସୂଚନା ସହାୟକ ବିକାଶ ରଞ୍ଜନ ଦଳେଇ, ପିପିଏର ମୁଖ୍ୟ ପ୍ରବନ୍ଧକ (କର୍ପୋରେଟ୍ ସମ୍ପର୍କ ଓ ଯୋଗାଯୋଗ) ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଘରେ ଘରେ ତ୍ରିରଙ୍ଗା ଅଭିଯାନ ଯାତ୍ରା

ଜଗତସିଂହପୁର, (ସବ୍ୟୁ) : ଆଜି ପୂର୍ବାହ୍ନରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନ୍ତର୍ଗତ ତ୍ରିରଙ୍ଗା ଯାତ୍ରା ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ଶୁଭାରମ୍ଭ ହୋଇଯାଇଛି।ମାନ୍ୟବର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ ମୋଟର ସାଇକେଲ ରେ ଶୋଭାଯାତ୍ରାରେ ଯୋଗ ଦେଇ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ ।ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ, ଜିଲ୍ଲାପାଳ ଜେ ସୋନାଲ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଓ ଅନ୍ୟ ବରିଷ୍ଠ ଅଧିକାରୀ ଙ୍କ ଉପସ୍ଥିତି ରେ ଏହି ବିଶାଳ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ ହୋଇଥିଲା । ଆଜିର ଏହି ଜିଲ୍ଲା ସ୍ତରୀୟ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସେଲଫି ୱିଥ ତ୍ରିରଙ୍ଗା, ଦସ୍ତଖତ ଅଭିଯାନ ଏବଂ ଦେଶ ଭକ୍ତିର ଗାନ ବାଜୁଥିବା ହର ଘର ତ୍ରିରଙ୍ଗା ରଥ ର ଶୁଭାରମ୍ଭ କରାଯାଇଥିଲା ।

ଏହି ଅଭିଯାନ ଅନ୍ତର୍ଗତ ଜିଲ୍ଲାରେ ଆଜି ତ୍ରିରଙ୍ଗା ଶୋଭାଯାତ୍ରାରେ ଏକ ହଜାରରୁ ଅଧିକ ସଂଖ୍ୟାରେ ଜିଲ୍ଲାବାସୀ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ସଅଁରା ସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ପଦଯାତ୍ରା , ସାଇକେଲ ଓ ମୋଟର ସାଇକେଲ ରାଲି କରି ଆସିଥିଲେ ।ପଦଯାତ୍ରା ଓ ସାଇକେଲ ଯାତ୍ରା ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରେ ପରିସମାପ୍ତି ଘଟିଥିବା ବେଳେ ମୋଟର ସାଇକେଲ ଯାତ୍ରା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା।ଯାତ୍ରାର ପ୍ରାରମ୍ଭରେ ଜଗତସିଂହପୁର ବିଧାୟକ ଶ୍ରୀ ଅମରେନ୍ଦ୍ର ଦାସ ତ୍ରିରଙ୍ଗା ପତାକା ସହ କାନଭାସରେ ନିଜର ଦସ୍ତଖତ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଦେଶ ଭକ୍ତି ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଘୋଡ଼ା ନାଚ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲାପାଳ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ତ୍ରିରଙ୍ଗା ଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋୟୀ, ତହସିଲଦାର, ଜଗତସିଂହପୁର ଅଜୟ କୁମାର ମହାନ୍ତି, ତହସିଲଦାର, ନାଉଗାଁ ବିକାଶ ରଞ୍ଜନ ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ରାଜେଶ କୁମାର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀମତୀ ବିଶ୍ୱବିଜୟନୀ ପଟ୍ଟନାୟକ,ସମସ୍ତ ଜିଲ୍ଲାସ୍ତରୀୟ ତଥା କ୍ଷେତ୍ରୀୟ ଅଧିକାରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ,ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇ ତ୍ରିରଙ୍ଗା ପତାକା କୁ ସମ୍ମାନ ପ୍ରଦର୍ଶନ କରିବା ସହ ସେଲ୍ଫି ଓ ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ ।

# ଟାଟା ଷ୍ଟିଲ୍ ପକ୍ଷରୁ 'ମୌସୁମୀ ସଡ଼କ, ସ୍ୱାସ୍ଥ୍ୟ ସୁରକ୍ଷା' ଅଭିଯାନ




ବ୍ୟାସନଗର, (ଜିପ୍ର): ଟାଟା ଷ୍ଟିଲ୍ କଳିଙ୍ଗନଗର ସୁରକ୍ଷା ବିଭାଗ ଓ କଳିଙ୍ଗନଗର ପୁଲିସ୍ର ମିଳିତ ଆନୁକୂଲ୍ୟରେ ମୌସୁମୀ ସମୟରେ ସଡ଼କ ସୁରକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି । ମଙ୍ଗଳବାର ଡୁବୁରୀସ୍ଥିତ ଟାଟାଷ୍ଟିଲ୍ କଳିଙ୍ଗନଗରର ମୁଖ୍ୟ ଫାଟକ ଠାରେ 'ମୌସୁମୀ ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା' ଏବଂ 'ସାଇବର ସୁରକ୍ଷା' ଶୀର୍ଷକରେ ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । କାର୍ଯ୍ୟକ୍ରମକୁ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଏବଂ କଳିଙ୍ଗନଗର ଥାନା ଆଇଆଇସି ପ୍ରକାଶ କୁମାର ସାହୁ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଚିଫ୍ ସିକ୍ୟୁରିଟି ପ୍ରକାଶ ସଞ୍ଜୟ, ଟିଏସ୍କେ ଚିଫ୍ କୋର୍ପୋରେଟ୍ ସର୍ଭିସେସ୍ ରବି ମାରିକଙ୍କ ସମେତ ସଂସ୍ଥାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ମୌସୁମୀ ଫଳରେ ଉପୁଜୁଥିବା ସମସ୍ୟାର ମୁକାବିଲା, ସଡ଼କ ସୁରକ୍ଷା ନିୟମ ପାଳନ, ସ୍ୱାସ୍ଥ୍ୟ ସଚେତନତା ସହ ବର୍ତ୍ତମାନର ପ୍ରମୁଖ ସମସ୍ୟା ପାଲଟିଥିବା ସାଇବର ସୁରକ୍ଷା ପ୍ରତି ସଚେତନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟଥିଲା । କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ଚାରିଚକିଆ ଯାନ ଚାଳକମାନଙ୍କୁ ସିଟ୍ବେଲ୍ଟ ବାନ୍ଧିବା ଏବଂ ଦୁଇଚକିଆ ଯାନ ଚାଳକ ଓ ପଛରେ ବସୁଥିବା ବ୍ୟକ୍ତିଙ୍କୁ ହେଲମେଟ୍ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଥିଲା ।

କାର୍ଯ୍ୟକ୍ରମ ଆରମ୍ଭରେ ବର୍ଷା ଦିନେ ଗାଡ଼ି ଚାଳନାର ସୁରକ୍ଷା ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ଏଥି ସମେତ କାର୍ଯ୍ୟକ୍ରମରେ ଫିସିଂ ଆଟାକ୍, ମାଲୱେୟାର, ରାନ୍ସମ୍ୱେୟାର ଏବଂ ଡାଟା ଚୋରି ଭଳି ବୃଦ୍ଧି ପାଉଥିବା ସାଇବର ଅପରାଧ ସମ୍ପର୍କରେ ସଚେତନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା

ନୟାଗଡ଼, (ସବ୍ୟୁ): ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ସମ୍ମାନ ଭାବନା ଜାଗ୍ରତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୯ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ପ୍ରାୟ ୨୦୦ ମିଟର ଲମ୍ବ ବିଶିଷ୍ଟ ତ୍ରିରଙ୍ଗା ପତାକା ସହର ପରିକ୍ରମା କରିଥିଲା । ଦେଶ ସ୍ୱାଧୀନତା ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଦେଶବ୍ୟାପୀ ଗୌରବମୟ ହର ଘର ମେ ତ୍ରିରଙ୍ଗା ଅଭିଯାନ ଶୋଭାଯାତ୍ରା ଶୁଭାରମ୍ଭ ହୋଇଛି । ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ରୋଜିନା ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପ- ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଏବଂ




ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଜାତା କୁମାରୀ ସାହୁଙ୍କ ସମେତ ବିଭିନ୍ନ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ । ଏଥିରେ ବହୁ ସଂଖ୍ୟକ ଛାତ୍ର ଛାତ୍ରୀ, ଶିକ୍ଷକ, ସଚେତନ ନାଗରିକ ହାତରେ ତ୍ରିରଙ୍ଗା ଧରି ଶୋଭାଯାତ୍ରା ସହର ପରିକ୍ରମା କରିବା ଦୃଶ୍ୟ ଲୋକଙ୍କ ମଧ୍ୟରେ ଜାତୀୟତା ବୋଧ ସୃଷ୍ଟି କରିଥିଲା । ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଯାତ୍ରା ରେ ଦୁଇ ହଜାରରୁ ଅଧିକ ନାଗରିକ ସାମିଲ ହୋଇଥିଲେ ।

# ବାଙ୍କୀ -ଡମପଡ଼ା ବ୍ଲକ କାର୍ଯ୍ୟାଳୟରେ ୧୬୩ ବି ଏନ ଏସଏସ ଜାରି

ବାଙ୍କୀ ,(ସବ୍ୟୁ): ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀଙ୍କ ଗୋଷ୍ଠୀ ସହିତ ବିଧାୟକଙ୍କ ସମର୍ଥକଙ୍କ ମୁହାଁମୁହିଁ ହେବା ସହିତ ଗଣ୍ଡୋଗୋଳ ଆଶଙ୍କାରେ ୧୬୩ ବି ଏନଏସ ଏସ, ଧାରା ଜାରି କରାଯାଇଛି ।କଡା ସୁରକ୍ଷା ବଳୟ ଭିତରେ ବାଙ୍କୀ ଡମପଡ଼ା ବ୍ଲକ କାର୍ଯ୍ୟାଳୟ । ବିଜେପି କର୍ମୀମାନେ ବ୍ଲକକୁ ଯାଇ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ବିଡିଓଙ୍କୁ ଘେରିବାକୁ ଯିବାକୁ ଯୋଜନା କରି ବିଜେପି ନେତା ତୁଷାର କାନ୍ତ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ସାଂସଦ ପ୍ରତିନିଧି ସରୋଜ କୁମାର ମତଗଜ ସିଂହ, ବ୍ଲକ କାର୍ଯ୍ୟାଳୟ ଆସୁଥିବା ବେଳେ ବିପରୀତ ଦିଗରୁ କଲେଜ ପଟୁ ବିଧାୟକ ଦେବୀ ରଂଜନ ତ୍ରିପାଠୀଙ୍କ ସମର୍ଥକମାନେ ସ୍ଲୋଗାନ ଦେଇ ମାଡି ଆସିଲା ବେଳକୁ ବ୍ଲକ ସମ୍ମୁଖରେ ରେ ପୋଲିସ ଅଟକାଇ ଥିଲେ । ତୁଷାର କାନ୍ତ ଚକ୍ରବର୍ତ୍ତୀ ଙ୍କ ସହିତ ଦଳୀୟ କର୍ମୀ ସାତ ଜଣ ଯାଇ ବିଡ଼ିଓ ଙ୍କୁ ସମସ୍ୟା ସଂପର୍କ ରେ ଆଲୋକପାତ କରିଥିଲେ । ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅନିୟମିତତା ହୋଇ ଥିବାର ଅଭିଯୋଗ କରିଥିଲେ । ଉଭୟ ଗୋଷ୍ଠୀ ମୁହାମୁହିଁ ହେଲେ ଗଣ୍ଡଗୋଳ ହେବାର ନିଶ୍ଚିତ ଆଶଙ୍କା କରି ବ୍ଲକ କାର୍ଯ୍ୟାଳୟ ରେ ୧୬୩ ବି ଏନ ଏସଏସ ଧାରା ଜାରି ହୋଇଛି । ତିନି ପ୍ଲାଟୁନ ପୋଲିସ ପ୍ଲାଟୁନ ଫୋର୍ସ ସହିତ ୧୪ ଜଣ ବରିଷ୍ଠ ପୋଲିସ ଅଧିକାରୀ ମୁତୟନ ହୋଇଛନ୍ତି । ବାଙ୍କୀ ଡମପଡ଼ା ବ୍ଲକ କାର୍ଯ୍ୟାଳୟ କଡା ସୁରକ୍ଷା ବଳୟ ମଧ୍ୟରେ ରଖା ଯାଇଛି ।

# କଣ୍ଟିଲୋ -ଶୂଳିଆ ରାସ୍ତାରେ ଭାସୁଛି ବର୍ଷାଜଳ

କଣ୍ଟିଲୋ,(ସବ୍ୟୁ) : ନୀଳମାଧବ କ୍ଷେତ୍ର କଣ୍ଟିଲୋ ଠାରୁ ପାଟଣା ଗ୍ରାମ ଦେଇ ଶୂଳିଆ ଛକକୁ ସଂଯୋଗ କରୁଥିବା ପ୍ରାୟ ୩କି ମି ରାସ୍ତା ଖାଲଖମାରେ ଭର୍ତ୍ତି ହେବା ସହିତ ଶୋଚନୀୟ ହୋଇପଡିଛି । ବର୍ତ୍ତମାନ କଣ୍ଟିଲୋ ପଞ୍ଚାୟତ କାଯ୍ୟାଳୟ ନିକଟ ଗାନ୍ଧୀ ପାର୍କ ପାଶ୍ୱର୍ରାସ୍ତାରେ ବର୍ଷାବେଳେ ଅଞ୍ଚଳ ଜଳମଗ୍ନ ହୋଇପଡୁଛି । ଫଳରେ ଯାତାୟତ ବାଧାପ୍ରାପ୍ତ ହେଉଛି । ଉକ୍ତ ସ୍ଥାନରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷା ଜଳ ନିଷ୍କାସନ ହୋଇନପାରି ରାସ୍ତାରେ ଜମିରହୁଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଜଳସମ୍ପଦ ବିଭାଗ ଦ୍ୱାରା ଗାନ୍ଧୀ ପାର୍କ ନିର୍ମାଣ ପାଇଁ ପୂର୍ବରୁ ରାସ୍ତା ପତନ ତଳେ ଥିବା ପାର୍କକୁ ପୋତାଯାଇଛି । କିନ୍ତୁ ସେହି ସ୍ଥାନରେ ଡ୍ରେନ ନିର୍ମାଣ ପ୍ରତି ଦୃଷ୍ଟି ଦିଆଯାଇନାହିଁ । ବର୍ଷାଜଳ ରାସ୍ତାରେ ଜମୁଛି । ଉକ୍ତ ରାସ୍ତା ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ରହିଛି ।ସେହିଭଳି ୩କିମି ରାସ୍ତା ମଧ୍ୟରେ ବାପୁଜୀ ନଗର ଠାରୁ ଆରମ୍ଭ କରି ଗ୍ରାମ ପଞ୍ଚାୟତ ସମ୍ମୁଖ ରାସ୍ତା ସମେତ ପାଟଣା ସେତୁ, ବିଦ୍ୟୁତ ସବଷ୍ଟେସନ ରାସ୍ତା, ଶୂଳିଆ ମନ୍ଦିର ପାର୍ଶ୍ୱ ରାସ୍ତା ସାରା



ବିଭିନ୍ନ ସ୍ଥାନରେ ସିମେଣ୍ଟ ଦବି ଯାଇ ଖାଲ ସୃଷ୍ଟି ହୋଇଛି । ଫଳରେ ଯାତାୟତରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ବର୍ଷା ହେଲେ ଖାଲ ସବୁରେ ପାଣି ଜମିରହି ସମସ୍ୟାକୁ ଦ୍ୱିଗୁଣିତ କରୁଛି । ଉକ୍ତ ରାସ୍ତାକୁ ବାରମ୍ବାର ମରାମତି କରାଯାଇଥିଲେ ମଧ୍ୟ ନିମ୍ନମାନର ନିର୍ମାଣ ଯୋଗୁଁ ଅନେକ ସ୍ଥାନରେ ରାସ୍ତା ଦବିଯାଇ ଶୋଚନୀୟ ହୋଇପଡିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।ଶୋଚନୀୟ ରାସ୍ତା ଯୋଗୁ ଖଣ୍ଡପଡା ପଟୁ ଆସୁଥିବା ଲୋକେ ଏବଂ କଣ୍ଟିଲୋରୁ ନୟାଗଡ ଯାଉଥିବା ଲୋକେ ବାଧ ହୋଇ ୨କିମି ଦୂର ବାଣପୁର ଛକ ଦେଇ ଯା 'ଆସ କରୁଥିବା ଦେଖାଯାଉଛି । ଏଣୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଥବା ବ୍ଲକ ପ୍ରଶାସନ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବୀ ହେଉଛି ।

# 'ସିୟାରାମ କ୍ଲାସେସ'ର ପ୍ରତିଷ୍ଠା ଦିବସ

ନିରାକାରପୁର ,(ସବ୍ୟୁ): :ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ସିୟାରାମ କ୍ଲାସେସ'ର ପ୍ରତିଷ୍ଠା ଦିବସ, ବାର୍ଷିକ ଉତ୍ସବ ଏବଂ ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ନିମନ୍ତ୍ରିତ ଅତିଥି ଭାବେ ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ ଅଭିରାମ ପଣ୍ଡା, ବିଦ୍ୟାଧର ବିଶ୍ୱାଳ, ସରୋଜ କୁମାର ମହାପାତ୍ର, , ଶ୍ରୀଧର ସେଠୀ, ଏକାଦଶୀ ପରିଡ଼ା, ଜୟନ୍ତ କୁମାର ଦାଶ, ରାଜେଶ ପ୍ରତିହାରୀ ଏବଂ କୈବଲ୍ୟ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଶିକ୍ଷା, ନିଷ୍ଠା ଓ ସମୟାନୁବର୍ତ୍ତିତାର ମହ‰ ବୁଝାଇବା ସହ ଆଜିର ପ୍ରତିଯୋଗିତାମୂଳକ




ଯୁଗରେ କମ୍ପ୍ୟୁଟର ଓ ବୈଷୟିକ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ଶିକ୍ଷାଦାନ ଶୈଳୀ ଓ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଏହାର ଭୂମିକାକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ ।ଏହି ଅବସରରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରାଯିବା ସହ ପାଠ୍ୟ ଉପକରଣ ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ଅଧ୍ୟାପକ, କର୍ମଚାରୀ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସଭା ଶେଷରେ ବାସୁଦେବ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମେରିକା ଝିଅ ଓଡ଼ିଶା ବୋହୂ : ଶାଶୂଘରେ ପାଳିଲେ ପୁଅର ଜନ୍ମ ଦିନ

ଗୋପ,(ସବ୍ୟୁ): ଓଡ଼ିଆ ଯୁବକଙ୍କୁ ଆମେରିକାରେ ପ୍ରେମ ଓ ବିବାହ ପରେ ନିଜ ପୁଅର ପ୍ରଥମ ଜନ୍ମଦିନକୁ ହିନ୍ଦୁ ରୀତିନୀତିରେ ପାଳନ ପାଇଁ ଏକୁଟିଆ ୭୨ ଘଣ୍ଟାରୁ ଉର୍ଦ୍ଧ୍ୱର୍ ସମୟ ଧରି ଟ୍ରେନ ଓ ବିମାନରେ ଯାତ୍ରା କରି ନିଜ ପୁଅକୁ ଧରି ଶାଶୂଘର ଗାଁରେ ପହଁଚିଲେ ଆମେରିକୀୟ ମହିଳା । ପୁଅର ଜନ୍ମଦିନରେ ଶାଶୂଘର ଲୋକ ଓ ଗ୍ରାମବାସୀଙ୍କ ଗହଣରେ ସତ୍ୟ ନାରାୟଣ ପୂଜା,ପାଲା ସହିତ କେକ କଟା ସାଙ୍ଗକୁ ଭୋଜିଭାତ ଅସରର ମଜ୍ଜା ନେଲେ ଏହି ବିଦେଶୀ ମହିଳା । ପୁରୀ ଜିଲ୍ଲା ଗୋପ ବ୍ଲକ ନୟାହାଟ ଅଂଚଳ ସିରେଇ ଗାଁର ସାଧୁ ମଲ୍ଲିକଙ୍କ ସାନ ପୁଅ ନ୍ୟାୟବ୍ରତ ନିଜର ପାଠପଢା ସାରି ପ୍ରଥମେ ୨୦୨୦ ମସିହାରେ ଆମେରିକାରେ ଏକ ଘରୋଇ ପାଣି ଜାହାଜରେ ଚାକିରୀ ଆରମ୍ଭ କରିଥିଲେ । ପରେ ୨୦୨୨ ମସିହାରେ ଆମେରିକାର ପେନସେଲଭାନିଆ ସହରରେ ଏକ କେମିକାଲ କମ୍ପାନୀରେ ଚାକିରି କରିବା ସମୟରେ ଏହି ସହରର ଏକ ଘରୋଇ ଡାକ୍ତରଖାନାରେ



ନର୍ସ ଭାବେ କାର୍ଯ୍ୟରତ ଜଣେ ଆମେରିକୀୟ ଆର୍ମି ଅଧିକାରୀଙ୍କ ଝିଅ ଆନଙ୍କ ସହ ଅନଲାଇନ ଚାଟିଂ କରୁକରୁ ତାଙ୍କ ପ୍ରେମରେ ପଡି ୨୦୨୩ ମସିହାରେ ତାଙ୍କୁ ଏକ ଚର୍ଚ୍ଚ ରେ ବିବାହ କରିଥିଲେ । ୨୦୨୫ରେ ତାଙ୍କର ପୁତ୍ର ଶିଶୁ ଟିଏ ଜନ୍ମଲାଭ କରିବା ପରେ ସେ ପୁଅ ନାଁ ଓଁକାର ଦେଇଥିଲେ । ପୁଅ ଜନ୍ମ ହେବାର ମାତ୍ର ୪ ମାସ ପରେ ନ୍ୟାୟବ୍ରତଙ୍କୁ ତାଙ୍କ ଘରକୁ ଆସିବାକୁ ପଡିଥିଲା । କୌଣସି କାରଣରୁ ସେ ୮ମାସ ହେଲା ଆଉ ଆମେରିକା ଫେରିପାରିନଥିଲେ । ହେଲେ ନିଜ ସ୍ୱାମୀଙ୍କୁ ଦେଖା କରିବାର ବ୍ୟାକୁଳତା ଓ ନିଜର ପୁଅର ପ୍ରଥମ ଜନ୍ମଦିନକୁ ଶାଶୂଘର ଲୋକଙ୍କ ଗହଣରେ ପୁଣି ହିନ୍ଦୁ ରୀତିନୀତି ରେ ପାଳନ କରିବାର ଇଚ୍ଛାଶକ୍ତି ଓଡିଶା ମାଟିର ଏହି ମଫସଲ ଗାଁ ସିରେଇର ପାଣି ପବନ ତାଙ୍କୁ ଯେମିତି ଟାଣି ଆଣିଥିଲା ।ଦୁଇ ମାସ ପୂର୍ବରୁ ଆନ କୁନି ପୁଅକୁ ଧରି ପେନସେଲଭେନିଆରୁ ଟ୍ରେନ ଯୋଗେ ନିୟୁଜର୍ଜି ରେ ପହଂଚିବା ପରେ ସେଠାରୁ ବିମାନରେ ମୁମ୍ବାଇ ପରେ ଭୁବନେଶ୍ୱର ପହଂଚିବା ପରେ ଶାଶୂଘର ଲୋକେ ତାଙ୍କୁ ଗାଁ କୁ ପାଛୋଟି ଆଣିଥିଲେ । ଦୁଇ ମାସ ମଧ୍ୟରେ ଶାଶୂଘର ଗାଁ ରେ ରଜ ପାଳନ ସହ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଦର୍ଶନ ଓ ହିନ୍ଦୁ ରୀତିନୀତିରେ ପୁଅର ଜନ୍ମଦିନ ପାଳନ କରି ଆନ ଯେମିତି ଜଣେ ଆଦର୍ଶ ଓଡ଼ିଆ ବୋହୁ ପାଲଟିଯାଇଛନ୍ତି । ନିଜ ବୋହୂର ଏଭଳି ଆଚରଣ ପାଇଁ କେବଳ ତାଙ୍କ ଶାଶୂଘର ଲୋକେ ନୁହନ୍ତି ଗାଁର ସବୁ ଲୋକ ତାଙ୍କ ପ୍ରଶଂସା ଗାନ କରୁଛନ୍ତି ।

# ମା କଳାପାଟଙ୍କ ବାର୍ଷିକ ପୂଜା ଉତ୍ସବ

ଗଣିଆ,(ସବ୍ୟୁ): ଗଣିଆ ବ୍ଲକର ପୁରାଣ ପ୍ରସଦ୍ଧ ମଣିଭଦ୍ରା ପାଦଦେଶରେ ଅବସ୍ଥିତ ଶକ୍ତି ପୀଠ ମା କଳାପାଟଠାକୁରାଣୀଙ୍କ ବାର୍ଷିକ ପୂଜାଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ପୂଜାଉତ୍ସବରେ ମାନସିକଧାରୀଙ୍କ ସହ ଅଂଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥତଲା । ମାଙ୍କ କୃପାଲାଭ ପୂର୍ବକ ମାନସିକ ପୁରଣ ପରେ ଶ୍ରଦ୍ଧାଳୁ ମାନେ ମାଙ୍କ ପୀଠରେ ଜନ୍ତାଳ ଭୋଗ ବସାଇଥିଲେ । ସକାଳୁ ମା'ଙ୍କ ପାଖରେ ମାଜଣା ସରିବା ପରେ ମଧ୍ୟାହ୍ନରେ ମାଙ୍କ ମୁଖ୍ୟ ପୂଜାର ନୀତି ନିୟମ ଅନୁଯାୟୀ କ୍ଷୀର, ପିଠା ଓ ଫଳଭୋଗ ଲାଗି କରାଯାଇ ପୂଜାର୍ଚ୍ଚନା କରାଯିବା ପରେ ଅପରାହ@ରେ ଜନ୍ତାଳ ଭୋଗ କରାଯାଇଥିଲା । ଠାକୁରାଣୀଙ୍କ ନିକଟରେ ଭୋଗ କରାଯାଇଥତବା



ଜନ୍ତାଳ ଭୋଗକୁ କୌଣସି ଗ୍ରାମ ମଧ୍ୟକୁ ନିଆ ନଯାଇ ଗ୍ରାମ ବାହାରେ ବଣ୍ଟାଯାଇଥିଲ । ଜନ୍ତାଳକ୍ଷୀରି ଭୋଗକୁ ଗାଁକୁ ନେଲେ ଗ୍ରାମର ଅନିଷ୍ଟ ଘଟିବ ବୋଲି ବିଶ୍ୱାସ ରହିଥିବାର ବୟସ୍କବ୍ୟକ୍ତି ମାନେ ପ୍ରକାଶ କରନ୍ତି । ତେବେ ଏହି ପୀଠ ଗଣିଆ ଅଂଚଳର ଏକ ପ୍ରସିଦ୍ଧ ଶକ୍ତିପୀଠ ହୋଇଥିବାରୁ ମାଙ୍କ ବାର୍ଷିକ ପୂଜାତ୍ସୋବରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନଙ୍କ ଆଗମନ ହୋଇଥାଏ । ପ୍ରକାଶ ଥାଉକି ଚଳିତ ବର୍ଷ ଏହି ପୂଜାକାର୍ଯ୍ୟ ଛାମୁଣ୍ଡିଆ ପଞ୍ଚାୟତର ଗୋପୀନାଥପୁର, ବେଂଟପ ଓ ବେଂଟପ ଗ୍ରାମବାସୀଙ୍କ ଦ୍ୱାରା ସୁଚାରୁ ରୂପେ ସଂପାଦନ କରାଯାଇଥିବାବେଳେ ଆସନ୍ତା ବର୍ଷ ଇଶ୍ୱରପୁର ଓ ମସ୍କାଝୋଲା ଗ୍ରାମବାସୀଙ୍କ ଦ୍ୱାରା ସଂପାଦନ ହେବ ବୋଲି ପୂଜା କମିଟି ତରଫରୁ ସୂଚନା ମିଳିଛି ।

# ସତ୍ୟବାଦୀରେ ଅଗଷ୍ଟ କ୍ରାନ୍ତିର ଝଲକ

ସାକ୍ଷୀଗୋପାଳ ,(ସବ୍ୟୁ):ସାରାଦେଶ ଭାରତ ଛାଡ଼ ଆନ୍ଦୋଳନର ସ୍ମୃତି ଦିବସ ପାଳନ କରୁଥିବା ବେଳେ ସତ୍ୟବାଦୀରେ ଏହାର ଝଲକ ଦେଖିବାକୁ ମିଳିଛି । ୧୯୪୨ ମସିହାର "ଭାରତ ଛାଡ଼ ଆନ୍ଦୋଳନ'ରେ ସତ୍ୟବାଦୀ ଭୂମିକାକୁ ମନେପକାଇ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗ୍ରାମର କବି ରଞ୍ଜନ ମିଶ୍ର ମୁଣ୍ଡରେ ଜାତୀୟ ପତାକା ରଙ୍ଗର ପଗଡ଼ି ପିନ୍ଧି ସାକ୍ଷୀଗୋପାଳ ବଜାରକୁ ଆସିଥିଲେ । ଅନ୍ୟମାନଙ୍କୁ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେବାସହ ଦେଶବାସୀଙ୍କୁ



ଶୁଭେଚ୍ଛା ଜଣାଇଥିଲେ । ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ରମାନଙ୍କ ସହିତ ଦେଶଭକ୍ତ ଓ ମହିଳା ଏହି ସଂଗ୍ରାମରେ ସାମିଲ ହୋଇ କାରାବରଣ କରିଥିବା ସେ କହିଛନ୍ତି । ସେମାନଙ୍କର ସାହସ ଓ ତ୍ୟାଗକୁ ସ୍ମରଣ କରି ଦେଶପ୍ରେମର ବାର୍ତ୍ତା ପ୍ରଚାର କରିବା ଉଦ୍ଦେଶ୍ୟରେ ଆମପାଇଁ ସବୁଠୁ ମହାନ ଆମ ଦେଶର ଜାତୀୟ ପତାକାକୁ ମଥାରେ ବହନକରି ଗୌରାବାନ୍ୱିତ ମନେ କରୁଛି ବୋଲି କହିଛନ୍ତି । ଶ୍ରୀଯୁକ୍ତ ମିଶ୍ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ରଚାରକ ଅନନ୍ତ ମିଶ୍ରଙ୍କର ନାତି ଅଟନ୍ତି ।

# ନବ ନିର୍ବାଚିତ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

ପିପିଲି ,(ସବ୍ୟୁ): ପିପିଲି ବଜାର ବ୍ୟବସାୟୀ ସଙ୍ଘର ନିର୍ବାଚନ ପ୍ରକ୍ରିୟା ରବିବାର ଦିନ ଶେଷ ହୋଇ ବିଜୟୀ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇଯାଇଛ । ଏଥିରେ ସାରଦା ପ୍ରସନ ସିଂ (ସଭାପତି), ଅଜଗର ଅଲି (ଉପସଭାପତି), ଅଜୟ ମହାନ୍ତି (ସମ୍ପାଦକ), ଶରତ ଚନ୍ଦ୍ର ମିଶ୍ର (ସହ ସମ୍ପାଦକ) ଏବଂ ଅରୁଣ ଦତ୍ତ (କୋଷାଧକ୍ଷ) ଭାବେ ନିର୍ବାଚିତ ହେବା ପରେ ସୋମବାର ଦିନ ପିପିଲି ଏନ ଏ ସି କାର୍ଯ୍ୟାଳୟରେ ଅଧକ୍ଷ ସେକ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା ଏବଂ କଂଉନସିଲର ମାନେ ନବ ନିର୍ବାଚିତ ପ୍ରାର୍ଥୀମାନଙ୍କ ସହିତ ନିର୍ବାଚନ ଅଧିକାରୀ କର୍ପୁର ଚନ୍ଦନ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ୨୪ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ଧରଣୀଧର ସାହୁ ମଧ ଉକ୍ତ ବିଜୟୀ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧନା କରି ସେମାନଙ୍କ ଉତ୍ତରତୋର କାମନା କରିଥିଲେ ।

# ଅସ୍ଥାୟୀ ବନ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଗଣିଆ, (ସବ୍ୟୁ): ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର ଅସ୍ଥାୟୀ ବନକର୍ମଚାରି (ୱାଚର ) ମାନଙ୍କୁ ୩ ମାସର ପାରିଶ୍ରମିକ ଦରମା ମିଳିନଥିବାରୁ ଛାମୁଣ୍ଡିଆ ମହାନଦୀ ବନ୍ୟପ୍ରାଣୀ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ କରି ଧାରଣାରେ ବସିରହିଛନ୍ତି । ଚଳିତ ୧୦ ତାରିଖ ମଧ୍ୟ କୌଣସି ସମାଧାନ ହୋଇ ନ ଥିବାରୁ ବାଧ ହୋଇ ୫୭ ଜଣ ଅସ୍ଥାୟୀ କର୍ମଚାରୀମାନେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଛାମୁଣ୍ଡିଆ ବନାଞ୍ଚଳ କାଯ୍ୟଳୟ ସମ୍ମୁଖରେ ଧାରଣାରେ ବସିରହି ସ୍ଲୋଗାନ ଦେଇଥିଲେ । ଅସହାୟ ଅସ୍ଥାୟୀ ବନ କର୍ମଚାରୀ ମାନଙ୍କୁ ଖୁବ ଶୀଘ୍ର ତିନି ମାସର ବକେୟା ଦରମା ଦେବା ସହିତ ସମସ୍ତେ କାଯ୍ୟରେ ଯୋଗଦେଇ କାଯ୍ୟକରିବା ପାଇଁ ଅସ୍ଥାୟୀ କର୍ମଚାରୀମାନେ ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ଭୂତିଆଙ୍କୁ ପଚାରିବାରୁ ସେ କୁହନ୍ତି ସେମାନଙ୍କର ମେ ଜୁନ ଜୁଲାଇ ତିନି ମାସର ବକେୟା ଦରମା ପାଇନାହାନ୍ତି । କିନ୍ତୁ ଜୁଲାଇ ମାସର ଦରମା ଦୁଇ ଦିନ ଭିତରେ ହୋଇଯିବ । ଆଉ ଦୁଇମାସର ଦରମା ପାଇଁ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଛି । ଉପରୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ ଆଉ ଦୁଇମାସର ଦରମା ମିଳିବ ବୋଲି କହିଛନ୍ତି । ଏପରିକି କର୍ମଚାରୀ ମାନେ କାର୍ଯ୍ୟରେ ଯୋଗ ଦେଇନ ଥିବାରୁ ବନାଞ୍ଚଳ କାର୍ଯ୍ୟରେ ବ୍ୟଘାତ ସୃଷ୍ଟି ହେଉଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି ।

# ବିଶ୍ୱବନ୍ଦିନୀ ସାହିତ୍ୟ ସଂସଦର କବିତା ଉତ୍ସବ ଶ୍ରାବଣୀ କନ୍ୟା

ଅସ୍ତରଙ୍ଗ/କାକଟପୁର,(ସବ୍ୟୁ) ବିଶ୍ୱ ବନ୍ଦିନୀ ସାହିତ୍ୟ ସଂସଦ, ନାସିକେଶ୍ୱର, ଅସ୍ତରଙ୍ଗ, ପୁରୀ ତରଫରୁ, ଦୀପ୍ତି ପାଲେସ, କନଫରେନ୍ସ ହଲରେ ରବି ବରଦିନ କବିତା ଉତ୍ସବଶ୍ରାବଣୀ କନ୍ୟା ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଭାବେ ଦୁଇଗୋଟି ଭାଗରେ ବିଭକ୍ତ ହୋଇ, ଅନୁଷ୍ଠିତ ହୋଇ ଥିବା କବିତା ଆସରର ପ୍ରଥମ ପର୍ଯ୍ୟାୟରେ କବି ଗଙ୍ଗାଧର ଓଝା ସଭାପତିତ୍ୱ କରିଥିବା ବେଳେ, ଅତିଥି ଥିଲେ, ବେଳାଭୂମି ସାହିତ୍ୟ ସଂସଦ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ, ଜିବେଶ୍ୱରୀ ପଟେଲ, ପ୍ରବୀଣ ସୁବୁଦ୍ଧି, ହୃଦାନନ୍ଦ ଶାସମଲ ଶୋଭାକର ବେହେରା ପ୍ରମୁଖ ରହିଥିବା ବେଳେ, ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟଙ୍ଗ କବି ସତ୍ୟାନାଶ , କବି ଦୀପ୍ତି, ମହାନ୍ତି, ସୁଶାନ୍ତ କୁମାର ଶତପଥୀ, ଡ଼କଫର ମିନା କୁମାରୀ ପ୍ରଧାନ, ଡ଼କଫର ବଟ କିଶୋର ରାୟ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ କବି ସୁକାନ୍ତ ଚରଣ ଖୁଣ୍ଟିଆ, ଜୟନ୍ତୀ ସ୍ୱାଇଁ, ଶାନ୍ତିଲତା



ସାହୁ, ଅଶୋକ କୁମାର ଦଳାଇ ଙ୍କ ସମେତ ୫୦ଉର୍ଦ୍ଧ କବି ଓ କବୟିତ୍ରୀ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ ।କବି ଓ କବୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିବା ବେଳେ, କାର୍ଯ୍ୟକ୍ରମକୁ ପରି ଚାଳନା କରି ଥିଲେ ବ୍ୟଙ୍ଗ କବି ତଥା ଅନୁଷ୍ଠାନ ର ସମ୍ପାଦକ ସମ୍ପଦ ରଥ ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ନିରାକାରପୁର,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ନିରାକାରପୁର କଲେଜଛକ ନିବାସୀ ନକୁଳ ପ୍ରଧାନଙ୍କର ଗତ ଶନିବାର ରାତ୍ରି ପ୍ରାୟ ୧୦ଟାରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ ।ଜଣେ ମେଳାପୀ, ଧର୍ମପରାୟଣ ତଥା ସ୍ନେହୀ ବ୍ୟକ୍ତି ଭାବେ ପରିଚିତ ସ୍ୱର୍ଗତ ପ୍ରଧାନଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି, ବନ୍ଧୁବାନ୍ଧବ ଓ ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ।

# ମୋରପେନର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା

ବାରଙ୍ଗ (ସବ୍ୟୁ) : ମୋରପେନ୍ ଲାବୋରେଟୋରିଜ୍ ଲିମିଟେଡ୍ ଆର୍ଥିକ ବର୍ଷ ୨୦୨୭ର ପ୍ରଥମ ତ୍ରୈମାସିକରେ ସର୍ବାଧିକ ତ୍ରୈମାସିକ ରାଜସ୍ୱ ଏବଂ ଆୟ ହାସଲ କରିଛି । ଜୁନ୍ ୩୦, ୨୦୨୬ରେ ଶେଷ ହୋଇଥିବା ତ୍ରୈମାସିକର ଫଳାଫଳରେ ଉନ୍ନତ ଅପରେଟିଂ ଲିଭରେଜ୍, ଏପିଆଇ ବ୍ୟବସାୟରେ ଭଲ ପ୍ରଦର୍ଶନ ଓ ରପ୍ତାନି ଅଭିବୃଦ୍ଧି ଯୋଗୁଁ କମ୍ପାନୀର ପ୍ରଦର୍ଶନ ଶକ୍ତିଶାଳୀ ରହିଛିଛ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୁଶୀଲ ସୁରୀ କହିଛନ୍ତି, ୮୨୫ କୋଟି ଟଙ୍କାର ସିଡିଏମଓ ଅର୍ଡର ବର୍ତ୍ତମାନ ପୂର୍ଣ୍ଣ ବାଣିଜ୍ୟିକ କାର୍ଯ୍ୟକାରିତାରେ ପ୍ରବେଶ କରିଛିଛ ଏହା କମ୍ପାନୀର ଦୀର୍ଘକାଳୀନ ବିଶ୍ୱ ବ୍ୟବସାୟିକ ଭାଗିଦାରିକୁ ଆହୁରି ମଜବୁତ କରିବ ବୋଲି ସେ କହିଛନ୍ତି ।

# ବିଶ୍ୱ ଆଦିବାସୀ ଦିବସ ପାଳିତ

ଦଶପଲ୍ଲା , (ସବ୍ୟୁ): ଦଶପଲ୍ଲା ବ୍ଲକର ଆଦିବାସୀ ଗ୍ରାମ ଲେମ୍ବୁଗୋଛା ଓ ନୂଆଗାଁ ବ୍ଲକର ଜାକେଡ଼ା ଗ୍ରାମ ପଞ୍ଚାୟତ ସଭା ଗୃହରେ ପ୍ରକଳ୍ପ ଅଧିକାର ତରଫରୁ ଅଧିକାର ମିତ୍ର ସରୋଜିନୀ ମଲିକଙ୍କ ଆୟୋଜନ କ୍ରମେ ବିଶ୍ୱ ଜନ ଜାତି ଦିବସ ପାଳିତ ହେଇଯାଇଛି । ନାଏବ ସରପଞ୍ଚ ପ୍ରହଲ୍ଲାଦ ମଲିକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ସଭା ରେ ଏମ. ବି. କେ. ମଞ୍ଜୁଲତା ମଲିକ ଏବଂ ସି. ଆର. ପି. ସରସ୍ୱତୀ ଯାନୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଆଦିବାସୀ ସାମ୍ପ୍ରଦାୟଙ୍କ ଭାଷା ଓ ଚାଷାସର ସୁରକ୍ଷା ସମ୍ପର୍କରେ ମତ ରଖିଥିଲେ ।ଆଦିବାସୀ ଓ ମୂଳବାସୀ ସମୁଦାୟଙ୍କର ଅଧିକାର, ସଂସ୍କୃତି, ପରମ୍ପରା, ଜୀବନଶୈଳୀ ଓ ସାମାଜିକ-ଆର୍ଥିକ ବିକାଶ ପାଇଁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏ ଆଦିବାସୀ ସଭା ଅନୁଷ୍ଠିତ ହୋଇଥିବା କଥା ଅଧିକାର ମିତ୍ର ଅଭିମନ୍ୟୁ ସାହୁ କହିଥିବା ବେଳେ ଅଧିକାର ମିତ୍ର ପ୍ରକାଶ ମଣ୍ଡଳ ଆଦିବାସୀ ସାମ୍ପ୍ରଦାୟର ଜୀବନ ଜୀବିକା, ଜଳ, ଜମି, ଜଙ୍ଗଲ, ଖାଦ୍ୟ, ଓ ଭାଷା ସୁରକ୍ଷା ଉପରେ ଆଧାରିତ ଜନ ସଚେତନତା ଗୀତ ପରିବେଷଣ କରିଥିଲେ ।

# ଆକ୍ସିସ ମ୍ୟୁଚୁଆଲର ନୂଆ ଏନର୍ଜି ଫଣ୍ଡ ଶୁଭାରମ୍ଭ

ବାଲିଅନ୍ତା: ଆକ୍ସିସ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆକ୍ସିସ ନିଫଫି ଏନର୍ଜି ଇଣ୍ଡେକ୍ସ ଫଣ୍ଡ ଏବଂ ଆକ୍ସିସ ନିଫଫି ଏନର୍ଜି ଇଟିଏଫର ଶୁଭାରମ୍ଭ ଘୋଷଣା କରାଯାଇଛ । ଏହି ଓପନ୍-ଏଣ୍ଡେଡ୍ ସ୍କିମ୍ ନିଫଫି ଏନର୍ଜି ଟିଆର୍ଆଇକୁ ଟ୍ରାକ୍ କରିବ ଏବଂ ନିବେଶକଙ୍କୁ ଭାରତର ବିକାଶଶୀଳ ଶକ୍ତି କ୍ଷେତ୍ରରେ ନିବେଶର ସୁଯୋଗ ଦେବ । ଆକ୍ସିସ ନିଫଫି ଏନର୍ଜି ଇଣ୍ଡେକ୍ସ ଫଣ୍ଡର ଏନଏଫଓ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଏବଂ ଆକ୍ସିସ ନିଫଫି ଏନର୍ଜି ଇଟିଏଫର ଏନଏଫଓ ଅଗଷ୍ଟ ୧୨ରୁ ୨୧ ପର୍ଯ୍ୟନ୍ତ ଖୋଲା ରହିବ । କମ୍ପାନୀ ଅନୁସାରେ, ଭାରତର ଶିଳ୍ପାୟନ, ସହରୀକରଣ, ଡିଜିଟାଲାଇଜେସନ୍ ଓ ଅକ୍ଷୟ ଶକ୍ତିର ବୃଦ୍ଧି ଯୋଗୁଁ ଆଗାମୀ ଦିନରେ ଶକ୍ତି କ୍ଷେତ୍ରର ଗୁରୁତ୍ୱ ଆହୁରି ବଢ଼ିବ ।

# ମରାମତି ହେଉଛି, ତଥାପି ସୁଧୁରୁନି ଫୁଲନଖରା -ନିଆଳି ରାସ୍ତା

ଫୁଲନଖରା,(ସବ୍ୟୁ): :ରାସ୍ତା ମରାମତି ହେଉଛି ଲୋକଙ୍କ ଯାତାୟାତ ସୁବିଧା ପାଇଁ । ଖାଲଖମା ଭରିବା, ଜଳ ନିଷ୍କାସନ ସମସ୍ୟା ଦୂର କରିବା ଓ ରାସ୍ତାକୁ ଦୀର୍ଘସ୍ଥାୟୀ କରିବା ହେଉଛି ମରାମତିର ମୂଳ ଉଦ୍ଦେଶ୍ୟ । କିନ୍ତୁ କଟକ ଆର୍ ଆଣ୍ଡ ବି ଡିଭିଜନ-୨ ଅଧୀନସ୍ଥ ଫୁଲନଖରାନିଆଳି ରାସ୍ତାରେ ଚାଲିଥିବା ମରାମତି କାର୍ଯ୍ୟକୁ ନେଇ ଏବେ ଠିକ ଓଲଟା ଚିତ୍ର ସାମ୍ନାକୁ ଆସିଛି । ଦୀର୍ଘଦିନ ଧରି ମରଣଯନ୍ତା ପାଲଟିଥିବା ଏହି ରାସ୍ତାରେ ଏବେ ମରାମତି ଆରମ୍ଭ ହୋଇଥିଲେ ମଧ୍ୟ କାର୍ଯ୍ୟର ପଦ୍ଧତି, ଗତି ଓ ଗୁଣବତ୍ତାକୁ ନେଇ ଅନେକ ପ୍ରଶ୍ନ ଉଠିଛି ।ଏହି ସମସ୍ୟାର ସମାଧାନ ପାଇଁ ବିଭାଗ ପକ୍ଷରୁ ଏକାଧିକ ଠିକାଦାରଙ୍କ ମାଧ୍ୟମରେ ମରାମତି କାର୍ଯ୍ୟ ଚାଲିଛି । ଫୁଲନଖରାରୁ ନିଆଳି ଆଡ଼କୁ ଯିବା ସମୟରେ ପଞ୍ଚବଟୀ ପେଟ୍ରୋଲ ପମ୍ପ ନିକଟରେ ରାସ୍ତାର ବାମପାଶ୍ୱର୍ର ପ୍ରାୟ ଏକ ଫୁଟ ଗଭୀର ଓ ପାଞ୍ଚ ଫୁଟ ଚଉଡ଼ା ଅଂଶକୁ ଖୋଳାଯାଇଛି । କିନ୍ତୁ ରାସ୍ତା ଖୋଳିବା ପରେ ତୁରନ୍ତ ମରାମତି କାମ ସାରିବା ପରିବର୍ତ୍ତେ ଦିନ ଦିନ ଧରି ଏହାକୁ ଅଧାପନ୍ତରିଆ ଅବସ୍ଥାରେ ଛାଡ଼ି ଦିଆଯାଉଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତା ଖୋଳିବାର ପ୍ରାୟ ୭ରୁ ୮ ଦିନ ପରେ ଠିକାଦାର ନିଜ



ସୁବିଧା ଅନୁଯାୟୀ ବାଲି ପକାଇ ଫେବର ବ୍ଲକ ବସାଉଛନ୍ତି । ପ୍ରଶ୍ନ ଉଠୁଛି ଯଦି କାମ କରିବାର ସଠିକ ଯୋଜନା ଥିଲା, ତେବେ ଏକାଥରେ ଖୋଳି ଦିନ ଦିନ ଧରି କାହିଁକି ଛାଡ଼ି ଦିଆଯାଉଛି? ରାସ୍ତା ଖୋଳିବା ପୂର୍ବରୁ ବାଲି, ବ୍ଲକ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ ରଖାଯାଉନାହିଁ କାହିଁକି? କାମର ତଦାରଖ ପାଇଁ ବିଭାଗୀୟ ଯନ୍ତ୍ରୀମାନେ ନିୟମିତ ଭାବେ ଘଟଣାସ୍ଥଳରେ ରହୁଛନ୍ତି କି ନାହିଁ ତାହା ମଧ୍ୟ ଏବେ ତଦନ୍ତର ବିଷୟ ।ଏହି ମରାମତି କାର୍ଯ୍ୟର ସବୁଠାରୁ ବଡ଼ ରହସ୍ୟ ହେଉଛି ପଞ୍ଚବଟୀ ନିକଟରେ ଫେବର ବ୍ଲକ କାହିଁକି ପଠାଯାଉଛି? ଯଦି ସେଠାରେ ପ୍ରତିବର୍ଷ ବର୍ଷା ହେଲେ ପାଣି ଜମୁଛି, ତେବେ ପ୍ରଥମେ ଜଳ ନିଷ୍କାସନର ବ୍ୟବସ୍ଥା କରାଯିବା ଉଚି ନୁହେଁ କି? ରାସ୍ତାର ଢାଲୁଆ ଅଂଶ, ଡ୍ରେନେଜ, ଜଳ ନିଷ୍କାସନ ବ୍ୟବସ୍ଥା ଓ ଭିତ୍ତିର ସ୍ଥିତି ଯାଞ୍ଚ ନକରି କେବଳ ଫେବର ବ୍ଲକ ବସାଇଦେଲେ ସମସ୍ୟାର ସ୍ଥାୟୀ ସମାଧାନ କେମିତି ହେବ? ଅଧିକ ଚିନ୍ତାର ବିଷୟ, କିଛି ଅଂଶରେ ଫେବର ବ୍ଲକ ପକାଇବା କାମ ଶେଷ ହୋଇଥିବା ସେ‰ ସେହି ସ୍ଥାନରେ ପୁଣି ପାଣି ଜମୁଥିବା ଦେଖାଯାଉଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି । ତେବେ ଏହି କାର୍ଯ୍ୟ ଯଦି ଜଳ ଜମା ସମସ୍ୟାର ସମାଧାନ ପାଇଁ ହୋଇଥାଏ, ତେବେ କାମ ଶେଷ ପରେ ମଧ୍ୟ ପାଣି କାହିଁକି ଜମୁଛି? ଘର ସମ୍ମୁଖରେ ରାସ୍ତା ଖୋଳି ରଖାଯାଇଥିବାରୁ କେତେକ ପରିବାର ନିଜ ଘରୁ ଗାଡ଼ି ବାହାର କରିପାରୁନଥିବା ଅଭିଯୋଗ କରିଛନ୍ତି । ଦିନ ଦିନ ଧରି ଖୋଲା ରାସ୍ତା, ତା'ପରେ ବର୍ଷା ହେଲେ ପାଣି ଜମା ଏହି ଦୁଇଟି ସମସ୍ୟା ସାଧାରଣ ଲୋକଙ୍କ ଜୀବନକୁ ଅସହ୍ୟ କରିଦେଇଛି ।କାର୍ଯ୍ୟର ପ୍ରକୃତ ଉଦ୍ଦେଶ୍ୟ, ଫେବର ବ୍ଲକ ବ୍ୟବହାରର କାରଣ ଏବଂ ମରାମତିର ମାନଦଣ୍ଡ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ । ହେଲେ ତାଙ୍କ ପକ୍ଷରୁ ସନ୍ତୋଷଜନକ ସ୍ପଷ୍ଟୀକରଣ ମିଳିନଥିବା ଅଭିଯୋଗ ହୋଇଛି ।ଏହି ଘଟଣା ପରେ ବିଭାଗରେ ଅଧିକାରୀଙ୍କ ଦୀର୍ଘଦିନର ପୋଷ୍ଟିଂକୁ ନେଇ ମଧ୍ୟ ଆଙ୍ଗୁଳି ଉଠିଛି । ସ୍ଥାନୀୟ ଅଭିଯୋଗ ଅନୁଯାୟୀ, କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି କିଛି ଉପରିସ୍ଥ ଅଧିକାରୀ ୩ରୁ ୪ ବର୍ଷ ଧରି ସେହି ସ୍ଥାନରେ ରହିଆସୁଛନ୍ତି । ଯଦି ସରକାରୀ ବିଭାଗଗୁଡ଼ିକରେ ନିର୍ଦ୍ଦିଷ୍ଟ ସମୟ ପରେ ବଦଳିର ବ୍ୟବସ୍ଥା ରହିଛି, ତେବେ ଏଠାରେ ଦୀର୍ଘଦିନ ଧରି ଅଧିକାରୀମାନେ କାହିଁକି ରହୁଛନ୍ତି? ଫୁଲନଖରାନିଆଳି ରାସ୍ତାର ଏହି ମରାମତି କାର୍ଯ୍ୟକୁ ନେଇ ଉଠିଥିବା ଅଭିଯୋଗର ନିରପେକ୍ଷ ତଦନ୍ତ ପାଇଁ ଭିଜିଲାନ୍ସ ତଦନ୍ତ ଦାବି ଜୋରଦାର ହୋଇଛି ।ାର୍ଯ୍ୟର ଗୁଣବତ୍ତା ପରୀକ୍ଷା କରାଯାଉ । ଆବଶ୍ୟକ ହେଲେ ସ୍ୱତନ୍ତ୍ରାଧୀନ ବୈଷୟିକ ଟିମ ଦ୍ୱାରା ଯାଞ୍ଚ କରାଯାଉ । ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ ଓ ବିଭାଗୀୟ ପଦକ୍ଷେପ ନିଆଯାଉ ବୋଲି ସ୍ଥାନୀୟ ଅଞ୍ଚଳ ବାସୀ ଦାବି କରିଛନ୍ତି ।

## ସମ୍ପାଦକୀୟ

# ବର୍ଷା, ବନ୍ୟା ଯୋଗୁ ଦୁର୍ଦ୍ଦଶା

ଏବେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଓଡ଼ିଶାର ଦୁର୍ଦ୍ଦଶା ବଢ଼ିଚାଲିଛି । ବନ୍ୟାଞ୍ଚଳରେ ଏବେ ବି ଲୋକେ ପାଣିଘେରରେ ରହିଛନ୍ତି । ସେମାନଙ୍କୁ ଥଇଥାନ କରି ରିଲିଫ୍ ଦେବା କାର୍ଯ୍ୟରେ ସରକାର କିମ୍ବା ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଅବହେଳା ପ୍ରଦର୍ଶନ କରି ନାହାନ୍ତି । ତଥାପି ସରକାରୀ କଳର ଆନ୍ତରିକତାର ଅଭାବ ରହିଛି ବୋଲି ସାଧାରଣ ଲୋକଙ୍କର ଏକ ପ୍ରକାର ଧାରଣା ହେଉଛି । କାରଣ ବନ୍ୟା ଦୁର୍ଗତଙ୍କ ପାଖରେ ଆବଶ୍ୟକୀୟ ରିଲିଫ୍ ପହଞ୍ଚି ପାରିନାହିଁ । ଏହାର କାରଣ ନିର୍ବାଚିତ ଲୋକପ୍ରତିନିଧିଙ୍କ ମଧ୍ୟରୁ କେତେଜଣ ବନ୍ୟାଞ୍ଚଳକୁ ଯାଇ ଏ ବିଷୟରେ ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିପାରି ନାହାନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନେକ ଓଡ଼ିଶାରେ ରହିଛି । ମାତ୍ର ସେମାନେ ମଧ୍ୟ ତତ୍ପରତା ପ୍ରଦର୍ଶନ କରିନାହାନ୍ତି ।

ବିଗତ ସରକାରଙ୍କ ଅମଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ବନ୍ୟା ଦୁର୍ଗତଙ୍କ ନିକଟରେ ପହଞ୍ଚୁଥିଲେ । ନିଜେ ବିଭିନ୍ନ ରିଲିଫ୍ କ୍ୟାମ୍ପ ଅନୁଧ୍ୟାନ କରୁଥିଲେ । ଏପରିକି ଅଧିକାରୀମାନଙ୍କୁ ବିଧାୟକମାନଙ୍କ କାର୍ଯ୍ୟକଳାପ ତଦାରଖ କରିବାକୁ ଓ ବିଧାୟକଙ୍କୁ ଅଧିକାରୀମାନଙ୍କ କାର୍ଯ୍ୟକଳାପ ତଦାରଖ କରିବାକୁ କାମରେ ଲଗାଇ ଦେଇଥିଲେ । ସେଥିପାଇଁ ମହାବାତ୍ୟା ଓ ବନ୍ୟା ପରବର୍ତ୍ତୀ ସମୟରେ ସାଧାରଣ ଲୋକେ ନବୀନଙ୍କ କାମର ପ୍ରଶଂସା କରିଥିଲେ । ଏବେ ସରକାରୀ କଳ ମଧ୍ୟରେ ସେପରି ତତ୍ପରତା ପରିଲକ୍ଷିତ ହେଉନାହିଁ, ଯଦିଓ ବନ୍ୟା କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ସରକାରୀ କଳ ପ୍ରାଥମିକତା ଦେଇ କରୁଛନ୍ତି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନେକ କାମ କରାଯାଇଥାଏ, ଏବେ ମଧ୍ୟ ସେମାନେ କରୁଥିବେ । ଆନନ୍ଦମାର୍ଗ ପକ୍ଷରୁ କେନ୍ଦ୍ରାପଡ଼ାର ବନ୍ୟାଞ୍ଚଳରେ କାମ ଚାଲିଥିବା ଜଣାଯାଇଛି ।

> **ଆଉ ୫ ଦିନ ପାଇଁ ଲଘୁଚାପଜନିତ ବର୍ଷାର ସତର୍କତା ଜାରି କରାଗଲାଣି । ପ୍ରବଳ ବୃଷ୍ଟିପାତ ଯୋଗୁ ରାଜଧାନୀ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର ଓ ରାଉରକେଲା ପରି ବଡ଼ ସହରଗୁଡ଼ିକରେ ବିଭିନ୍ନ ସ୍ଥାନ ଜଳ ପ୍ଲାବିତ ହୋଇ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି । ବର୍ଷା ପୂର୍ବରୁ ମହାନଗର ନିଗମଗୁଡ଼ିକ ସତର୍କତାମୂଳକ ପଦକ୍ଷେପ ଯୁଦ୍ଧକାଳୀନ ଭିତ୍ତିରେ କରିବାର ଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମଧ୍ୟ ଅଧିକ ତତ୍ପର ହୋଇ କାମ ନ କଲେ ସମସ୍ତେ ଦୁର୍ଦ୍ଦଶା ମଧ୍ୟକୁ ଟାଣି ହୋଇଯିବେ ।**

ପାଣିପାଗ ବଦଳୁଛି । ଖରାଦିନେ ପ୍ରବଳ ଗରମ, ବର୍ଷାଦିନେ ପ୍ରବଳ କିମ୍ବା ଅନବରତ ବର୍ଷା ଏବଂ ଶୀତଦିନେ ଅତ୍ୟଧିକ ଶୀତ ଅନୁଭୂତ ହେଉଛି । ପ୍ରକୃତିକୁ ଚାଲେଞ୍ଜ କରି ନୁହେଁ, ପ୍ରକୃତି ସହିତ ହାତ ମିଳାଇ ଆମମାନଙ୍କୁ ଚାଲିବାକୁ ହେବ । ଆବଶ୍ୟକ ନ ଥିଲେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ରକୁ ଚଳାଇବା କଥା ନୁହେଁ । ଯେତିକି ଖାଦ୍ୟପଦାର୍ଥ ଯେଉଁ ଋତୁରେ ଖାଇବା କଥା, ସେତିକି ଖାଦ୍ୟପଦାର୍ଥ ଆମେମାନେ ଖାଇବା ଦରକାର । ଅଯଥାରେ ବୃକ୍ଷ ଛେଦନ ନ କରି ପ୍ରକୃତି ସହିତ ହାତ ମିଳାଇ ବିଭିନ୍ନ ନିର୍ମାଣ କାର୍ଯ୍ୟ ଆମେ କରିବା ଆବଶ୍ୟକ । ପ୍ରଧାନମନ୍ତ୍ରୀ ଯେଉଁ ସୂର୍ଯ୍ୟଘର ଯୋଜନା କରିଛନ୍ତି, ତାହାର ଆବଶ୍ୟକତା ଖୁବ୍ ବେଶୀ । ରାୟପୁର ସହରରେ ତାଙ୍କ ରାଜ୍ୟ ମନ୍ତ୍ରଣାଳୟ ସହରଠାରୁ ଦୂରରେ ସୂର୍ଯ୍ୟଶକ୍ତି ଆଧାରରେ ନିର୍ମିତ ହୋଇଛି । ଆମର ଲୋକସେଵା ଭବନ, ଲୋକ ଭବନ, ରାଜୀବ ଭବନ ପ୍ରଭୃତିକୁ ସେପରି କରାଯାଇ ପାରନ୍ତା ।

ଆଉ ୫ ଦିନ ପାଇଁ ଲଘୁଚାପଜନିତ ବର୍ଷାର ସତର୍କତା ଜାରି କରାଗଲାଣି । ପ୍ରବଳ ବୃଷ୍ଟିପାତ ଯୋଗୁ ରାଜଧାନୀ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର ଓ ରାଉରକେଲା ପରି ବଡ଼ ସହରଗୁଡ଼ିକରେ ବିଭିନ୍ନ ସ୍ଥାନ ଜଳ ପ୍ଲାବିତ ହୋଇ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି । ବର୍ଷା ପୂର୍ବରୁ ମହାନଗର ନିଗମଗୁଡ଼ିକ ସତର୍କତାମୂଳକ ପଦକ୍ଷେପ ଯୁଦ୍ଧକାଳୀନ ଭିତ୍ତିରେ କରିବାର ଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମଧ୍ୟ ଅଧିକ ତତ୍ପର ହୋଇ କାମ ନ କଲେ ସମସ୍ତେ ଦୁର୍ଦ୍ଦଶା ମଧ୍ୟକୁ ଟାଣି ହୋଇଯିବେ । ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ଥିବା ସରକାରୀ ଅଫିସ ବା କ୍ୱାର୍ଟରଗୁଡ଼ିକରେ ଅତ୍ୟଧିକ ବର୍ଷା ବେଳେ ପାଣି ଗଳୁଛି । ବର୍ଷା ପୂର୍ବରୁ ଠିକାଦାରମାନେ ସେସବୁର ମରାମତି କରିନାହାନ୍ତି ବା ବିଭାଗୀୟ ଇଞ୍ଜିନିୟରମାନେ ସେସବୁ କାମର ତଦାରଖ କରିନାହାନ୍ତି । ଏସବୁ ପ୍ରତି ରାଜ୍ୟ ସରକାର ଧ୍ୟାନ ଦେବା ଆବଶ୍ୟକ ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଆଜିର ଅନୁଚିନ୍ତା :

# ଏକ ନୂତନ ବିଶ୍ୱର ପରିକଳ୍ପନା



**ରତ୍ନାକର ରାଉତ**

କେବଳ ଭାରତ ନୁହେଁ, ପୃଥିବୀର ସବୁଦେଶରେ Gen-Z ମାନଙ୍କ ସଂଖ୍ୟା ଅଧିକ । ଏବେ ପୃଥିବୀରେ ୨.୦୧ ବିଲିୟନ ବା ୨୦୦ କୋଟି ଲୋକେ Gen-Z ବର୍ଗରେ ଅଛନ୍ତି । ଏମାନେ ସବୁ ହେଉଛନ୍ତି ୧୯୯୭ ମସିହାରୁ ୨୦୧୨ ମସିହା ମଧ୍ୟରେ ଜନ୍ମ ହୋଇଥିବା ପିଢ଼ି । କେବଳ ଭାରତରେ ଏମାନଙ୍କ ସଂଖ୍ୟା ୪୭ କୋଟିରୁ ଅଧିକ ଏବଂ ମୋଟ ଜନସଂଖ୍ୟାର ଶତକଡ଼ା ୩୫ ଭାଗ । ଅର୍ଥାତ୍ ଆସନ୍ତା ଦଶ ବର୍ଷରେ ଯେଉଁ ସବୁ ନିଷ୍ପତ୍ତି ନିଆଯିବ, ତା'ର ପାଖାପାଖି ୩୫ ଶତକଡ଼ା ନିଷ୍ପତ୍ତିର ଅଂଶୀଦାର ହେବେ ଏହି ଶ୍ରେଣୀରେ ଥିବା ଯୁବକଯୁବତୀମାନେ ।

ତେଣୁ ସେମାନେ ଏକ ଅନୁକୂଳ ପରିବେଶରେ ଉପଯୁକ୍ତ ଶିକ୍ଷା ଓ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ହକଦାର । ଶିକ୍ଷା ପରେ ମେରିଟ୍ ଓ ଯୋଗ୍ୟତା ଅନୁସାରେ କାମ ଅବା ନିଯୁକ୍ତି କିମ୍ବା ଆତ୍ମନିର୍ଭରଶୀଳ (ସ୍ୱାବଲମ୍ବୀ) ହେବା ନିମନ୍ତେ ଉଦ୍ୟୋଗୀ ହେବାକୁ ଭିତ୍ତିଭୂମି, ଆର୍ଥିକ ପ୍ରୋତ୍ସାହନ ଓ ସୁଯୋଗ ଏବଂ ସର୍ବୋପରି ଏକ ସୁନ୍ଦର ଭବିଷ୍ୟତର ସୁରକ୍ଷା ସେମାନଙ୍କ ନିମନ୍ତେ ଲୋଡ଼ା । କିନ୍ତୁ ୟୁନିସେଫ୍ (UNICEF)ର ତଥ୍ୟ କହୁଛି, ପୃଥିବୀର ୨୬ କୋଟି ୩ ଲକ୍ଷ ପିଲା ଏବେ ବି ସ୍କୁଲ ବାହାରେ ଅଛନ୍ତି ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଏହି ଚିତ୍ର ଖୁବ୍ ଉଦ୍‌ବେଗଜନକ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନ ଅନୁସାରେ ପୃଥିବୀର ପ୍ରତି ଶହେ ଜଣରେ ସାତ ଜଣ କିଶୋର ମାନସିକ ସମସ୍ୟାରେ ପୀଡ଼ିତ ।

କେବଳ ସେତିକି ନୁହେଁ, ଆନ୍ତର୍ଜାତୀୟ ଶ୍ରମ ସଂଗଠନର ବିବରଣୀରୁ ଜଣାପଡ଼େ, ପୃଥିବୀରେ ଯୁବ ବେକାରଙ୍କ ସଂଖ୍ୟା ଶତକଡ଼ା ୧୩.୬ ଜଣ । ଅନ୍ୟପକ୍ଷରେ କେବଳ ଭାରତରେ 'ସେଣ୍ଟର ଫର୍ ମୋନିଟରିଂ ଇଣ୍ଡିଆନ ଇକୋନୋମି'(CMIE)ର ପରିସଂଖ୍ୟାନ ଅନୁସାରେ ଏହି ବେକାରି ହାର ଶତକଡ଼ା ୪୫ ଭାଗରୁ ଅଧିକ ।

ଏ ପୃଥିବୀର ଭବିଷ୍ୟତ ସେମାନେ । ଯୁଦ୍ଧ ନୁହେଁ ସେମାନେ ଚାହାଁନ୍ତି ଶାନ୍ତି, ସହାବସ୍ଥାନ ଓ ସୁନ୍ଦର ଜୀବନ । ଷ୍ଟକହୋମ୍ ଆନ୍ତର୍ଜାତୀୟ ଶାନ୍ତି ଗବେଷଣା ପ୍ରତିଷ୍ଠାନ (SIPRI)ର ତଥ୍ୟ ଅନୁଯାୟୀ ସାରା ପୃଥିବୀର ବାର୍ଷିକ ସାମରିକ ଖର୍ଚ୍ଚର ପରିମାଣ ୨.୪ ଟ୍ରିଲିୟନ ଡଲାର । ଏହି ଟଙ୍କାରେ ପୃଥିବୀର ସମସ୍ତ ପିଲାଙ୍କୁ ୧୨ ବର୍ଷ ଯାଏଁ ଗୁଣାତ୍ମକ ଶିକ୍ଷା ଦିଆଯାଇ ପାରିବ । ବର୍ତ୍ତମାନ ଯେଉଁ ୧୧୦ ମିଲିୟନ ଲୋକେ ନିଜ ନିଜର ବାସସ୍ଥାନ ଛାଡ଼ି ଅନ୍ୟ କୁଆଡ଼େ ଦେଶାନ୍ତର ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁଦ୍ଧ ଓ ଘୃଣାର ଶିକାର ହୋଇ ଜୀବନ ବିକଳରେ ନିଜର ଜନ୍ମସ୍ଥାନ ଛାଡ଼ି ଚାଲିଯାଇଛନ୍ତି ।

ଏସବୁ ମାନବିକତା ବିରୋଧୀ ଅମାନବୀୟ ଘଟଣା ସବୁ ଦେଖିଦେଖି ଯୁବ ପିଢ଼ି ଏସବୁରୁ ନିସ୍ତାର ପାଇବା ନିମନ୍ତେ ଏ ପୃଥିବୀରେ ଏକ ସ୍ୱପ୍ନମୟ ଜୀବନର ପରିକଳ୍ପନା କରନ୍ତି, ଯେଉଁ ଜୀବନରେ ଥିବ ଭରପୂର ପ୍ରେମ, ମଧୁର ସଂପର୍କ, ଅନାବିଳ ଭଲ ପାଇବା, ପାରସ୍ପରିକ ସହଯୋଗ ଓ ଭାଇଚାରା । ତାହା ସାଂପ୍ରଦାୟିକ ବିଦ୍ୱେଷ, ବର୍ଣ୍ଣ ବୈଷମ୍ୟ, ଜାତିଆଣ ଭେଦଭାବ, ଧନୀ, ମଧ୍ୟବିତ୍ତ, ଗରିବୀର ପାର୍ଥକ୍ୟ କିମ୍ବା କେଉଁ ସୀମା ସୀମାନ୍ତକୁ ନେଇ ଦ୍ୱନ୍ଦ୍ୱ, ସଂଶୟ, ସନ୍ଦେହରେ କଳୁଷିତ ହୋଇ ନଥିବ ।

ଅତ୍ୟାଚାର, ପ୍ରପୀଡ଼ନ, ହତ୍ୟା, ଲୁଣ୍ଠନ ଆଦିର ପ୍ରଶ୍ନ ଉଠୁ ନ ଥିବ ସେ ପୃଥିବୀରେ । Edelman Trust Barometer ର ୨୦୨୪ ରିପୋର୍ଟ ଅନୁସାରେ ଶତକଡ଼ା ୬୭ ଭାଗ Gen-Z ବିଶ୍ୱାସ କରନ୍ତି, ଦେଶଗୁଡ଼ିକ ଏକାଠି ମିଶି ବିଶ୍ୱର ଜଳବାୟୁ, ଦାରିଦ୍ର୍ୟ, ଅପପୁଷ୍ଟି, କୁପୋଷଣ ଆଦି ସମସ୍ୟାଗୁଡ଼ିକର ସମାଧାନ କରାଯାଉ । ସେମାନେ ଜାତି, ଧର୍ମ, ସୀମା, ସରହଦ ଦେଖନ୍ତି ନାହିଁ । ସେମାନଙ୍କ ପାଇଁ ଇନଷ୍ଟାଗ୍ରାମ, ଫ୍ୟାସବୁକ୍ ଓ ସାମାଜିକ ଗଣମାଧ୍ୟମରେ ଜଣେ ଇଂଲଣ୍ଡର ବନ୍ଧୁ ଓ ଭୁବନେଶ୍ୱରର ବନ୍ଧୁଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନ ଥାଏ ।

ଚିର ହରିତ ଅରଣ୍ୟରେ ଗଛ ବଢ଼ିଲା ପରି ସମସ୍ତେ ପଢ଼ିବେ, ସମସ୍ତେ ବଢ଼ିବେ ଯିଏ ଯାହାର ସାମର୍ଥ୍ୟରେ, ଯେଉଁଠି ନ ଥିବ ପ୍ରିୟାପ୍ରୀତି ତୋଷଣ ଅବା ଦେଶ ଭିତ୍ତିରେ ଭେଦାଭେଦ । ତାଙ୍କ ଜୀବନ ପାଇଁ ଯାହା ଯାହା ଲୋଡ଼ା, ଏ ପୃଥିବୀରେ ସେ ନିଷ୍ପତ୍ତି ସେମାନେ ସବୁ ନେବେ ଆଗାମୀ ଦିନରେ ।

ଅସ୍ତଗାମୀ ସୂର୍ଯ୍ୟ ଓ ଅପରାହ୍ନର ସୂର୍ଯ୍ୟ ନବ ଅରୁଣର ପଥରୋଧ ନ କରି ଅସ୍ତାଚଳରେ ନିଜ ବିଦାୟ ପାଇଁ ପ୍ରସ୍ତୁତି କଲେ କୌଣସି ଅଘଟଣ ଘଟିବାର ସମ୍ଭାବନା କମିଯିବ । ଏବେ ନିର୍ଦ୍ଦିଷ୍ଟ କେଉଁ ଦେଶର ପରିସୀମା ଭିତରେ ସୀମିତ ନ କରି, କେଉଁ ନିର୍ଦ୍ଦିଷ୍ଟ ଆଦର୍ଶରେ ବାନ୍ଧି ନ ହୋଇ ଯୁବ ପିଢ଼ି ତାଙ୍କର ସ୍ୱର, ସମଗ୍ର ବିଶ୍ୱର ସ୍ୱର ସହିତ ମିଶାଇ ତାହାକୁ ଏକାକାର କରିବାର ପ୍ରକୃଷ୍ଟ ସମୟ ଏବେ ଉପଗତ ।

> **ଦଶ ଦେଶ ଭିତରେ ଯେଉଁ ଉତ୍ତେଜନା, ବିଦ୍ୱେଷ, ସଂଘର୍ଷ, ସୀମାନ୍ତରେ ସୈନ୍ୟ ସଜ୍ଜା ପାଇଁ ଟ୍ରିଲିୟନ ଡଲାରର ପ୍ରତିରକ୍ଷା ଖର୍ଚ୍ଚ ହେଉଛି, ତାହାର ନିରାକରଣ କରି ସେହି ବିପୁଳ ଅର୍ଥ ସମଗ୍ର ମାନବ ଜାତିର ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ଭିତ୍ତିଭୂମିର ଉନ୍ନତି, ବିଜ୍ଞାନର ବିକାଶ, ପର୍ଯ୍ୟାବରଣର ସୁରକ୍ଷା ଓ ସର୍ବୋପରି ମାନବଜାତିର ସାମଗ୍ରିକ ବିକାଶ ଓ ଉନ୍ନତ ଜୀବନ ଏବଂ ଜୀବନର ମାନଦଣ୍ଡରେ କ୍ରମିକ ବୃଦ୍ଧିରେ ବିନିଯୋଗ ହେବା ଆଜିର ଆବଶ୍ୟକତା ।**

ଦେଶ ଦେଶ ଭିତରେ ଯେଉଁ ଉତ୍ତେଜନା, ବିଦ୍ୱେଷ, ସଂଘର୍ଷ, ସୀମାନ୍ତରେ ସୈନ୍ୟ ସଜ୍ଜା ପାଇଁ ଟ୍ରିଲିୟନ ଡଲାର (୧ଲକ୍ଷ କୋଟି ଡଲାର)ର ପ୍ରତିରକ୍ଷା ଖର୍ଚ୍ଚ ହେଉଛି, ତାହାର ନିରାକରଣ କରି ସେହି ବିପୁଳ ଅର୍ଥ ସମଗ୍ର ମାନବ ଜାତିର ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ଭିତ୍ତିଭୂମିର ଉନ୍ନତି, ବିଜ୍ଞାନର ବିକାଶ, ପର୍ଯ୍ୟାବରଣର ସୁରକ୍ଷା ଓ ସର୍ବୋପରି ମାନବଜାତିର ସାମଗ୍ରିକ ବିକାଶ ଓ ଉନ୍ନତ ଜୀବନ ଏବଂ ଜୀବନର ମାନଦଣ୍ଡରେ କ୍ରମିକ ବୃଦ୍ଧିରେ ବିନିଯୋଗ ହେବା ଆଜିର ଆବଶ୍ୟକତା ।

ତେଣୁ ସଂପ୍ରତି ଯୁବ ପିଢ଼ିର ଆହ୍ୱାନ ହେଲା ଏ ବିଶ୍ୱ ପରିକଳ୍ପିତ ସ୍ୱର୍ଗ ସୁଖ ପ୍ରଦାନ ନିମନ୍ତେ ଉପଯୁକ୍ତ ହୋଇପାରିବ । ସେଥିପାଇଁ ପ୍ରଥମେ ଯୁବ ପିଢ଼ି ନିଜ ନିଜ ପଡ଼ୋଶୀ ଦେଶର ଯୁବ ପିଢ଼ିଙ୍କ ସହିତ ସାମାଜିକ ଗଣମାଧ୍ୟମ ଜରିଆରେ ଭାବର ଆଦାନ ପ୍ରଦାନ କରି ଘୃଣା, ଦାରିଦ୍ର୍ୟ, ଯୁଦ୍ଧ ବିହୀନ ଏକ ପୃଥିବୀ ଗଢ଼ିବା ନିମନ୍ତେ ପରିକଳ୍ପନାର ଭିତ୍ତିଭୂମି ନିର୍ମାଣ ନିମନ୍ତେ ଉଦ୍ୟମ କରନ୍ତୁ, ଯାହା ମାନବଜାତି ପାଇଁ ଆଜି ଦିନରେ ସବୁଠୁ ବଡ଼ ଆହ୍ୱାନ । ଯେଉଁ ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ପ୍ରୀତିର ମନ୍ଦ ମରୁତ ସଭିଙ୍କ ହୃଦୟକୁ ପୁଲକିତ କରିବ, ସେହିଭଳି ଏକ ସୁନ୍ଦର ପୃଥିବୀ ଯୁବପିଢ଼ିଙ୍କର ଏକାନ୍ତ କାମ୍ୟ ।

ଏଥି ନିମନ୍ତେ ଆଜିର ଯୁବ ପିଢ଼ି My New World (ମୋର ନୂଆ ପୃଥିବୀ) ହ୍ୟାସଟ୍ୟାଗ୍ ସହ ଏକ ବିଶ୍ୱସ୍ତରୀୟ ପ୍ଲାଟ ଫର୍ମ ତିଆରି କରି ସେଠାରେ ସଂପ୍ରତି ବିଶ୍ୱ ସମ୍ମୁଖୀନ ହେଉଥିବା ନାନାଦି ସମସ୍ୟା ଓ ଆହ୍ୱାନ ସଂପର୍କରେ ଆଲୋଚନା କରିବା ସହିତ ବିଭିନ୍ନ ଷ୍ଟାର୍ଟଅପ୍, ଜଳବାୟୁ, ପର୍ଯ୍ୟାବରଣ, ବିସ୍ଥାପନ, ଶିକ୍ଷା, ସ୍ୱାସ୍ଥ୍ୟ, ଗରିବୀ ଆଦି ଉପରେ କାମ କରିପାରିବେ । ଏକ ମନ ଏକ ପ୍ରାଣ ଯୁବ ସମାଜର ନୂତନ ବିଶ୍ୱ ଇସ୍ତାହାର ହେବା ଉଚିତ । ସେଥିପାଇଁ ବିଶ୍ୱ ନାଗରିକ ଶିକ୍ଷା (Global Citizenship Education) ମାଧ୍ୟମରେ ସ୍କୁଲ ପାଠ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରାଯିବା ଆବଶ୍ୟକ ।

ତାପରେ ସେମାନଙ୍କର ଅବବୋଧ ହେବ, ଆମେ କେହି କାହାର ଶତ୍ରୁ ନୁହେଁ, ଆମେ ସଭିଏଁ ବିଶେଷ ଭାବେ ଛଅ ଗୋଟି ଶତ୍ରୁଙ୍କର ଘୋର ବିରୋଧୀ : ଯୁଦ୍ଧ ଓ ରକ୍ତପାତ, ହିଂସା ଓ ପ୍ରତିହିଂସା, ଗରିବୀ ବା ଦାରିଦ୍ର୍ୟ, ଅଶିକ୍ଷା, କୁପୋଷଣ ଓ ପ୍ରଦୂଷଣ ସେମାନଙ୍କର ସ୍ଲୋଗାନ ହେବ । ଆମେ ଯୁବଶକ୍ତି ଏକ ମନ, ଏକ ପ୍ରାଣ । ଆମର କୌଣସି ସୀମା କି ସରହଦ ନାହିଁ । ଆମର କେବଳ ଗୋଟିଏ ପରିଚୟ- ଆମେ ଏକ ନୂତନ ବିଶ୍ୱର ସନ୍ତାନ, ଆମେ ସଭିଏଁ ମଣିଷ, ମାନବତା ଆମର ଏକମାତ୍ର ଧର୍ମ । ଏହା ସତ୍ୟ, ଯୁବ ସମାଜର ପ୍ରତିବଦ୍ଧତାରୁ ନୂତନ ବିଶ୍ୱର ନକ୍ସା ଦିନେ ଅଙ୍କା ଯାଇପାରିବ ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର -୭୬୭(ପାର୍ଟ)ଜୟଦୁର୍ଗା ନଗର,ଭୁବନେଶ୍ୱର,ପିନ୍-୭୫୧୦୦୬,**
**ମୋ- ୯୪୩୭୩୮୨୨୮୧**

# ଆମର ପର୍ବ ଗେଣ୍ଡାକଟା ଅମାବାସ୍ୟା



**ଦିଲ୍ଲୀପ ଶତପଥୀ**

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଆମର ଆରାଧ୍ୟ ଦେବତା ହେଉଛନ୍ତି ଜଗନ୍ନାଥ । ଧର୍ମନୈତିକ, ପୌରାଣିକ କଥା କିମ୍ବଦନ୍ତୀ ଆଧାରରେ ପର୍ବପର୍ବାଣିକୁ ଭିନ୍ନ ଭିନ୍ନ ରୂପେ ପାଳନ କରାଯାଏ । କୃଷିଭିତ୍ତିକ ପର୍ବପର୍ବାଣି ଯଥା: ନବାନ୍ନ ଭକ୍ଷଣ, ଅକ୍ଷୟ ତୃତୀୟା, ରଜ, ଚିତାଲାଗି ଅମାବାସ୍ୟା, ଶାମ୍ବ ଦଶମୀ ଏବଂ ମାଣବସା ଗୁରୁବାର ଆଦି ଜଗନ୍ନାଥଙ୍କୁ ଆଧାର କରି ପାଳନ କରାଯାଇଥାଏ । ଓଡ଼ିଶାର ମୁଖ୍ୟ ଫସଲ ହେଉଛି ଧାନ । ଏଣୁ ଧାନବୁଣାଠାରୁ ଅମଳ ପର୍ଯ୍ୟନ୍ତ ଧାନକୁ କେନ୍ଦ୍ରକରି ବିଭିନ୍ନ ପ୍ରକାର ପର୍ବପର୍ବାଣୀ ପାଳନ ହୁଏ । ଧାନ ବୁଣାବେଳେ ଅକ୍ଷୟ ତୃତୀୟା, ବର୍ଷା ପୂର୍ବରୁ ରଜପର୍ବ ଏବଂ ଏହି କ୍ରମରେ ଧାନକଟା ବେଳକୁ ମାଣବସା ହେଉଛି ତୃତୀୟ କୃଷିଭିତ୍ତିକ ପର୍ବ ।

ଶ୍ରାବଣ ଅମାବାସ୍ୟା ଦିନ ଶ୍ରୀମନ୍ଦିର ତିନିଠାକୁରଙ୍କ ଲଲାଟରେ ଦଇତାପତିମାନେ ଚିତା ଲାଗି କରୁଥିବାରୁ ଏହାର ନାମ 'ଚିତାଲାଗି ଅମାବାସ୍ୟା' । ସ୍ନାନପୂର୍ଣ୍ଣିମା ପୂର୍ବଦିନ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଲଲାଟରୁ ଯେଉଁ ଚିତା ଉଲାଗି କରାଯାଇଥାଏ, ତାହା ପୁଣି ଶ୍ରାବଣ ମାସ ଅମାବାସ୍ୟା ତିଥିରେ ଲାଗି କରାଯାଏ । ଶ୍ରୀଜଗନ୍ନାଥଙ୍କ ମସ୍ତକରେ ହୀରାଖଚିତ ଧଳା ଚିତା, ଶ୍ରୀବଳଭଦ୍ରଙ୍କ ମସ୍ତକରେ ନୀଳାଖଚିତ ନୀଳ ଚିତା ଏବଂ ଦେବୀ ସୁଭଦ୍ରାଙ୍କ ମସ୍ତକରେ ମାଣିକ୍ୟ ଖଚିତ ନାଲି ଚିତା ଲାଗି କରାଯାଏ । ପରମ୍ପରା ଏବଂ ବିଧିମୁତାବକ ପତିମହାପାତ୍ର ସେବାୟତ ଏହି ଚିତାକୁ ସଂସ୍କାର କରିବା ପରେ ଦଇତାପତି ସେବାୟତ ଶ୍ରୀବିଗ୍ରହଙ୍କ ମସ୍ତକରେ ପରିଧାନ କରାଇଥାନ୍ତି । ଏହି ଚିତା ଶ୍ରୀବିଗ୍ରହମାନଙ୍କ ମସ୍ତକରେ ପରବର୍ତ୍ତୀ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ଲାଗି ରହିଥାଏ ।

ଏହି ଓଷାରେ ଗୃହିଣୀମାନେ ଘରେ ଚିତଉ ପ୍ରସ୍ତୁତ କରି ଏହି ପିଠାକୁ ଧାନ କ୍ଷେତରେ, ବାଡ଼ିବଗିଚାରେ, ଫସଲ କିଆରିରେ ମାଟିକୁ ଜନନୀ ଜ୍ଞାନ କରି ତାହାଙ୍କ ପାଇଁ ସମର୍ପଣ କରି ଫୋପାଡ଼ନ୍ତି । ତା'ସହିତ ଠାକୁର ବା ଇଷ୍ଟଦେବତାଙ୍କୁ ମଧ୍ୟ ଭୋଗ ଦିଅନ୍ତି । ଏହି ସମୟରେ ବିଲରେ ପ୍ରଚୁର ଗେଣ୍ଡା ଦେଖାଯାଆନ୍ତି ଏମାନେ ଚାରାସବୁ କାଟି ପକାନ୍ତି । ପୁଣି ବଛା ଖେଳାବେଳେ ଚାଷୀର ଗୋଡ଼, ଆଣ୍ଠୁ ବା ହାତକୁ କାଟି ଦିଅନ୍ତି । କାରଣ ଆଣ୍ଠୁ ପକାଇ ବିଲ ବାଛିବା ବେଳେ ହାତ ଓ ଗୋଡ଼ ଭୂମି ସହିତ ଲାଗି ରହିଥାନ୍ତି । ଏଣୁ ସାମାନ୍ୟ ଅସାବଧାନତାରୁ ଗେଣ୍ଡା ଗୋଡ଼ ଆଣ୍ଠୁ କାଟିଦିଏ । ଏହି ଦୁଇଟିରୁ ରକ୍ଷା ପାଇବା ପାଇଁ ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଚିତଉପିଠା କରି ପୋଖରୀ ବା ଚାଷଜମିକୁ ଫୋପାଡ଼ନ୍ତି । ଗେଣ୍ଡାମାନେ ପିଠା ପ୍ରତି ଆକୃଷ୍ଟ ହୋଇ ଚାରାଗଛ ଓ ମଣିଷଠାରୁ ନିବୃତ ରହନ୍ତି । ପରମ୍ପରା ଅନୁଯାୟୀ ଏହିଦିନରେ ପୋଖରୀକୁ ଗେଣ୍ଡା ଉଦ୍ଦେଶ୍ୟରେ ଝିଅପିଲାମାନେ ପିଠା ନିକ୍ଷେପ କରି ବାପା ଭାଇ ଓ ବନ୍ଧୁବାନ୍ଧବମାନଙ୍କ ଗୋଡ଼ ନ କାଟିବାକୁ ଗେଣ୍ଡାମାନଙ୍କୁ ବଡ଼ ପାଟିରେ ବିଲ ପାଖରେ କୁହନ୍ତି ।

ଏଥିପାଇଁ ଏହି ଓଷାରେ ଗେଣ୍ଡାଙ୍କୁ ଗେଣ୍ଡେଇଷୁଣୀ ନାମରେ ପୂଜା ମଧ୍ୟ କରାଯାଇଥାଏ । ଏହି ବିଧି ସକାଶେ ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲା ଆଦିରେ ଏହା ଗେଣ୍ଡାକଟା ଅମାବାସ୍ୟା ନାମରେ ପାଳନ କରାଯାଏ ।

> **ଶ୍ରାବଣ ଅମାବାସ୍ୟା ଦିନ ଶ୍ରୀମନ୍ଦିର ତିନିଠାକୁରଙ୍କ ଲଲାଟରେ ଦଇତାପତିମାନେ ଚିତା ଲାଗି କରୁଥିବାରୁ ଏହାର ନାମ 'ଚିତାଲାଗି ଅମାବାସ୍ୟା' । ସ୍ନାନପୂର୍ଣ୍ଣିମା ପୂର୍ବଦିନ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଲଲାଟରୁ ଯେଉଁ ଚିତା ଉଲାଗି କରାଯାଇଥାଏ, ତାହା ପୁଣି ଶ୍ରାବଣ ମାସ ଅମାବାସ୍ୟା ତିଥିରେ ଲାଗି କରାଯାଏ । ଶ୍ରୀଜଗନ୍ନାଥଙ୍କ ମସ୍ତକରେ ହୀରାଖଚିତ ଧଳା ଚିତା, ଶ୍ରୀବଳଭଦ୍ରଙ୍କ ମସ୍ତକରେ ନୀଳାଖଚିତ ନୀଳ ଚିତା ଏବଂ ଦେବୀ ସୁଭଦ୍ରାଙ୍କ ମସ୍ତକରେ ମାଣିକ୍ୟ ଖଚିତ ନାଲି ଚିତା ଲାଗି କରାଯାଏ ।**

ସ୍କନ୍ଦ ପୁରାଣ ଓ ପଦ୍ମ ପୁରାଣରେ ଚିତାଲାଗି ଅମାବାସ୍ୟାର ଉଲ୍ଲେଖ ରହିଛି ।

ଶ୍ରାବଣେ ମାସି ସଂପ୍ରାପ୍ତେ ଯୋଦ୍ଧର୍ଚ୍ଚୟେତ୍ କମଳାପତିମ୍ । ନ ସ ଗର୍ଭଗୃହଂ ଯାତି ଯାବଦାଭୂତି ସଂପ୍ଲବମ୍ ।

(ସ୍କନ୍ଦ ପୁରାଣ)

ଅର୍ଥ: ଶ୍ରାବଣ ମାସରେ ଯେଉଁ ଲୋକ କମଳାପତିଙ୍କୁ ଅର୍ଚ୍ଚନା କରେ, ଅନନ୍ତକାଳ ପର୍ଯ୍ୟନ୍ତ ତା'ର ପୁନର୍ଜନ୍ମ ହେବନାହିଁ ।

ଯୋଦ୍ଧର୍ଚ୍ଚୟେତ୍ ଶ୍ରୀଧରଂ ଦେବଂ ଶ୍ରାବଣେ ଭକ୍ତିପୂର୍ବତଃ । ନ ଗଚ୍ଛେନ୍ନି ରାୟଂ ରାଜ୍ୟଂ କୃତ୍ୱା ପାପ ଶତାନ୍ୟପି । ଶ୍ରାବଣେ ମାସି ଯୋ ଦଦ୍ୟାତ୍ ଲଜାନ୍ୱତ ସମନ୍ୱିତାନ୍ । ହରୟେ ତସ୍ୟ ବିପ୍ରର୍ଷେ ନ ବିପତ୍ତି ଗୃହେ ଭବେତ୍ ।

(ସ୍କନ୍ଦ ପୁରାଣ)

ଅର୍ଥ: ଶ୍ରାବଣ ମାସରେ ଚିତାଲାଗି ଅମାବାସ୍ୟାରେ ଭଗବାନ ଶ୍ରୀଧରଙ୍କ ପୂଜାର୍ଚ୍ଚନା କଲେ ସେହି ବ୍ୟକ୍ତିର ପାପ କ୍ଷୟ ହେବା ସହ ତା' ଗୃହରେ ବିପତ୍ତି ପଡ଼ିନଥାଏ ।

ଶ୍ରାବଣେ ପିଷ୍ଟକଂ ଯସ୍ତୁ ହରୟେ ମୁଦ୍ଗପୂରିତଂ । ଦଦାତି ତସ୍ୟ ବିପ୍ରର୍ଷେ ଗୃହେ ଶ୍ରୀନିଶ୍ଚଳା ଭବେତ୍ ।

(ପଦ୍ମ ପୁରାଣ)

ଅଷ୍ଟାଦଶ ଶତାବ୍ଦୀର ଆଧ୍ୟାତ୍ମିକ ଲେଖକ ବାଲୁଙ୍କୀ ପାଠୀଙ୍କ ଯାତ୍ରା ଭାଗବତ ସ୍ମୃତି ଗ୍ରନ୍ଥରେ ଏହାର ଉଲ୍ଲେଖ ରହିଛି । ଶ୍ରୀମନ୍ଦିରରେ ପ୍ରଚଳିତ ଯାତ୍ରା ଭିତରେ ଚିତାଲାଗି ଅମାବାସ୍ୟାର ସ୍ୱତନ୍ତ୍ର ସ୍ଥାନ ରହିଛି । ଏହି ଶ୍ରାବଣ ଅମାବାସ୍ୟା ତିଥିରେ ମହାପ୍ରଭୁ ଜଗନ୍ନାଥଙ୍କ ଲଲାଟରେ ଭୂଷଣ ଅର୍ପଣ କରାଯାଏ । ସେ ଲେଖିଛନ୍ତି–

ଶ୍ରାବଣେ କୃଷ୍ଣପକ୍ଷେ ତୁ ଦର୍ଶପ୍ରାପ୍ତେ ଶୁଭଦିନେ । ଲଲାଟ-ଭୂଷଣଂ ଯାତ୍ରାଂ ଜଗନ୍ନାଥସ୍ୟ କରାୟେତ୍ । ଲଲାଟଭୂଷ-ମୁତ୍ତାର୍ଯ୍ୟ ସ୍ନାନାନ୍ତଂ ଶୟୀଜଗତ୍ପ୍ରଭୋଃ । ଅମାୟାଂ ଶ୍ରାବଣେ ଚୈବ ପୁନର୍ଗଚ୍ଛତି ବୈଷ୍ଣବେ ।

ନାନାରତ୍ନ ସମାଯୁକ୍ତଂ କାତରୂପେଣ ନିର୍ମିତଂ । ଦଦ୍ୟାତ୍ ବିଷ୍ଣୋର୍ଲଲାଟେ ଚ ସର୍ବମଙ୍ଗଳ ହେତବେ । ଲଲାଟ ଭୂଷଣଂ ଯାତ୍ରାଂ ଶ୍ରାବଣେ ଯୋ ନକୁର୍ବତି । ତାବତ୍ ବର୍ଷ ପୁଣ୍ୟଫଳଂ ନଶ୍ୟତ୍ୟାଶୁ ନ ସଂଶୟଃ ।

(ବାଲୁଙ୍କୀ ପାଠୀ, ଯାତ୍ରା ଭାଗବତ)

**ପୋଷ୍ଟ ମାଷ୍ଟର, ସୂର୍ଯ୍ୟନଗର ପୋଷ୍ଟ ଅଫିସ**
**ଭୁବନେଶ୍ୱର ୭୫୧୦୦୧**
**ମୋ-୯୪୩୭୧୭୫୭୬୪**

# ହିନ୍ଦୁ ଉପାସନାରେ ଦୀପଶିଖା

**ଜ୍ୟୋତ୍ସ୍ନା ମହାପାତ୍ର**

ପ୍ରତ୍ୟେକ ହିନ୍ଦୁ ବିଧିବିଧାନ ରୀତି ନୀତିରେ ଚରମ ଆଧ୍ୟାତ୍ମିକ ସତ୍ୟ ପ୍ରତୀକାତ୍ମକ ଭାବେ ପ୍ରତିଫଳିତ । କର୍ମବ୍ୟସ୍ତତା ତଥା ଜୀବନଜଞ୍ଜାଳ ମଧ୍ୟରେ ମଣିଷ ଅନେକ ସମୟରେ ଏହି ସତ୍ୟକୁ ପାଶୋରି ପକାଇବାର ଆଶଙ୍କା ଥିବାରୁ ଆମେ ହିନ୍ଦୁମାନେ ନାନାବିଧି ନୀତି-ବିଧି ଅନୁଷ୍ଠାନ ମଧ୍ୟରେ ବନ୍ଧା । ଏହି ରୀତି-ନୀତିମାନ ଆମକୁ ଆଧ୍ୟାତ୍ମିକ ଲକ୍ଷ୍ୟରୁ ବିଚ୍ୟୁତ ହେବାକୁ ଦିଅନ୍ତି ନାହିଁ । ପିଲାବେଳୁ ଦେଖି ଆସିଛି, ମା'ଠାକୁର ଘରେ ଦିନରେ ଓ ସନ୍ଧ୍ୟାରେ ପୂଜା କରିବା ସମୟରେ ଦୀପ ପ୍ରଜ୍ୱଳନ କରିଥାନ୍ତି । ପ୍ରଦୀପ ପ୍ରଜ୍ୱଳନ ଦ୍ୱାରା ଆମମାନଙ୍କ ଭିତରେ ଆଧ୍ୟାତ୍ମିକ ଚେତନା ଜାଗରିତ ହୋଇଥାଏ ।

ଦୈନନ୍ଦିନ ଦୀପ ପ୍ରଜ୍ୱଳନ ପ୍ରତ୍ୟେକଙ୍କ ଗୃହରେ ଏକ ସାଧାରଣ ଅନୁଷ୍ଠାନ । ଏହା ଅତି ସରଳ ଭାବେ ଚରମ ସତ୍ୟକୁ ହିଁ ପ୍ରତିପାଦିତ କରିଥାଏ । ଏହା ଅନ୍ଧକାର ଦୂର କରୁଥିବାରୁ ପରୋକ୍ଷ ଭାବେ ଜ୍ଞାନକୁ ହିଁ ବୁଝାଇଥାଏ । ଭଗବାନ ହେଉଛନ୍ତି ସମସ୍ତ ଜ୍ଞାନର ଆଧାର, ସୃଷ୍ଟିକର୍ତ୍ତା ଏବଂ ପଥପ୍ରଦର୍ଶକ । ଏଣୁ କୁହାଯାଏ, ଭଗବାନ ହିଁ ଆଲୋକ । ପାରମ୍ପରିକ ତୈଳ-ଦୀପର ଅନ୍ୟ ଏକ ଆଧ୍ୟାତ୍ମିକ ବ୍ୟାଖ୍ୟାନ ରହିଛି । ଦୀପରେ ବ୍ୟବହୃତ ହେଉଥିବା ତୈଳ ହେଲା- 'ବାସନା' ବା ମଣିଷଣ ଏକାନ୍ତ ନିଜସ୍ୱ ସହଜାତ ପ୍ରବୃତ୍ତି । ଏହା ଉଭୟ ଶରୀର ଏବଂ ମନକୁ କବଳିତ କରିବା ସହ ଅଂହଭାବ ସୃଷ୍ଟି କରିଥାଏ । ସଳିତା ହେଲା ଅଂହ । ଦୀପଶିଖା ହେଉଛି ଆଧ୍ୟାତ୍ମିକ ଜ୍ଞାନ । ଏହା ଅହଂ ସୃଷ୍ଟିକାରୀ ଶକ୍ତି ବା ତୈଳକୁ ଶୋଷିନେବା ସହ ସଳିତାକୁ ଧ୍ୱଂସ କରି ପରିଶେଷରେ ଆମକୁ ଶୁଦ୍ଧପୂତ କରିଥାଏ । ଅର୍ଥାତ୍ ଏହା ଅହଂର ବିନାଶକ ଏବଂ ଆମ ମନ ଶରୀରକୁ ମିଥ୍ୟା ଆବରଣରୁ ମୁକ୍ତ କରିବାକୁ ସମର୍ଥ । ପୁଣି ଦୀପର ଅଗ୍ନିଶିଖା ଊର୍ଦ୍ଧ୍ୱଗାମୀ ଭାବେ ଜଳୁଥିବା ସର୍ବଦା ଉଚ୍ଚତମ ଆଦର୍ଶକୁ ଅନୁଧାବନ କରିବା ନିମନ୍ତେ ଏହା ଆମକୁ ମନେ ପକାଇଥାଏ । ହିନ୍ଦୁ ଗୃହରେ ଦୀପ-ଜ୍ୱଳନର ଏଭଳି ବ୍ୟାଖ୍ୟାନ ଅସାଧାରଣ । ଦୀପଶିଖା ଭିତରେ ଏହି ଆଧ୍ୟାତ୍ମିକ ଚେତନା ଆମମାନଙ୍କୁ ଅନୁପ୍ରେରିତ କରିଥାଏ ଦୀପର ପ୍ରଜ୍ୱଳିତ ଆଲୋକ ଯେପରି ଅନ୍ଧାରକୁ ଦୂରେଇ ଦେଇଥାଏ । ଠିକ ସେହିପରି ଆମମାନଙ୍କ ଭିତରେ ଆଧ୍ୟାତ୍ମିକ ଚେତନା, ମଣିଷ ପଣିଆ, ମାନବୀୟ ମୂଲ୍ୟବୋଧ ଓ ସମସ୍ତଙ୍କୁ ପାରୁ ପର୍ଯ୍ୟନ୍ତ ସହାୟତାର ହାତ ବଢ଼ାଇବାର ଚେତନାର ମହକ ଚତୁର୍ଦ୍ଦିଗକୁ ବିଚ୍ଛୁରିତ ହେଉ ।

**ଚଣ୍ଡୀମନ୍ଦିର ମାର୍ଗ, କଟକ-୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମକରଦ୍ୱାରରେ...

ମେଣ୍ଟ ଇଣ୍ଡିଆର ସାଂସଦମାନେ ମୁହାଁମୁହିଁ ହୋଇଥିଲେ । ବିରୋଧୀ ସାଂସଦମାନେ ଯନ୍ତର ମନ୍ତର ପ୍ରତିବାଦରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ଆଲୋଚନା ଓ ଅମିତ ଶାହାଙ୍କ ବିବୃତ୍ତି ଦାବି କରୁଛନ୍ତି । ଏ ନେଇ ସଂସଦ ଓ ସଂସଦ ପରିସରରେ ସେମାନେ ପ୍ରତିବାଦ କରୁଛନ୍ତି । ତେବେ ଆଜି ଏନ୍‌ଡିଏ ସାଂସଦମାନେ ପ୍ଲାକାର୍ଡ ଧରି ମକର ଦ୍ୱାର ନିକଟରେ ବିକ୍ଷୋଭ କରିଥିଲେ । ସେମାନେ ଉଲ୍ଲେଖ କରିଥିଲେ ଯେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଛାତ୍ରମାନଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ନେଇ ଆଲୋଚନା ଲାଗି ପ୍ରସ୍ତୁତ । ମାତ୍ର ବିରୋଧୀ ଦଳ ସଂସଦରୁ ପଳାୟନ କରୁଛନ୍ତି । ବିରୋଧୀ ଓ ଶାସନ ସାଂସଦଙ୍କ ମଧ୍ୟରେ ଛାତ୍ର ପ୍ରତିବାଦକୁ ନେଇ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ ସରକାର ଏ ପ୍ରସଙ୍ଗରେ ବିତର୍କ କରନ୍ତୁ ଓ ଗୃହମନ୍ତ୍ରୀ ଏହାର ଉତ୍ତର ଦିଅନ୍ତୁ । ସରକାରଙ୍କ ପକ୍ଷରୁ ଗୃହର ସୁପରିଚାଳନା ପାଇଁ ଶାନ୍ତି ପ୍ରତିଷ୍ଠା ଲାଗି ଉଦ୍ୟମ କରାଯାଉଛି ବୋଲି ଯାହା କୁହାଯାଉଛି ତାକୁ ସରକାର ଖଣ୍ଡନ କରିଛନ୍ତି । ଏନ୍‌ଡିଏ ସାଂସଦମାନେ ଝାଡଖଣ୍ଡରେ ଆନ୍ଦୋଳନକାରୀ ଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ବିରୋଧୀଙ୍କୁ ଟାର୍ଗେଟ କରୁଛନ୍ତି । ଝାଡଖଣ୍ଡରେ ଜେଏସ୍‌ଏସ୍‌ସି, ସିଜିଏଲ୍ ପରୀକ୍ଷା ବାତିଲ୍ ସହ ସିବିଆଇ ତଦନ୍ତ ଦାବି କରାଯାଉଛି । ଏହାକୁ ନେଇ ଆଜି ଉଭୟ ପକ୍ଷ ମୁହାଁମୁହିଁ ହୋଇଛନ୍ତି । ମୌସୁମୀ ଅଧିବେଶନକୁ ଆଉ ମାତ୍ର ଦୁଇଦିନ ବାକି ଥିବାବେଳେ ସରକାର ଏଫ୍‌ସିଆର୍‌ଏ ବିଲ୍ ଆଗତ କରିଛନ୍ତି । ତେବେ ସରକାରଙ୍କ ପକ୍ଷରୁ ଛାତ୍ର ଆନ୍ଦୋଳନ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିବୃତ୍ତି ସମ୍ପର୍କରେ ସର୍ତ୍ତ ରଖାଯାଇଛି । ସେଥିରେ କୁହାଯାଇଛି ଯେ ବିରୋଧୀ ଶାସିତ ରାଜ୍ୟ ପଞ୍ଜାବ ଓ ଝାଡଖଣ୍ଡରେ ହୋଇଥିବା ଛାତ୍ର ଆନ୍ଦୋଳନ ସମ୍ପର୍କରେ ମଧ୍ୟ ଆଲୋଚନା ହେବ । ସ୍ୱରାଷ୍ଟ୍ରମନ୍ତ୍ରୀ କେବଳ ଏକ ବିବୃତ୍ତି ରଖିବେ । ମାତ୍ର ବିରୋଧୀ ଦଳଗୁଡ଼ିକ ଏହା ଉପରେ ସମ୍ପୂର୍ଣ୍ଣ ଆଲୋଚନା ଚାହୁଁଛନ୍ତି । ସରକାର ମଧ୍ୟ ରାମ ମନ୍ଦିର ଦାନ ଅର୍ଥ ଚୋରି ପ୍ରସଙ୍ଗରେ ଆଲୋଚନା ଲାଗି ପ୍ରସ୍ତୁତ ଅଛନ୍ତି । କିନ୍ତୁ ରାହୁଲ ଗାନ୍ଧି ଏ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ଦାବି କରିଛନ୍ତି । ତେବେ ଏଫ୍‌ସିଆର୍‌ଏ ବିଲ୍‌କୁ ନେଇ ବିରୋଧୀଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ସରକାର ଏହି ବିଲ୍‌କୁ ଅଧିକ ଯାଞ୍ଚ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବାକୁ ଚାହୁଁଛନ୍ତି ।

## ଆଜି...

ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଢେଙ୍କାନାଳ, ମୟୂରଭଞ୍ଜ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ।

## କାର୍ଯ୍ୟକ୍ରମ...

ଜୁଲାଇ ସୁଦ୍ଧା ବିଭିନ୍ନ ସୂତ୍ରରୁ ସମୁଦାୟ ରାଜସ୍ୱ ଆଦାୟ ୬୧,୫୯୩ କୋଟି ଟଙ୍କା ଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ସୁଦ୍ଧା ରାଜସ୍ୱ ଆଦାୟ ତୁଳନାରେ ଏହା ହେଉଛି ୭.୩% ଅଧିକ । ସେହିପରି, ଚଳିତ ବର୍ଷର ଜୁଲାଇ ସୁଦ୍ଧା ରାଜ୍ୟର ସମୁଦାୟ ନିଜସ୍ୱ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୧.୯% ଅଧିକ ରହିଛି । ରାଜ୍ୟର ସମୁଦାୟ ନିଜସ୍ୱ ଟିକସ ରାଜସ୍ୱ ମଧ୍ୟ ଜୁଲାଇ ସୁଦ୍ଧା ପୂର୍ବ ବର୍ଷ ଅପେକ୍ଷା ୯.୩% ଅଧିକ ରହିଛି, ଏବଂ ଅଣଟିକସ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୪.୮% ଅଧିକ ରହିଛି ।

ରାଜସ୍ୱ ଆଦାୟରେ ଅଭିବୃଦ୍ଧି ହାର ଉତ୍ତମ ଥିବା ସହିତ କାର୍ଯ୍ୟକ୍ରମ ବ୍ୟୟ ଓ ପୁଞ୍ଜି ଖର୍ଚ୍ଚ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇଛି । ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ପୂର୍ବ ବର୍ଷର ଏହି ସମୟ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ଠାରୁ ୧୯.୧% ଅଧିକ ରହିଛି । ସେହିପରି, କ୍ୟାପେକ୍ସ ବା ପୁଞ୍ଜିବ୍ୟୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ୨୦୨୬ ଜୁଲାଇ ଶେଷ ସୁଦ୍ଧା ମୋଟ ପୁଞ୍ଜିଗତ ବ୍ୟୟ ୧୧,୩୦୦ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଜୁଲାଇ ସୁଦ୍ଧା ଏହି ପରିମାଣ ୯,୩୯୯ କୋଟି ଟଙ୍କା ଥିଲା । ସମୁଦାୟ କ୍ୟାପେକ୍ସ ଖର୍ଚ୍ଚ ଜୁଲାଇ ସୁଦ୍ଧା ଗତ ବର୍ଷ ତୁଳନାରେ ୨୦.୨% ବୃଦ୍ଧି ପାଇଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏଥିପାଇଁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ବିନିଯୋଗର ଆବଶ୍ୟକତା ରହିଛି । ରାଜସ୍ୱ ଆଦାୟ ଏବଂ କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ପୂର୍ବ ବର୍ଷ ଅପେକ୍ଷା ଅଧିକ ଥିଲେ ମଧ୍ୟ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଣୁ ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ କ୍ୟାପେକ୍ସ'ରେ ଯେପରି ଅଧିକ ବ୍ୟୟ ହେବ, ସେଥିପ୍ରତି ବିଭିନ୍ନ ବିଭାଗ ଆହୁରି ତ୍ୱରାନ୍ୱିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଅର୍ଥବିଭାଗ ପକ୍ଷରୁ ବିଭାଗୀୟ ପ୍ରମୁଖ ସଚିବ ଶ୍ରୀ ସଞ୍ଜୀବ ମିଶ୍ର ତଥ୍ୟ ଉପସ୍ଥାପନ କରିଥିଲେ ।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଯାମିନୀ ଷଡ଼ଙ୍ଗୀ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

## ପିକ୍‌ଅପ୍...

ଉଦ୍ଧାର କରି ଅଟୋ ସାହାଯ୍ୟରେ ଜଳେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଆଣିଥିଲେ । ସେଠାରେ ଡାକ୍ତର ଜଣେ ମହିଳା ଶ୍ରମିକଙ୍କୁ ମୃତ ଘୋଷଣା କରିଥିଲେ । ୮ ଜଣ ଗୁରୁତର ଆହତଙ୍କୁ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ସାମାନ୍ୟ ଆହତ ହୋଇଥିବା ଅନ୍ୟ ୫ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛଡ଼ାଯାଇଛି । ପୁଲିସ ଠାରୁ ମିଳିଥିବା ସୂଚନାନୁସାରେ, ରାସଗୋବିନ୍ଦପୁର ଥାନା ଶ୍ୟାମାନନ୍ଦପୁର ଗାଁର ମଞ୍ଜୁ ଦେହୁରୀ(୩୦)ଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ଆହତମାନଙ୍କ ମଧ୍ୟରେ, ଶ୍ୟାମାନନ୍ଦିପୁର ଗାଁର ବାସନ୍ତୀ ରଣା(୫୦), ସଞ୍ଜୁଲତା ଦେହୁରୀ(୨୬), ପ୍ରକାଶ ପାତ୍ର (୫୦), ଉପେନ୍ଦ୍ର ପାତ୍ର (୪୫), ସବିତା ପାତ୍ର(୩୦), ଅଞ୍ଜନ ବେହେରା(୧୮), ନାକିଚୁଆଁ ଗାଁର ସବିତା କବାକ(୨୬), ଦୀପା କବାକ(୨୨), ରାଇଶୋଳ ଗାଁ ର ବରୁଣ ଦାସ(୩୯), ଚିଞ୍ଚଲଗଡିଆ ଗ୍ରାମର କୁବେର ବେହେରା(୩୫)କୌଶଲ୍ୟା ବେହେରା (୪୦) ପ୍ରମୁଖଙ୍କ ଅବସ୍ଥା ଗୁରୁତର ରହିଛି । ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଥିବା ବେଳେ ନାମ୍ପୋ ଫାଣ୍ଡି ପୁଲିସ ପିକଅପ ଭ୍ୟାନକୁ ଜବତ କରିଛି । ଗାଡ଼ିର ମାଲିକ ରାସଗୋବିନ୍ଦପୁର ଥାନା ବ୍ରହ୍ମପୁରା ଗାଁର ମଧୁସୂଦନ ଜେନା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

## ଭୁଲ୍...

ଭାପୁର ବ୍ଲକ ଗୋଳାପୋଖରୀ ଗ୍ରାମର ଗୋପାଳ ଚନ୍ଦ୍ର ବେହେରାଙ୍କ ଝିଅ ସନ୍ତୋଷୀ ବେହେରା (୧୮)ବୋଲି ଜଣାପଡ଼ିଛି । ସନ୍ତୋଷୀ ଅସୁସ୍ଥ ଥିବା ଓ ତାର ମୁଣ୍ଡ ବୁଲାଇ ହେବାରୁ ପରିବାରବର୍ଗ ଆଶୁ ଚିକିତ୍ସା ନିମନ୍ତେ ତାକୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ସକାଳେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡାକ୍ତର ସଂପୃକ୍ତ ଯୁବତୀଙ୍କୁ ଦେଖାଶୁଣା କରିବା ସହ ଏକ ଇଞ୍ଜେକସନ ଦେବାର କିଛି ସମୟ ପରେ ଯୁବତୀ ଜଣକ ହଠାତ ଚେତାଶୁନ୍ୟ ହୋଇ ପଡିଥିଲେ । ସେହିଠାରେ ହିଁ ତାଙ୍କର ଅକାଳ ମୃତ୍ୟୁ ହୋଇଥିଲା ।ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କ ଭୂଲ ଚିକିତ୍ସା ଯୋଗୁଁ ଯୁବତୀଙ୍କର ଅକାଳ ମତ୍ୟୁ ହେଲା ବୋଲି ପରିବାରବର୍ଗ ଅଭିଯୋଗ କରି ପାଟିତୁଣ୍ଡ କରିବା ଯୋଗୁଁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା ।

ଖବରପାଇ ଫତେଗଡ ପୁଲିସ ଟିମ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା କରିଥିବା ବେଳେ ମୃତ ଯୁବତୀଙ୍କ ପରିବାରବର୍ଗ ଘଟଣାର ନିରପେକ୍ଷ ତଦନ୍ତ ସହ ଭୁଲ ଇଞ୍ଜେକସନ ଦେଇଥିବା ଡାକ୍ତରଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଯୁବତୀଙ୍କ ଶବ ରଖି ହୋ ହାଲ୍ଲା କରିଥିଲେ ।ପରବର୍ତ୍ତୀ ସମୟରେ ମୃତ ଯୁବତୀଙ୍କ ପରିବାରବର୍ଗଙ୍କୁ ଉପଯୁକ୍ତ କ୍ଷତିପୁରଣ ପ୍ରଦାନ, ଘଟଣାର ନିରପେକ୍ଷ ତଦନ୍ତ ସହ ସଂପୃକ୍ତ ଡାକ୍ତରଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଉତ୍ୟକ୍ତ ଜନସାଧାରଣ ଭାପୁର ବଜାର ଓ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ରାସ୍ତାରୋକ ଆନ୍ଦୋଳନ କରିଥିଲେ ଫଳରେ ଯୋଗୁଁ ଖଣ୍ଡପଡ଼ାରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଦେଇ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା ।ବେଳକୁ ବେଳ ଉତ୍ତେଜନା ବୃଦ୍ଧି ପାଇବାରୁ ଖବରପାଇ ଖଣ୍ଡପଡ଼ା ଏସଡିପିଓ ସରୋଜ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଉତ୍ୟକ୍ତ ଜନସାଧାରଣଙ୍କୁ ବୁଝାସୁଝା କରିଥିଲେ । ବେଳେ ସଂପୃକ୍ତ ଡାକ୍ତରଙ୍କ ଖାମଖିଆଲି ନୀତି ଯୋଗୁଁ ଏକ ନିରିହ ଜୀବନ ଅକାଳରେ ଚାଲିଗଲା ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି । ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲ୍ଲାପାଳ ସଂପୃକ୍ତ ଡାକ୍ତରଙ୍କ କାର୍ଯ୍ୟକଳାପ ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ମୃତ ଯୁବତୀ ଜଣଙ୍କ ଖଣ୍ଡପଡ଼ା ପଠାଣୀ ସାମନ୍ତ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷରେ ପଡଥିଲେ ବୋଲି ସୂଚନା ମିଳିଛି ।

## ଓଡ଼ିଶା...

ପ୍ରକାଶ ସିଂ ମାମଲାରେ ସୁପ୍ରିମ୍‌କୋର୍ଟ ଦେଇଥିବା ଐତିହାସିକ ନିର୍ଦ୍ଦେଶାବଳୀର ଏହା ସ୍ପଷ୍ଟ ଉଲ୍ଲଂଘନ ବୋଲି ସେ ଉଲ୍ଲେଖ କରିଛନ୍ତି । ଏପ୍ରିଲରେ ରାଜ୍ୟ ସରକାର ପ୍ରଥମେ ୟୁପିଏସ୍‌ସି ନିକଟକୁ ଏକ ତାଲିକା ପଠାଇଥିଲେ ଓ ତାକୁ ପୁଣି ଫେରାଇ ନେଇଥିଲେ । ମେ' ୩ରେ ତିନି ଜଣ ଡିଜି ପାହ୍ୟାର ଅଫିସର ଓ ଅନ୍ୟ ୮ ଅତିରିକ୍ତ ଡିଜିଙ୍କୁ ମିଶାଇ ୧୧ ଜଣିଆ ତାଲିକା ପଠାଇଥିଲେ । ତେବେ ଅଗଷ୍ଟ ୭ରେ ୟୁପିଏସ୍‌ସି ବୈଠକରେ ଡିଜିପି ପଦବୀ ନିମନ୍ତେ ୩ ଜଣଙ୍କ ନାମ ଚୂଡାନ୍ତ କରିବାର ଥିଲା । ରାଜ୍ୟ ସରକାର ସେହି ତାଲିକାକୁ ପ୍ରତ୍ୟାହାର କରି ନୂଆ ତାଲିକା ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ଚିଦାମ୍ବରମ୍ କହିଥିଲେ । ଚିଦାମ୍ବରମ୍‌ଙ୍କ ଯୁକ୍ତି ପରେ ପ୍ରଧାନ ବିଚାରପତି କହିଥିଲେ ଯେ ଯେ କେଉଁ ଅଫିସର ଯୋଗ୍ୟ ଓ କାହା ନାମ ବିଚାର କରାଯିବ ସେ ନେଇ ୟୁପିଏସ୍‌ସି ସମ୍ପୂର୍ଣ୍ଣ ଅବଗତ ଅଛନ୍ତି । ଯଦି ଅଯୋଗ୍ୟ ଅଫିସରଙ୍କ ନାମ ପଠାଯାଏ ତେବେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୟୁପିଏସ୍‌ସି କାର୍ଯ୍ୟ କରିବ । ଉଲ୍ଲେଖ ଯୋଗ୍ୟ ଯେ ରାଜ୍ୟ ସରକାର ଗତକାଲି ୧୯୯୪ ବ୍ୟାଚ୍ ଆଇପିଏସ୍ ସଞ୍ଜୀବ ପଣ୍ଡା ଓ ଯଶୱନ୍ତ ଜେଠୱାଙ୍କୁ ଡିଜି ପାହ୍ୟାକୁ ବିଧିବଦ୍ଧ ପଦୋନ୍ନତି ଦେଇଥିଲେ । ତାଙ୍କ ପଦୋନ୍ନତିକୁ ନେଇ ପ୍ରଶ୍ନ ଉଠିଛି । ଡିଜିପି ଚୟନ ପାଇଁ ୟୁପିଏସ୍‌ସି ଅଧ୍ୟକ୍ଷତାରେ ଆସନ୍ତା ୧୩ରେ ବୈଠକ ହେବ ବୋଲି ସୂଚନା ମିଳିଛି । ତେବେ ସୁପ୍ରିମ୍‌କୋର୍ଟଙ୍କ ରାୟ ଉପରେ ସବୁ ନିର୍ଭର କରୁଛି । ୧୬ ତାରିଖରେ ବର୍ତ୍ତମାନର ଡିଜିପି ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ଶେଷ ହେଉଛି । ଏହା ପୂର୍ବରୁ ଡିଜିପି ନିଯୁକ୍ତି ନହେଲେ ପ୍ରଶାସନିକ ସଙ୍କଟ ଦେଖାଦେଇପାରେ । ଯଦି ସରକାର କୌଣସି ନିର୍ଦ୍ଦିଷ୍ଟ ଅଫଇସରଙ୍କୁ ପୋଲିସ ଡିଜି ଭାବେ ନିଯୁକ୍ତି ଦେବାକୁ ଚାହୁଁଥିଲେ, ଏପ୍ରିଲ କିମ୍ବା ମେ' ମାସରେ ପ୍ରସ୍ତାବ ପଠାଇବା ପୂର୍ବରୁ ଅନୁରୂପ ଯୋଗ୍ୟ ତାଲିକାରେ ସାମିଲ କରିବାର ଥିଲା । ଅଚାନକ ଯୋଗ୍ୟ ଅଫିସରଙ୍କୁ ଅଯୋଗ୍ୟ ଦେଖାଇବା ଓ ଅଯୋଗ୍ୟଙ୍କୁ ଯୋଗ୍ୟ କରିବାର ଯେଉଁ ଉଦ୍ୟମ ହେଉଛି ତାହା ସୁପ୍ରିମ୍‌କୋର୍ଟର ରାୟ ଉପରେ ଏବେ ନିର୍ଭର କରୁଛି ।

# ସମବାୟ ସମିତି ଆଗରେ ଚାଷୀଙ୍କ ପ୍ରତିବାଦ

ଆନନ୍ଦପୁର ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ବଡ଼ରମ୍ପାସ ସମବାୟ ସମିତିରେ ସାର ସଂକଟ ତୀବ୍ର ଦେଖିବାକୁ ମିଳିଛି । ଚାଷ ସମୟରେ ସାର ମିଳୁ ନଥିବାରୁ ଚାଷୀମାନେ ସମବାୟ ସମିତି ସମ୍ମୁଖରେ ପ୍ରତିବାଦ କରି ତୁରନ୍ତ ସାର ଯୋଗାଇ ଦେବାକୁ ଦାବି କରିଛନ୍ତି । ଚାଷୀ ମାନହରି ସେନାପତି, ମନୋଜ ସେନାପତି, କାମ ସେନାପତି, ରଞ୍ଜନ ପଣ୍ଡା, ମହେଶ୍ୱର ସୂତାର, ହରିହର ପାତ୍ର, ଭଗବାନ ବେହେରା, ନବଘନ ଜେନା, କଳାକର ଜେନାଙ୍କ ସମେତ ଅନେକ ଚାଷୀ ସମବାୟ ସମିତି ସମ୍ମୁଖରେ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ । ଖବରପାଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ବ୍ଲକ ସହକୃଷି ଅଧିକାରୀ ରାମାଞ୍ଜାରୀ ମହାନ୍ତଙ୍କୁ ସାଙ୍ଗରେ ନେଇ ସମବାୟ ସମିତିରେ ପହଞ୍ଚି ଗଚ୍ଛିତ ସାର ସମ୍ପର୍କରେ ସମ୍ପାଦକଙ୍କ ସହ ଆଲୋଚନା କରିଛନ୍ତି । ଚାଷୀଙ୍କ ଅଭିଯୋଗ ଅନୁସାରେ, ଏବେ ଜମିରେ ତଳି ପକାଇବା ଓ ରୁଆପୋତା ବେଳ । ବର୍ତ୍ତମାନ ଡିଏପି, ଗ୍ରୋମର ଭଳି ସାରର ଢେର ଆବଶ୍ୟକତା ରହିଛି ।

ସମବାୟ ସମିତିକୁ କେବଳୟୁରିଆ ସାର ଆସିଛି । ସମବାୟ ସମିତିରେ ସାର ନଥିବା ବେଳେ ବଜାରରେ ଚଢ଼ା ଦରରେ ବିକ୍ରି ହେଉଛି । ବଜାରରେ ମଧ୍ୟ ଆବଶ୍ୟକ ଅନୁସାରେ ଡିଏପି ୧୨-୩୨ ସାର ମିଳୁନି । ବଜାର ଦର ପ୍ୟାକେଟ ୧୩୫୦ ଟଙ୍କା ଥିବାବେଳେ କେଉଁଠି ୨ ହଜାର ତ ଆଉ କେଉଁଠି ୨୨ଶହ ଟଙ୍କାରେ ବିକ୍ରି ହେଉଛି । ଯେଉଁୟୁରିଆ ସାର ଆସିଛି ତାହାବି ବଣ୍ଟା ହେଉନି । ଚାଷୀଙ୍କ ପାଇଁ ଗୋଟିଏ ଲେଖାଏଁ ପ୍ୟାକେଟ ଆସିଥିବାରୁ ସମସ୍ୟା ହୋଇଛି । ସରକାର ସମିତି ମାଧ୍ୟମରେ ଡିଏପି, ଗ୍ରୋମର ଭଳି ସାର ଦେଉ ନଥିବାରୁ ସମସ୍ୟା ଜଟିଳ ହେଉଥିବା ଚାଷୀମାନେ କହିଛନ୍ତି । ବିଧାୟକ ଶ୍ରୀ ସେଠୀ ସମିତି ସମ୍ପାଦକଙ୍କ ସହ ଆଲୋଚନା କରିବା ପରେ ବଡ଼ରମ୍ପାସର ସ୍ମାର୍ଟ ଟ୍ରେଡର୍ସ ପରିଦର୍ଶନ କରି ଡିଲର ସନ୍ତୋଷ ସଓ୍ୱାଇଁଙ୍କ ସହ ଆଲୋଚନା କରିଥିଲେ । ପରେ ଛେନାପଦି ଛକସ୍ଥିତ ଜୟଲକ୍ଷ୍ମୀ ଟ୍ରେଡର୍ସ ଷ୍ଟୋର ସାର ବିକ୍ରୟ କେନ୍ଦ୍ର ପରିଦର୍ଶନ କରି ଡିଲର ନାରାୟଣୀ ଘଡ଼େଇଙ୍କୁ ପଚରାଉଚରା କରି ଗଚ୍ଛିତ ସାରର ସ୍ଥିତି ଅନୁଧ୍ୟାନ କରିଥିଲେ । ସାରର ଅଭାବୀ ବିକ୍ରିର କାରଣ ସମ୍ପର୍କରେ ଡିଲରମାନଙ୍କଠାରୁ ଅବଗତ ହୋଇଥିଲେ । କେତେକ ସାରର ମୂଲ୍ୟବୃଦ୍ଧି ଘଟିଥିବା ବେଳେ ଟ୍ୟାଗିଂ ସାର ଯୋଗୁଁ ଦର ଉଚ୍ଚା ରହିଥିବା ଡିଲରମାନେ ବିଧାୟକଙ୍କୁ ଅବଗତ କରାଇଛନ୍ତି । ଗୋଟିଏ ସାର ସହିତ ଅନ୍ୟ କିଛି ସାର ବାଧ୍ୟତାମୂଳକ ଭାବେ ଦିଆଯାଉଥିବାରୁ ସମସ୍ୟା ଉପୁଜୁଥିବା ଡିଲରମାନେ କହିଛନ୍ତି । ଏସମ୍ପର୍କରେ ବିଧାୟକ ଶ୍ରୀ ସେଠୀ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଅବଗତ କରାଇବା ସହିତ ଟ୍ୟାଗିଂ ସିଷ୍ଟମକୁ ଉଠାଇବା ଲାଗି ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି । ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇବା ସହିତ ବିଧାନସଭାରେ ପ୍ରସଙ୍ଗ ଉଠାଇବେ ବୋଲି ବିଧାୟକ ଶ୍ରୀ ସେଠୀ କହିଛନ୍ତି ।

## ସାର ବୋଝେଇ ଟ୍ରକ ଦୁର୍ଘଟଣା: ଗାଈ ମୃତ

ଖଇରା,(ସବ୍ୟୁ): ସାର-କୁପାରୀ ରାସ୍ତାର ମହତୀପୁର ସ୍କୁଲ ନିକଟରେ ସାର ବୋଝେଇ ଟ୍ରକ ଓଲଟି ପଡିଛି । ରାସ୍ତା କଡରେ ବନ୍ଧା ହୋଇଥିବା ପୂର୍ଣ୍ଣଚନ୍ଦ୍ର ନାୟକଙ୍କର ଏକ ଗାଈ ଟ୍ରକ ତଳେ ଚାପି ହୋଇ ମୃତ୍ୟୁବରଣ କରିଛି । ମଙ୍ଗଳବାର ସକାଳେ ବାଲେଶ୍ୱର ଡିପୋରୁ ସାର ବୋଝେଇ କରି ଓଆର ୦୪ଏଚ୯୪୮୮ ନମ୍ବର ଟ୍ରକ ଖଇରା ଆସୁଥିବା ବେଳେ ଭାରସାମ୍ୟ ହରାଇ ମହତୀପୁର ଗ୍ରାମ ନିକଟରେ ରାସ୍ତା କଡକୁ ଓଲଟି ପଡିଥିଲା । ପରେ ଅନ୍ୟ ଏକ ଗାଡିରେ ସାରକୁ ଖଇରା ସ୍ଥାନାନ୍ତର କରାଯାଇଥିଲା । ଗାଈ ମାଲିକକୁ କ୍ଷତି ପୁରଣ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ଧାନ...

ଅନ୍ୟ ୨୦ ଶ୍ରମିକ ବଜ୍ରାଘାତରେ ଆହତ ହୋଇଥିଲେ । ଆହତମାନଙ୍କୁ ଉଦ୍ଧାର କରାଯାଇ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହି ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଛି ।

ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଥାନା ଅନ୍ତର୍ଗତ ଇନ୍ଦ୍ରପୁର ଗ୍ରାମରେ ଚାଷଜମିରେ ଆଜି ଧାନ ରୁଆ କାମ ଚାଲିଥିଲା । ଏଠାରେ ୧୧ ଜଣ ମହିଳା ଧାନ ରୁଆ କାମରେ ନିୟୋଜିତ ହୋଇଥିଲେ । ଏହି ସମୟରେ ଘଡ଼ଘଡ଼ି ସହ ବିଜୁଳି ଓ ବଜ୍ରପାତ ହୋଇଥିଲା । ବଜ୍ରପାତରେ ସୁନିତା ଓରାମ ଓ ଦ୍ରୌପଦୀ କିଷାନ ଗୁରୁତର ହୋଇ ଚାଷଜମିରେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ପରୀକ୍ଷା କରି ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଟିକାୟତପାଲି ଥାନା ଅନ୍ତର୍ଗତ ଝିରଡାପାଲି ଗ୍ରାମର ସଞ୍ଜୁକ୍ତା ଚାରଦିଆ (୪୦) ମଧ୍ୟ ଚାଷ ଜମିରେ କାମ କରୁଥିବା ସମୟରେ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## ଛୁଟିରେ...

ଅମିତ୍ କୌର କହିଛନ୍ତି ଯେ ଯେଉଁମାନେ ଉପତ୍ୟକାରେ ରହିଛନ୍ତି ସେମାନଙ୍କୁ ଘରୁ ନ ବାହାରିବାକୁ ମଧ୍ୟ ପୋଲିସ କହିଛି । ବରିଷ୍ଠ ପୋଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ଏହା ଏକ ସ୍ୱତନ୍ତ୍ରତାମୂଳକ ପଦକ୍ଷେପ । ଆମେ ଆସିଥିବା ଚେତାବନିକୁ ଅନୁଧ୍ୟାନ କରୁଛୁ । ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ନିଯୁକ୍ତି ପ୍ୟାକେଜ୍‌ରେ ୬୦୦୦ କାଶ୍ମୀର ପଣ୍ଡିତଙ୍କୁ ସରକାରୀ ଚାକିରି ୨୦୧୦ରେ ଦିଆଯାଇଥିଲା । ଏହାର ଲକ୍ଷ ଥିଲା ଯେ ଯେଉଁମାନେ ନିଜ ଜନ୍ମ ମାଟିରୁ ୧୯୯୦ରୁ ୨୦୨୨ ମଧ୍ୟରେ ବିସ୍ଥାପିତ ହୋଇଛନ୍ତି ସେମାନଙ୍କୁ ପୁନଃ ଥଇଥାନ କରିବା । ଆତଙ୍କବାଦୀମାନେ କାଶ୍ମୀର ପଣ୍ଡିତମାନଙ୍କୁ ଟାର୍ଗେଟ କରୁଛନ୍ତି । ଜୁଲାଇ ୨୨ରେ ଅନନ୍ତନାଗରେ ଏକ ଆତଙ୍କୀ ଆକ୍ରମଣରେ ଜଣେ ପୋଲିସକୁ ହତ୍ୟା କରାଯାଇଥିବାବେଳେ କୁଲଗାମ୍‌ରେ ଦାଦନ ଶ୍ରମିକଙ୍କୁ ହତ୍ୟା କରାଯାଇଛି । ଉପତ୍ୟକାରେ ସୁରକ୍ଷା ପାଇଁ ପାଟ୍ରୋଲିଂ ଚାଲିଛି । ଅମରନାଥ ଯାତ୍ରା ନେଇ ମଧ୍ୟ ସୁରକ୍ଷାର ଚିନ୍ତା ବଢ଼ିଛି । ଏଥିଲାଗି ସପ୍ତାହେ କାଳ ଯାତ୍ରାକୁ ସ୍ଥଗିତ ରଖାଯାଇଥିଲା । ଜୁଲାଇ ୨୨ରେ ଏକ ବଡ ସୁରକ୍ଷା ଅପରେସନ୍‌ରେ ୩୦୦୦ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଥିଲା ।

## ୨୫ ଟିକିଆ ହାତୀପଲଙ୍କ ଉତ୍ପାତ: ଭାଙ୍ଗିଲେ ଘର, ଆତଙ୍କିତ ଗ୍ରାମବାସୀ

ଯୋଡ଼ା, (ସବ୍ୟୁ): ମୟୁରଭଞ୍ଜରୁ ଲେଉଟିବା ପରେ ଚମ୍ପୁଆ ରେଞ୍ଜରେ ପୁଣି ଥରେ ୨୫ ଟିକିଆ ହାତୀପଲଙ୍କ ଉତ୍ପାତ ଦେଖିବାକୁ ମିଳିଛି । ଗତ ଏକ ମାସ ତଳେ ମୟୁରଭଞ୍ଜକୁ ଚାଲିଯାଇଥିବା ଏହି ହାତୀପଲ ଗତକାଲି ପୁଣି ଥରେ ଚମ୍ପୁଆ ରେଞ୍ଜକୁ ଫେରିଆସିଛନ୍ତି । ସୋମବାର ଦିନ ଚମ୍ପୁଆ ରେଞ୍ଜରେ ପ୍ରବେଶ କରିବା ପରେ ହାତୀପଲ ଜଙ୍ଗଲ ମଧ୍ୟରେ ଥିବା ଏକ ପୋଖରୀରେ ଦୀର୍ଘ ସମୟ ଧରି ଜଳକ୍ରୀଡ଼ା କରିଥିଲେ । ଏହା ପରେ ସେମାନେ ବର୍ଦ୍ଧନା ଗାଁ ମଧ୍ୟକୁ ପଶି ଆସିଥିଲେ । ଗାଁରେ ପଶି ହାତୀପଲ ଗୋଟିଏ ଘର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି କରିଛନ୍ତି, ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆଶଙ୍କାର ପରିବେଶ ସୃଷ୍ଟି ହୋଇଛି । ଏହି ୨୫ ଟିକିଆ ହାତୀପଲରେ ୯ ଟି ଛୁଆ ହାତୀ ଥିବା ଜଣାପଡ଼ିଛି ।ତେବେ ଖବର ପାଇ ବନ ବିଭାଗ ଟିମ ତୁରନ୍ତ ଗାଁରେ ପହଞ୍ଚି ହାତୀପଲଙ୍କୁ ଗାଁରୁ ଜଙ୍ଗଲ ଆଡ଼କୁ ଘଉଡ଼ାଇବା ପାଇଁ ଲଗାତାର ପ୍ରୟାସ ଜାରି ରଖିଛନ୍ତି ।ତେବେ ସ୍ଥିତିକୁ ଦୃଷ୍ଟିରେ ରଖି ବନବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ହାତୀପଲଙ୍କ ଠାରୁ ନିରାପଦ ଦୂରତା ବଜାୟ ରଖିବା ସହ ସମ୍ପୂର୍ଣ୍ଣ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

## ଘରେ ଘରେ ତ୍ରିରଙ୍ଗା ଚିତ୍ରକଳା ପ୍ରତିଯୋଗିତା

ଆଗରପଡ଼ା,(ସବ୍ୟୁ): ଆମ ବିଦ୍ୟାଳୟରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆଗରପଡ଼ା ସ୍ଥିତ ପୁରୁଷ,, ନୋଡାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗୀତାର ଆୟୋଜନ ହୋଇଥିଲା । କଳା ଶିକ୍ଷକ ପଦ୍ମନାଭ ସେଠୀ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ସାହୁଙ୍କ ତ%ାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଆରସିସି ନିରଞ୍ଜନ ଖିଲାର ଅତିଥି ଭାବେ ଯୋଗ ଦେଇଥିଲେ ।

## ବୋଲ୍‌ବମ୍ ଅଟୋ ଦୁର୍ଘଟଣା

ବାଲେଶ୍ୱର ,(ସବ୍ୟୁ): ସଦର ଥାନା ଅଧୀନ ଫୁଲାଡ଼ି ଛକ ନିକଟରେ ଏକ ବୋଲ୍‌ବମ୍ ଅଟୋ (ଓଆର୦୧-ଏସ୍-୪୧୭୫) ଦୁର୍ଘଟଣାଗ୍ରସ୍ତ ହୋଇଛି । ଜାତୀୟ ରାଜପଥ ପାର୍ଶ୍ୱରେ ଗାଡ଼ିଟି ଛିଡ଼ା ହୋଇଥିବା ବେଳେ କୌଣସି କାରଣରୁ ଏହା ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା । କାଉଡ଼ିଆମାନଙ୍କୁ ଛାଡ଼ି ସାରିଥିବାରୁ ଅଟୋରେ କେହି ନଥିଲେ । ରାସ୍ତା ପାର୍ଶ୍ୱରେ ଜମି ରହିଥିବା ପାଣିରେ ଅଟୋଟି ଅଧା ବୁଡ଼ି ଯାଇଥିବା ବେଳେ ସାଉଣ୍ଡବକ୍ସଗୁଡ଼ିକ ମଧ୍ୟ ବୁଡ଼ିଯାଇଥିଲା ।


### ନୋଟିସ୍

ଏତଦ୍ୱାରା ସର୍ବସାଧାରଣ ତଥା କ୍ଷମତା ପତ୍ର ଦଲିଲ ନଂ ୦୦୧୨୩ ତା. ୨୦/୦୧/୨୦୨୬ ଗ୍ରହୀତା ସମେତ ସମସ୍ତ ପକ୍ଷମାନଙ୍କୁ ଅବଗତି ନିମନ୍ତେ ଜଣାଉଅଛି ଯେ ଆମ୍ଭେ ଦୁଇ ନୟର ଦାତା ମନୋରମା ଦାସ, ପିତା–ସ୍ୱର୍ଗତଃ ଭାଗବତ ଦାସ, ସା/ପୋ.ଅ–ରାହାସୋଇ, ଥାନା–ଦଶରଥପୁର, ଜିଲ୍ଲା–ଯାଜପୁର, ଗ୍ରହୀତା ଶ୍ରୀ ବୈଦ୍ୟନାଥ ଦାସ ପିତା ଭାଗବତ ଦାସ, ହାଲ ସା–ରାହାସୋଇ, ଥାନା–ଦଶରଥପୁର, ଯାଜପୁରଙ୍କର ବିଗତ ଦିନର କାର୍ଯ୍ୟ ଯାହାକି ଆମ୍ଭ ସ୍ୱାର୍ଥ/ଇଦେଶ୍ୟର ପରିପନ୍ଥୀ ହେତୁ ଉପର ବର୍ଣ୍ଣିତ ଗ୍ରହୀତାଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ କ୍ଷମତାକୁ ପ୍ରତ୍ୟାହାର ପୂର୍ବକ ଘୋଷଣା କରୁଅଛୁ କି ଯେ ଆମ୍ଭେ ସ୍ୱୟଂ ଆଜଦିନ ଠାରୁ ସମସ୍ତ କ୍ଷମତା କାର୍ଯ୍ୟକାରୀ କରିବୁ ।

ମନୋରମା ଦାସ

यूनियन बैंक / Union Bank of India

କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର, ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଙ୍ଗ ସ୍କୋୟାର ନିକଟ, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୫, ଯୋଗାଯୋଗ ନଂ.: ୮୭୬୩୫୦୬୧୬୨

### ଲିଜ୍ ସୂତ୍ରରେ ଗୃହ ଆବଶ୍ୟକ

ବ୍ୟାଙ୍କ, ବୁଗୁଡ଼ା (ଏନ୍.ଏ.ସି.) ଶାଖା ନିମନ୍ତେ ବୁଗୁଡ଼ା (ଏନ୍.ଏ.ସି.), ଜିଲ୍ଲା: ଗଞ୍ଜାମ ଅଞ୍ଚଳରେ ପରିମିତ ୧୪୦୦ ବର୍ଗଫୁଟ ± ୧୦% ପର୍ଯ୍ୟନ୍ତ କାର୍ପେଟ ଏରିଆ ବିଶିଷ୍ଟ ଉତ୍ତମ ଭାବେ ପୂର୍ବରୁ ପ୍ରସ୍ତୁତ ଥିବା / ନିର୍ମାଣାଧୀନ ବାଣିଜ୍ୟିକ ଆରସିସି ଗୃହ ଆବଶ୍ୟକ କରୁଅଛି । ପ୍ରମୁଖ ସ୍ଥାନରେ ଥିବା ଗୃହଟି ତଳ ମହଲା ବିଶିଷ୍ଟ ହୋଇଥିବା ସହିତ ଗୃହରେ ସମସ୍ତ ଆନୁଷଙ୍ଗିକ ସୁବିଧା ଏବଂ ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ ଥିବା ଆବଶ୍ୟକ । ବିଡ୍ ଫର୍ମାଟ ଆମ କ୍ଷେତ୍ରୀୟ କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ । ଅଧିକ ବିବରଣୀ ନିମନ୍ତେ, ବ୍ୟାଙ୍କର ୱେବସାଇଟ୍ www.unionbankofindia.bank.in / ଇ-ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ eprocure.gov.in କୁ ଅନୁଧ୍ୟାନ କରନ୍ତୁ । ଧାର୍ଯ୍ୟ ଫର୍ମାଟରେ ବିଡ୍ ଦାଖଲ କରିବାର ଆରମ୍ଭ ତାରିଖ: ତା୧୨.୦୮.୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକା । ଧାର୍ଯ୍ୟ ଫର୍ମାଟରେ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ: ୨୬.୦୮.୨୦୨୬ରିଖ ଅପରାହ୍ନ ୪.୩୦ ଘଟିକା ପର୍ଯ୍ୟନ୍ତ । ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ବିଡ୍‌କୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି ।

ଉପ କ୍ଷେତ୍ରୀୟ ମୁଖ୍ୟ (କ୍ଷେତ୍ରୀୟ ଆଶ୍ୱାସନା ମୁଖ୍ୟ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର

Mob : 9348943900

OFFICE OF THE PRINCIPAL
PANCHAYAT DEGREE COLLEGE, KANTAMAL
AT/P.O.- KANTAMAL, DIST. - BOUDH - 762017, ODISHA
NAAC ACCREDITED
E-mail:-pdckantamal1991@gmail.com, website:-http://www.pdcollegekantamal.in

No:- 485 Date:- 11.08.2026

Tender Notice:

Sealed quotations are invited from reputed authorized firms for supply of
1. i5 (or above min 12th Gen) all in one Desktop = 5 nos.
2. UPS = 5 nos., 3. Multi-Function Printer = 1 nos.

Quotations with GST, rates and authorization certificate must reach the undersigned by dt. 25.08.2026 at 3.00 PM.

Details available in college office during office hours.

The undersigned reserves the right to reject any or all quotations.

Principal
Panchayat Degree College, Kantamal,
Mob No- 9348943900

32001/674/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KEONJHAR
NOTICE INVITING TENDER e-Procurement
Bid ID No. 02 SEMID (KJR/ 2026-2027) Dt 07.08.2026

The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | | |
|---|---|---|
| Name of work | : | Civil Construction works |
| No. of Works | : | 20 (Twenty) Nos. |
| Estimated Cost | : | Various from Rs. to 6.88 lakhs to Rs. 12.70 Lakhs approximately |
| Tender Paper Cost | : | Mentioned in Column No. 6 of Tender call notice |
| Period of completion | : | 04 (Four) calendar months |
| Availability of Bid Documents | : | From 14.08.2026 to 24.08.2026 in Website (www.tenderorissa.gov.in) |
| Period of receipt of Bid through online | : | From 14.08.2026 to 24.08.2026 through online. |
| Date of Opening of Technical / Financial Bid Documents | : | At 11.00 A.M. on 25.08.2026 in the office chamber of the Superintending Engineer, M.I. Division, Keonjhar |
| Date of Lottery | : | At 11.00 A.M. on 02.09.2026 in the office chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | : | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT | : | Superintending Engineer, M.I. Division, Keonjhar Near Parkline Keonjhar, At/Po-Keonjhar, Dist- Keonjhar Pin-758001. E-Mail ID-eemikjr@yahoo.co.in |

Further Details can be seen from the web site: www.tendersorissa.gov.in

Sd/- (Er. Rashmi Rekha Chattar)
Superintending Engineer
M.I Division, Keonjhar

OIPR : 32001/32123/1/26-27/0002

34001/614/2627

GOVERNMENT OF ODISHA
Office of the Superintending Engineer
N.H. Division, Bhubaneswar Email-eenh_bbsr@yahoo.co.in
Ph No-0674-2972908
INVITATION FOR BIDS
BID IDENTIFICATION NO. 02 SE NH, BBSR of 2026-27

The Superintending Engineer, National Highways Division, Bhubaneswar on behalf of Governor of Orissa invites percentage rate bids in Double cover system on online mode for the work as detailed in the table below from eligible contractors as mentioned in Col. 7 registered with the State Govt, and Contractors of equivalent Grade or Class registered with Central Government / Other State Government / MES / Railways for execution of Civil Works, on production of definite proof from the appropriate authority.

| Sl. No. | Name of work | Approximate Estimated cost put to Tender | Concerned Sub-Division | Bid security EMD (online) | Cost of Bid documents (online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "Road safety improvement measures at identified accident prone locations on NH-57 (Khordha-Nayagarh Section) for the year 2026-27 | Rs. 96,46,869/- (Excluding GST) | NH Sub Division, Khordha | Rs. 96468/- | Rs.10000/- | "B" Class Contractor | 03 (Three Months) |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in.
1. Bid documents will be available in above website from dt.18.08.2026 to dt.02.09.2026 up to 17.30 Hours The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened at 12.30 hours on dt.03.09.2026. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendersodisha.gov.in
2. Subsequent corrigendum / addendum if required shall be available in the website as indicated above.
3. The authority reserves the right to cancel any/all bids without assigning any reason.

Superintending Engineer
N.H. Division, Bhubaneswar

OIPR : 34001/34073/1/26-27/0001

ODISHA POLICE
DISTRICT HEADQUARTERS, BALANGIR REQUEST FOR PROPOSAL
(REP)
THROUGH LIMITED TENDER ENQUIRY
TENDER NOTICE

12001/101/2627

Bid Reference No.01 / Dated :03.08.2026

Due to official exigencies as well as for administrative, the due date and time for submission of bid, Opening of Technical Bid and Opening of Financial Bid for Outsourcing of Cleaning and Sweeping services for the Office of the Superintendent of Police (DPO), Reserve Police Office, Armoury, K-9 squad, Dist. Pipe Band, 02 nos of women Barrack, 03 nos of Men Barrack, DIOC Building, DCC control room, ODRAF, Police GyM, Police Hospital, Toilet Block and 14 numbers of Police Stations i.e. (Sindhekela, Muribahal, Patnagarh, Bangomunda, Deogaon, Khaprakhol, Town, Agalpur, Lathore, Puintala, Kantabanji. Larambha, Sadar and Titilagarh) of Balangir district through service provider agency is as follows.

| Sl. No. | Bidding Schedule | Deadline |
|---|---|---|
| 1. | Date of Issue | 05.08.2026 |
| 2. | Bid due date and Time | 19.08.2026. 02.00 PM |
| 3. | Opening of Technical Bid | 19.08.2026, 03.00 PM |
| 4. | Opening of Financial Bid | 19.08.2026, 04.00 PM |

Bidders are required to submit the two packet bid i.e technical and financial bids separately. The bids in sealed Cover-I containing "Technical Bid" and sealed Cover-II containing "Financial Bid" should be placed in a third sealed cover super scribed "Bid for Outsourcing of manpower service for providing cleaning and sweeping service for the Office of the Superintendent of Police (DPO), Reserve Police Office, Armoury, K-9 squad, Dist. Pipe Band, 02 nos of women Barrack, 03 nos of Men Barrack, DIOC Building, DCC control room, ODRAF, Police GyM, Police Hospital and 14 numbers of Police Stations i.e. ( Sindhekela, Muribahal, Patnagarh, Bangomunsa, Deogaon, Khaprakhol, Town, Agalpur, Lathore, Puintala, Kantabanji, Larambha, Sadar and Titilagarh) of Balangir district" must reach the undersigned on or before date 19.08.2026 by 02.00 PM by Speed Post/ Registered Post or can be dropped in the Tender Box kept at office of the Superintendent of Police, Balangir.

The bid documents containing eligibility criteria, scope of work, terms and conditions of the tender and draft agreement are enclosed.

Complete address for Submission of bid:

To
The Superintendent of Police, Balangir, Pin-767001

OIPR : 12001/12224/1/26-27/0001

Sd/- Head of Office Seal


### ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# କାନାରା ବ୍ୟାଙ୍କ ଅଫିସର୍ସ ଆସୋସିଏସନ୍ ପକ୍ଷରୁ ବୈଠକ

ଭୁବନେଶ୍ୱର, (ସବ୍ୟୁ) : କାନାରା ବ୍ୟାଙ୍କ, ଓଡିଶା ରାଜ୍ୟ କମିଟି ପକ୍ଷରୁ ରାଜ୍ୟର ସମସ୍ତ ସଦସ୍ୟମାନଙ୍କୁ ନେଇ ଏକ ଯୁଗ୍ମ ଆଞ୍ଚଳିକ କମିଟି ବୈଠକ ସାଧାରଣ ସମ୍ପାଦକ କେ. ରବି କୁମାରଙ୍କ ମାର୍ଗଦର୍ଶନରେ ଚଳିତ ମାସ ୮ତାରିଖରେ ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଫିସର୍ସମାନଙ୍କର ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିବା ସହ ୫ ଦିନିଆ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଲାଗୁ କରାଯିବା ସମ୍ବନ୍ଧୀୟ ବିଚାର ଉପରେ ଆଲୋକପାତ କରାଯାଇଥିଲା। ସଂଘର ଉପ-ସଭାପତି ପି.କେ ମହାନ୍ତି, କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଯୁଗ୍ମ ସାଧାରଣ ସମ୍ପାଦକ ଏସ୍.ଏନ୍ ତ୍ରିପାଠୀ, ସହାୟକ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଚୌଧୁରୀ, କେନ୍ଦ୍ରୀୟ କମିଟିର ସଦସ୍ୟଗଣ ଆର୍. କେ ବେହେରା, ସୁବ୍ରତ ଦାସ ଏବଂ ଆଶୁତୋଷ ପ୍ରଧାନ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ସମଗ୍ର ରାଜ୍ୟର ଜନସାଧାରଣଙ୍କୁ ସର୍ବୋତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ସହିତ ଏହାକୁ ଆହୁରି ବିସ୍ତାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ଆଞ୍ଚଳିକ କମିଟି ସଦସ୍ୟଙ୍କ ସମେତ ଭୁବନେଶ୍ୱର ଆଞ୍ଚଳିକ ସମ୍ପାଦକ ଭଗବାନ ବାରିକ, କଟକର ବିଭୁତି ଭୂଷଣ ଦାସ, ବ୍ରହ୍ମପୁରର ରବି ମୋହିନୀ, ଭଦ୍ରକର ଫାଲ୍‌ଗୁନି ଘୋଷ ଏବଂ ସମ୍ବଲପୁରର ଆଶୁତୋଷ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।




## ଅସ୍ଥାୟୀ ବନ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଗଣିଆ, (ସବ୍ୟୁ): ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର ଅସ୍ଥାୟୀ ବନକର୍ମଚାରି (ୱାଚର )ମାନଙ୍କୁ ୩ ମାସର ପାରିଶ୍ରମିକ ଦରମା ମିଳିନଥିବାରୁ ଛାମୁଣ୍ଡିଆ ମହାନଦୀ ବନ୍ୟପ୍ରାଣୀ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ କରି ଧାରଣାରେ ବସିରହିଛନ୍ତି । ଚଳିତ ୧୦ ତାରିଖ ମଧ୍ୟ କୌଣସି ସମାଧାନ ହୋଇ ନ ଥିବାରୁ ବାଧ୍ୟ ହୋଇ ୫୭ ଜଣ ଅସ୍ଥାୟୀ କର୍ମଚାରୀମାନେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଛାମୁଣ୍ଡିଆ ବନାଞ୍ଚଳ କାଯ୍ୟଳୟ ସମ୍ମୁଖରେ ଧାରଣାରେ ବସିରହି ସ୍ଲୋଗାନ ଦେଇଥିଲେ । ଅସହାୟ ଅସ୍ଥାୟୀ ବନ କର୍ମଚାରୀ ମାନଙ୍କୁ ଖୁବ ଶୀଘ୍ର ତିନି ମାସର ବକେୟା ଦରମା ଦେବା ସହିତ ସମସ୍ତେ କାଯ୍ୟରେ ଯୋଗଦେଇ କାଯ୍ୟକରିବା ପାଇଁ ଅସ୍ଥାୟୀ କର୍ମଚାରୀମାନେ ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ଭୂତିଆଙ୍କୁ ପଚାରିବାରୁ ସେ କୁହନ୍ତି ସେମାନଙ୍କର ମେ ଜୁନ ଜୁଲାଇ ତିନି ମାସର ବକେୟା ଦରମା ପାଇନାହାନ୍ତି । କିନ୍ତୁ ଜୁଲାଇ ମାସର ଦରମା ଦୁଇ ଦିନ ଭିତରେ ହୋଇଯିବ । ଆଉ ଦୁଇମାସର ଦରମା ପାଇଁ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଛି ।

# ପୂର୍ବତଟ ରେଳପଥ ପକ୍ଷରୁ ସମ୍ବଲପୁର–ଚର୍ଲାପଲ୍ଲୀ ସ୍ପେଶାଲ୍ ଏକ୍ସପ୍ରେସ୍ ଟ୍ରେନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରୁ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ଅଭିମୁଖେ ବଢ଼ିଥିବା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀମାନଙ୍କୁ ଅଧିକ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବଲପୁର–ଚର୍ଲାପଲ୍ଲୀ ମଧ୍ୟରେ ଏକ ସ୍ପେଶାଲ୍ ଏକ୍ସପ୍ରେସ୍ ପରିଚାଳନା କରାଯିବ। ଟ୍ରେନ୍ ନଂ ୦୮୩୦୯ ସମ୍ବଲପୁର–ଚର୍ଲାପଲ୍ଲୀ ସ୍ପେଶାଲ୍ ଏକ୍ସପ୍ରେସ୍ ୧୪ ଅଗଷ୍ଟ ୨୦୨୬ (ଶୁକ୍ରବାର) ୧୧:୪୫ ଘଣ୍ଟାରେ ସମ୍ବଲପୁରରୁ ଯାତ୍ରା ଆରମ୍ଭ କରି ୧୫ ଅଗଷ୍ଟ ୨୦୨୬ ଶନିବାର ଦିନ ୧୧:୩୦ ଘଣ୍ଟାରେ ଚର୍ଲାପଲ୍ଲୀରେ ପହଞ୍ଚିବ। ଏହି ସ୍ପେଶାଲ୍ ଟ୍ରେନ ବରଗଡ ରୋଡ୍, ବଲାଙ୍ଗୀର, ଟିଟିଲାଗଡ, କେସିଙ୍ଗା, ମୁନିଗୁଡା, ରାୟଗଡା, ପାର୍ବତୀପୁରମ୍ ଟାଉନ୍, ବବିଲି, ବିଜୟନଗରମ୍, କୋଟାଭାଲାସା, ପେଣ୍ଡୁରଟି, ସିମ୍ହାଚଲମ ଉତ୍ତର, ଦୁଭାଡା, ସାମଲକୋଟ, ରାଜମହେନ୍ଦ୍ରୀ, ବିଜୟୱାଡା ଜଙ୍କସନ, ଗୁଣ୍ଟୁର, ମିରାୟଲାଗୁଡା ଏବଂ ନାଲଗୋଣ୍ଡା ଷ୍ଟେସନରେ ରହଣି କରିବ, ଯାହା ଏହି ସମସ୍ତ ଗନ୍ତବ୍ୟସ୍ଥଳକୁ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ସୁବିଧାଜନକ ସଂଯୋଗ ପ୍ରଦାନ କରିବ।

ଏହି ସ୍ପେଶାଲ୍ ଟ୍ରେନରେ ମୋଟ ୨୧ ଟି ବଗି ରହିବ। ସେଥିମଧ୍ୟରେ ୧୨ଟି ସ୍ଲିପର୍ ଶ୍ରେଣୀ ବଗି, ୬ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ବଗି, ୧ଟି ଦ୍ୱିତୀୟ ଏସି ବଗି ଏବଂ ୨ଟି ଲଗେଜ୍ -ସହ -ଦିବ୍ୟାଙ୍ଗ ଅନୁକୂଳ କୋଚ୍ ସାମିଲ ରହିବ, ଯାହା ବିଭିନ୍ନ ଶ୍ରେଣୀର ଯାତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ଆସନ ବ୍ୟବସ୍ଥା ସୁନିଶ୍ଚିତ କରିବ। ଯାତ୍ରୀମାନଙ୍କୁ ସମୟସୂଚୀ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍' (ଏନ୍‌ଟିଇଏସ୍) କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।



## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଟେଟ୍ରାହେଡ୍ରନ ଅଧ୍ୟକ୍ଷ

# ଜରାଶ୍ରମରେ ବାଣ୍ଟିଲେ ଖାଦ୍ୟ , ୮୦ ଜଣଙ୍କୁ କରାଇଲେ ଜଗନ୍ନାଥ ଦର୍ଶନ

କଟକ,(ସବ୍ୟୁ): ଚଳିତ ବର୍ଷର ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ଓଡ଼ିଶାର ଟାଙ୍ଗିସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା। ସେ ତାଙ୍କର ଜନ୍ମଦିନ ଦୁଇଦିନ ପୂର୍ବରୁ ଏକ ବିଶାଳ ରକ୍ତ ଦାନ ଶିବିର ଆୟୋଜନ କରି ରେକର୍ଡ଼ ସଂଖ୍ୟା ରକ୍ତ ସଂଗ୍ରହ କରିଥିଲେ। ଶିକ୍ଷାନୁଷ୍ଠାନ ସହ ସମାଜ ସେବାକୁ ବ୍ରତ ଭାବେ ଗ୍ରହଣ କରିଥିବା ଶ୍ରୀଯୁକ୍ତ ବେହେରା ଆଜି ତାଙ୍କର ୪୮ତମ ଜନ୍ମଦିନକୁ ଛତିଆ ସ୍ଥିତ ସେବକ ଜରାଶ୍ରମରେ ଥିବା ବୃଦ୍ଧ ବୃଦ୍ଧା ମାନଙ୍କ ସହ ବିତାଇଛନ୍ତି। ଦିନ ତମାମ ସେମାନଙ୍କ ସହ ହସ ଖୁସିରେ କଟାଇ ସେମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ପରେ କଲେଜ ପରିସରରେ ବିଭିନ୍ନ ବ୍ୟକ୍ତି ବିଶେଷ, ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ ଅଭିଭାବକ ମାନେ ଭେଟି ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଦୀର୍ଘ ଜୀବନ କାମନା କରିଥିଲେ।। ସନ୍ଧ୍ୟାରେ ଟାଙ୍ଗୀ ଚୌଦ୍ୱାର ଅଞ୍ଚଳର ପ୍ରାୟ ୮୦ ଜଣ ବ୍ୟକ୍ତି ବିଶେଷଙ୍କୁ ବସ ଯୋଗେ ପୁରୀ ନେଇ ଜଗନ୍ନାଥ ଦର୍ଶନ କରାଇଥିବା ଜଣାପଡିଛି।



# ସରସୁଦା ଉଚ୍ଚ ବିଦ୍ୟାଳୟରେ ଅବସର ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର) : ବିରିଡି ବ୍ଲକ ଅନ୍ତର୍ଗତ ସରସୁଦା ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ରାୟ ଓ ଶିକ୍ଷୟିତ୍ରୀ ଆଦରମଣୀ ଜେନାଙ୍କ ଦୀର୍ଘଦିନର ଶିକ୍ଷକତା ପରେ ଅବସର ନେଲେ । ଏହି ସଭାରେ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଅରବିନ୍ଦ କର ଓ ପ୍ରାକ୍ତନ ହିନ୍ଦୀ ଶିକ୍ଷକ ସୁଶାନ୍ତ କୁମାର ରାଉତ ରାୟ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ ପୂର୍ବକ ବିଦାୟୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଗୁଣଗାନ କରି ବକ୍ତୃତା ପ୍ରଦାନ କରିଥିଲେ । ପରେ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ମାନେ ସେମାନଙ୍କର ବକ୍ତୃତାରେ ବିଦାୟୀ ଶିକ୍ଷକ ଜଣେ ଛାତ୍ରବତ୍ସଳ, ସୁଦକ୍ଷ ଓ ମେଳାପୀ ଥିଲେ ବୋଲି ମତ ପ୍ରକାଶ ପାଇଥିଲା । ଉକ୍ତ ସଭାରେ ସୋମନାଥ ବେହେରା, ଆଲୋକ ରଞ୍ଜନ ସ୍ୱାଇଁ, ପ୍ରତାପ ଚନ୍ଦ୍ର ମହାପାତ୍ର, ଦୁଷ୍ମନ୍ତ ରାଉତରାୟ, ନିମାଇଁ ରାଉତରାୟ ସକ୍ରିୟ ସହଯୋଗ କରିଥିଲେ ।



## କେରଙ୍ଗ ମହିଳା ସଂଗଠନ ଲଜନା ଇମାଇ ଲ୍ଲାଃ ପକ୍ଷରୁ ସମାଜସେବା କାର୍ଯ୍ୟକ୍ରମ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁଲିମ ମହିଳା ସଂଗଠନ ଲଜନା ଇମାଇଲ୍ଲାଃ ତରଫରୁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରାଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲ ଏବଂ ଲଜନା ହଲ୍ ପରିସରରେ ୩୦ରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇଛି। ସେଇଭଳି ଖୋର୍ଦ୍ଧା ସ୍ଥିତ ସାଇନ ହସପିଟାଲରେ ରୋଗୀମାନଙ୍କୁ ଭେଟି ସେମାନଙ୍କ ଆରୋଗ୍ୟ କାମନା କରିବା ସହ ଫଳ, ବ୍ରେଡ ଓ ଜୁସ ବଂଟନ କରାଯାଇଥିଲା। ସେହିଭଳି କେରଙ୍ଗ ଓ କୁମ୍ଭିଲୋ ଗ୍ରାମରେ ମାଗଣା ହୋମିଓପ୍ୟାଥି ଚିକିତ୍ସା ଶିବିର ଖୋଲାଯାଇ, ମାଗଣା ଚିକିତ୍ସା ସହ ମାଗଣା ଔଷଧ ବଂଟନ କରାଯାଇଥିଲା। ସଂଗଠନର ସଦସ୍ୟାମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରାଇବା ପାଇଁ କୁକିଙ୍ଗ ପ୍ରତିଯୋଗିତା କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ କେରଙ୍ଗ ମହିଳା ସଭାନେତ୍ରୀ ଶାହେଦା ବେଗମଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ରୋକିଆ ବାନୁ, ଡଃ ପରୱିନ, ଯାସମିନ ବେଗମ, ହୁସନେଆରା ବେଗମ, ଅମତୁସ ସମି, ଜୈନବ ଅଫରୋଜ, ରୁକସାନା ବେଗମ, ରାଶିଦା ହୁସେନ, ଜକିଆ ବେଗମ, ସୁଲତାନା ରିହାନା, ସେରାଜୁମ ମୁନିରା, ସରକିଆ ବେଗମ ଏବଂ ଜୁବେଦା ଖାତୁନ ସାହାଯ୍ୟ ଓ ସହଯୋଗ କରିଥିଲେ।

## ଭାରତୀୟ ପ୍ରବାସୀ ସମୁଦାୟ ପାଇଁ ଗୌରବ

# ସମାଜସେବା ପାଇଁ ବ୍ରିଟିଶ୍ ସିଟିଜେନ୍ ଆୱାର୍ଡରେ ସମ୍ମାନିତ ହେଲେ ରେଖା ସେନାପତି

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଜଣେ ସମାଜସେବୀ ତଥା ବ୍ୟବସାୟୀ ଶ୍ରୀମତୀ ରେଖା ସେନାପତିଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲଣ୍ଡନର ପ୍ୟାଲେସ୍ ଅଫ୍ ୱେଷ୍ଟମିନଷ୍ଟରସ୍ଥିତହାଉସ୍ ଅଫ୍ ଲର୍ଡସ୍‌ରେ ପ୍ରତିଷ୍ଠିତ 'ବ୍ରିଟିଶ୍ ସିଟିଜେନ୍ ଆୱାର୍ଡ–ଦ ପିପୁଲ୍ସ ଚଏସ୍'ରେ ସମ୍ମାନିତ କରାଯାଇଛି। ଟିଭି ଉପସ୍ଥାପକ ଓ ସାମ୍ବାଦିକମ୍ୟାଟ୍ ଅଲ୍‌ରାଇଟ୍ ଏବଂ ସ୍ୱେକ୍ସସେଭର୍ସର ପ୍ରତିଷ୍ଠାତାଡେମ୍ ମେରି ପର୍କିନ୍ସ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ସମାରୋହରେ ସମ୍ମାନିତ ୨୬ ଜଣ ପଦକ ବିଜେତାଙ୍କ ମଧ୍ୟରେରେଖା ସେନାପତି ଏକମାତ୍ର ଭାରତୀୟ ବଂଶୋଦ୍ଭବ ବ୍ରିଟିଶ୍ ହିନ୍ଦୁଭାବେ ଏହି ସମ୍ମାନ ପାଇଛନ୍ତି। ସେ ଚଳିତ ବର୍ଷ ସ୍ଥାନୀୟ ସ୍ତରରେ ତଥା ୟୁନାଇଟେଡ୍ କିଙ୍ଗଡମରେ ନିଜର ସାମାଜିକ ସେବା ପାଇଁ ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ତାଙ୍କର ସାମ୍ପ୍ରତିକ ସମ୍ମାନଗୁଡ଼ିକ ମଧ୍ୟରେ ଚଳିତ ବର୍ଷ ମେ' ମାସରେ ମାଞ୍ଚେଷ୍ଟରର ସାଲଫୋର୍ଡ ମେୟରଙ୍କ ଠାରୁ ପାଇଥିବା'ମେୟର୍ସ ସିଟିଜେନ୍ ଆୱାର୍ଡ'ଅନ୍ୟତମ। ସେହିପରି, ମାର୍ଚ୍ଚ ମାସରେ ମାଞ୍ଚେଷ୍ଟରରେ ଆୟୋଜିତ ଏକ ସମାରୋହରେ ତାଙ୍କୁ 'ଶକ୍ତି ପବ୍ଲିକ ସର୍ଭିସ୍ ଷ୍ଟାର୍ ଆୱାର୍ଡ'ରେ ସମ୍ମାନିତ କରାଯାଇଛି।ଗତ କିଛି ବର୍ଷ ମଧ୍ୟରେ ସମାଜ ପ୍ରତି ତାଙ୍କର ମୂଲ୍ୟବାନ ଅବଦାନ ପାଇଁ ସେ ଅନେକ ପ୍ରତିଷ୍ଠିତ ପୁରସ୍କାର ହାସଲ କରିଛନ୍ତି। ଗତ୨୫ ବର୍ଷରୁ ଅଧିକ ସମୟ ଧରି ସ୍ୱେଚ୍ଛାସେବୀ ଭାବରେ ସେ ହସ୍ପିସ୍‌ରେ ଚିକିତ୍ସାଧୀନ ରୋଗୀ, ବିଭିନ୍ନ ଜାତୀୟ ସମୁଦାୟର ମହିଳା, ଜଟିଳ ଅବସ୍ଥାରେ ଥିବା ଦିବ୍ୟାଙ୍ଗ ଶିଶୁ ଏବଂ ଅବହେଳିତ ବର୍ଗଙ୍କ ପାଇଁ କାର୍ଯ୍ୟ କରିଆସୁଛନ୍ତି। ଶ୍ରୀମତୀ ସେନାପତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀହାସଲ କରିଛନ୍ତି। ଏହି ଜାତୀୟ ସ୍ତରର ସମ୍ମାନ କେବଳ ଭାରତୀୟ ପ୍ରବାସୀ ସମୁଦାୟ ପାଇଁ ଗୌରବର ବିଷୟ ନୁହେଁ, ବରଂ ବ୍ରିଟିଶ୍ ସମାଜ ପ୍ରତି ବିଦେଶରେ ରହୁଥିବା ଭାରତୀୟମାନଙ୍କ ମୂଲ୍ୟବାନ ଅବଦାନର ମଧ୍ୟ ଏକ ସ୍ୱୀକୃତି।




## ବଜାଜ ଫାଇନାନ୍ସ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଗ୍ରାମୀଣ ଓଡ଼ିଶାକୁ ସଶକ୍ତ କରୁଛି

ଭୁବନେଶ୍ୱର (ସବ୍ୟୁ): ଘରୋଇ କ୍ଷେତ୍ରରେ ଭାରତର ସର୍ବବୃହତ ଅଣ-ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ କମ୍ପାନୀ ଏବଂ ବଜାଜ ଫିନସର୍ଭର ଏକ ଅଂଶ ବଜାଜ ଫାଇନାନ୍ସ ଲିମିଟେଡ୍ ପକ୍ଷରୁ ଓଡ଼ିଶାର ପୁରୀସ୍ଥିତ ବାଲିପୁଟ ଗ୍ରାମ ପଞ୍ଚାୟତ ଏବଂ ସୁତନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅର୍ଥସୂତ୍ର ସମ୍ବାଦ ଶୀର୍ଷକ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦେଶବ୍ୟାପୀ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ବଜାଜ ଫାଇନାନ୍ସ ଗ୍ରାମୀଣ ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଆଗେଇ ନେବା ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ସାକ୍ଷରତା ପଦକ୍ଷେପ ସହିତ ସମନ୍ୱୟ ରଖି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ବିବେକପୂର୍ଣ୍ଣ ଆର୍ଥିକ ଅଭ୍ୟାସ, ପ୍ରଭାବଶାଳୀ ଅର୍ଥ ପରିଚାଳନା, ଡିଜିଟାଲ୍ ନିରାପତ୍ତା ଏବଂ ଆର୍ଥିକ ଠକେଇରୁ ନିଜକୁ ସୁରକ୍ଷିତ ରଖିବା ବିଷୟରେ ଶିକ୍ଷିତ କରାଯାଇଥିଲା। ଏହି ଅଧିବେଶନ ସମୟରେ, ବଜାଜ ଫାଇନାନ୍ସର ପ୍ରତିନିଧିମାନେ ସ୍ଥାନୀୟ ବାସିନ୍ଦାଙ୍କୁ ସଞ୍ଚୟ, ବଜେଟ୍, ଦାୟିତ୍ୱବାନ ଋଣ, ସମୟାନୁବର୍ତ୍ତୀ ଋଣ ପରିଶୋଧ ଏବଂ ନିରାପଦ ଡିଜିଟାଲ୍ ଆର୍ଥିକ ଅଭ୍ୟାସର ଗୁରୁତ୍ୱ ବିଷୟରେ ଶିକ୍ଷିତ କରିଥିଲେ। ସାଇବର ଠକେଇ, ନକଲି ନିବେଶ ଯୋଜନା, ସନ୍ଦେହଜନକ ଲିଙ୍କ୍, କ୍ଷତିକାରକ ଇଟକ ଫାଇଲ୍, ହ୍ୱାଟ୍ସଆପ୍ ସ୍କାମ୍ ଏବଂ ଡିଜିଟାଲ୍ ଆରେଷ୍ଟ ଠକେଇ ବିରୋଧରେ ସତର୍କ ରହିବାକୁ ମଧ୍ୟ ଅଂଶଗ୍ରହଣକାରୀଙ୍କୁ ପରାମର୍ଶ ଦିଆଯାଇଥିଲା।

## କଳା ବିକାଶ କେନ୍ଦ୍ରର ୭୪ତମ ସ୍ୱନକ୍ଷତ୍ର ଦିବସ

# ଶିଳ୍ପୋଦ୍ୟୋଗୀ ରାଜକିଶୋର କ୍ୟାଲ ସମ୍ବର୍ଦ୍ଧିତ

କଟକ,(ସବ୍ୟୁ): କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଦୀର୍ଘଦିନର ଅବଦାନ ଏବଂ କଳା ବିକାଶ କେନ୍ଦ୍ରର ଅଭିବୃଦ୍ଧିରେ ନିରନ୍ତର ସହଯୋଗ ପାଇଁ ଶିଳ୍ପ ଉଦ୍ୟୋଗୀ ତଥା ସୁପରିଚିତ ନାଟ୍ୟକାର ଓ ଦୂରଦର୍ଶନ କାର୍ଯ୍ୟକ୍ରମର ପ୍ରଯୋଜକ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପ୍ରଭୁଦୟାଲ କ୍ୟାଲଙ୍କ ସୁପୁତ୍ର ରାଜକିଶୋର କ୍ୟାଲଙ୍କୁ ସମ୍ମାନିତ କରାଯାଇଛି। କଳା ବିକାଶ କେନ୍ଦ୍ରର ୭୪ତମ ସ୍ୱନକ୍ଷତ୍ର ଦିବସ ସମାରୋହ ଅବସରରେ ତାଙ୍କୁ 'ନୃତ୍ୟଭବନ' ସମ୍ମାନ ମୁଖ୍ୟ ଅତିଥି ପୂର୍ବତନ ବିଚାରପତି ଡକ୍ଟର ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ପ୍ରଦାନ କରିଥିଲେ। କଳାବିକାଶ କେନ୍ଦ୍ର ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରଶଂସାପତ୍ରରେ ଶ୍ରୀ କ୍ୟାଲଙ୍କ କଳା, ସାହିତ୍ୟ ଓ ସଂସ୍କୃତି ପ୍ରତି ଆଗ୍ରହ ଏବଂ ଅବଦାନକୁ ପ୍ରଶଂସା କରାଯାଇଛି। ପ୍ରଶଂସାପତ୍ର ଅନୁଯାୟୀ, କଳା ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ବାବୁଲାଲ ଦୋଶୀଙ୍କ ପ୍ରେରଣାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ସହ ଶ୍ରୀ କ୍ୟାଲ ୧୯୬୬ ମସିହାରୁ ସମ୍ପୃକ୍ତ ଅଛନ୍ତି। ଆଜୀବନ ସଦସ୍ୟ ତଥା ଟ୍ରଷ୍ଟି ଭାବେ ସେ କେନ୍ଦ୍ରର ଆଦର୍ଶ, ପରମ୍ପରା ଓ ସାଂସ୍କୃତିକ ଅଭିଯାନ ପ୍ରତି ନିଷ୍ଠାର ସହ ସେବା ଯୋଗାଇ ଆସିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ କଳାବିକାଶ କେନ୍ଦ୍ରର ମୁଖ୍ୟ ଟ୍ରଷ୍ଟି ରବି ନାରାୟଣ ମହାନ୍ତି,ସଭାପତି ବିଜୟାନନ୍ଦ ସିଂହ, ସମ୍ପାଦକ ବିକାଶ ଚନ୍ଦ୍ର ଡାଶ ପ୍ରମୁଖ ଉପସ୍ଥିତ ଥିଲେ।



# ଜିଲ୍ଲା ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମ ପ୍ରଶିକ୍ଷଣ ଶିବିର




କଟକ, (ସବ୍ୟୁ) : ସ୍ଥାନୀୟ ଖାନନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ କଟକ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ୨୦୨୬ ଉଦ୍ଦେଶ୍ୟରେ ଦିନିକିଆ ଜିଲ୍ଲା ସ୍ତରୀୟ ବିଜ୍ଞାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜ୍ଞାନ ପ୍ରତି ପିଲାଙ୍କୁ ଆକୃଷ୍ଟ କରି ସ୍ଥାନୀୟ ଅଞ୍ଚଳର ସମସ୍ୟା ନିର୍ଦ୍ଧାରଣ କରି ତାର ସମାଧାନ ପନ୍ଥା ନିରୂପଣ କରିବାକୁ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଗୁରୁତ୍ୱର ସହିତ ଧ୍ୟାନ ଦବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ କଟକ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ପ୍ରାକ୍ତନ ସଂଯୋଜକ ନିରଞ୍ଜନ ପାତ୍ର ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ରାଜ୍ୟ ଉପଦେଷ୍ଟା ଉତ୍କଳ ରଞ୍ଜନ ମହାନ୍ତି ଯୋଗଦେଇ ଛାତ୍ର ମାନଙ୍କ ମନରେ ବୈଜ୍ଞାନିକ ମନୋଭାବକୁ ଗଢିବାକୁ ପରାମର୍ଶ ଦେଇଥିଲେ। ଏହି ସେମିନାରରେ ଚାରିଜଣ ବିଷୟବିଶେଷଜ୍ଞ ସୌଭାଗ୍ୟ ରଞ୍ଜନ ପାତ୍ର , ଜୟଶଙ୍କର ପ୍ରଧାନ , ସୁବାସଚନ୍ଦ୍ର ମାଝୀ ଏବଂ ଜ୍ୟୋତିର୍ମୟ ଦାଶ ଯୋଗଦେଇ କାର୍ଯ୍ୟକ୍ରମର ବିଷୟବସ୍ତୁ ଏବଂ ଗବେଷଣାତ୍ମକ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶିକା ସାଗରିକା ରାଉତଙ୍କର ପ୍ରତ୍ୟକ୍ଷ ସଂଯୋଜନାରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ପରିଶେଷରେ ସେ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ କ୍ରେତାଙ୍କ ପାଇଁ

# 'ମେଟାଲ ବଜାର ଏକ୍ସପୋର୍ଟସ୍'ର ଶୁଭାରମ୍ଭ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଆଲୁମିନିୟମ୍ ମେଟାଲ୍ ଲିମିଟେଡ୍(ବିଏସଇ:୫୪୪୭୮୦। ଏନଏସଇ: ଭିଏଏମଏଲ) ପକ୍ଷରୁ ଏହାର ପ୍ରମୁଖ ଡିଜିଟାଲ୍ ଇ-କମର୍ସ ପ୍ଲାଟଫର୍ମ 'ବେଦାନ୍ତ ମେଟାଲ୍ ବଜାର' (ଭିଏମବି)କୁ ଅନ୍ତର୍ଜାତୀୟ ବଜାରକୁ ସମ୍ପ୍ରସାରଣ କରାଯାଇଥିବା ଆଜି ଘୋଷଣା କରାଯାଇଛି। ଭାରତର ପ୍ରଥମ ଡିଜିଟାଲ୍ ଆଲୁମିନିୟମ୍ ମାର୍କେଟପ୍ଲେସ୍ ଗୁଡ଼ିକ ମଧ୍ୟରୁ ଏହା ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରକୁ ପ୍ରବେଶ କରିଛି। ଏହା ମାଧ୍ୟମରେ ବିଦେଶୀ ଗ୍ରାହକମାନେ ଏବେ ସହଜ, ସ୍ୱଚ୍ଛ ଓ ସୁବିଧାଜନକ ଭାବେ ଅନଲାଇନ୍‌ରେ ଉଚ୍ଚମାନର ଆଲୁମିନିୟମ୍ ଉତ୍ପାଦ ଅର୍ଡର ଓ କ୍ରୟ କରିପାରିବେ। ଭାରତୀୟ ବଜାରରେ ପ୍ଲାଟଫର୍ମର ବିପୁଳ ସଫଳତା ପରେ 'ବେଦାନ୍ତ ମେଟାଲ୍ ବଜାର' ଏବେ ଏସିଆ, ୟୁରୋପ, ଆଫ୍ରିକା ଓ ଆମେରିକା ମହାଦେଶର ବଜାରରେ ଉପଲବ୍ଧ ହେବ। ଆର୍ଥିକ ବର୍ଷ୨୬ରେ ଏହି ପ୍ଲାଟଫର୍ମ ମାଧ୍ୟମରେ ପ୍ରାୟ ୪.୧ ବିଲିୟନ୍ ଡଲାର୍ (୩୮,୦୦୦ କୋଟିରୁ ଅଧିକ ଟଙ୍କା) ମୂଲ୍ୟର କାରବାର ହୋଇଥିବା ବେଳେ ୨୩,୦୦୦ରୁ ଅଧିକ ଅର୍ଡର ପୂରଣ କରାଯାଇଛି। ଭାରତୀୟ ଉତ୍ପାଦନକାରୀଙ୍କ ମଧ୍ୟରେ ମଧ୍ୟ ଏହାର ଗ୍ରହଣୀୟତା ବୃଦ୍ଧି ପାଇଛି। ବଡ଼ ଓଇଏମଗୁଡ଼ିକ ସହିତ ୫୫୦ରୁ ଅଧିକ ଏମଏସଏମଇ ଗୁଡ଼ିକ ନିୟମିତ ଭାବେ ସେମାନଙ୍କ ଆଲୁମିନିୟମ୍ ଆବଶ୍ୟକତା ପାଇଁ ବେଦାନ୍ତ ମେଟାଲ୍ ବଜାର ବ୍ୟବହାର କରୁଛନ୍ତି।

ଏହି ରଣନୀତିକ ସମ୍ପ୍ରସାରଣ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍‌ର ସିଇଓ ରାଜେଶ କୁମାର କହିଛନ୍ତି, "ବେଦାନ୍ତ ମେଟାଲ୍ ବଜାରର ଅନ୍ତର୍ଜାତୀୟ ସମ୍ପ୍ରସାରଣ ଡିଜିଟାଲ୍ ନବସୃଜନ ମାଧ୍ୟମରେ ଆଲୁମିନିୟମ୍ କ୍ରୟ ପ୍ରକ୍ରିୟାକୁ ନୂଆ ରୂପ ଦେବା ଦିଗରେ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଅନ୍ତର୍ଜାତୀୟ ବଜାରକୁ ପ୍ରବେଶ କରୁଥିବା ଏହି ଧରଣର ପ୍ରଥମ ଭାରତୀୟ ଧାତୁ ପ୍ଲାଟଫର୍ମ ଭାବେ ଏହି ସମ୍ପ୍ରସାରଣ ଅନ୍ତର୍ଜାତୀୟ ଗ୍ରାହକଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବା ସହିତ ବିଶ୍ୱ ବାଣିଜ୍ୟ, ଉନ୍ନତ ଉତ୍ପାଦନ ଓ ସ୍ଥାୟୀ ଶିଳ୍ପ ବିକାଶରେ ଭାରତର ବଢ଼ୁଥିବା ଭୂମିକାକୁ ମଜବୁତ କରିବ। ବିଶ୍ୱର ଅନ୍ୟତମ ବୃହତ୍ ଆଲୁମିନିୟମ୍ ଉତ୍ପାଦକ ଭାବେ, ବିଶ୍ୱ ବଜାରକୁ ଭାରତରେ ନିର୍ମିତ ବିଶ୍ୱସ୍ତରୀୟ ଆଲୁମିନିୟମ୍ ସମାଧାନ ପହଂଚାଇ ମାନନୀୟ ପ୍ରଧାନମନ୍ତ୍ରୀଙ୍କ 'ମେକ୍ ଇନ୍ ଇଣ୍ଡିଆ ଫର୍ ଦ ୱର୍ଲ୍ଡ' ଦୃଷ୍ଟିକୋଣରେ ଯୋଗଦାନ କରି ଆମେ ଗର୍ବିତ। ପ୍ଲାଟଫର୍ମର ପ୍ରଭାବ ସମ୍ପର୍କରେ ବେଦାନ୍ତ ମେଟାଲ୍ ବଜାରର ଗ୍ରାହକ ପାରାମାଉଣ୍ଟ କମ୍ ଲିମିଟେଡ୍‌ର ପ୍ରକ୍ୟୁରମେଂଟ ହେଡ୍ ଅରବିନ୍ଦ ଗୁପ୍ତା କହିଛନ୍ତି, "ବେଦାନ୍ତ ମେଟାଲ୍ ବଜାର ଆଲୁମିନିୟମ୍ କ୍ରୟକୁ ଅଧିକ ଦ୍ରୁତ, ସ୍ୱଚ୍ଛ ଓ ସହଜ କରିଛି। ଲାଇଭ୍ ମୂଲ୍ୟ ନିର୍ଦ୍ଧାରଣ ଓ ଅନଲାଇନ୍ ଅର୍ଡର ଦେବାଠାରୁ ଆରମ୍ଭ କରି ଶିପ୍‌ମେଂଟ ଟ୍ରାକିଂ ଓ ଅର୍ଥ ଯୋଗାଣ ସହାୟତା ପର୍ଯ୍ୟନ୍ତ, କ୍ରୟ ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟରେ ଏହି ପ୍ଲାଟଫର୍ମ ଆମକୁ ଅଧିକ ସ୍ୱଷ୍ଟତା ଓ ନିୟନ୍ତ୍ରଣ ପ୍ରଦାନ କରୁଛି। ଆମ ଭଳି ବିକାଶଶୀଳ ବ୍ୟବସାୟ ପାଇଁ ଏହା କ୍ରୟ ପ୍ରକ୍ରିୟାକୁ ସରଳ କରିବା ସହିତ ଯୋଜନାକୁ ଉନ୍ନତ କରିଛି ଏବଂ ବଜାରର ଆବଶ୍ୟକତା ଅନୁଯାୟୀ ଶୀଘ୍ର ପ୍ରତିକ୍ରିୟା ଦେବାରେ ସହାୟତା କରିଛି। ଏହି ଅନ୍ତର୍ଜାତୀୟ ଶୁଭାରମ୍ଭ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଗ୍ଲୋବାଲ୍ କଷ୍ଟମର୍ ୱେବିନାରରେ ବିଭିନ୍ନ ଅନ୍ତର୍ଜାତୀୟ ବଜାରରୁ ୬୦୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ପରୀକ୍ଷିତ ଡିଜିଟାଲ୍ ମଡେଲ୍‌କୁ ଅନ୍ତର୍ଜାତୀୟ କ୍ରେତାଙ୍କ ପାଇଁ ସମ୍ପ୍ରସାରଣ କରି ବେଦାନ୍ତ ଆଲୁମିନିୟମ୍ ନୂଆ ବିଶ୍ୱ ବାଣିଜ୍ୟିକ ମାର୍ଗ ଖୋଲିଛି। ଏହା ମାଧ୍ୟମରେ ବିଦେଶୀ ବୃହତ୍ ଉଦ୍ୟୋଗ ସହିତ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ମଧ୍ୟ ଭାରତୀୟ ଉତ୍ପାଦନକାରୀଙ୍କ ଭଳି ସ୍ୱଚ୍ଛ, ଦକ୍ଷ ଓ ସରଳ କ୍ରୟଅନୁଭୂତି ପାଇପାରିବେ।









କଲମ୍ବିଆରେ ପ୍ରଚଣ୍ଡ ଭୂକମ୍ପର ବିଭୀଷିକା : ନେଲାଣି ଶହ ଶହ ଜୀବନ

# କଲମ୍ବିଆରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା

ବୋଗୋଟା: କଲମ୍ବିଆରେ ଏକ ଶକ୍ତିଶାଳୀ ଭୂମିକମ୍ପ ହୋଇଛି। ୭.୪ ତୀବ୍ରତାର ଭୂମିକମ୍ପ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି। ଭୂମିକମ୍ପ ଅନେକ ସହରରେ କୋଠାଗୁଡ଼ିକୁ ଭାଙ୍ଗି ଦେଇଛି, ଯାହା ଫଳରେ ଅଧିକ ଲୋକ ଧ୍ୱଂସାବଶେଷ ତଳେ ପୋତି ହେବାର ସମ୍ଭାବନା ରହିଛି। କଲମ୍ବିଆର ଭୂତତ୍ତ୍ୱ ସେବା ଏହାକୁ ଏକ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଦେଶରେ ରେକର୍ଡ ହୋଇଥିବା ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ ଭାବରେ ବର୍ଣ୍ଣନା କରିଛି। କଲମ୍ବିଆର ରାଷ୍ଟ୍ରପତି ଭୂମିକମ୍ପ ପରେ ରିଲିଫ୍ ପ୍ରୟାସକୁ ତ୍ୱରାନ୍ୱିତ କରିବା ପାଇଁ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି।ରାଷ୍ଟ୍ରପତି ଆବେଲାର୍ଡୋ ଡେ ଲା ଏସପ୍ରିଏଲା କହିଛନ୍ତି ଯେ ଜାତୀୟ ସରକାର ଜୀବନ ବଞ୍ଚାଇବା, ପ୍ରଭାବିତ ସମ୍ପ୍ରଦାୟକୁ ସମର୍ଥନ କରିବା ଏବଂ ଆବଶ୍ୟକ ପ୍ରତ୍ୟେକ ଅଞ୍ଚଳକୁ



ସହାୟତା ଯୋଗାଇବା ପାଇଁ ସମସ୍ତ କ୍ଷମତା ବ୍ୟବହାର କରୁଛି। ମାତ୍ର ତିନି ଦିନ ପୂର୍ବରୁ ଦାୟିତ୍ୱ ଗ୍ରହଣ କରିଥିଲେ ରାଷ୍ଟ୍ରପତି। ପ୍ରଭାବିତ ଅଞ୍ଚଳର ବିମାନବନ୍ଦରଗୁଡ଼ିକରେ ବିମାନ ଉଡ଼ାଣ ସ୍ଥଗିତ ରଖାଯାଇଥିଲା। କଲମ୍ବିଆର ଫୁଟବଲ୍ ପରିଚାଳନା ସଂସ୍ଥା ମଧ୍ୟ ଆଗାମୀ ମ୍ୟାଚ୍ ସ୍ଥଗିତ ରଖିଛି। ସୂଚନା ଥାଉ କି, ଜୁନ୍ ଶେଷ ଭାଗରେ ପଡ଼ୋଶୀ ଭେନେଜୁଏଲାରେ ଦୁଇଟି ଶକ୍ତିଶାଳୀ ଭୂମିକମ୍ପ ଆସିବାର ମାତ୍ର ସପ୍ତାହ ପରେ ସୋମବାରର ଭୂମିକମ୍ପ ଆସିଛି। ଭେନେଜୁଏଲାରେ ହୋଇଥିବା ୭.୨ ଏବଂ ୭.୫ ତୀବ୍ରତାର ଭୂମିକମ୍ପ, ସାମ୍ପ୍ରତିକ ବର୍ଷଗୁଡ଼ିକରେ ଦେଶରେ ହୋଇଥିବା ସବୁଠାରୁ ଘାତକ ଥିଲା, ଯେଉଁଥିରେ ୬,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ଲୋକମାନେ ଧ୍ୱଂସାବଶେଷରେ ନିଜ ପ୍ରିୟଜନଙ୍କୁ ଖୋଜୁଛନ୍ତି।

### ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## କର୍କଟକୁ 'ସୂଚନୀୟ ରୋଗ' ଘୋଷଣା କର

ନୂଆଦିଲ୍ଲୀ: ଦେଶରେ କ୍ୟାନ୍ସର ରୋଗୀଙ୍କ ଚିହ୍ନଟ, ଚିକିତ୍ସା ଓ ତଥ୍ୟ ସଂଗ୍ରହରେ ସମାନତା ଆଣିବା ପାଇଁ କ୍ୟାନ୍ସରକୁ ସୂଚନୀୟ ବା 'ଅନିବାର୍ଯ୍ୟ ଭାବେ ରିପୋର୍ଟ କରିବାକୁ ପଡୁଥିବା ରୋଗ' ଭାବେ ଘୋଷଣା କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ଅବଶିଷ୍ଟ ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କହିଛନ୍ତି। ଏଥିସହ ଏହି ପ୍ରସଙ୍ଗରେ ଉପଯୁକ୍ତ ନିଷ୍ପତ୍ତି ନେଇ ଅନୁପାଳନ ସତ୍ୟପାଠ ଦାଖଲ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ଆଦେଶ କାର୍ଯ୍ୟକାରୀ କରିସାରିଛନ୍ତି।ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ମଙ୍ଗଳବାର ଏହି ମାମଲାର ଶୁଣାଣି କରିଥିଲେ। କ୍ୟାନ୍ସରକୁ ସାରା ଦେଶରେ ଅନିବାର୍ଯ୍ୟ ଭାବେ ରିପୋର୍ଟ କରିବାକୁ ପଡୁଥିବା ରୋଗ ଘୋଷଣା କରିବା ଦାବିରେ ଦାଖଲ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ମତ ଜାଣିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଅନିଲ କୌଶିକ କୋର୍ଟଙ୍କୁ କହିଥିଲେ ଯେ ସ୍ୱାସ୍ଥ୍ୟ ରାଜ୍ୟ ତାଲିକାଭୁକ୍ତ ବିଷୟ। ତାଙ୍କ ଅନୁସାରେ, ଏପର୍ଯ୍ୟନ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୧୭ଟିରେ କ୍ୟାନ୍ସରକୁ ଅନିବାର୍ଯ୍ୟ ଭାବେ ରିପୋର୍ଟ କରାଯିବାକୁ ଥିବା ରୋଗ ଭାବେ ଘୋଷଣା କରାଯାଇସାରିଛି। ଏହା ପରେ ପ୍ରଧାନ ବିଚାରପତି କେନ୍ଦ୍ରକୁ ପଚାରିଥିଲେ, ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ବାଧ୍ୟତାମୂଳକ ନିର୍ଦ୍ଦେଶାବଳୀ କାହିଁକି ଜାରି କରାଯାଇପାରିବ ନାହିଁ? ଦେଶରେ ଏଥିପାଇଁ ଏକ ସମାନ ନୀତି ରହିବା ଆବଶ୍ୟକ ବୋଲି ସେ କହିଥିଲେ।

## ଶୁଭେନ୍ଦୁ ଅଧିକାରୀଙ୍କ ହେଲିକପ୍ଟରର ଜରୁରୀକାଳୀନ ଅବତରଣ

କୋଲକାତା:ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ହେଲିକପ୍ଟର ଜରୁରୀକାଳୀନ ଅବତରଣ କରିଛି। ଖରାପ ପାଗ ଯୋଗୁଁ ହେଲିକପ୍ଟରଟି ପୂର୍ବ ମେଦିନୀପୁର ଜିଲ୍ଲାର କୋଲାଘାଟରେ ଅବତରଣ କରିଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦମ୍ ଦମ୍ରୁ କେଶପୁର ଅଭିମୁଖେ ଉଡ଼ାଣ କରୁଥିଲେ କିନ୍ତୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାଇଲଟ୍ ହେଲିକପ୍ଟରକୁ କୋଲାଘାଟର ଏକ ଖୋଲା ପଡ଼ିଆରେ ଅବତରଣ କରିଥିଲେ। ରିପୋର୍ଟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀ ଖୁଦୀରାମ ବୋଷଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ପାଇଁ ଏକ ସମାରୋହରେ ଯୋଗଦେବା ପାଇଁ କେଶପୁର ଯାଉଥିଲେ। ଅବତରଣ କରିବା ପରେ, ସେ ପଶ୍ଚିମ ମିଦନାପୁର ଜିଲ୍ଲାର କେଶପୁରରେ ଥିବା କାର୍ଯ୍ୟକ୍ରମ ସ୍ଥାନକୁ ସଡ଼କ ପଥରେ ଯାଇଥିଲେ।

## ରେକିଟ୍-ଏଏସସିଆଇ ପକ୍ଷରୁ "ସେଫର୍ ଚ୍ୟାଲେଞ୍ଜ' ଶୁଭାରମ୍ଭ

ମୁମ୍ବାଇ: ପରିମଳ କର୍ମଚାରୀଙ୍କ ସୁରକ୍ଷା ବଢ଼ାଇବା ଲକ୍ଷ୍ୟରେ ରେକିଟ୍ ଏବଂ ଆଡମିନିଷ୍ଟ୍ରେଟିଭ୍ ଷ୍ଟାଫ୍ କଲେଜ୍ ଅଫ୍ ଇଣ୍ଡିଆ (ଏଏସସିଆଇ) ପକ୍ଷରୁ "ସେଫର୍ ଚ୍ୟାଲେଞ୍ଜ' ଆରମ୍ଭ କରାଯାଇଛି । ହାର୍ପିକ୍ ଓ୍ୱାର୍ଲ୍ଡ ଟଏଲେଟ୍ କଲେଜ୍ ଅଧୀନରେ ଆରମ୍ଭ ହୋଇଥିବା ଏହି ଜାତୀୟ ଇନୋଭେସନ୍ ଚ୍ୟାଲେଞ୍ଜରେ ଷ୍ଟାର୍ଟଅପ୍, ଇଞ୍ଜିନିୟର, ଗବେଷକ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ସୁଲଭ ଏବଂ ପିନ୍ଧିବାଯୋଗ୍ୟ ଗ୍ୟାସ୍ ଡିଟେକ୍ସନ୍ ଡିଭାଇସ୍ ବିକଶିତ କରିବାକୁ ଆମନ୍ତ୍ରଣ କରାଯାଇଛି । ଚ୍ୟାଲେଞ୍ଜଟି "ପିଚ୍, ପାଇଲଟ୍ ଓ ସ୍କେଲ୍'-ଏହି ତିନି ପର୍ଯ୍ୟାୟରେ ହେବ । ବିଜେତାଙ୍କୁ ୫ ଲକ୍ଷ, ପ୍ରଥମ ରନର୍ସଅପ୍‌ଙ୍କୁ ୨ ଲକ୍ଷ ଏବଂ ଦ୍ୱିତୀୟ ରନର୍ସଅପ୍‌ଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ମିଳିବ । ଆବେଦନ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଖୋଲା ରହିବ ଏବଂ ବିଜେତାଙ୍କ ନାମ ଅକ୍ଟୋବର ୨ରେ ଘୋଷଣା ହେବ ।

# ହିମାଚଳରେ ମୌସୁମୀ ନେଲାଣି ୧୫୭ ଜୀବନ

### ଭୂସ୍ଖଳନ ପରେ ୨୬୦ ରାସ୍ତା ବନ୍ଦ

ସିମଳା : ପ୍ରକୃତିର ତାଣ୍ଡବରେ ଛିନଛତ୍ର ହିମାଚଳ ପ୍ରଦେଶ। ମୌସୁମୀ ଜନିତ ଲଗାଣ ବର୍ଷା ହିମାଚଳ ପ୍ରଦେଶର ସ୍ଥିତିକୁ ଦିନକୁ ଦିନ ଅଧିକ ଜଟିଳ କରିବାରେ ଲାଗିଛି। ଅବିଶ୍ରାନ୍ତ ବର୍ଷା ଯୋଗୁ ରାଜ୍ୟର ପ୍ରାୟ ୨୬୦ଟି ପ୍ରମୁଖ ରାସ୍ତା ବନ୍ଦ ହୋଇ ଯାଇଛି। ସେହିପରି ବର୍ଷା ଜନିତ ଅଘଟଣ ଇତି ମଧ୍ୟରେ ୧୫୭ ଜଣଙ୍କ ଜୀବନ ନେଇ ସାରିଲାଣି। ପ୍ରାୟ ୯୦୦ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ମୌସୁମୀ ବର୍ଷା ଯୋଗୁ ୮୮୬ କୋଟି ଟଙ୍କାର କ୍ଷତି ହୋଇଥିବା ରାଜ୍ୟ ଜରୁରିକାଳୀନ ଅପରେସନ ସେଣ୍ଟର(ସିଇଓସି) ରିପୋର୍ଟରେ କୁହାଯାଇଛି।ରିପୋର୍ଟରେ ଜୁନ ୩୦ରୁ ଅଗଷ୍ଟ ୯ ମଧ୍ୟରେ ଲଗାଣ ବର୍ଷା, ଭୂସ୍ଖଳନ ଓ ଅନ୍ୟାନ୍ୟ ମୌସୁମୀ ଜନିତ ଅଘଟଣ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି



ଯେ ଲଗାଣ ବର୍ଷା ଯୋଗୁ ହୋଇଥିବା ଭୂସ୍ଖଳନ ଓ ଅଚାନକ ବନ୍ୟା ଯୋଗୁ ୬୮ ଜଣ ପ୍ରାଣ ହରାଇଛନ୍ତି।ବର୍ଷା ବେଳେ ଘଟିଥିବା ସଡ଼କ ଦୁର୍ଘଟଣା ଆଉ ୮୯ ଜଣଙ୍କ ଜୀବନ ନେଇଛି। ସେହିପରି ପ୍ରାୟ ୨୫୭ ଜଣ ବିଭିନ୍ନ ସ୍ଥାନରେ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ପତ୍ତା ଏଯାଏ ମିଳି ନାହିଁ। ପ୍ରକୃତରେ ଏଭଳି ଭୟଙ୍କର ରୂପରେ ତଳିତଳାନ୍ତ ହୋଇ ସାରିଥିବା ହିମାଚଳ ପ୍ରଦେଶକୁ ଏବେ ବି କୌଣସି ନିସ୍ତାର ମିଳିବାର ସମ୍ଭାବନା ନାହିଁ। କାରଣ ରାଜ୍ୟର ୫ଟି ଜିଲ୍ଲାକୁ ଭାରତୀୟ ପାଣିପାଗ ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରିଛି। ବର୍ଷା ଜନିତ ବିପର୍ଯ୍ୟୟ ଯୋଗୁ ରାଜ୍ୟରେ ବିଜୁଳି ଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି। କୁଲୁ ଓ ମଣ୍ଡି ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ପ୍ରାୟ ଗୋଟିଏ ସପ୍ତାହରୁ ଅଧିକ ସମୟ ହେଲା ୧୬୧ଟି ବିତରଣ ଟ୍ରାନ୍ସଫରମର୍ସ(ଡିଆର) ଅଚଳ ହୋଇ ପଡ଼ିଛି। ମଣ୍ଡିରେ ଏହି ସଂଖ୍ୟା ୭୭ ଥିବା ବେଳେ ଶିମଲାରେ ୪୩ ଓ କୁଲୁର ୪୦ଟି ଡିଆର ଅକାମୀ ହୋଇଯାଇଛି।

## ଆଜି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ ଉନ୍ମୋଚନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ ଟ୍ରାୟମ୍ଫ ଅଫ୍ ଦି ଇଣ୍ଡିଆନ୍ ରିପବ୍ଲିକ୍: ମାଇ ଲାଇଫ୍, ମାଇ ଷ୍ଟ୍ରଗଲ୍ସର ଉନ୍ମୋଚନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ମଧ୍ୟ ସମ୍ବୋଧିତ କରିବେ । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଆତ୍ମଜୀବନୀର ଉନ୍ମୋଚନ ଭାରତର ଅନ୍ୟତମ ବିଶିଷ୍ଟ ଜନନାୟକଙ୍କ ଜୀବନ ଓ ଅବଦାନକୁ ସ୍ୱୀକୃତି ଦେବାର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେବ । ଏହି ଆତ୍ମଜୀବନୀ ରାମନାଥ କୋବିନ୍ଦଙ୍କ ଅସାଧାରଣ ଜୀବନ ଯାତ୍ରାର ଏକ ଅତ୍ୟନ୍ତ ବ୍ୟକ୍ତିଗତ ବିବରଣୀ ପ୍ରଦାନ କରେ ଯେଉଁଥିରେ ତାଙ୍କ ପ୍ରାରମ୍ଭିକ ଜୀବନରୁ ଆରମ୍ଭ କରି ପ୍ରତିଷ୍ଠିତ ସାର୍ବଜନୀନ ଜୀବନ ଏବଂ ଭାରତର ୧୪ତମ ରାଷ୍ଟ୍ରପତି ଭାବରେ ତାଙ୍କର କାର୍ଯ୍ୟକାଳ ପର୍ଯ୍ୟନ୍ତ ବିଭିନ୍ନ ଅନୁଭୂତି, ସଂଘର୍ଷ ଓ ସଫଳତାର ବର୍ଣ୍ଣନା ରହିଛି । ଏହି ପୁସ୍ତକ ସେହି ମୂଲ୍ୟବୋଧ, ଅନୁଭୂତି ଏବଂ ପରିସ୍ଥିତିଗୁଡିକ ଉପରେ ଆଲୋକପାତ କରେ ଯାହା ତାଙ୍କର ଜୀବନ ଯାତ୍ରା ଓ ଜନସେବାକୁ ରୂପ ଦେଇଥିଲା ।

## ବାହାଘର ଭୋଜିରେ ଏକାଠି ହେଲେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ

ନୂଆଦିଲ୍ଲୀ : ଏନ୍‌ସିପି (ଏସ୍ପି) ସାଂସଦ ସୁପ୍ରିୟା ସୁଲେଙ୍କ ଝିଅ ରେବତୀ ସୁଲେଙ୍କର ବାହାଘର ଭୋଜିରେ ପ୍ରାୟ ସବୁ ରାଜନୈତିକ ଦଳର ନେତା ଏକାଠି ହୋଇଛନ୍ତି। ପାୱାର ପରିବାରର ନୂଆଦିଲ୍ଲୀସ୍ଥିତ ୬ ଜନପଥ ବାସଭବନରେ ସୋମବାର ହୋଇଥିବା ରିସେପ୍ସନ୍ ପାର୍ଟିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, କଂଗ୍ରେସ ନେତା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଆହୁରି ଅନେକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଏକାଠି ହୋଇଛନ୍ତି। ରେବତୀ ହେଉଛନ୍ତି ସୁପ୍ରିୟା ସୁଲେଙ୍କ ଝିଅ ଏବଂ ସେ ଏନ୍‌ସିପି (ଏସ୍ପି) ମୁଖ୍ୟ ଶରଦ ପାୱାରଙ୍କ ନାତୁଣୀ। ଗତ ଜୁନ୍‌ରେ ସେ ମୁମ୍ବାଇର ସାରଙ୍ଗ ଲଖାନିରେ ନାଗପୁରର ଜଣେ ଶିଳ୍ପପତିଙ୍କୁ ବିବାହ କରିଥିଲେ। ସୁପ୍ରିୟା ଝିଅ ବାହାଘର ପରେ ଗତକାଲି ଏକ ବଡ଼ ଭୋଜିର ଆୟୋଜନ କରିଥିଲେ ଏବଂ ଝିଅ ଜ୍ୱାଇଁଙ୍କୁ ଆଶୀର୍ବାଦ କରିବା ପାଇଁ ପ୍ରମୁଖ ରାଜନେତାମାନଙ୍କୁ ନିମନ୍ତ୍ରଣ କରିଥିଲେ। ଅମିତ ଶାହଙ୍କୁ ନବଦମ୍ପତିଙ୍କ ସହ ଫଟୋ ଉଠାଇଥିବା ଦେଖିବାକୁ ମିଳିଛି। ସୋନିଆ, ରାହୁଲ ଓ ପ୍ରିୟଙ୍କା ମଧ୍ୟ ସେଠାକୁ ଆସିଥିଲେ। ଏହି ଉତ୍ସବର ଏକ ଫଟୋ ଏକ୍ସରେ ପୋଷ୍ଟ କରି ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଲେଖିଛନ୍ତି 'ବିବାହ ସମାରୋହ'। ସୁପ୍ରିୟାଙ୍କ ଅତିଥି ତାଲିକାରେ ମଧ୍ୟ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ। ଏହାଦ୍ୱାରା ଦଳମତ ନିର୍ବିଶେଷରେ ସବୁ ରାଜନେତା ଏହି ବିବାହ ଉତ୍ସବରେ ଏକାଠି ହୋଇଥିଲେ।



## ପୂର୍ବତନ ରାଷ୍ଟ୍ରପତି ବଶର ଅଲ ଅସାଦଙ୍କୁ ଫାଶୀ ଦଣ୍ଡ

ଦାମାସ୍କସ : ବିଦ୍ରୋହ ପରେ ଭୟରେ ଦେଶ ଛାଡ଼ି ଦେଇଥିବା ସିରିଆର ପୂର୍ବତନ ରାଷ୍ଟ୍ରପତି ବଶର ଅଲ ଅସାଦଙ୍କୁ ବଡ଼ ଝଟକା। ଆଜି ସିରିଆର ଗୋଟିଏ କୋର୍ଟ ତାଙ୍କୁ ଅନୁପସ୍ଥିତ ଜନିତ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି।ଯୁଦ୍ଧ ଅପରାଧ ଓ ୧୪ ବର୍ଷ ଧରି ସିରିଆରେ କ୍ଷମତାରେ ଥିବା ବେଳେ ମାନବତା ବିରୋଧୀ ଅପରାଧ ପାଇଁ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଛି। ଅସାଦ ୧୪ ବର୍ଷ ଧରି ସିରିଆରେ କ୍ଷମତାରେ ଥିବା ବେଳେ ଭୟଙ୍କର ଗୃହ ଯୁଦ୍ଧ ଦେଖିବାକୁ ମିଳିଥିଲା। ଏଥିରେ ପ୍ରାୟ ୫ ଲକ୍ଷ ସାଧାରଣ ଲୋକ ପ୍ରାଣ ହରାଇଥିଲେ। କେବଳ ଅସାଦ ନୁହନ୍ତି, ତାଙ୍କ ସାନ ଭାଇ ତଥା ସିରିଆ ସେନାର ପୂର୍ବତନ ନେତା ମାହେର ଅଲ-ଅସାଦଙ୍କୁ ମଧ୍ୟ ଏହି ମାମଲାରେ ମୃତ୍ୟୁଦଣ୍ଡ ଦିଆଯାଇଛି। ସେହିପରି ଅସାଦଙ୍କ ସମ୍ପର୍କୀୟ ଭାଇ ଆତେଫ ନଜିବଙ୍କୁ ମଧ୍ୟ କୋର୍ଟ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ନଜିବ ସିରିଆ ସେନାର ପୂର୍ବତନ ବ୍ରିଗେଡିୟର ଜେନେରାଲ ଥିଲେ। ୨୦୧୧ ମସିହାରେ ଅସାଦଙ୍କ ଶାସନ ସମୟରେ ସେ ଦକ୍ଷିଣ ସିରିଆର ଦାରା ପ୍ରଦେଶର ପଲିଟିକାଲ ସିକ୍ୟୁରିଟି ବ୍ରାଞ୍ଚର ମୁଖ୍ୟ ଥିଲେ। ଦାରାରେ ବିଦ୍ରୋହ ଓ ପରେ ଗୃହଯୁଦ୍ଧର ସୃଷ୍ଟି ପାଇଁ ଦାୟୀ ଦମନକାରୀ ଅଭିଯାନର ନେତୃତ୍ୱ ନଜିବ ନେଇଥିବା ଅଭିଯୋଗ ହୋଇଥିଲା। କୋର୍ଟ କହିଛନ୍ତି ଯେ ନଜିବ ୧୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଜାଣିଶୁଣି ହତ୍ୟା କରିବା ଓ ମୃତ୍ୟୁ ଘଟିବା ପର୍ଯ୍ୟନ୍ତ ନିର୍ଯାତନା ଦେବା ଭଳି ଭୟଙ୍କର ଅପରାଧ କରିଥିଲେ। ଏହି କାର୍ଯ୍ୟଗୁଡ଼ିକୁ ମାନବତା ବିରୋଧୀ ଅପରାଧ ଭାବେ ବର୍ଣ୍ଣନା କରି ଅଦାଲତ ତାଙ୍କୁ ସବୁଠାରୁ କଠୋର ଦଣ୍ଡ ଅର୍ଥାତ୍ ମୃତ୍ୟୁଦଣ୍ଡ ଦେଇଛନ୍ତି।୨୦୨୪ ଡିସେମ୍ବରରେ ବିଦ୍ରୋହୀ ବାହିନୀ ଦାମାସ୍କସ ଅଭିମୁଖେ ଅଗ୍ରସର ହେବା ପରେ ପୂର୍ବତନ ଶାସକ ବଶର ଅଲ-ଅସାଦ ତାଙ୍କ ପରିବାର ସଦସ୍ୟମାନଙ୍କ ସହିତ ସିରିଆ ଛାଡ଼ି ମସ୍କୋ ପଳାଇ ଯାଇଛନ୍ତି। ଏବେ ସେମାନେ ସେଠାରେ ରହିଛନ୍ତି। କିନ୍ତୁ ଆତେଫ ନଜିବ ସିରିଆରେ ରହି ଯାଇଥିଲେ।ଅସାଦ ପରିବାରର ଶାସନର ପତନ ପରେ ଅହମଦ ଅଲ-ଶାରାଙ୍କ ନେତୃତ୍ୱରେ ସିରିଆରେ ନୂଆ ସରକାର ଗଠିତ ହୋଇଥିଲା। ଅହମଦ ଅଲ-ଶାରା ପୂର୍ବରୁ ଅଲ-କାଏଦାର ଜଣେ କମାଣ୍ଡର ଥିଲେ। ଆମେରିକା ତାଙ୍କୁ ଆତଙ୍କବାଦୀ ଭାବେ ଘୋଷଣା ମଧ୍ୟ କରିଥିଲା।ଅଲ ଶାରା ସିରିଆର କ୍ଷମତା ଦଖଲ କରିବା ପରେ ନଜିବଙ୍କୁ ଗିରଫ କରାଯାଇଥିଲା। ସେ ଏବେ ଜେଲରେ ବନ୍ଦୀ ଜୀବନ କାଟୁଛନ୍ତି।

## 'ହର ଘର ତିରଙ୍ଗା, ଘର ଘର ତିରଙ୍ଗା, ହର ମନ ତିରଙ୍ଗା'

ନୂଆଦିଲ୍ଲୀ: ସ୍ୱାଧୀନତା ଦିବସ ପୂର୍ବରୁ ଦେଶବାସୀଙ୍କୁ 'ହର ଘର ତିରଙ୍ଗା' ଅଭିଯାନରେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ଇନଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରି ସେ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ାଇ ଏହାକୁ ଉତ୍ସବର ରୂପ ଦେବାକୁ କହିଛନ୍ତି। ଚଳିତବର୍ଷ ଅଗଷ୍ଟ ୧୫ରେ ଦେଶ ୮୦ତମ ସ୍ୱାଧୀନତା ଦିବସ ପାଳନ କରିବ ।ମୋଦୀ କହିଛନ୍ତି, ଅଗଷ୍ଟ ୧୫କୁ ଗର୍ବ ଓ ସମ୍ମାନର ସହ ପାଳନ କରିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବା ଉଚିତ। ଏଥିସହ ବିକଶିତ ଭାରତ ଗଠନ ପାଇଁ ସଂକଳ୍ପ ନେବାକୁ ସେ ଦେଶବାସୀଙ୍କୁ କହିଛନ୍ତି। 'ହର ଘର ତିରଙ୍ଗା, ଘର ଘର ତିରଙ୍ଗା, ହର ମନ ତିରଙ୍ଗା' ବାର୍ତ୍ତା ଦେଇ ପ୍ରତ୍ୟେକ ଘରେ ଜାତୀୟ ପତାକା ଉଡ଼ାଇବାକୁ ସେ ଆହ୍ୱାନ ଦେଇଛନ୍ତି। ଚଳିତବର୍ଷ ଅଗଷ୍ଟ ମାସରେ 'ହର ଘର ତିରଙ୍ଗା' ଅଭିଯାନ ପାଳନ କରାଯାଉଛି। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ନିଜ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ଉତ୍ସାହିତ କରିବା ଏବଂ ସ୍ୱାଧୀନତାର ଭାବନା ସହ



ଅଧିକ ଲୋକଙ୍କୁ ଯୋଡ଼ିବା। ଏହାକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି।ସ୍ୱାଧୀନତା ଦିବସ ଦିନ ଦିଲ୍ଲୀର ଲାଲକିଲ୍ଲାର ପ୍ରାଚୀରରୁ ଜାତୀୟ ସଙ୍ଗୀତ ପୂର୍ବରୁ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାନ କରାଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଙ୍ଗଳବାର କହିଛନ୍ତି। ଏହା ପ୍ରଥମଥର ପାଇଁ ଲାଲକିଲ୍ଲାରେ ଜାତୀୟ ସଙ୍ଗୀତ ପୂର୍ବରୁ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାନ ହେବ ବୋଲି ସେ କହିଛନ୍ତି। 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପାଳନ, ସଂସଦରେ ଏ ସମ୍ପର୍କିତ ପ୍ରସ୍ତାବ ଏବଂ ଏହି ପଦକ୍ଷେପକୁ ନେଇ ମଧ୍ୟ ସେ ଉଲ୍ଲେଖ କରିଛନ୍ତି।

## ଏନଡିଏର ମଙ୍ଗଳ ମିଳନ ବୈଠକ

ନୂଆଦିଲ୍ଲୀ : ସଂସଦ ପାଠାଗାରରେ ମଙ୍ଗଳବାର ଅନୁଷ୍ଠିତ ଏନଡିଏର 'ମଙ୍ଗଳ ମିଳନ' ବୈଠକରେ ମୌସୁମୀ ଅଧିବେଶନର ଶେଷ ତିନି ଦିନ ପାଇଁ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅମିତ ଶାହଙ୍କ ସମେତ ଅନେକ ବରିଷ୍ଠ ଏନଡିଏ ନେତା ଉପସ୍ଥିତ ଥିଲେ। ବୈଠକ 'ବନ୍ଦେ ମାତରମ୍' ସ୍ଲୋଗାନ୍ ସହିତ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ବିଜେପି ସଭାପତି ନୀତିନ ନବୀନ ଏବଂ ଅନ୍ୟାନ୍ୟ ଏନଡିଏ ନେତାମାନେ ତ୍ରିରଙ୍ଗା ଉଡ଼ାଉଥିବାର ଦେଖାଯାଇଥିଲା। ଏନଡିଏ ସାଂସଦମାନେ ଝାଡ଼ଖଣ୍ଡରେ ଛାତ୍ର ପ୍ରତିବାଦକୁ ନେଇ ସଂସଦ ପରିସରରେ ପ୍ରତିବାଦ କରିଥିଲେ। 'ମଙ୍ଗଳ ମିଳନ' ବୈଠକ ମୂଳତଃ ଏନଡିଏ ସଂସଦୀୟ ଦଳର ଏକ ସାପ୍ତାହିକ ରଣନୀତି ବୈଠକ। ଏହାର ଉଦ୍ଦେଶ୍ୟ ହେଉଛି ଗଠନମୂଳକ ଆଲୋଚନାକୁ ପ୍ରୋତ୍ସାହିତ କରିବା ଏବଂ ମେଣ୍ଟ ଅଂଶୀଦାରମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ବଜାୟ ରଖିବା। ସଂସଦ ଅଧିବେଶନ ସମୟରେ ଗୃହ ପାଇଁ ଦୈନନ୍ଦିନ ରଣନୀତି ପ୍ରସ୍ତୁତ କରିବା ଏବଂ ବିଭିନ୍ନ ଦଳ ମଧ୍ୟରେ ସହମତି ସୃଷ୍ଟି କରିବା।

# ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଆଉ ୪ ଦିନ

# ଟାଇଟଲ ପାଇଁ ଲଢିବ ଭାରତ




ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି) : ଆଉ ୪ ଦିନ ପରେ ଏଫଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ବିଗୁଲ ବାଜିବ । ଅର୍ଥାତ୍ ଅଗଷ୍ଟ ୧୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ବେଲଜିୟମ୍ ଓ ନେଦରଲ୍ୟାଣ୍ଡସରେ ହକି ବିଶ୍ୱକପ୍ ଖେଳାଯିବ । ଏଥିପାଇଁ ଭାରତର ୨୦ ଜଣିଆ ସଦସ୍ୟ ବିଶିଷ୍ଟ ଦଳ ରଣାଙ୍ଗନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ରହିଛି । ଡ୍ରାଗ୍ ଫ୍ଲିକର ତଥା ଡିଫେଣ୍ଡର ହରମନପ୍ରିତ ସିଂ ଦଳର ନେତୃତ୍ୱ ନେବେ । ତାଙ୍କ ନେତୃତ୍ୱରେ ଦଳ ବିଶ୍ୱକପ୍‌ରେ ହଟଚମଟ ଦେଖାଇବାକୁ ପ୍ରସ୍ତୁତ ଅଛି । ଅଭିଜ୍ଞଙ୍କ ସହ ନବାଗତଙ୍କୁ ନେଇ ମିଶ୍ରିତ ଦଳ ନିଜର ଶକ୍ତି ପରଖିବା ପାଇଁ ଅପେକ୍ଷାରେ ରହିଛି । ୫୧ ବର୍ଷ ଧରି ବିଶ୍ୱକପ୍‌ର ଟାଇଟଲ ଶୂନ୍ୟତାରେ ଏଥର ପୂର୍ଣ୍ଣଚ୍ଛେଦ ପକାଇବାକୁ ଭାରତୀୟ ତାରକା ଅଣ୍ଟା ଭିଡିଛନ୍ତି ।

ବିଶ୍ୱକପ୍‌ର ପୁଲ ଡିରେ ଭାରତ ସମେତ ଇଂଲଣ୍ଡ, ପାକିସ୍ତାନ ଓ ୱେଲ୍ସ ରହିଛନ୍ତି । ଭାରତ ତାର ବିଶ୍ୱକପ୍ ଅଭିଯାନ ଅଗଷ୍ଟ ୧୫ରେ ୱେଲ୍ସ ବିପକ୍ଷ ମ୍ୟାଚରୁ ଅଭିଯାନ ଆରମ୍ଭ କରିବ । ଏହାପରେ ଅଗଷ୍ଟ ୧୭ ରେ ଇଂଲଣ୍ଡ ଏବଂ ଚିରାଚରିତ ପ୍ରତିଦ୍ୱନ୍ଦି ପାକିସ୍ତାନକୁ ଅଗଷ୍ଟ ୧୯ରେ ଭେଟିବ । ଭାରତ ତାର ୩ ଟି ଯାକ ପୁଲ ମ୍ୟାଚ ନେଦରଲାଣ୍ଡସରେ ଖେଳିବ । ତେଣୁ ପୁଲ ପର୍ଯ୍ୟାୟର ସବୁ ମ୍ୟାଚରେ ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇ ନକଆଉଟ୍ ପର୍ଯ୍ୟାୟ ପାଇଁ ଆଶାବାଦୀ ଅଛି ।



ଭାରତୀୟ ଦଳରେ ସ୍ଥାନ ପାଇଥିବା ତାରକାଙ୍କ ମଧ୍ୟରେ ସବୁଠୁ ଅଧିକ ମ୍ୟାଚ ଖେଳିଛନ୍ତି ମନପ୍ରୀତ ସିଂ । ସେ ମୋଟ ୪୧୭ ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ନିକଟରେ ପୂର୍ବତନ ଓଡିଆ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀଙ୍କ ରେକର୍ଡକୁ ଅତିକ୍ରମ କରିଥିଲେ । ସବୁଠୁ ଯୁବ ଖେଳାଳି ଭାବେ ଆଦିତ୍ୟ ଅର୍ଜୁନ ଲାଲାଗେ ଅଛନ୍ତି । ସେ ମାତ୍ର ୧୩ ଟି ମ୍ୟାଚ ଖେଳିଛନ୍ତି । ସର୍ବକନିଷ୍ଠ ଖେଳାଳି ଭାବେ ୨୩ ବର୍ଷୀୟ ଆଦିତ୍ୟ ଲାଲାଗେ ଚର୍ଚ୍ଚାରେ ରହିବେ । ଏଥର ବିଶ୍ୱକପ୍‌ରେ ଭାରତର ୮ ଜଣ ଖେଳାଳି ଡେବ୍ୟୁ କରିବାକୁ ଯାଉଛନ୍ତି ।

ଗୋଲ କିପର : ଏଚ୍‌ଏସ୍ ମୋହିତ -୨୪ ବର୍ଷ, ୧୫ ଅନ୍ତର୍ଜାତୀୟ ମ୍ୟାଚ ।
ସୂରଜ କର୍କେରା -୩୦ ବର୍ଷ, ୮୯ ଅନ୍ତର୍ଜାତୀୟ ମ୍ୟାଚ ।
ଡିଫେଣ୍ଡର୍ସ : ଜରମନ ପ୍ରୀତ ସିଂ - ୩୦ ବର୍ଷ, ୧୫୮ ଅନ୍ତର୍ଜାତୀୟ ମ୍ୟାଚ ।
ହରମନପ୍ରୀତ ସିଂ (ଅଧିନାୟକ) : -୩୦ ବର୍ଷ, ୨୬୪ ଅନ୍ତର୍ଜାତୀୟ ମ୍ୟାଚ ।
ଅମିତ ରୋହିଦାସ : ୩୩ ବର୍ଷ, ୨୪୪ ଅନ୍ତର୍ଜାତୀୟ ମ୍ୟାଚ ।
ଯୁଗରାଜ ସିଂ : ୨୯ ବର୍ଷ, ୧୦୫ ଅନ୍ତର୍ଜାତୀୟ ମ୍ୟାଚ ।
ସଞ୍ଜୟ : ୨୫ ବର୍ଷ, ୯୦ ଅନ୍ତର୍ଜାତୀୟ ମ୍ୟାଚ ।
ସୁମିତ : ୨୯ ବର୍ଷ, ୧୮୯ ଅନ୍ତର୍ଜାତୀୟ ମ୍ୟାଚ ।
ଯଶଦୀପ ସିୱଚ : ୨୫ ବର୍ଷ, ୩୪ ଅନ୍ତର୍ଜାତୀୟ ମ୍ୟାଚ ।
ମିଡଫିଲ୍ଡର ରାଜିନ୍ଦର ସିଂ : ୨୩ ବର୍ଷ, ୪୪ ଅନ୍ତର୍ଜାତୀୟ ମ୍ୟାଚ ।
ଆଦିତ୍ୟ ଅର୍ଜୁନ ଲାଲାଗେ : ୨୩ ବର୍ଷ, ୧୩ ଅନ୍ତର୍ଜାତୀୟ ମ୍ୟାଚ ।
ହାର୍ଦ୍ଦିକ ସିଂ : ୨୭ ବର୍ଷ, ୧୮୧ ଅନ୍ତର୍ଜାତୀୟ ମ୍ୟାଚ ।
ମନପ୍ରୀତ ସିଂ : ୩୪ ବର୍ଷ, ୪୧୭ ଅନ୍ତର୍ଜାତୀୟ ମ୍ୟାଚ ।
ନୀଳକାନ୍ତ ଶର୍ମା : ୩୧ ବର୍ଷ, ୧୫୭ ଅନ୍ତର୍ଜାତୀୟ ମ୍ୟାଚ ।
ବିବେକ ସାଗର ପ୍ରସାଦ : ୨୬ ବର୍ଷ, ୧୯୪ ଅନ୍ତର୍ଜାତୀୟ ମ୍ୟାଚ ।
ଫରୱାର୍ଡସ : -ଦୀଲପ୍ରୀତ ସିଂ : ୨୬ ବର୍ଷ, ୧୨୨ ଅନ୍ତର୍ଜାତୀୟ ମ୍ୟାଚ ।
ଶିଳାନନ୍ଦ ଲାକ୍ରା : ୨୭ ବର୍ଷ, ୬୮ ଅନ୍ତର୍ଜାତୀୟ ମ୍ୟାଚ ।
ଶୁଖଜିତ ସିଂ : ୨୯ ବର୍ଷ, ୧୨୪ ଅନ୍ତର୍ଜାତୀୟ ମ୍ୟାଚ ।
ମନଦୀପ ସିଂ : ୩୧ ବର୍ଷ, ୨୮୮ ଅନ୍ତର୍ଜାତୀୟ ମ୍ୟାଚ ।
ଅଭିଶେକ : ୨୭ ବର୍ଷ, ୧୩୫ ଅନ୍ତର୍ଜାତୀୟ ମ୍ୟାଚ ।

ଏମାନେ ହେଲେ ଆଦିତ୍ୟ ଅର୍ଜୁନ ଲାଲାଗେ, ଏଚ୍‌ଏସ୍ ମୋହିତ , ଯୁଗରାଜ ସିଂ, ଯଶଦୀପ ସିଓଚ, ସଞ୍ଜୟ, ସୂରଜ କର୍କେରା, ରାଜିନ୍ଦର ସିଂ ଓ ଓଡିଆ ଖେଳାଳି ଶିଳାନନ୍ଦ ଲାକ୍ରା । ଦଳରେ ଥିବା ମନପ୍ରୀତ ସିଂ ଓ ମନଦୀପ ସିଂ ୪ ଟି ଲେଖାଏଁ ବିଶ୍ୱକପ୍ ଖେଳିସାରିଛନ୍ତି । ଏହା ଉଭୟଙ୍କର ପଞ୍ଚମ ହକି ବିଶ୍ୱକପ୍ ହେବ ।



## ନୂଆ ଫର୍ମାଟରେ ହକି ବିଶ୍ୱକପ୍

ଏଥର ପୁରୁଷ ଓ ମହିଳା ହକି ବିଶ୍ୱକପ୍ ନୂଆ ଫର୍ମାଟରେ ଖେଳାଯିବ । ସମସ୍ତ ଦଳକୁ ଶେଷ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ସୁଯୋଗ ଦେବାକୁ ୩ ଟି ପର୍ଯ୍ୟାୟରେ ବିଶ୍ୱକପ୍ ମ୍ୟାଚ ଖେଳାଯିବ । ଏହି କାରଣରୁ ପ୍ରଥମ ରାଉଣ୍ଡରୁ ହିଁ ପଏଣ୍ଟ ଗୁରୁତ୍ୱପୂର୍ଣ୍ଣ ହେବ । କାରଣ ଏହା ପରବର୍ତ୍ତୀ ପର୍ଯ୍ୟାୟରେ ହିସାବକୁ ନିଆଯିବ । ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ କହିଛନ୍ତି ଏହା ମଜାଦାର ହେବ । ପ୍ରତି ଦଳ ପାଇଁ କ୍ୱାର୍ଟର ଫାଇନାଲ ଭଳି ସୁଯୋଗ ରହିବ । ଲିଗ୍ ପର୍ଯ୍ୟାୟରୁ କେତେ ପଏଣ୍ଟ ମିଳିବ ତାହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ମୋଟ ୧୬ ଦଳ ଅଂଶଗ୍ରହଣ କରୁଥିବା ବେଳେ ସେମାନଙ୍କୁ ୪ ଟି ପୁଲରେ ବିଭକ୍ତ କରାଯାଇଛି । ପ୍ରତି ପୁଲର ଶ୍ରେଷ୍ଠ ଦୁଇଦଳ ସିଧାସଳଖ ଦ୍ୱିତୀୟ ରାଉଣ୍ଡ ଖେଳିବେ । ଅବଶିଷ୍ଟ ୮ ଟି ଦଳକୁ ଦୁଇଟି ପୁଲରେ ବିଭକ୍ତ କରାଯିବ । ଏହି ଦଳଗୁଡିକ କ୍ଲାସିଫିକେସନ୍ ପର୍ଯ୍ୟାୟରେ ଖେଳିବେ । ଦ୍ୱିତୀୟ ପର୍ଯ୍ୟାୟରେ ଦୁଇଟି ପୁଲରେ ୮ ଟି ଦଳର ରହିବେ । ପ୍ରଥମ ପର୍ଯ୍ୟାୟରେ ପଏଣ୍ଟ ଠାରେ ହିସାବକୁ ନିଆଯିବ । ଏହି ପର୍ଯ୍ୟାରେ ପ୍ରତି ଦଳ ଦୁଇଟି ଲେଖାଏଁ ମ୍ୟାଚ ଖେଳିବେ । କିନ୍ତୁ ପ୍ରଥମ ରାଉଣ୍ଡ ପ୍ରତିଦ୍ୱନ୍ଦିଙ୍କ ସହ ଆଉ ଖେଳିବେ ନାହିଁ । ତୃତୀୟ ରାଉଣ୍ଡର ଦୁଇଟି ପୁଲ ଶୀର୍ଷ ଦୁଇଟି ଲେଖାଏଁ ଦଳ ସେମିଫାଇନାଲ ପାଇଁ ଖେଳିବେ । ତୃତୀୟ ସ୍ଥାନରେ ଥିବା ଦଳ ପଞ୍ଚମ କିମ୍ବା ଷଷ୍ଠ ସ୍ଥାନ ପାଇଁ ଏବଂ ଚତୁର୍ଥ ସ୍ଥାନରେ ଥିବା ଦଳ ସପ୍ତମ କିମ୍ବା ଅଷ୍ଟମ ସ୍ଥାନ ପାଇଁ ଖେଳିବେ । ଏହି ଦୃଷ୍ଟିରୁ ପ୍ରଥମ ରାଉଣ୍ଡରେ ଅଧିକ ପଏଣ୍ଟ ଅର୍ଜନ କରିବାକୁ ସବୁ ଦଳ ଲକ୍ଷ ରଖିବେ ।

# ଫୁଟବଲରୁ ବୀରତି ନେଲେ ମେସି

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି) : ଆର୍ଜେଣ୍ଟିନାର କିମ୍ବଦନ୍ତୀ ଫୁଟବଲର ଲିଓନେଲ ମେସି ହଠାତ୍ ସମସ୍ତଙ୍କୁ ଚକିତ କରିଛନ୍ତି । ସେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଫୁଟବଲରୁ ବୀରତି ନେଇଛନ୍ତି । ନିକଟରେ ୬୮ ବର୍ଷ ବୟସରେ ମେସିଙ୍କ ବାପା ଜର୍ଜ ମେସି ଦୀର୍ଘ ଦିନର ଅସୁସ୍ଥତା ପରେ ଆଖି ବୁଜିଥିଲେ । ଏହି ଦୁଃଖ ସମୟରେ ନିଜ ପରିବାର ସହିତ ସମୟ ବିତାଇବା ପାଇଁ ମେସି ଫୁଟବଲଠାରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ଫୁଟବଲ କ୍ଲବ ଇଣ୍ଟର ମିଆମିକୁ ସେ ନିଜର ପ୍ରତ୍ୟାବର୍ତ୍ତନ ନେଇ ସୂଚନା ଦେଇନାହାଁନ୍ତି । କଠିନ ସମୟରେ ଖେଳ ଅପେକ୍ଷା ପରିବାରକୁ ପ୍ରାଥମିକତା ଦେଇଛନ୍ତି ଏହି ବିଶ୍ୱ ପ୍ରସିଦ୍ଧ ଖେଳାଳି । ଜର୍ଜ ମେସି କେବଳ ଲିଓନେଲ ମେସିଙ୍କ ବାପା ନଥିଲେ ବରଂ ତାଙ୍କ ଫୁଟବଲ କ୍ୟାରିୟରକୁ ଗଢିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପ୍ରାରମ୍ଭିକ ଅବସ୍ଥାରେ ଏକ ଇସ୍ପାତ କାରଖାନାରେ ସୁପର ଭାଇଜର ଭାବେ କାର୍ଯ୍ୟ କରୁଥିବା ଜର୍ଜ ପରବର୍ତ୍ତୀ ସମୟରେ ମେସିଙ୍କ ମ୍ୟାନେଜର ଓ ରଣନୈତିକ ପରାମର୍ଶଦାତା ଦାୟିତ୍ୱ ସମ୍ଭାଳିଥିଲେ । ନ୍ୟୁଏଲ୍ସ ଓଲ୍ଡ ବଏଜ କ୍ଲବରୁ ମେସିଙ୍କ କ୍ୟାରିୟର ଆରମ୍ଭ ହୋଇଥିବା ବେଳେ ମାତ୍ର ୧୩ ବର୍ଷ ବୟସରେ ବାର୍ସିଲୋନା ଯୁଥ୍ ଏକାଡେମୀରେ ଯୋଗ ଦେବା ପାଇଁ ଜର୍ଜ ସ୍ପେନରେ ଯିବାରେ ସାହାଯ୍ୟ କରିଥିଲେ । ସେହି ସମୟରେ ମେସି ଗ୍ରୋଥ୍ ହରମୋନ ଅଭାବ ରୋଗରେ ପୀଡିତ ଥିଲେ । ବାର୍ଷିଲୋନା କ୍ଲବ ତାଙ୍କର ଏହି ଚିକିତ୍ସା ଖର୍ଚ୍ଚ ବହନ କରିଥିଲା । ଯାହା ଫଳରେ ସେ ଆବଶ୍ୟକୀୟ ଶାରୀରିକ ବିକାଶ ହାସଲ କରିପାରିଥିଲେ । ଜର୍ଜ ମେସିଙ୍କ ପରିବାରରେ ତାଙ୍କ ପତ୍ନୀ ସେଲିଆ କୁଚିଟିନି ଏବଂ ୪ ଜଣ ସନ୍ତାନ ଲିଓନେଲ, ରୋଡ୍ରିଗୋ, ମାଟିଆସ୍ ଓ ମାରିଆ ସେଲ ଅଛନ୍ତି । ତାଙ୍କ ବିୟୋଗରେ ମେସିଙ୍କ ଜୀବରେ ଏକ ଅପୂରଣୀୟ କ୍ଷତି ହୋଇଛି । ତେଣୁ ସେ ଫୁଟବଲରୁ ବୀରତି ନେଇ ପରିବାର ସହ ସମୟ ଅତିବାହିତ କରିବାକୁ ସ୍ଥିର କରିଛନ୍ତି ।



## ଫାଓ ଲିଗ୍ ଫାଇନାଲରେ ୟଙ୍ଗ ଉତ୍କଳ

ଭୁବନେଶ୍ୱର, ୧୧।୮ (ସବ୍ୟୁ) : ଏମ୍‌ଜିଏମ୍ ଫାଓ ଲିଗର ପ୍ରଥମ ସେମିଫାଇନାଲରେ ୟଙ୍ଗ ଉତ୍କଳ କ୍ଲବ ବିଜୟ ଲାଭ କରି ଫାଇନାଲରେ ପ୍ରବେଶ କରିଛି । ପ୍ରଥମ ଦଳ ଭାବେ ୟଙ୍ଗ ଉତ୍କଳ ଚଳିତ ବର୍ଷ ଫାଇନାଲରେ ପ୍ରବେଶ କରି ଟାଇଟଲଠାରୁ ଆଉ ଗୋଟିଏ ପାଦ ଦୂରରେ ରହିଛି । ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ ନିର୍ଦ୍ଧାରିତ ସମୟ ମଧ୍ୟରେ ୩-୩ ଗୋଲରେ ସନରାଇଜ କ୍ଲବ ଓ ୟଙ୍ଗ ଉତ୍କଳ ମଧ୍ୟରେ ଡ୍ର ରହିଥିଲା । ମ୍ୟାଚର ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି କିକ୍‌ର ସହାୟତା ନିଆଯାଇଥିଲା । ଏଥିରେ ୟଙ୍ଗ ଉତ୍କଳ ୯-୮ ଗୋଲରେ ସନରାଇଜ କ୍ଲବକୁ ପରାଜିତ କରିଛି ।



## ହିଟ୍ ମ୍ୟାନଙ୍କ ନୂଆ ଅବତାର

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି) : ଟେଲିଭିଜନ ପରଦାରେ ଖୁବ୍‌ଶୀଘ୍ର ନଜର ଆସିବେ ଭାରତୀୟ ତାରକା କ୍ରିକେଟର ରୋହିତ ଶର୍ମା, ଟେଷ୍ଟ ଓ ଟି -୨୦ ରୁ ଅବସର ନେବା ପରେ ରୋହିତ ଏବେ ମନୋରଞ୍ଜନ ଜଗତରେ ନୂଆ ଇନିଂସ ଆରମ୍ଭ କରିବେ । ତାଙ୍କ ନିଜସ୍ୱ ଏହି ଶୋ ର ନା ଦ ରୋହିତ ଶର୍ମା ସୋ । ଏହାକୁ ତାଙ୍କର ସବୁଠାରୁ ବଡ ମନୋରଞ୍ଜନ ଡେବ୍ୟୁ ବୋଲି କୁହାଯାଉଛି । ସୋନି ନେଟୱର୍କ ପକ୍ଷରୁ ଦ ରୋହତ ଶର୍ମା ସୋ ର ଏକ ନୂଆ ଟିଜର ରିଲିଜ୍ କରାଯାଇଛି । ଏହି ସୋ କୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବଢିଛି । ନୂଆ ଟିଜରରେ ରୋହିତ କ୍ୟାମେରା ମ୍ୟାନ ଏବଂ ଅନ୍ୟ କ୍ରୁ ସଦସ୍ୟଙ୍କୁ ପରାମର୍ଶ ଦେଉଥିବା ନଜର ଆସିଛନ୍ତି । ଗତ ମେ ମାସରେ ପ୍ରଥମ ପ୍ରୋମୋ ରିଲିଜ୍ ସମୟରେ ରୋହିତ ମଜାଳିଆ ଢଙ୍ଗରେ କହିଥିଲେ, ମୁଁ ଦୁଇ ଲାଇନ୍ କ'ଣ କହିଦେଲି, ଏତେ ଭାଇରାଲ ହୋଇଗଲା । ଯେତେବେଳେ ପୁରା ସୋ ଆସିବ କ'ଣ ହେବ ? ଏହି କମେଣ୍ଟ ମଧ୍ୟ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚାରେ ରହିଥିଲା ।

# ଆଫଗାନିସ୍ତାନକୁ ବିଶ୍ୱକପ୍ ଟିକେଟ୍


ବେଲଫାଷ୍ଟ: ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାରୁ ବଞ୍ଚିତ ହୋଇଛି ୨ ଥର ବିଜେତା ଦଳ ୱେଷ୍ଟଇଣ୍ଡିଜ୍ । ଆୟର୍ଲାଣ୍ଡ ବିପକ୍ଷରେ ଆଫଗାନିସ୍ତାନ ବିଜୟୀ ହେବା ସହ ସିଧାସଳଖ ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିନେଇଛି । ଫଳରେ ୱେଷ୍ଟଇଣ୍ଡିଜ୍‌କୁ ଏବେ ଯୋଗ୍ୟତା ପର୍ଯ୍ୟାୟ ଦେଇ ୨୦୨୭ ଟିକେଟ୍ ହାତେଇବାର ଆହ୍ୱାନକୁ ନିମନ୍ତ୍ରଣ କରିଛି । କାରଣ ଦିନିକିଆ ମାନ୍ୟତାରେ ୧୦ମ ସ୍ଥାନରେ ସଂଘର୍ଷ କରୁଥିବା ୱେଷ୍ଟଇଣ୍ଡିଜ୍ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାର ରାସ୍ତା ବନ୍ଦ ହୋଇଯାଇଛି । ୱେଷ୍ଟଇଣ୍ଡିଜ୍ ପାଇଁ ବର୍ତ୍ତମାନର ସମୀକରଣ କାଠିକର ପାଠ । ଆଗାମୀ ଶୃଙ୍ଖଳାରେ ଯଦି ଦଳ ଶକ୍ତିଶାଳୀ ଭାରତକୁ ୨-୦ରେ ହରାଇ ମୂଳପୋଛ ବିଜୟ ପାଇଲେ ବି ଫାଇଦା ମିଳିବ ନାହିଁ ।



ଆଇସିସିର ନିୟମ ଅନୁଯାୟୀ, ଦିନିକିଆ ମାନ୍ୟତାର ଶୀର୍ଷ ୮ ଟି ଦଳ ଏବଂ ଆୟୋଜକ ଦେଶ ସିଧାସଳଖ ବିଶ୍ୱକପ୍ ଟିକେଟ୍ ପାଇଥାନ୍ତି । ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବ୍ୟାର ମିଳିତ ଆୟୋଜନରେ ହେବାକୁ ଥିବା ୨୦୨୭ ସଂସ୍କରଣ ପୂର୍ବରୁ ବାଂଲାଦେଶ ନବମ ସ୍ଥାନରେ ଥିବାରୁ ଆଶାବାଦୀ ରହିଛି । କିନ୍ତୁ ଅନ୍ୟତମ ଆୟୋଜକ ଜିମ୍ବାୱେ ୧୧ତମ ସ୍ଥାନରେ ଥିବାରୁ ଏହି ଦଳ ସହିତ ୱେଷ୍ଟଇଣ୍ଡିଜକୁ ମଧ୍ୟ ଅନ୍ୟ ଛୋଟ ଏବଂ ସହଯୋଗୀ ରାଷ୍ଟ୍ର ଦଳ ସହ କଡ଼ା ମୁକାବିଲା କରିବାକୁ ପଡ଼ିବ । ୱେଷ୍ଟଇଣ୍ଡିଜ୍ ପାଇଁ ଏଭଳି ଦୁର୍ଦ୍ଦଶା ନୂଆ ନୁହେଁ । ଲଗାତାର ତୃତୀୟ ଥର ପାଇଁ ସେମାନେ ଟପ୍-୮ ରେ ରହିବାରେ ବିଫଳ ହୋଇଛନ୍ତି ।

## ୱାଇଜିଟିଟିଏ ରାଜ୍ୟ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ୍ ସେମି ଲାଇନ୍‌ଅପ ଚୂଡାନ୍ତ

ଭୁବନେଶ୍ୱର, ୧୧।୮ (ସବ୍ୟୁ) : କଟକର ସିଡିଏ ସେକ୍ଟର ୭ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲ କଲଚରରେ ଚାଲିଥିବା ୩୧ତମ ୱାଇଜିଟିଟିଏ ରାଜ୍ୟ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ୍ ଚାମ୍ପିଅନସିପ୍‌ର ଚତୁର୍ଥ ଦିନ ୧୭ ବର୍ଷରୁ କମ୍ ବାଳକ ବର୍ଗର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଛି । ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଜିଜ୍ଞାଂଶୁ ସାଇ କିରଣ ପ୍ରଧାନ ୩-୦ ଗେମରେ ରିତେଶ ମହାପାତ୍ରଙ୍କୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଦ୍ୱିତୀୟ କ୍ୱାର୍ଟରରେ ଆମ୍ରନ ଦାସ ୩-୧ ଗେମରେ ଆୟୁଷ୍ମାନ ପତିଙ୍କୁ ପରାସ୍ତ କରିଥିଲେ । ହିତେଶ ଅଗ୍ରୱାଲ ୩-୨ ଗେମରେ ତମିମ ଉବାୟଦଙ୍କୁ ଏବଂ ଚତୁର୍ଥ କ୍ୱାର୍ଟରରେ ଅଭିଶେକ ଦାସ ୩-୨ ଗେମରେ ସୟଦ ଅର୍ଶ ଅଲିଙ୍କୁ ଧରାଶାୟୀ କରିଥିଲେ । ପ୍ରଥମ ସେମିଫାଇନାଲ ଜିଜ୍ଞାଂଶୁ ସାଇ କିରଣ ପ୍ରଧାନ ଓ ଆମ୍ରନ ଦାସଙ୍କ ମଧ୍ୟରେ ଏବଂ ଦ୍ୱିତୀୟ ସେମିଫାଇନାଲ ହିତେଶ ଅଗ୍ରୱାଲ ଓ ଅଭିଶେକ ଦାସଙ୍କ ମଧ୍ୟରେ ବୁଧବାର ଖେଳାଯିବ ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୮୭୮୫୩୩୧୬୪ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୮୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

# କ୍ରିକେଟର ଅଭିଶେକ ପୋରେଲ ଗିରଫ

କୋଲକାତା, ୧୧।୮ (ଏଜେନ୍ସି) : ବେଙ୍ଗଲ କ୍ରିକେଟର ତଥା ଦିଲ୍ଲୀ କ୍ୟାପିଟାଲ୍ସର ୱିକେଟ୍ କିପର ବ୍ୟାଟର ଅଭିଶେକ ପୋରେଲଙ୍କୁ ବେଙ୍ଗଲ ପୋଲିସ ଜଣେ ମେଡିକାଲ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ମାମଲାରେ ଗିରଫ କରିଛି । ପୋରେଲ ବିବାହ ପ୍ରତିଶ୍ରୁତି ଦେଇ ମେଡିକାଲ ଛାତ୍ରୀଙ୍କ ସହ ବାରମ୍ବାର ସମ୍ପର୍କ ରଖିଥିଲେ । ଏହାପରେ ତାଙ୍କୁ ନିର୍ଯାତନା ଦେଇ ଅଲଗା ହୋଇଯାଇଥିଲେ ବୋଲି ଅଭିଯୋଗ ହୋଇଛି । ମଙ୍ଗଳବାର ସକାଳୁ ପୋଲିସ ଅଭିଶେକ ପୋରେଲଙ୍କୁ ହେପାଜତକୁ ନେଇ ଜେରା ଆରମ୍ଭ କରିଥିଲା । ଏହାପରେ ତାଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇଛି ।ଗିରଫ ପରେ ପୋରେଲଙ୍କ ମେଡିକାଲ ପରୀକ୍ଷା କରାଯାଇଥିଲା । ପୋଲିସ ତାଙ୍କୁ ଚିନସୁରା କୋଟରେ ହାଜର କରି ରିମାଣ୍ଡରେ ନେଇପାରେ ।

ପୋରେଲଙ୍କ ନାଁରେ ରୁଜୁ ଏଫଆଇଆରରେ କୁହାଯାଇଛି ଯେ, ଅଭିଶେକ ପୋରେଲ ଅଭିଯୋଗକାରୀଙ୍କୁ ବେଆଇନ ଭାବେ ଅଟକ ରଖିଥିଲେ । ସେ ତାଙ୍କୁ ଖାଦ୍ୟ ଦେଇନଥିଲେ । ଜାଣିଶୁଣି ବନ୍ଦୀ ଭଳି ରଖିଥିଲେ । ଏଥିଯୋଗୁଁ ଅଭିଯୋଗକାରୀ ଶାରୀରିକ ଭାବେ ଦୁର୍ବଳ ହୋଇଯାଇଥିଲେ । ସେ ଠିକ୍ ଭାବେ ଚାଲି ପାରୁନଥିଲେ । ତାଙ୍କର ଫ୍ଲାଇଟ୍ ଥିବା ସତ୍ତ୍ୱେ ଆହତ କାରଣରୁ ହସ୍ପିଟାଲରେ ଚିକିତ୍ସା ହେବାକୁ ପଡିଥିଲା । ମୋଗ୍ରା ଥାନାରେ ଜଣେ ଛାତ୍ରୀ ଏହି ଅଭିଯୋଗ କରିଥିଲେ । ପୋରେଲ ବ୍ୟକ୍ତିଗତ ମୁହୂର୍ତ୍ତ ଗୁଡିକୁ ରେକର୍ଡ କରି ତାଙ୍କୁ ବ୍ଲାକମେଲିଂ କରୁଥିବା ନେଇ ମଧ୍ୟ ଛାତ୍ରୀ ଜଣକ ଅଭିଯୋଗ କରିଛନ୍ତି । ୨୦୨୬ ଏପ୍ରିଲ ୨ରେ ଦିଲ୍ଲୀରେ ଘଟିଥିବା ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଛାତ୍ରୀ ଜଣଙ୍କ ପୋରେଲଙ୍କୁ ଦିଲ୍ଲୀରେ ଭେଟିବାକୁ ଯାଇଥିଲେ । ପୋରେଲ ସେଠାରେ ତାଙ୍କୁ ହୋଟେଲ ରୁମରେ ବନ୍ଦ କରି ରଖିଥିଲେ । ଏପରିକି ତାଙ୍କୁ ମାଡ ମାରିଥିବା ମଧ୍ୟ ଅଭିଯୋଗ ହୋଇଛି । ଛାତ୍ରୀଙ୍କ କହିବା କଥା ଦୁହେଁ ପରସ୍ପରକୁ ଭଲପାଉଥିଲେ । ଉଭୟ ପରିବାର ମଧ୍ୟ ବିବାହ ପାଇଁ ରାଜି ଥିଲେ । କିନ୍ତୁ ପୋରେଲ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖିଥିବା ଜଣାପଡିବା ପରେ ସେମାନଙ୍କ ମଧ୍ୟରେ ତିକ୍ତତା ଆସିଥିଲା । ଯୌନ ନିର୍ଯାତନା, ଅପରାଧିକ ଧମକ, ବ୍ୟକ୍ତିଗତ ମୁହୂର୍ତ୍ତର ରେକର୍ଡିଂ ଭାଇରାଲ କରିବା ଭଳି ଅଭିଯୋଗ ଛାତ୍ରୀ ଜଣକ କରିଛନ୍ତି । ପୋଲିସ କାର୍ଯ୍ୟାନୁଷ୍ଠାର ଶିଥିଳତା କାରଣରୁ ପୀଡିତା ଜଣକ କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାରେ ପୋରେଲଙ୍କୁ ଗିରଫ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତର ଅଂଶ ଭାବେ ପୋଲିସ ଗୋଟିଏ ପେନ୍ ଡ୍ରାଇଭ ଜବତ କରି ଫରେନସିକ୍ ପରୀକ୍ଷା ପାଇଁ ପଠାଇଛି । ଏବେ ପୋଲିସ ପୋରେଲଙ୍କୁ ବିଧିବଦ୍ଧ ଭାବେ ଗିରଫ କରିଛି । ପୋରେଲ ବେଙ୍ଗଲ ପକ୍ଷରୁ ଘରୋଇ କ୍ରିକେଟ ଖେଳନ୍ତି । ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସର ଜଣେ ପ୍ରମୁଖ ଖେଳାଳି ଭାବେ ସେ ପରିଚିତ ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି